ଧରିତ୍ରୀ
DHARITRI
ଧରିତ୍ରୀ 52 Years

ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୧୭/୨୦୨୬ (୧୪ ପୃଷ୍ଠା) | Bhubaneswar, Tuesday, March 17/2026 | Page 14 | ₹ 7.00 | SAMBALPUR

୫୨ଶ ଭାଗ ୧୧୧ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 52 ISSUE 111 | ମୂଲ୍ୟ ₹୭/-

# ଜଳିଗଲା ଏସ୍‌ସିବି ଟ୍ରମା ଆଇସିୟୁ, ୧୦ ରୋଗୀ ମୃତ



ଏସ୍‌ସିବି ମେଡିକାଲର ଟ୍ରମା କାଜୁଆଲ୍‌ଟି ଆଇସିୟୁରେ ରବିବାର ବିଳମ୍ବିତ ରାତିରେ ଘଟିଥିବା ଅଗ୍ନିକାଣ୍ଡରେ ପୋଡ଼ି ନଷ୍ଟ ହୋଇଯାଇଥିବା ଆସବାବପତ୍ର। **(ଫଟୋ: ରାଜକିଶୋର ମହାନ୍ତି)**

**କଟକ,୧୬।୩(କୁମାରଶ୍ରୀ)**

- **ବାଜିଲାନି ଆଲାର୍ମ, କାମ ଦେଲାନି ପାଣି ସିଞ୍ଚନ ବ୍ୟବସ୍ଥା**
- **ବିଳମ୍ବରେ ପହଞ୍ଚିଲା ଦମକଳ, ଉଦ୍ଧାର ପୂର୍ବରୁ ଆଖି ବୁଜିଲେ ୭**
- **ମୃତକଙ୍କ ପିଛା ୨୫ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା**

ଏସ୍‌ସିବି ମେଡିକାଲର ଟ୍ରମା କେୟାର ଆଇସିୟୁରେ ରବିବାର ରାତି ପ୍ରାୟ ୨ଟା ୪୦ମିନିଟରେ ଶର୍ଟସର୍କିଟ ଯୋଗୁ ଭୟାବହ ଅଗ୍ନିକାଣ୍ଡ ଘଟିଥିଲା। ହେଲେ ଏଠାକାର ଅଗ୍ନିନିରପତ୍ତା ବ୍ୟବସ୍ଥା ବିଫଳ ହେବାରୁ ୧୦ ଚିକିତ୍ସାଧୀନ ରୋଗୀଙ୍କ ପ୍ରାଣହାନି ଘଟିଛି। ନିଆଁ ଲାଗିଥିଲେ ସୁଦ୍ଧା ଆଲାର୍ମ ବାଜି ନ ଥିଲା କି ପାଣି ସିଞ୍ଚନ ବ୍ୟବସ୍ଥା କାର୍ଯ୍ୟ କରି ନ ଥିଲା। ଏପରିକି ଖବର ପାଇ ନିଆଁ ଲିଭାଇବାକୁ ଆସିବା ପାଇଁ ମେଡିକାଲ ପରିସରସ୍ଥ ଅଗ୍ନିଶମ ବାହିନୀକୁ ୨୦ମିନିଟ ସମୟ ଲାଗି ଯାଇଥିଲା। ଏହି ଅଘଟଣରେ ପ୍ରାଣ ହରାଇଥିବା ରୋଗୀମାନେ ହେଲେ, ଚୌଦ୍ୱାର ଅଞ୍ଚଳର ରମେଶ ଚନ୍ଦ୍ର ପରିଡ଼ା(୪୫), ବାଲେଶ୍ୱରର ମଧୁସୂଦନ ଦଳାଇ(୫୬), ଯାଜପୁରର କୃଷ୍ଣଚନ୍ଦ୍ର ବିଶ୍ୱାଳ(୭୫), କେନ୍ଦ୍ରାପଡ଼ାର ରବୀନ୍ଦ୍ର ଦାସ(୩୦), ☞ପୃଷ୍ଠା-୪

# ଜିତିଲେ ମନମୋହନ, ସୁଜିତ୍, ସଂତୃପ୍ତ, ଦିଲୀପ



ମନମୋହନ ସାମଲ



ସୁଜିତ୍ କୁମାର



ସଂତୃପ୍ତ ମିଶ୍ର



ଦିଲୀପ ରାୟ

**୧୨ ବର୍ଷ ବ୍ୟବଧାନରେ ଓଡ଼ିଶାରେ ହୋଇଛି ରାଜ୍ୟ ସଭା ନିର୍ବାଚନ । ୪ଆସନ ଲାଗି ସୋମବାର ଅନୁଷ୍ଠିତ ନିର୍ବାଚନରେ ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ, ସୁଜିତ୍ କୁମାର(ଭାଜପା), ସଂତୃପ୍ତ ମିଶ୍ର(ବିଜେଡି) ଏବଂ ଭାଜପା ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଦିଲୀପ ରାୟ ବିଜୟୀ ହୋଇଛନ୍ତି । ଚଳିତ ଥର ରାଜ୍ୟ ସଭା ନିର୍ବାଚନ ବହୁ ରୋଚକପୂର୍ଣ୍ଣ ହୋଇଛି । ବିଜେଡିରୁ ୮ ଏବଂ କଂଗ୍ରେସରୁ ୩ଜଣ ବିଧାୟକ କ୍ରସ୍ ଭୋଟିଂ କରି ଦିଲୀପଙ୍କ ସପକ୍ଷରେ ମତଦାନ କରିଥିବା ଉଭୟ ଦଳ ପକ୍ଷରୁ କୁହାଯାଇଛି । ଅନ୍ୟପକ୍ଷେ ବିଜେଡି ବିଧାୟକ ନବ କିଶୋର ମଲ୍ଲିକଙ୍କୁ ନେଇ ବିଧାନସଭା ପରିସର ରଣକ୍ଷେତ୍ର ପାଲଟିଥିଲା। ତେବେ ଆଇନ ତିଆରି କରୁଥିବା ବ୍ୟକ୍ତିମାନେ ଆଇନକୁ ନିଜ ହାତକୁ ନେବା ପାଇଁ ଉଦ୍ୟମ କରିବା ଗଣତାନ୍ତ୍ରିକ ବ୍ୟବସ୍ଥାରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି ।**

## ରାଜ୍ୟ ସଭା ନିର୍ବାଚନ

**ଭୁବନେଶ୍ୱର,୧୬।୩(ରବିନାରାୟଣ ଜେନା)**

ବହୁ ପ୍ରତୀକ୍ଷିତ ରାଜ୍ୟ ସଭା ନିର୍ବାଚନ ସୋମବାର ଶେଷ ହୋଇଛି। ବିଧାନସଭାର ୫୪ ନମ୍ବର ପ୍ରକୋଷ୍ଠରେ ସକାଳ ୯ଟାରେ ଆରମ୍ଭ ହୋଇଥିବା ମତଦାନ ପ୍ରକ୍ରିୟା ଅପରାହ୍ନ ୪ଟା ପୂର୍ବରୁ ଅର୍ଥାତ୍ ୩ଟା ୩୫ ସୁଦ୍ଧା ଶେଷ ହୋଇଥିଲା। ସନ୍ଧ୍ୟା ୭ଟାରେ ଯେଉଁ ଫଳାଫଳ ସାମ୍ନାକୁ ଆସିଛି ତାହା ଅତ୍ୟନ୍ତ ଚମକପ୍ରଦ। ଏହି ନିର୍ବାଚନରେ ଭାଜପା ରାଜ୍ୟ ସଭାପତି ତଥା ରାଜ୍ୟ ସଭା ପ୍ରାର୍ଥୀ ମନମୋହନ ସାମଲ ☞ପୃଷ୍ଠା-୪

## ଏହି ଗଣିତରେ ବିଜୟୀ

**ଭୁବନେଶ୍ୱର,୧୬।୩(ସୁନିତ୍ ମିଶ୍ର)**

ଓଡ଼ିଶାର ୪ ରାଜ୍ୟ ସଭା ଆସନ ଲାଗି ନିର୍ବାଚନ ସୋମବାର ସନ୍ଧ୍ୟାରେ ଶେଷ ହୋଇଛି। ଏହି ନିର୍ବାଚନରେ ଭାଜପାର ୨ ପ୍ରାର୍ଥୀ ସୁଜିତ କୁମାର, ମନମୋହନ ସାମଲ ଏବଂ ଶାସକ ଦଳ ସମର୍ଥନରେ ସ୍ୱାଧୀନରେ ଠିଆ ହୋଇଥିବା ଦିଲୀପ ରାୟ ବିଜୟୀ ହୋଇଛନ୍ତି। ସେହିପରି ବିଜେଡି ପ୍ରାର୍ଥୀ ସଂତୃପ୍ତ ମିଶ୍ର ବିଜୟୀ ହୋଇଥିବାବେଳେ ବିରୋଧୀ ଦଳ ପକ୍ଷରୁ ମିଳିତ ପ୍ରାର୍ଥୀ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** | ଭାଗ୍ୟ ବଳରେ






ଅଗ୍ନିକାଣ୍ଡ ପରେ ଆଇସିୟୁ ଟ୍ରମା କେୟାର ସେଣ୍ଟର ବାହାରେ ଲୋକଙ୍କ ଭିଡ଼।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜଣେ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝୁଛନ୍ତି।

# ୪୫ ମିନିଟ୍ ଆଇସିୟୁରେ ନିଆଁ



କଟକ,୧୬।୩(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ଏସ୍‌ସିବି ମେଡିକାଲରେ ରବିବାର ବିଳମ୍ବିତ ରାତିରେ ଟ୍ରମା କାଜୁଆଲଟିରେ ଅଗ୍ନିକାଣ୍ଡ ଘଟିଛି। ୨୩ ଶଯ୍ୟାବିଶିଷ୍ଟ ଆଇସିୟୁରେ ପ୍ରାୟ ୧୪ଜଣ ଗୁରୁତର ରୋଗୀ ଭର୍ତ୍ତି ହୋଇଥିଲେ। ରାତି ପ୍ରାୟ ୨ଟା୪୦ ମିନିଟରେ ବିଦ୍ୟୁତ୍ କାଟ୍ ହୋଇଥିଲା। ବିଦ୍ୟୁତ୍ ସଂଯୋଗ ହେବାର କିଛି ସମୟ ପରେ କାଜୁଆଲଟିର ପ୍ରଥମ ମହଲାରେ ଥିବା ଟ୍ରମା ଆଇସିୟୁରୁ ନିଆଁ ଓ ଧୂଆଁ ବାହାରିବା ଦେଖି ମେଡିକାଲ କର୍ମଚାରୀ ଓ ରୋଗୀଙ୍କ ସମ୍ପର୍କୀୟ ଆତଙ୍କିତ ହୋଇଯାଇଥିଲେ। ନିଆଁ ଧୀରେ ଧୀରେ ବ୍ୟାପିବାକୁ ଲାଗିଥିବାବେଳେ ପ୍ରଥମେ ରୋଗୀ ସମ୍ପର୍କୀୟଙ୍କୁ କର୍ମଚାରୀମାନେ ବାହାରକୁ ପଠାଇଥିଲେ। ଏହାସହ କେତେଜଣ ରୋଗୀଙ୍କୁ ବାହାରକୁ ଆଣିଥିବାବେଳେ ନିଆଁ ଅଧିକ ବ୍ୟାପିବାରୁ ୧୦ଜଣ ରୋଗୀ ସେଠାରେ ଫସିରହିଥିଲେ। ପ୍ରାୟ ୪୫ ମିନିଟ୍ ସମୟ ଯାଏ ଆଇସିୟୁରେ ନିଆଁ ରହିଥିଲା। ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ପରେ ସ୍ମୋକ ଏଭାକୁଏଟ୍ ମେଶିନ ଯୋଗେ ଧୂଆଁକୁ ହଟାଇ ରୋଗୀଙ୍କୁ କାଜୁଆଲିଟିର ପଛପାର୍ଶ୍ୱରେ ଥିବା ର‌୍ୟାମ୍ପ ଯୋଗେ ତଳକୁ ଆଣିଥିଲେ। ରୋଗୀଙ୍କ ଶରୀର ସମ୍ପୂର୍ଣ୍ଣ ଭାବେ କଳା ହୋଇଯାଇଥିବା ଦୃଶ୍ୟ ଅତ୍ୟନ୍ତ ହୃଦୟବିଦାରକ ଥିଲା। ରୋଗୀଙ୍କୁ ପ୍ରଥମେ ରାସ୍ତାରେ ରଖାଯାଇଥିଲା। ପରେ ମେଡିସିନ ଆଇସିୟୁ, ଅର୍ଥୋପେଡିକ୍ ଆଇସିୟୁକୁ ସ୍ଥାନାନ୍ତର କରାଯାଇଥିଲା। ନନ୍‌ଟ୍ରମା କାଜୁଆଲିଟି ଜି ପ୍ଲସ-୫ କୋଠା ଥିବାବେଳେ ଏଠାରେ ଅଗ୍ନିନିରାପତ୍ତା ବ୍ୟବସ୍ଥା କରାଯାଇଥିଲା। ହେଲେ ଠିକ୍ ସମୟରେ ସ୍ପ୍ରିଙ୍କଲର କାମ ଦେଇ ନ ଥିଲା କିମ୍ବା ସାଇରନ ମଧ୍ୟ ବାଜି ନ ଥିଲା। ଏସ୍‌ସିବିରେ ଏଭଳି ଦୁର୍ଘଟଣା ପରେ ମଧ୍ୟ ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ଗୌତମ ଶତପଥୀ, ପ୍ରଶାସନିକ ଅଧିକାରୀ ସୁବାସ ରାଏ, ଅତିରିକ୍ତ ଅଧୀକ୍ଷକ ଡା. ଜ୍ୟୋତିର୍ମୟ ନାୟକ ଘଟଣା ସମ୍ପର୍କରେ ପ୍ରତିକ୍ରିୟା ଦେବାକୁ ସିଧାସଳଖ ମନା କରିଥିଲେ। ଅନ୍ୟପଟେ ଏଭଳି ଘଟଣା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସ୍ୱାସ୍ଥ୍ୟମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ, ବିଧାୟକ ସିଦ୍ଧାନ୍ତ ମହାପାତ୍ର, ବିଧାୟିକା ସୋଫିଆ ଫିର୍ଦ୍ଦୋସ, ବିଧାୟକ ସୌଭିକ୍ ବିଶ୍ୱାଳ, ବିଧାୟକ ଇଂ. ପ୍ରକାଶ ସେଠୀ, ସିଏମ୍‌ସି ମେୟର ସୁବାସ ସିଂ, ଦିଲ୍ଲୀପ ରାୟ, କଂଗ୍ରେସ ବରିଷ୍ଠ ନେତା ଜୟଦେବ ଜେନା, ଶ୍ରୀକାନ୍ତ ଜେନା, ସୁରେଶ ମହାପାତ୍ର, ଡା. ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳ, ଭାଜପା ରାଜ୍ୟ ସମ୍ପାଦିକା ସ୍ମୃତି ପଟ୍ଟନାୟକ ପହଞ୍ଚି ଉକ୍ତ ସ୍ଥାନ ପରିଦର୍ଶନ କରିବା ସହ ମୃତକଙ୍କ ପରିବାର ଓ ଗୁରୁତର ରୋଗୀଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ।

## କାମ ଦେଲାନି ସ୍ପ୍ରିଙ୍କଲର
## ବାଜିଲାନି ସାଇରନ




ଏସ୍‌ସିବି ମେଡିକାଲର ଟ୍ରମା କାଜୁଆଲଟିରେ ଅଗ୍ନିକାଣ୍ଡ ଘଟିଥିବାବେଳେ ସେଠାରେ ଥିବା ଅଗ୍ନିନିରାପତ୍ତା ବ୍ୟବସ୍ଥା ଠିକ୍‌ଭାବେ କାର୍ଯ୍ୟ କରି ନ ଥିଲା। ନିଆଁ ଲାଗିବା ପରେ ସେଠାରେ କର୍ମଚାରୀଙ୍କ ପାଟି ଶୁଣି ରୋଗୀଙ୍କ ସମ୍ପର୍କୀୟ ଧାଇଁଥିଲେ। ଏନେଇ ଜଣେ ମୃତ ରୋଗୀଙ୍କ ସମ୍ପର୍କୀୟ ସୁରେଶ ମୁଣ୍ଡା କହିଛନ୍ତି, କେନ୍ଦୁଝର ଜିଲା ଝୁମ୍ପୁରାରୁ ବାପାଙ୍କୁ ନେଇ ତିନିଦିନ ହେବ ଏସ୍‌ସିବିକୁ ଆସିଥିଲି। ଆଇସିୟୁରେ ଚିକିତ୍ସା ଚାଲିଥିଲା, ଏପରିକି କିଛିଦିନରେ ସେ ଡିସ୍‌ଚାର୍ଜ ହୋଇଥାନ୍ତେ। ବିଳମ୍ବିତ ରାତିରେ ହଠାତ୍ ଜୋରରେ ପାଟି ଶୁଣିବାକୁ ପାଇଲି। ଉଠିପଡ଼ି ନିଆଁ ଦେଖି ଭୟଭୀତ ହୋଇ ଯାଇଥିଲି, ନିଆଁ ଜୋରରେ ଜଳୁଥିଲା, ହଠାତ୍ ଚାରିଆଡ଼ ଧୂଆଁମୟ ହୋଇଗଲା। ହେଲେ ଅଗ୍ନିକାଣ୍ଡ ନେଇ ସାଇରନ ବାଜି ନ ଥିଲା। କେବଳ କର୍ମଚାରୀ ପାଟି କରି ଲୋକଙ୍କୁ ଉଦ୍ଧାର କରୁଥିଲେ। ରୋଗୀଙ୍କ ଜୀବନକୁ ନେଇ ଖେଳିବା କୌଣସି ମେଡିକାଲ କର୍ତ୍ତୃପକ୍ଷଙ୍କ ଅଧିକାର ନାହିଁ ବୋଲି ସୁରେଶ କହିଛନ୍ତି।

## ପୁଅକୁ ଖୋଜିଲେ ୯ ଘଣ୍ଟା

ଏସ୍‌ସିବି ଟ୍ରମା କାଜୁଆଲଟିର ଆଇସିୟୁ ଅଗ୍ନିକାଣ୍ଡରେ ବାଲେଶ୍ୱର ଅଞ୍ଚଳର ମୟୂର କୌଶିକ ଦାସଙ୍କ ମୃତ୍ୟୁ ଘଟିଥିବା ତାଙ୍କ ବାପା କିଶୋର ବଲ୍ଲଭ ଦାସ ଅଭିଯୋଗ କରିଛନ୍ତି। ହେଲେ ଏସ୍‌ସିବି ପକ୍ଷରୁ ପ୍ରକାଶ ପାଇଥିବା ୧୦ ମୃତକଙ୍କ ତାଲିକାରେ କୌଶିକଙ୍କ ନାଁ ଥିବାରୁ ଏହାକୁ ନେଇ ବିବାଦ ଦେଖାଦେଇଛି। କିଶୋରଙ୍କ କହିବା ହେଲା, ତାଙ୍କ ୨୭ବର୍ଷର ପୁଅର ଟ୍ରମା କେୟାର ଆଇସିୟୁରେ ଚିକିତ୍ସା କରାଯାଉଥିଲା। ହେଲେ ବିଳମ୍ବିତ ରାତିରେ ନିଆଁ ଲାଗିବା ପରଠୁ କୌଶିକଙ୍କ ପତ୍ତା ମିଳି ନ ଥିଲା। ପୁଅକୁ ଏସ୍‌ସିବିର ସମସ୍ତ ବିଭାଗଠାରୁ ଆରମ୍ଭ କରି ଆଇସିୟୁରେ ପଚରାଉଚରା କରିଥିଲେ। ହେଲେ ନିରାଶ ହୋଇ ଶେଷରେ ଶବ ବ୍ୟବଚ୍ଛେଦ ଗୃହ ନିକଟରେ ଅପେକ୍ଷା କରି ରହିଥିଲେ। ପ୍ରାୟ ୯ ଘଣ୍ଟା ପରେ ପୁଅର ମୃତ୍ୟୁ ହୋଇଥିବା ନେଇ ମେଡିକାଲ ପକ୍ଷରୁ କିଶୋରଙ୍କୁ କୁହାଯାଇଥିଲା।

## ଜୀବନକୁ ବାଜି ଲଗାଇ ଉଦ୍ଧାର କଲେ

ଟ୍ରମା ଆଇସିୟୁରେ କାର୍ଯ୍ୟରତ ନର୍ସ, ମେଡିକାଲ ଆଟେଣ୍ଡାଣ୍ଟ ଓ ଅନ୍ୟାନ୍ୟ କର୍ମଚାରୀ ଅଗ୍ନିକାଣ୍ଡ ସମୟରେ ନିଜ ଜୀବନକୁ ବାଜି ଲଗାଇ ଗୁରୁତର ରୋଗୀଙ୍କୁ ଉଦ୍ଧାର କରିଥିଲେ। ଉଦ୍ଧାର ସମୟରେ କାହାର ହାତ ଜଳି ଯାଇଥିଲା ତ’ କିଏ ଅଣନିଃଶ୍ୱାସୀ ହୋଇଯାଇଥିଲେ। ତଥାପି ହାର ନ ମାନି ରୋଗୀଙ୍କ ସମେତ ସମ୍ପର୍କୀୟଙ୍କୁ ଉଦ୍ଧାର କରିଥିଲେ। ଅଣନିଃଶ୍ୱାସୀ ହୋଇ ଅସୁସ୍ଥ ହେବାରୁ ଆଇସିୟୁ ଇନ୍‌ଚାର୍ଜ, ନର୍ସିଂ ଅଫିସର ଓ କେତେଜଣ କର୍ମଚାରୀ ମେଡିକାଲରେ ଭର୍ତ୍ତି ହୋଇଛନ୍ତି ଏବଂ ସେମାନଙ୍କ ଚିକିତ୍ସା ଜାରି ରହିଥିବା ଜଣାପଡ଼ିଛି।

## ମୃତଦେହ ବ୍ୟବଚ୍ଛେଦରେ ବାଧା

ଏସ୍‌ସିବି ମେଡିକାଲର ଅଗ୍ନିକାଣ୍ଡ ଘଟଣାରେ ମୃତ୍ୟୁବରଣ କରିଥିବା ସମସ୍ତ ମୃତକଙ୍କ ବ୍ୟବଚ୍ଛେଦ ସନ୍ଧ୍ୟା ସୁଦ୍ଧା କରାଯାଇଛି। ହେଲେ ଏହି ଘଟଣା ଯୋଗୁ ପୂର୍ବରୁ ଥିବା ମୃତଦେହଗୁଡ଼ିକ ବ୍ୟବଚ୍ଛେଦ କରିବାରେ ବିଳମ୍ବ ହୋଇଥିଲା। ଫଳରେ ବ୍ୟବଚ୍ଛେଦ ଗୃହ ନିକଟରେ ଅନ୍ୟ ମୃତକଙ୍କ ପରିବାର ଲୋକ ହୋହଲ୍ଲା କରିଥିବା ଦେଖିବାକୁ ମିଳିଥିଲା।

## ନ୍ୟୁ ମେଡିସିନ ଓପିଡିରେ ନିଆଁ ଗୁଜବ

ଏସ୍‌ସିବି ମେଡିକାଲର ନ୍ୟୁ ମେଡିସିନ ବହିର୍ବିଭାଗରେ ସୋମବାର ନିଆଁ ଲାଗିଥିବା ଖବର ପ୍ରଘଟ ହୋଇଥିଲା। ସେଠାରେ ଥିବା ଡାକ୍ତର, କର୍ମଚାରୀ, ରୋଗୀ ଓ ସମ୍ପର୍କୀୟ ଆତଙ୍କିତ ହୋଇଥିଲେ। ଖବର ପାଇ ଅଗ୍ନିଶମ ବାହିନୀର ଗୋଟିଏ ଟିମ୍ ବହିର୍ବିଭାଗରେ ପହଞ୍ଚିଥିଲା। କିନ୍ତୁ ନିଆଁ ନୁହେଁ ସେଠାରେ କେବଳ ବିଦ୍ୟୁତ୍ ତାର ସ୍ପାର୍କିଂ ହେଉଥିବା ଜଣାପଡ଼ିଥିଲା।

| ମୃତକ | ବୟସ | ଠିକଣା |
|---|---|---|
| ରମେଶ ଚନ୍ଦ୍ର ପରିଡ଼ା | ୪୫ | ଚୌଦ୍ୱାର |
| ମଧୁସୂଦନ ଦଳାଇ | ୫୬ | ବାଲେଶ୍ୱର |
| କୃଷ୍ଣଚନ୍ଦ୍ର ବିଶ୍ୱାଳ | ୭୫ | ଯାଜପୁର |
| ରବୀନ୍ଦ ଦାସ | ୩୦ | କେନ୍ଦ୍ରାପଡ଼ା |
| ଚେରୁ ପରିଡ଼ା | ୧୦୦ | ଅନୁଗୋଳ |
| ମେନକା ରାଉତ | ୭୦ | କେନ୍ଦ୍ରାପଡ଼ା |
| ଅବଦୁଲ ସତାର | ୮୦ | ଝାରଗ୍ରାମ (ପଶ୍ଚିମବଙ୍ଗ) |
| ଗୌରାଙ୍ଗ ଚରଣ ବାରିକ | ୪୦ | ମାହାଙ୍ଗା |
| ମହମ୍ମଦ ମୟୁମ | ୩୫ | ଭୁବନେଶ୍ୱର |
| ଦଶ୍ରୁ ମୁଣ୍ଡା | ୬୪ | କେନ୍ଦୁଝର |



## ହାଇକୋର୍ଟରେ ଏସ୍‌ସିବି ମେଡିକାଲ ଅଗ୍ନି ନିର୍ବାପକ ବ୍ୟବସ୍ଥା

ଏସ୍‌ସିବି ମେଡିକାଲରେ ଅଗ୍ନି ନିର୍ବାପକ ବ୍ୟବସ୍ଥା ସଂକ୍ରାନ୍ତରେ ପୂର୍ବରୁ ରୁଜୁ ଜନସ୍ୱାର୍ଥ ମାମଲାରେ ହାଇକୋର୍ଟ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ରାଜ୍ୟର ପ୍ରମୁଖ ସ୍ୱାସ୍ଥ୍ୟାନୁଷ୍ଠାନରେ ଅଗ୍ନି ନିର୍ବାପକ ବ୍ୟବସ୍ଥା ତୁରନ୍ତ ଶେଷ କରିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଥିଲେ। ଏସ୍‌ସିବି ପକ୍ଷରୁ ସେତେବେଳେ ଦର୍ଶାଯାଇଥିଲା ଯେ ଏସ୍‌ସିବିରେ ରହିଥିବା ୮୭ଟି ବିଲଡିଂ ମଧ୍ୟରୁ ଅଳ୍ପ କେତୋଟିକୁ ବାଦ୍ ଦେଲେ ବାକି ସବୁ ବିଲଡିଂରେ ଅଗ୍ନି ନିର୍ବାପକ ବ୍ୟବସ୍ଥା ଠିକ୍ ରହିଛି। ସମସ୍ତ ବିଲଡିଂ ପାଇଁ ୭୬ଟି ପ୍ରକଳ୍ପ କାର୍ଯ୍ୟ କରୁଛି। ମାର୍ଚ୍ଚ ୪ ତାରିଖ ଶୁଣାଣିରେ ଅସମ୍ପୂର୍ଣ୍ଣ ପ୍ରକଳ୍ପଗୁଡ଼ିକୁ ସାପ୍ତାହିକ ପର୍ଯ୍ୟବେକ୍ଷଣ ଭିତ୍ତିରେ ଯଥାଶୀଘ୍ର କାର୍ଯ୍ୟ ଶେଷ କରିବାକୁ ଏସ୍‌ସିବି କର୍ତ୍ତୃପକ୍ଷଙ୍କୁ ହାଇକୋର୍ଟ ତାଗିଦ କରିଥିଲେ। ତେବେ ୨୦୨୪ ମେ’ରେ ୩୩ଟି ବିଲଡିଂର ଅଗ୍ନି ନିର୍ବାପକ ବ୍ୟବସ୍ଥା ସ୍ଥାପନ ପାଇଁ ଟେଣ୍ଡର ବିଡ୍ ଖୋଲିବା ନିମନ୍ତେ ହାଇକୋର୍ଟ ଅନୁମତି ଦେଇଥିଲେ। ୨୦୨୪ ଜୁଲାଇରେ ହାଇକୋର୍ଟ ଶୁଣାଣି କରି ସମସ୍ତ ୭୬ଟି ପ୍ରକଳ୍ପର କାର୍ଯ୍ୟ ଶେଷ କରିବାକୁ ଆଦେଶ ଦେଇ ମାମଲାର ଅନ୍ତ ଘଟାଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ଏସ୍‌ସିବି ମେଡିକାଲର ଅଗ୍ନି ନିର୍ବାପକ ବ୍ୟବସ୍ଥାର ରୂପରେଖ ଏହି ଘଟଣା ପରେ ସର୍ବସମ୍ମୁଖରେ ପ୍ରକାଶ ହୋଇଛି।

## ଗୁରୁତରଙ୍କୁ ଭେଟିଲେ ନବୀନ



ଏସ୍‌ସିବି ମେଡିକାଲର ଟ୍ରମା କାଜୁଆଲ୍‌ଟିର ଆଇସିୟୁରେ ଅଗ୍ନିକାଣ୍ଡ ଘଟଣାର ଖବର ପାଇ ପ୍ରାଥମିକସ୍ତରରେ କଟକ ମେୟର ସୁବାସ ସିଂଙ୍କୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମସ୍ତ ସହଯୋଗ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସନ୍ଧ୍ୟାରେ ଏସ୍‌ସିବି ମେଡିକାଲରେ ପହଞ୍ଚି ଗୁରୁତର ଆହତଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଏହାସହ ଚିକିତ୍ସା ସମ୍ପର୍କରେ ଡାକ୍ତରଙ୍କ ସହ ଆଲୋଚନା କରିଥିଲେ। ଗୁରୁତର ଆହତଙ୍କୁ ଭେଟିବା ପରେ ନବୀନ କହିଛନ୍ତି, ଏଭଳି ଅଘଟଣ ଯୋଗୁ ମୁଁ ଦୁଃଖିତ ଏବଂ ମର୍ମାହତ। ପୂର୍ବସରକାର ସମୟରେ ଏହି ମେଡିକାଲ କଲେଜକୁ ବିଶ୍ୱସ୍ତରୀୟ କରିବାକୁ ଯୋଜନା କରିଥିଲୁ। ହେଲେ ବର୍ତ୍ତମାନର ସରକାର ଏଦିଗରେ କୌଣସି କାର୍ଯ୍ୟ କରୁନାହିଁ। ଅବହେଳା ଯୋଗୁ ଏଭଳି ପରିସ୍ଥିତି ଉପୁଜିଛି ବୋଲି ସେ କହିଛନ୍ତି।



ଅଗ୍ନିକାଣ୍ଡ ପରେ ଆଇସିୟୁରେ ଥିବା ଜଣେ ରୋଗୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଉଛି।



## ନ୍ୟାୟିକ ଯାଞ୍ଚ କରାଯାଉଛି

ଏସ୍‌ସିବି ଟ୍ରମା ଆଇସିୟୁ ଅଗ୍ନିକାଣ୍ଡ ଘଟଣାକୁ ଗୁରୁତ୍ୱର ଭାବେ ନିଆଯାଇଛି। ନ୍ୟାୟିକ ତଦନ୍ତ ନେଇ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ଏବଂ ଆଗାମୀ ଦିନରେ ଯେପରି ଏଭଳି ଘଟଣା ନ ଘଟେ ସେନେଇ ସଜାଗ ରହିବୁ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ସମସ୍ତ ଡାକ୍ତରୀ ପ୍ରତିଷ୍ଠାନର ଯାଞ୍ଚ କରାଯାଇଥିଲା। ଏହାସହ ରିପୋର୍ଟ ମଧ୍ୟ ପ୍ରଦାନ କରାଯାଇଥିଲା। ଏହି ଘଟଣା ନେଇ ପିଡବ୍ଲ୍ୟୁଡି, ବିଦ୍ୟୁତ୍ ବିଭାଗର ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରାଯାଇଛି। ଯାହା ପଦକ୍ଷେପ ନେବା ଆବଶ୍ୟକ ରହିଛି ତାହା କରାଯିବ।

- ସୁଧାଂଶୁ ଷଡ଼ଙ୍ଗୀ, ଅଗ୍ନିଶମ ଡିଜି



## ଉଚ୍ଚସ୍ତରୀୟ ତଦନ୍ତ ଜରୁରୀ

ଏଭଳି ଘଟଣା କଟକରେ ପୂର୍ବରୁ କେବେ ଘଟି ନ ଥିଲା। ମେଡିକାଲରେ ବହୁ ଅବ୍ୟବସ୍ଥା ନେଇ ଖବର ପ୍ରକାଶ ପାଇଆସୁଛି। ହେଲେ କେଉଁଥିରେ ବି ସୁଧାର ଆସିପାରିନି। ମେଡିକାଲରେ ଯେଉଁ ଲୋକଙ୍କୁ ନିଯୁକ୍ତି ଦିଆଯାଉଛି ସେମାନଙ୍କୁ ପ୍ରଶିକ୍ଷଣ ଦେବା ଜରୁରୀ। ଏହାସହ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଠିକ୍ ନ ଥିବାବେଳେ ଏହାର ତଦାରଖ ଠିକ୍ ଭାବେ କରାଯାଇଛି କି ନାହିଁ ତା’ର ଉତ୍ତର କର୍ତ୍ତୃପକ୍ଷ ରଖନ୍ତୁ। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯାଉ। କେଉଁ କାରଣ ଯୋଗୁ ଏଭଳି ଘଟଣା ଘଟିଲା ସେନେଇ ସରକାର ଉତ୍ତର ରଖନ୍ତୁ।

- ସୋଫିଆ ଫିର୍ଦ୍ଦୋସ, ବିଧାୟିକା



## ସ୍ୱର୍ଗଦ୍ୱାର ଯିବା ପାଇଁ ବ୍ୟବସ୍ଥା କରାଯାଇଛି

ଏସ୍‌ସିବି ଟ୍ରମା ଆଇସିୟୁ ଅଗ୍ନିକାଣ୍ଡରେ ୧୦ ଜଣଙ୍କ ମୃତ୍ୟୁ ହୋଇଛି। ଘଟଣା ଖବର ପାଇ ବିଧାୟକ ସୌଭିକ୍ ବିଶ୍ୱାଳ ମୃତକଙ୍କ ପରିବାରକୁ ଭେଟିଛନ୍ତି। ଏହାସହ ମୃତକଙ୍କ ଶେଷକୃତ୍ୟ ପାଇଁ ସ୍ୱର୍ଗଦ୍ୱାର ଯିବା ବ୍ୟବସ୍ଥା କରାଯାଇଥିବା ସୌଭିକ୍ କହିଛନ୍ତି। ଏଥିପାଇଁ କଟକ ଜିଲାପାଳଙ୍କ ସହ ଆଲୋଚନା କରାଯାଇଛି। ଉକ୍ତ ଘଟଣାର ତଦନ୍ତ କରିବା ସହ ଏଭଳି ଘଟଣା ଯେପରି ପୁନର୍ବାର ନ ହେଉ ସେନେଇ ସରକାର ଗୁରୁତ୍ୱ ଦିଅନ୍ତୁ।

- ସୌଭିକ୍ ବିଶ୍ୱାଳ, ବିଧାୟକ




# ପିଲା ଚୋର ସନ୍ଦେହରେ ବୃଦ୍ଧଙ୍କୁ ପିଟିପିଟି ହତ୍ୟା

ନବରଙ୍ଗପୁର,୧୬।୩
(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଥାନା ଖଣ୍ଡିଗୁଡ଼ା ଓ ଆଖପାଖ ଅଞ୍ଚଳର କେତେଜଣ ଲୋକ ପିଲା ଚୋର ସନ୍ଦେହରେ ଜଣେ ବୃଦ୍ଧଙ୍କୁ ପିଟିପିଟି ହତ୍ୟା କରିଛନ୍ତି। ରବିବାର ରାତି ପ୍ରାୟ ୮ଟାରେ ଏହି ଘଟଣା ଘଟିଛି। ତେବେ ମୃତ ବୃଦ୍ଧଙ୍କ ପରିଚୟ ଏଯାଏ ମିଳିପାରିନାହିଁ। ନବରଙ୍ଗପୁର ଥାନାରେ ଏକ ହତ୍ୟା ମାମଲା ରୁଜୁ ହୋଇଛି।

ସୂଚନାନୁଯାୟୀ, ରବିବାର ରାତି ୮ଟାରେ ଜଣେ ବୃଦ୍ଧ ଖଣ୍ଡିଗୁଡ଼ା ଅଞ୍ଚଳରେ ବୁଲୁଥିଲେ। ତାଙ୍କୁ ପିଲାଚୋର ଭାବି ଖଣ୍ଡିଗୁଡ଼ା ଓ ଆଖପାଖ ଗାଁର ଶତାଧିକ ଲୋକ ଏକାଠି ହୋଇ ବୃଦ୍ଧଙ୍କୁ ଘେରିଥିଲେ। ପରେ ନିସ୍ଥୁକ ମାଡ଼ ମାରିଥିଲେ। ଖବରପାଇ ନବରଙ୍ଗପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୃଦ୍ଧଙ୍କୁ ଉଦ୍ଧାରକରି ନବରଙ୍ଗପୁର ଜିଲା ସଦର ମହକୁମା ଡାକ୍ତରଖାନାକୁ ଆଣିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଏବେଯାଏ ମୃତକଙ୍କ ପରିଚୟ ମିଳିନାହିଁ। ନବରଙ୍ଗପୁର ଥାନାରେ କେସ୍ ନଂ. ୯୪/୨୬ ଏକ ହତ୍ୟା ମାମଲା ରୁଜୁ କରାଯାଇଥିବା ଏସ୍‌ଡିପିଓ କୃଷ୍ଣଚନ୍ଦ୍ର ଭଦ୍ରା କହିଛନ୍ତି। ଘଟଣାର ତଦନ୍ତ ଚାଲିଛି। ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ଏସ୍‌ଡିପିଓ କହିଛନ୍ତି। ମୃତକଙ୍କ ପରିଚୟ ଏବେଯାଏ ମିଳି ନ ଥିବାରୁ ମୃତଦେହକୁ ଡାକ୍ତରଖାନା ମର୍ଚ୍ଚୁରିରେ ରଖାଯାଇଛି। ସେଠାରେ ମୃତଦେହ ୪ ଦିନ ରଖାଯିବ। କେହି ଦାବିଦାର ଆସିଲେ ମୃତଦେହ ତାଙ୍କୁ ହସ୍ତାନ୍ତର କରାଯିବ। ନଚେତ୍ ସମ୍ମାନ ସହ ପୌରସଂସ୍ଥା ସହଯୋଗରେ ପୋତି ଦିଆଯିବ। ପରବର୍ତ୍ତୀ ସମୟରେ କେହି ମଧ୍ୟ ତାଙ୍କର ଦାବିଦାର ଆସିଲେ ମାଟିଖୋଳି ମୃତଦେହ ବାହାର କରାଯାଇ ହସ୍ତାନ୍ତର କରାଯିବ ବୋଲି ଏସ୍‌ଡିପିଓ କହିଛନ୍ତି। ଏ ନେଇ ନବରଙ୍ଗପୁର ଥାନାଧିକାରୀ ସମ୍ପିତ ବେହେରା କହିଛନ୍ତି, କୌଣସି ବ୍ୟକ୍ତି ଉପରେ ସନ୍ଦେହ ହେଲେ ୧୧୨କୁ କଲ୍ କରିବେ। ଆଇନକୁ ହାତକୁ ନ ନେଇ ପୋଲିସ ସହାୟତା ନେବେ।

# ମର୍ନିଂ ୱାକ୍ ବେଳେ ମାଡ଼ିଗଲା କାର୍, ୩ ମୃତ

ପିପିଲି,୧୬।୩ (ଦୁର୍ଗାମାଧବ ମିଶ୍ର/ ପ୍ରଭାତ କୁମାର ମହାପାତ୍ର)

ସକାଳୁ ସକାଳୁ ଜାତୀୟ ରାଜପଥ କଡ଼ରେ ମର୍ନିଂ ୱାକ୍ ହେଲା କାଳ। ଉତ୍ତରା କେଇସି କଲେଜ ସମ୍ମୁଖରେ ଭୋର ୫ଟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏହି ଦୁର୍ଘଟଣାରେ ୩ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣଙ୍କର ଅବସ୍ଥା ଗୁରୁତର ରହିଛି। ମୃତକ ହେଲେ ଧଉଳି ଥାନା ବସନ୍ତପୁର ଶାସନ ଗ୍ରାମର ସନ୍ତୋଷ କୁମାର ସାହୁଙ୍କ ସ୍ତ୍ରୀ ବବିଲତା ସାହୁ (୬୦), ଯାଜପୁର ଜିଲା ଅଧଲିଆ ଅଞ୍ଚଳର ଯଯାତି କେଶରୀ ରାଉତଙ୍କ ସ୍ତ୍ରୀ ଦୀପାଞ୍ଜଳି ରାଉତ (୩୮) ଓ କାର୍ ଡ୍ରାଇଭର ରାଜସ୍ଥାନ କଲାନି ଅଞ୍ଚଳର ରୋନକ (୧୯)। ରୋନକ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଇଞ୍ଜିନିୟରିଂ କଲେଜରେ ଅଧ୍ୟୟନ କରୁଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ବବିଲତା ଓ ଦୀପାଞ୍ଜଳି ସୋମବାର ଭୋର ସମୟରେ ମର୍ନିଂ ୱାକ୍ କରୁଥିଲେ। ସେହି ସମୟରେ ଭୁବନେଶ୍ୱରରୁ ପୁରୀ ଅଭିମୁଖେ ଯାଉଥିବା ଏକ ଦ୍ରୁତଗାମୀ କାର୍ (ନଂ.ଓଡି-୦୨-ବିଜି-୧୯୯୪) ସେମାନଙ୍କ ପଛପଟୁ ଧକ୍କା ଦେଇଥିଲା। ଫଳରେ ଉଭୟ ଗୁରୁତର ଭାବେ ରାସ୍ତାରେ ଛିଟିକି ପଡ଼ିଥିବା ବେଳେ କାର୍‌ଟି ଭାରସାମ୍ୟ ହରାଇ ରାସ୍ତାକଡ଼ ନୟନଯୋରକୁ ଓଲଟି ପଡ଼ିଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, ମୃତ ମହିଳାଙ୍କ ଶରୀରରୁ ଗୋଡ଼ ଅଲଗା ହୋଇଯାଇଥିଲା। ଖବରପାଇ ଘଟଣାସ୍ଥଳରେ ପିପିଲି ପୋଲିସ ଓ ଅଗ୍ନିଶମ ☞ପୃଷ୍ଠା-୪


ଦୁର୍ଘଟଣାଗ୍ରସ୍ତ କାର୍‌କୁ କ୍ରେନ୍ ସହାୟତାରେ ନୟନଯୋରୀରୁ ଉଦ୍ଧାର କରାଯାଉଛି।

## ମହିଳା ଶ୍ରମିକଙ୍କ ଉପରେ ମାଡ଼ିଗଲା ଟ୍ରକ୍

କେନ୍ଦୁଝର,୧୬।୩
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ବାଲିଆଗୋଡ଼ା ନାୟାରା ପେଟ୍ରୋଲ ପମ୍ପ ସମ୍ମୁଖ ରାସ୍ତାରେ ଟ୍ରକ୍ ଧକ୍କାରେ ଜଣେ ମହିଳା ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତା ମହିଳା ହେଲେ ରାଜବନ୍ଧ ଗ୍ରାମର ସୂର୍ଯ୍ୟମଣୀ ହାଁସଦା(୫୦)। କେନ୍ଦୁଝର ସହରରେ ବିଭିନ୍ନ ସ୍ଥାନରେ ଠିକା ଶ୍ରମିକ ଭାବେ କାମ କରୁଥିଲେ। କ୍ଷତିପୂରଣ ଦାବିରେ ଲୋକେ ଏକ ଘଣ୍ଟା ରାସ୍ତାରୋକୋ କରିଥିଲେ। ସୂଚନା ଅନୟାୟୀ, ସୂର୍ଯ୍ୟମଣୀ କାମ ସାରି ସନ୍ଧ୍ୟାରେ ଘରକୁ ଚାଲିଚାଲି ଫେରୁଥିଲେ। ବିପରିତ ☞ପୃଷ୍ଠା-୪

# ୧ ଡଲାର= ୯୨.୪୦ ଟଙ୍କା

ମୁମ୍ବାଇ,୧୬।୩(ପି.ଟି.)

ଆମେରିକୀୟ ଡଲାର ତୁଳନାରେ ଟଙ୍କା ମୂଲ୍ୟ ସୋମବାର ୧୦ ପଇସା ହ୍ରାସ ପାଇ ୯୨.୪୦ ରହିଛି, ଅର୍ଥାତ୍ ୧ ଡଲାର ମୂଲ୍ୟ ୯୨ ଟଙ୍କା ୪୦ ପଇସା ହୋଇଛି। ଭୂରାଜନୈତିକ ଅନିଶ୍ଚିତତା ଯୋଗୁ ଅଶୋଧିତ ତୈଳ ଦର ବୃଦ୍ଧି ଏବଂ ବିଦେଶୀ ପୁଞ୍ଜି ନିରନ୍ତର ପ୍ରତ୍ୟାହାର ଯୋଗୁ ଟଙ୍କା ମୂଲ୍ୟ ହ୍ରାସ ପାଉଛି। ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ପୁନର୍ବାର ଖୋଲିବ ବୋଲି ଆଶା ଉଜ୍ଜୀବିତ ହେବାରୁ ଘରୋଇ ଷ୍ଟକ୍ ମାର୍କେଟରେ ଉଲ୍ଲେଖନୀୟ ସୁଧାର ଦେଖାଦେଇଥିବା ସତ୍ତ୍ୱେ ଟଙ୍କା ମୂଲ୍ୟ ହ୍ରାସ ପାଇଥିବା ଫରେକ୍ସ ଟ୍ରେଡରମାନେ କହିଛନ୍ତି। ଇଣ୍ଟରବ୍ୟାଙ୍କ ଫରେନ୍ ଏକ୍ସଚେଞ୍ଜରେ ସୋମବାର ଟଙ୍କା ମୂଲ୍ୟ ୯୨.୪୪ରୁ ଆରମ୍ଭ ହୋଇ ଦିବସ ମଧ୍ୟରେ ସର୍ବନିମ୍ନ ୯୨.୪୭କୁ ହ୍ରାସ ପାଇଥିବାବେଳେ ଶେଷରେ ୯୨.୪୦ରେ ସ୍ଥିର ରହିଛି। ଅର୍ଥାତ୍ ପୂର୍ବ କାରବାର ଦିବସ ତୁଳନାରେ ଟଙ୍କା ମୂଲ୍ୟ ୧୦ ପଇସା ହ୍ରାସ ପାଇଛି। ଶୁକ୍ରବାର କାରବାର ଶେଷ ସୁଦ୍ଧା ଟଙ୍କା ମୂଲ୍ୟ ୯୨.୩୦ ରହିଥିଲା।



# ସିପିଇଟି ପରୀକ୍ଷା ଆବେଦନ ସମୟସୀମା ମାର୍ଚ୍ଚ ୧୮କୁ ବୃଦ୍ଧି

ଭୁବନେଶ୍ୱର, ୧୬।୩(ବନ୍ଦନା ସେଠୀ)

କମନ୍ ପିଜି ଏଣ୍ଟ୍ରାନ୍ସ ଟେଷ୍ଟ (ସିପିଇଟି) ପରୀକ୍ଷା ପାଇଁ ଆବେଦନ ସମୟସୀମାକୁ ବୃଦ୍ଧି କରାଯାଇଛି। ସିଇପିଟି ପରୀକ୍ଷା ପାଇଁ ଆଗ୍ରହୀ ଥିବା ଛାତ୍ରୀଛାତ୍ରମାନେ ମାର୍ଚ୍ଚ ୧୮ ତାରିଖ ରାତି ୧୧ଟା ୪୫ ପର୍ଯ୍ୟନ୍ତ ସାମ୍ସ ପୋର୍ଟାଲକୁ ଯାଇ ନିଜର କମନ୍ ଆପ୍ଲିକେଶନ ଫର୍ମ (ସିଏଏଫ୍) ପୂରଣ କରିପାରିବେ। ପୂର୍ବ ନିର୍ଦ୍ଧାରିତ ସମୟସୀମା ଅନୁଯାୟୀ ସିପିଇଟି ପରୀକ୍ଷା ଆବେଦନ ପାଇଁ ମାର୍ଚ୍ଚ ୧୫ ଶେଷ ତାରିଖ ରହିଥିଲା। ମାତ୍ର ଛାତ୍ରୀଛାତ୍ରଙ୍କ ବୃହତ୍ତର ସ୍ୱାର୍ଥ ଓ ଭବିଷ୍ୟତକୁ ଦୃଷ୍ଟିରେ ରଖି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଆବେଦନର ସମୟସୀମାକୁ ବୃଦ୍ଧି କରାଯାଇଛି।

ସୂଚନାଯୋଗ୍ୟ, ୨୦୨୬-୨୭ ଶିକ୍ଷା ବର୍ଷରେ ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମ ଲେଖାଇବାକୁ ଆଗ୍ରହୀ ଥିବା ଛାତ୍ରୀଛାତ୍ରମାନଙ୍କୁ ସିପିଇଟି ପରୀକ୍ଷାରେ ଅଂଶଗ୍ରହଣ କରିବାକୁ ପଡ଼ିବ। ଏପ୍ରିଲ ୨୭ରୁ ମେ' ୧୦ ପର୍ଯ୍ୟନ୍ତ ବିଭିନ୍ନ ସ୍ନାତକୋତ୍ତର ବିଷୟ ପାଇଁ ସିପିଇଟି ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ସିପିଇଟି ପ୍ରବେଶିକା ପରୀକ୍ଷାରେ ରଖିଥିବା ମାର୍କ ଆଧାରରେ ହିଁ ଛାତ୍ରୀଛାତ୍ରଙ୍କୁ ସ୍ନାତକୋତ୍ତର ପାଠ୍ୟକ୍ରମ ପାଇଁ ଚୟନ କରାଯିବ। ଏଥିସହ ଚଳିତବର୍ଷ ଜୁଲାଇ ୧୦ ସୁଦ୍ଧା ସମସ୍ତ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ସ୍ନାତକୋତ୍ତର ପାଠ୍ୟକ୍ରମ ଆରମ୍ଭ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏହାଦ୍ୱାରା ଠିକ୍ ସମୟରେ ସ୍ନାତକୋତ୍ତର ପାଠ୍ୟକ୍ରମର ପାଠପଢା ସମାପ୍ତ ହେବା ସହ ଉପଯୁକ୍ତ ସମୟରେ ପରୀକ୍ଷା କରାଯାଇ ଫଳାଫଳ ଘୋଷଣା କରାଯାଇପାରିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଆହୁରି ୫ଦିନ ଘଡ଼ଘଡ଼ି ସହ ବର୍ଷା

ଭୁବନେଶ୍ୱର, ୧୬।୩ (ବନ୍ଦନା ସେଠୀ)

## ମୟୂରଭଞ୍ଜର ମୋରଡ଼ାରେ ସର୍ବାଧିକ ୫୫ମି.ମି ବୃଷ୍ଟିପାତ

ପୂର୍ବଭାରତ ଉପରେ ରହିଥିବା ଉପ-ଉଷ୍ଣକଟୀବନ୍ଧୀୟ (ସବ୍‌ଟ୍ରପିକାଲ୍) ପଶ୍ଚିମୀ ଜେଟ୍ ଷ୍ଟ୍ରିମ୍ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ଅନୁଭୂତ ହେଉଛି। ରାଜ୍ୟରେ ଆସନ୍ତା ୫ଦିନ ଧରି ଘଡ଼ଘଡ଼ି ଓ ବର୍ଷା ପବନ ସହିତ କୁଆପଥର ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ୭ଦିନ ପର୍ଯ୍ୟନ୍ତ କାଁ ଭାଁ ସ୍ଥାନରେ ବର୍ଷା ଅନୁଭୂତ ହେବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ନିର୍ଦ୍ଦେଶିକା ଡ. ମନୋରମା ମହାନ୍ତି ସୂଚନା ଦେଇଛନ୍ତି। ସୋମବାର ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଛି। ବିଶେଷକରି ମୟୂରଭଞ୍ଜ ଜିଲାର ବିଭିନ୍ନ ସ୍ଥାନରେ ବର୍ଷା ସହ ବିଜୁଳି ଘଡ଼ଘଡ଼ି ଓ କୁଆପଥର ବର୍ଷା ହୋଇଥିବା ଦେଖିବାକୁ ମିଳିଛି। ଅନୁଗୋଳ ଜିଲାର କେତେକ ସ୍ଥାନରେ ବର୍ଷା ସହିତ କୁଆପଥର ବର୍ଷା ହୋଇଛି।

ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ, ମୟୂରଭଞ୍ଜ ଜିଲାର ମୁରୁଡ଼ାରେ ସର୍ବାଧିକ ୫୫ମି.ମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ସେହିପରି ମୟୂରଭଞ୍ଜର ବେତନଟିରେ ୫୦ ମି.ମି., ଜି.ବି.ନଗରରେ ୪୪ ମି.ମି., ବାଲିମୁଣ୍ଡଳୀରେ ୪୦.୮ ମି.ମି., ଯଶୀପୁରରେ ୩୭.୫ମି.ମି. ବର୍ଷା ହୋଇଛି।

# ବିଜୁ ନବୀନ ଇନ୍ସପିରେଶନାଲ ଟ୍ରଷ୍ଟ ବିରୋଧରେ ତଦନ୍ତ ଦାବି

କଟକ,୧୬।୩(କାର୍ତ୍ତିକ ସାହୁ)

## ହାଇକୋର୍ଟରେ ପିଟିଶନ

ବିଜୁ ନବୀନ ଇନ୍ସପିରେଶନାଲ ଟ୍ରଷ୍ଟକୁ ନେଇ ହାଇକୋର୍ଟରେ ଏକ ପିଟିଶନ ଦାଏର କରାଯାଇଛି। ଟ୍ରଷ୍ଟ ବିରୋଧରେ ଅର୍ଥନୈତିକ ଅପରାଧ ଶାଖା ଦ୍ୱାରା ତଦନ୍ତ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ତଥା ଆଇନଜୀବୀ ଶିବଶଙ୍କର ମହାନ୍ତି ହାଇକୋର୍ଟଙ୍କୁ ପ୍ରାର୍ଥନା କରିଛନ୍ତି।

ପିଟିଶନ୍‌ର ବିବରଣୀ ଅନୁଯାୟୀ, ନୂଆଦିଲ୍ଲୀ ସବ୍‌ରେଜିଷ୍ଟ୍ରାରଙ୍କ ନିକଟରେ ୨୦୨୫ ମେ' ୯ରେ ବିଜୁ ନବୀନ ଇନ୍ସପିରେଶନାଲ ଟ୍ରଷ୍ଟ ପଞ୍ଜୀକୃତ ହୋଇଛି। ଉକ୍ତ ଟ୍ରଷ୍ଟର ସଭାପତି ଭାବେ ବିଜୁ ଜନତା ଦଳ ସହ ସମ୍ପୃକ୍ତ ରାଜନୈତିକ ବ୍ୟକ୍ତିତ୍ୱ ଭି. କାର୍ତ୍ତିକେୟ ପାଣ୍ଡିଆନ୍, ସଚିବ ଭାବେ ବିଜୁ ଜନତା ଦଳର ନେତା ସଂତୃପ୍ତ ମିଶ୍ର ଓ ଟ୍ରଷ୍ଟି ଭାବେ ପୂର୍ବତନ ଆଡ୍‌ଭୋକେଟ ଜେନେରାଲ ତଥା ବରିଷ୍ଠ ଆଇନଜୀବୀ ଅଶୋକ କୁମାର ପରିଜା ରହିଛନ୍ତି। ଏ ସମସ୍ତ କର୍ମକର୍ତ୍ତା ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ସହ ସମ୍ପୃକ୍ତ। ଟ୍ରଷ୍ଟ ଏକ ଦାତବ୍ୟ, ସମାଜ କଲ୍ୟାଣ ଅନୁଷ୍ଠାନ। ତେଣୁ ଏହି ଟ୍ରଷ୍ଟର କାର୍ଯ୍ୟକଳାପରେ ଅର୍ଥନୈତିକ ସ୍ୱଚ୍ଛତା ପ୍ରତି ତଦନ୍ତର ଆବଶ୍ୟକତା ରହିଛି। ଟ୍ରଷ୍ଟର ଗଠନ, ଆର୍ଥିକ ଉତ୍ସ ଓ କାର୍ଯ୍ୟକାରିତାକୁ ନେଇ ଅର୍ଥନୈତିକ ଅପରାଧ ଶାଖା ଦ୍ୱାରା ତଦନ୍ତ କରିବାକୁ ନିର୍ଦ୍ଦେଶ ☞ପୃଷ୍ଠା-୪

# ବୁଡ଼ିଯାଇ ପ୍ରାଣ ହରାଇଲେ ୧୦ମ ଛାତ୍ର

## ପରିତ୍ୟକ୍ତ ପଥର ଖାଦାନରେ ଗାଧୋଇବା କାଳ ହେଲା

ନୀଳଗିରି(ପ୍ରଶାନ୍ତ କୁମାର ବିଶ୍ୱାଳ)/ ରେମୁଣା(ରବୀନ୍ଦ୍ର ମହାକୁଡ), ୧୬।୩

ବାଲେଶ୍ୱର ଜିଲା ନୀଳଗିରି ଏନଏସି ଅଧୀନ ମିରିଗିଣି ଖାଣ୍ଡିଆହୁଡ଼ି ପାହାଡକୁ ବୁଲିବାକୁ ଯାଇ ପରିତ୍ୟକ୍ତ ପଥର ଖାଦାନରେ ଗାଧୋଇବା ବେଳେ ଜଣେ ୧୦ମ ଶ୍ରେଣୀ ଛାତ୍ର ବୁଡ଼ିଯାଇ ପ୍ରାଣ ହରାଇଛନ୍ତି। ମୃତ ଛାତ୍ର ହେଲେ ରେମୁଣା ବ୍ଲକ ଖନ୍ତାପଡ଼ା ଥାନା ଶେରଗଡ଼ ଅଞ୍ଚଳର ସରୋଜ କୁମାର ଦାସଙ୍କର ଏକମାତ୍ର ପୁତ୍ର ଜ୍ୟୋତିପ୍ରକାଶ।

ସୋମବାର ଜ୍ୟୋତିପ୍ରକାଶ ୩ଜଣ ସାଙ୍ଗଙ୍କ ସହିତ ଖାଣ୍ଡିଆହୁଡ଼ି ପାହାଡ ବୁଲାବୁଲି କରିବା ପରେ ପରିତ୍ୟକ୍ତ ପଥର ଖାଦାନ ମଝିରେ ଜଳପ୍ରପାତରେ ଗାଧୋଉଥିଲେ। ହଠାତ୍ ତାଙ୍କ ଗୋଡ଼ ଖସିଯିବାରୁ ସେ ଗଭୀର ଜଳରାଶି ମଧ୍ୟକୁ ଚାଲିଯାଇଥିଲେ। ସେ ନିଜକୁ ଆୟତ୍ତ କରି ନ ପାରି ପାଣିରେ ବୁଡ଼ିଯାଇଥିଲେ। ପାଖରେ ଥିବା ସାଙ୍ଗମାନେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ☞ପୃଷ୍ଠା-୪

# ଗିରିଜା ବଳୀୟାରସିଂହ ପାଇବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର

- କବିତା ସଂକଳନ 'ପାଦପୂରଣ' ମନୋନୀତ
- ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୬।୩
(ସୌମ୍ୟରଞ୍ଜନ ରାଉତ)

ଓଡ଼ିଶାର ବିଶିଷ୍ଟ କବି ଗିରିଜା କୁମାର ବଳୀୟାରସିଂହ ୨୦୨୫ ବର୍ଷ ଲାଗି କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇବେ। ତାଙ୍କର କବିତା ସଂକଳନ 'ପାଦପୂରଣ' ପାଇଁ ସେ ଏହି ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ସୋମବାର କେନ୍ଦ୍ର ସାହିତ୍ୟ ଏକାଡେମୀ ଏ ନେଇ ବିଜ୍ଞପ୍ତି ଜାରି କରିଛି। ଆସନ୍ତା ୩୧ ତାରିଖରେ ନୂଆଦିଲୀରେ ଏହି ପୁରସ୍କାର ଦିଆଯିବ। ପୁରସ୍କାର ବାବଦକୁ ୧ଲକ୍ଷ ଟଙ୍କାର ଅର୍ଥରାଶି, ତାମ୍ରଫଳକ ସହ ଉତ୍ତରୀୟ ଦେଇ ସମ୍ମାନିତ କରାଯିବ। ଏନେଇ ଗିରିଜା କହିଛନ୍ତି, ପାଠିକା ପାଠକ, ମୋର ବନ୍ଧୁ ଓ ସ୍ୱଜନମାନଙ୍କ ଶୁଭେଚ୍ଛା ମତେ ଆନନ୍ଦ ଦେଇଛି। ମୁଁ ଏହି ଖୁସିର ଏକ ନୀରବ ଅଂଶୀଦାର। ମୋର 'ପାଦପୂରଣ' ପୁସ୍ତକ ୨୦୨୦ରେ ପ୍ରକାଶ ପାଇଥିଲା। ସମସ୍ତ ଶୁଭେଚ୍ଛୁଙ୍କୁ ମୁଁ ଆନ୍ତରିକ ☞ପୃଷ୍ଠା-୪



# 'ୱାନ୍ ବ୍ୟାଟଲ୍ ଆଫ୍ଟର ଆନାଦର' ଶ୍ରେଷ୍ଠ ଚଳଚ୍ଚିତ୍ର

ଲସ୍ ଏଞ୍ଜେଲ୍ସ,୧୬।୩

ରବିବାର ଅନୁଷ୍ଠିତ ଓସ୍କାର ପୁରସ୍କାର ବିତରଣ ଉତ୍ସବରେ ପଲ୍ ଥୋମାସ୍ ଆଣ୍ଡରସନ୍‌ଙ୍କ 'ୱାନ୍ ବ୍ୟାଟଲ ଆଫ୍ଟର ଆନାଦର' ଶ୍ରେଷ୍ଠ ଚଳଚ୍ଚିତ୍ର ଭାବେ ପୁରସ୍କୃତ ହେବା ସହ ଶ୍ରେଷ୍ଠ ନିର୍ଦ୍ଦେଶନା ପାଇଁ ମଧ୍ୟ ପୁରସ୍କୃତ ହୋଇଛି। 'ସିନର୍ସ' ଚଳଚ୍ଚିତ୍ରର ମିଚେଲ ବି ଜୋର୍ଡାନଙ୍କୁ ଶ୍ରେଷ୍ଠ ଅଭିନେତା ଭାବେ ପ୍ରଥମ ଥର ଓସ୍କାର ମିଳିଥିବାବେଳେ 'ହାମନେଟ୍' ଚଳଚ୍ଚିତ୍ରରେ ଅଭିନୟ ପାଇଁ ଜେସି ବୁକ୍‌ଲେଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ୯୮ତମ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇଛି। ସେହିପରି ସିନର୍ସ ଚଳଚ୍ଚିତ୍ରର ସିନେମାଟୋଗ୍ରାଫର ଅଟମ୍ ଡୁରାଲ୍ଡ ଅର୍କାପାଙ୍କୁ ପ୍ରଥମ ଥର ମହିଳା ଫଟୋଗ୍ରାଫି ନିର୍ଦ୍ଦେଶକ ଭାବେ ଓସ୍କାର ପୁରସ୍କାର ମିଳିଛି। ୱିପନ୍ସ ଚଳଚ୍ଚିତ୍ରରେ ଅଭିନୟ ପାଇଁ ଆମି ମାଡିଗାନ୍ ପ୍ରଥମ ଥର ଶ୍ରେଷ୍ଠ ସହକାରୀ ଅଭିନେତ୍ରୀ ପୁରସ୍କାର ହାସଲ କରିଛନ୍ତି। ସିନର୍ସ ଚଳଚ୍ଚିତ୍ର ପାଇଁ ର୍‌ୟାନ୍ କୁଗ୍‌ଲର ଶ୍ରେଷ୍ଠ ମୌଳିକ ସ୍କ୍ରିନ୍‌ପ୍ଲେ ପୁରସ୍କାର ପାଇଛନ୍ତି। ଶ୍ରେଷ୍ଠ ସହକାରୀ ଅଭିନେତା ☞ପୃଷ୍ଠା-୪


ମିଚେଲ ବି ଜୋର୍ଡାନ


ଜେସି ବୁକ୍‌ଲେ


ପଲ୍ ଥୋମାସ୍ ଆଣ୍ଡରସନ୍

## ଓସ୍କାର ପୁରସ୍କାର

### ମିଚେଲ ବି ଜୋର୍ଡାନ ଶ୍ରେଷ୍ଠ ଅଭିନେତା, ଜେସି ବୁକ୍‌ଲେ ଶ୍ରେଷ୍ଠ ଅଭିନେତ୍ରୀ

# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଓଡ଼ିଶା ଅନୁସୂଚିତ ଜନଜାତି ଓ ଜାତି ଅନ୍ୱେଷା ହଷ୍ଟେଲ୍ କର୍ମଚାରୀ ମହାସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ସୂଚନା ଭବନ ପ୍ରଦର୍ଶନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ୩୨ତମ ଗୁରୁ ପଙ୍କଜ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

**ଖୋର୍ଦ୍ଧା**
- ମା' ବଘେଇ କ୍ରିକେଟ ଟୁର୍ନାମେଣ୍ଟ: ସ୍ଥାନ: ବଘେଇଟାଙ୍ଗୀ ଖେଳପଡ଼ିଆ ସମୟ: ସକାଳ ୯ଟା।

**ଢେଙ୍କାନାଳ**
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ ଶିବିର, ସ୍ଥାନ: ସାରଙ୍ଗଧର ଉଚ୍ଚ ବିଦ୍ୟାଳୟ, କାମାକ୍ଷାନଗର, ସମୟ: ସକାଳ ୯ଟା।

**ଅନୁଗୋଳ**
- ଓଡ଼ିଶା ଦିବସ ପାଳନ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୫ଟା।
- ରନ୍ଧନ ଗ୍ୟାସ୍ ଅଭାବ ପୂରଣ ଦାବିରେ ଜିଲା କଂଗ୍ରେସ ପକ୍ଷରୁ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ, ସ୍ଥାନ: ଅନୁଗୋଳ ଜିଲାପାଳ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

**ଜଗତ୍‌ସିଂହପୁର**
- ପାରାଦୀପ କ୍ରିକେଟ ଲିଗ୍ ପାଇଁ ଖେଳାଳି ନିଲାମ କାର୍ଯ୍ୟକ୍ରମ, ସ୍ଥାନ: ଗୋପବନ୍ଧୁ ଷ୍ଟାଡିୟମ, ନୂଆବଜାର ପାରାଦୀପ, ସମୟ: ପୂର୍ବାହ୍ନ ୧୦ ଟା।

**କେନ୍ଦ୍ରାପଡ଼ା**
- କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ମେଡିକାଲ କଲେଜ ସ୍ଥାପନ ପାଇଁ ଗଣବିକ୍ଷୋଭ, ସ୍ଥାନ:ଜିଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦ୍ରାପଡା, ସମୟ: ପୂର୍ବାହ୍ନ ୧୦ଟା।

**ଯାଜପୁର**
- ପର୍ଯ୍ୟଟନସ୍ଥଳୀ ପ୍ରକଳ୍ପ ସମ୍ପର୍କରେ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା ୧୦।
- ଉତ୍କଳ ଦିବସ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା।

**ନୟାଗଡ଼**
- ନୀଳମାଧବଙ୍କ ଚନ୍ଦନ ଲାଗି ବେଶର ୧୪ ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ଭୋର ୫ଟା।
- ଅଷ୍ଟ ପ୍ରହର ଓ ନାମଯଜ୍ଞ ଉଦ୍‌ଯାପନ ଉତ୍ସବ, ସ୍ଥାନ: ଖଣ୍ଡପଡା ବ୍ଲକ ବାଲୁଗାଁ ଗଡିଆସାହି ପଞ୍ଚାୟତ ରାକେସିଆ ଭାଗବତ ଗୃହ, ସମୟ:ସକାଳ ୭ଟା।
- ଦଶଦୋଳ ମହୋତ୍ସବ ଉଦ୍‌ଯାପନ ଦିବସ, ସ୍ଥାନ: ଖଣ୍ଡପଡା ବ୍ଲକ ଖଳିସାହି ଦଶଦୋଳ ପଡିଆ, ସମୟ: ସକାଳ ୮ଟା।
- ଦଶଦୋଳ ଯାତ୍ରାର ୫ମ ଦିବସ, ସ୍ଥାନ: ନୟାଗଡ଼ ବ୍ଲକ ଇଟାମାଟି ମେଡିକାଲ ପଡିଆ, ସମୟ:ସକାଳ ୮ଟା ୩୦।

**ନବରଙ୍ଗପୁର**
- ବାଲିଯାତ୍ରା ଆରମ୍ଭ, ସ୍ଥାନ: ତେନ୍ତୁଳିଖୁଣ୍ଟି, ସମୟ: ଅପରାହ୍ନ ୨ଟା।

**ସମ୍ବଲପୁର**
- କୋଲ ଇଣ୍ଡିଆ ଇଣ୍ଟର କମ୍ପାନୀ ଲନ ଟେନିସ ଟୁର୍ନାମେଣ୍ଟ, ବୁର୍ଲା ସ୍ଥିତ ମହାନଦୀ କୋଇଲା କମ୍ପାନୀ ମୁଖ୍ୟାଳୟ, ସମୟ : ସକାଳ ୮ଟା।
- ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ପକ୍ଷରୁ ଆଞ୍ଚଳିକ ତାଲିମ ଶିବିର, ସ୍ଥାନ : ଏନ୍‌ଏସଓ ସମ୍ମିଳନୀ କକ୍ଷ, ସମୟ : ପୂର୍ବାହ୍ନ ୧୦।
- ୧୨ ଦଫା ଦାବିରେ ଭୀମ ଆର୍ମି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ : ଆର୍‌ଡିସି ଅଫିସ ସମ୍ମୁଖ, ସମୟ : ପୂର୍ବାହ୍ନ ୧୧ଟା।
- ରାଷ୍ଟ୍ରୀୟ ହିନ୍ଦୁ ନବ ବର୍ଷ ପାଳନ ସମିତିର ପ୍ରସ୍ତୁତି କାର୍ଯ୍ୟକ୍ରମ, ସ୍ଥାନ : ଗଙ୍ଗାଧର ମୁକ୍ତ ମଣ୍ଡପ, ସମୟ : ପୂର୍ବାହ୍ନ ୧୧ଟା।

**ରାଉରକେଲା**
- ମା' ତାରିଣୀଙ୍କ ବାର୍ଷିକୋତ୍ସବ, ସ୍ଥାନ: ସେକ୍ଟର-୩ ଦୁର୍ଗାପୂଜା ପଡିଆ, ସମୟ: ସକାଳ ୭ଟା।
- ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସ୍ଥାନ: କୁଷ୍ଠ କଲୋନୀ, ବାସନ୍ତୀ ନଗର, ସମୟ: ସକାଳ ୯ଟା ୩୦।
- ଉଦିତନଗର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ: ଉଦିତନଗର, ସମୟ: ପୂର୍ବାହ୍ନ ୧୦ଟା ୩୦।

**ବରଗଡ଼**
- ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହା ଅଭିଯାନ, ସ୍ଥାନ: ଏଣ୍ଟରଟେନମେଣ୍ଟ କିଙ୍ଗଡମ, ସିଲେଟ, ଅତାବିରା, ସମୟ: ସକାଳ ୯ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: କଦଳିପାଲି, ବରପାଲି, ସମୟ: ସକାଳ ୯ଟା।

**କଳାହାଣ୍ଡି**
- କାଳୀକୃଷ୍ଣ ସଂଘ ପକ୍ଷରୁ ନବକୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ, ସ୍ଥାନ: ଜୁନାଗଡ଼ ବ୍ଲକ ନକଟିଗୁଡା ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରଶାସନର ଜିଲାସ୍ତରୀୟ କମିଟି ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

**ବୌଦ୍ଧ**
- ଅଷ୍ଟପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ରାଜିଙ୍ଗ ଗ୍ରାମ୍ୟ କୁଞ୍ଜଘର, ହରଭଙ୍ଗା, ସମୟ: ସକାଳ ୬ଟା।
- ମାଣିକପୁର ପ୍ରିମିୟର ଲିଗ୍ଙ୍କ କ୍ରିକେଟ ଟୁର୍ନାମେଣ୍ଟ ଶୁଭାରମ୍ଭ, ସ୍ଥାନ: ମାଣିକପୁର ଖେଳ ପଡିଆ, ହରଭଙ୍ଗା, ସମୟ: ସକାଳ ୮ଟା।
- ଦଶମ ରାଜ୍ୟସ୍ତରୀୟ କଣ୍ଟାମାଳ ଲୋକ ମହୋତ୍ସବର ଦ୍ୱିତୀୟ ଦିବସ, ସ୍ଥାନ: ଲୋକ କଳା ମଣ୍ଡପ ପଡିଆ, କଣ୍ଟାମାଳ, ସମୟ: ସନ୍ଧ୍ୟା ୭ଟା।

**ଦେବଗଡ଼**
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଦେବଗଡ଼ ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ସମୟ: ସନ୍ଧ୍ୟା ୭ଟା।

**ସୁବର୍ଣ୍ଣପୁର**
- ନବାହ ପାରାୟଣର ଷଷ୍ଠ ଦିବସ, ସ୍ଥାନ: କମିରା,ବୀରମହାରାଜପୁର ବ୍ଲକ, ସମୟ: ସକାଳ ୯ଟା।
- ସୋନପୁର ମହାବିଦ୍ୟାଳୟକୁ ସରକାରୀ ମାନ୍ୟତା ପ୍ରଦାନ ଦାବିରେ ଗଣଧାରଣା, ସ୍ଥାନ: ସୁବର୍ଣ୍ଣପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ଦଣ୍ଡଯାତ୍ରା ପାଇଁ ପୂଜାର୍ଚ୍ଚନା, ସ୍ଥାନ: ଗୌଡଗାଡ,ବୀରମହାରାଜପୁର ବ୍ଲକ, ସମୟ: ଅପରାହ୍ନ ୩ଟା।
- ସୁବର୍ଣ୍ଣପୁରର ଇଷ୍ଟଦେବୀ ସୁରେଶ୍ୱରୀଙ୍କ ସନ୍ଧ୍ୟା ଆଳତୀ ଓ ବିଶେଷ ପୂଜା, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ସନ୍ଧ୍ୟା ଆଳତୀ ଓ ପୂଜାର୍ଚ୍ଚନା, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।

**ନୂଆପଡ଼ା**
- ଷୋହଳ ପ୍ରହର ଆଖଣ୍ଡ ନାମଯଜ୍ଞ ନାମଧାରଣ ଅବ୍ୟାହତ ଓ ଆଳତି, ସ୍ଥାନ: କୋମନା ବୀର ହନୁମାନ ପଡ଼ା, ସମୟ: ପ୍ରାତଃ ୫ଟା ୧୫ ଓ ସନ୍ଧ୍ୟା ୬ଟା।
- ଅଷ୍ଟପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ସୁନାବେଡ଼ା ଗାଁ, ସମୟ: ପୂର୍ବାହ୍ନ ୧୦ଟା ୧୫।
- ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ ନାମଧାରଣ, ସ୍ଥାନ: ଖଡିଆଳ ବ୍ଲକ ଖୁଦପେଜ ଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ଅଷ୍ଟପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ପଲସିପାଣି ପଞ୍ଚାୟତ ସାଲେପଡ଼ା ଗାଁ, ସମୟ: ପୂର୍ବାହ୍ନ ୧୦ଟା ୫୫।
- ୬ତମ ଜୟ ବଜରଙ୍ଗବାଲି କ୍ରିକେଟ ଟୁର୍ନାମେଣ୍ଟ ତୃତୀୟ ଦିବସ, ସ୍ଥାନ: କୋମନା ବ୍ଲକ ଦର୍ଲିପଡା ପଞ୍ଚାୟତ ସିଲେଟପାଣି ଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମଧାରଣ ଅବ୍ୟାହତ ଓ ଆଳତି, ସ୍ଥାନ: କୋମନା ବ୍ଲକ ସିଆଲଲଟି ପଞ୍ଚାୟତ ବେଲରଦନା ଗାଁ, ସମୟ: ପ୍ରାତଃ ୪ଟା ୩୨।

**ଝାରସୁଗୁଡ଼ା**
- ହନୁମାନଙ୍କ ପଞ୍ଚ ଉପଚାର ଓ ଚାଳିଶା ପଠନ, ସ୍ଥାନ: ସାହାପଡ଼ା ହନୁମାନ ମନ୍ଦିର, ସମୟ: ସକାଳ ୮ଟା।
- ଜିଲା ନିୟୋଜନ ବିଭାଗ ପକ୍ଷରୁ ଜବ୍ ଫେୟାର କାର୍ଯ୍ୟକ୍ରମ, ସ୍ଥାନ: ଡିଏମ୍‌ଏଫ୍ ଅଡିଟୋରିୟମ ହଲ, ବେହେରାମାଲ, ସମୟ: ଅପରାହ୍ନ ୩ଟା ୩୦।

## ପ୍ରଥମ ପୃଷ୍ଠାରୁ...

## ଜଳିଗଲା ଏସ୍‌ସିବି ଟ୍ରମା...

ଅନୁଗୋଳର ଚେରୁ ପରିଡ଼ା(୧୦୦), କେନ୍ଦ୍ରାପଡ଼ାର ମେନକା ରାଉତ(୭୦), ପଶ୍ଚିମବଙ୍ଗ ଝାଡଗ୍ରାମ ଅଞ୍ଚଳର ଅବଦୁଲ ସତାର(୮୦), ମାହାଙ୍ଗା ଅଞ୍ଚଳର ଗୌରାଙ୍ଗ ଚରଣ ବାରିକ(୪୦), ଭୁବନେଶ୍ୱରର ମହମ୍ମଦ ନୟୁମ(୩୫) ଏବଂ କେନ୍ଦୁଝରର ଦଶ୍ରୁ ମୁଣ୍ଡା(୬୫)। ଜଳି ଯାଇଥିବା ଆଇସିୟୁ ଭିତରୁ ୪ଜଣଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ଉଦ୍ଧାର କରାଯାଇ ଅନ୍ୟ ଆଇସିୟୁରେ ଭର୍ତ୍ତି କରାଯାଇଛି। ରାଜ୍ୟ ସ୍ୱାସ୍ଥ୍ୟସେବାର ପ୍ରାଣକେନ୍ଦ୍ର କୁହାଯାଉଥିବା କଟକ ବଡ ମେଡିକାଲ ଇତିହାସରେ ଏଭଳି ବଡ଼ ଅଘଟଣ ପ୍ରଥମ। ଏଭଳି ଅଘଟଣ ପାଇଁ ମେଡିକାଲ କର୍ତ୍ତୃପକ୍ଷଙ୍କ ଚରମ ଅବହେଳାକୁ ରୋଗୀଙ୍କ ସମ୍ପର୍କୀୟ ଦାୟୀ କରିଛନ୍ତି। ଅପରପକ୍ଷରେ ଅଗ୍ନିକାଣ୍ଡପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୂର୍ବାହ୍ନରେ ଏସ୍‌ସିବିରେ ପହଞ୍ଚି ମୃତକଙ୍କ ପରିବାରବର୍ଗଙ୍କୁ ଭେଟି ସମବେଦନା ଜଣାଇଥିଲେ। ଏଥିସହ ମୃତକଙ୍କ ଆତ୍ମୀୟଙ୍କ ପାଇଁ ୨୫ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଥିଲେ। ଅଗ୍ନିକାଣ୍ଡ ଘଟଣାର ବିଚାରବିଭାଗୀୟ ତଦନ୍ତ ନିମନ୍ତେ ମୁଖ୍ୟମନ୍ତ୍ରୀ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ମୃତକଙ୍କ ପରିବାର ପ୍ରତି ଗଭୀର ସମବେଦନା ଜଣାଇବା ସହ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ପ୍ରଧାନମନ୍ତ୍ରୀ ମୃତକଙ୍କ ପରିବାରକୁ ୨ଲକ୍ଷ ଟଙ୍କା ଲେଖାଏ ଏବଂ ଆହତଙ୍କୁ ୫୦ହଜାର ଟଙ୍କାର ସହାୟତା ରାଶି ଘୋଷଣା କରିଛନ୍ତି।

ବଡ ମେଡିକାଲରେ ବିଦ୍ୟୁତ୍ ବିଭ୍ରାଟ ଏକ ନିୟମିତ ଘଟଣା। ଭୋଲଟେଜ୍ ଉଚ୍ଚନୀଚ ହେବା ଯୋଗୁ ପ୍ରାୟତଃ ଏଠାରେ ବିଭିନ୍ନ ବିଭାଗ ଅନ୍ଧାର ହୋଇଯାଏ। ଅଗ୍ନିକାଣ୍ଡ ପରେ ସୋମବାର ବିଦ୍ୟୁତ୍ ଇନ୍ସପେକ୍ଟରଙ୍କ ଯାଞ୍ଚ ସମୟରେ ଜଣାପଡ଼ିଛି ଯେ, ଅଗ୍ନିକାଣ୍ଡ ପୂର୍ବରୁ ଟ୍ରମା ଆଇସିୟୁରେ ଦୁଇଥର ଲାଇନ୍ କଟିଥିଲା। ହେଲେ ଡିଜି ସଂଯୋଗ ଥିବାରୁ ବିଦ୍ୟୁତ୍ ସରବରାହ ସ୍ୱାଭାବିକ ହେଉଥିଲା। ହେଲେ ଟ୍ରମା ଆଇସିୟୁର ଦୁଇଟି ଏମ୍‌ସିଭି ସୁଇଚ୍ ଡାଉନ୍ ଅର୍ଥାତ୍ ତଳୁଆ ରହିଥିଲା। ଅତ୍ୟଧିକ ବିଦ୍ୟୁତ୍ ପ୍ରବାହ ବା ହାଇ ଭୋଲ୍‌ଟେଜ୍ ଯୋଗୁ ଏମ୍‌ସିଭି ଖସିଥିଲେ ସୁଦ୍ଧା ଏଥିପ୍ରତି କେହି ଦୃଷ୍ଟି ଦେଇ ନ ଥିଲେ। ରାତି ପ୍ରାୟ ୨ଟା୪୦ମିନିଟରେ ହଠାତ୍ ଆଇସିୟୁ ଭିତରୁ ଧୂଆଁ ବାହାରୁଥିବା କର୍ମଚାରୀମାନେ ଦେଖିବାକୁ ପାଇଥିଲେ। ଆଇସିୟୁ ବାହାରେ ଥିବା ରୋଗୀଙ୍କ ସମ୍ପର୍କୀୟଙ୍କୁ ସେଠାରୁ ହଟାଇ ଦିଆଯାଇଥିଲା। ତେବେ କିଛି ସମୟ ପରେ ଟ୍ରମା ଆସିୟୁ ନିଆଁ ଏବଂ ଧୂଆଁରେ ଭରି ଯାଇଥିଲା। ପ୍ରଥମେ ଗୋଟିଏ ଶୀତତାପ ନିୟନ୍ତ୍ରିତ ମେଶିନ(ଏସି) ଏବଂ ଭେଣ୍ଟିଲେଟର ସଂଯୋଗ ହୋଇଥିବା ୨ଟି ଆଇସିୟୁ ଶଯ୍ୟା ଜଳିବାକୁ ଲାଗିଥିଲା। ୨୩ଶଯ୍ୟା ବିଶିଷ୍ଟ ଏହି ଆଇସିୟୁରେ ୧୪ଜଣ ରୋଗୀ ଚିକିତ୍ସିତ ହେଉଥିଲେ। ପ୍ରଥମେ ସେଠାରେ କାର୍ଯ୍ୟରତ ନର୍ସିଂ ଅଫିସର ଏବଂ ଅନ୍ୟ କର୍ମଚାରୀ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ। ହେଲେ ବିଫଳ ହେବାରୁ ବିଭାଗର କର୍ମଚାରୀମାନେ ମେଡିକାଲ ପରିସରସ୍ଥ ଅଗ୍ନିଶମ କର୍ମଚାରୀଙ୍କୁ ସୂଚନା ଦେଇଥିଲେ। ହେଲେ ନିକଟରେ ଥିବା ସତ୍ତ୍ୱେ ଅଗ୍ନିଶମ କର୍ମଚାରୀ ପ୍ରାୟ ୨୦ମିନିଟ ପରେ ସେଠାରେ ପହଞ୍ଚିଥିଲେ। ପରେ ବିଡାନାସୀ, ଚାଉଳିଆଗଞ୍ଜ, ବକ୍ସିବଜାର ଅଗ୍ନିଶମ କାର୍ଯ୍ୟାଳୟର ସହାୟତା ଲୋଡ଼ା ଯାଇଥିଲା। ଏକ ଘଣ୍ଟାର ଉଦ୍ଧାର ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା। ଆଇସିୟୁ ଭିତରୁ ରୋଗୀଙ୍କୁ ଉଦ୍ଧାର କରାଯିବା ବେଳେ ୭ଜଣଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇ ସାରିଥିଲା। ଅବଶିଷ୍ଟ ୩ଜଣ ପରବର୍ତ୍ତୀ ସମୟରେ ଆଖିବୁଜିଥିଲେ। ଏହାଛଡ଼ା ଉଦ୍ଧାର ହୋଇଥିବା ପଶ୍ଚିମବଙ୍ଗର ମହେଶ୍ୱର ମାହାତା(୫୫), ଅନୁଗୋଳର ସୁମନ କୁମାର ସାହୁ(୩୦), ବାଲେଶ୍ୱରର ଦୟାନିଧି ମାଝୀ(୪୫)ଙ୍କୁ ନ୍ୟୁରୋସର୍ଜରୀ ଆଇସିୟୁ, କୋରାପୁଟର କମଳଲୋଚନ ତିସାରୀ(୨୦)ଙ୍କୁ ଅର୍ଥୋପେଡିକ ଆଇସିୟୁକୁ ସ୍ଥାନାନ୍ତର କରାଯାଇଛି।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଉଠ୍ କହିଲେ ଉଠିବା,**
**ବସ୍ କହିଲେ ବସିବା।**

ଭୃତ୍ୟ ଶ୍ରେଣୀୟ ବ୍ୟକ୍ତି ମାଲିକଙ୍କ କଥାରେ ଉଠ୍ ବସ୍ ହୋଇଥାନ୍ତି। ମାଲିକଙ୍କ ବରାଦ ଅନୁସାରେ କାମ କରିବାକୁ ବାଧ୍ୟ ହୋଇଥାନ୍ତି। ଏକାନ୍ତ ଆଜ୍ଞାନୁବର୍ତ୍ତୀ ବ୍ୟକ୍ତି ଅନ୍ୟର ଇଙ୍ଗିତରେ ପରିଚାଳିତ ହେବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଉକୁଣି ମୁଣ୍ଡରେ ଖୋଷା**
**ପଛବୁଣା ଚଷା**
**ଛାଇତଳିଆ ବେପସା**
**ଇନ୍ଦୁ ପୁଅକୁ ଆଶା**
**ସଖୀ ମନ୍ଦ ଏ।**

ଉକୁଣି ରହୁଥିବା ମୁଣ୍ଡରେ ସ୍ଥିର ଖୋଷା ପାରି ହୋଇ ନ ଥାଏ। ପଛରେ ଚାଷକାର୍ଯ୍ୟ ଆରମ୍ଭ କଲେ ଚାଷରୁ ସେତେ ଭଲ ଅମଳ ମିଳି ନ ଥାଏ। ଛାଇ ବା ଅନ୍ଧାରୁଆ ଜାଗାରେ ବେପସା କଲେ ବେପାର ସେତେଟା ହୋଇପାରି ନ ଥାଏ, ତେଣୁ ଲାଭ କମ ମିଳିଥାଏ। ସେହିପରି ଜନ୍ମିତ ସନ୍ତାନର ଭବିଷ୍ୟତ କ'ଣ ହେବ, କିପରି ହେବ ତାହା ଏବେଠୁ କହି ହୋଇ ନ ଥାଏ। ଏପରିସ୍ଥଳେ ତା' ଉପରେ ଆସ୍ଥା ପ୍ରକଟ କରିବା ମୂର୍ଖାମି ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଜିତିଲେ ମନମୋହନ...

ଏବଂ ସୁଜିତ କୁମାର ଦଳୀୟ ଚିହ୍ନରେ ବିଜୟ ଲାଭ କରିଥିବାବେଳେ ବିଜେଡିରୁ ସଂତୃପ୍ତ ମିଶ୍ର ବିଜୟୀ ହୋଇଛନ୍ତି। ମାତ୍ର ଯେଉଁ ଚତୁର୍ଥ ଆସନ ତଥା ସ୍ୱାଧୀନ ପ୍ରାର୍ଥୀ ପାଇଁ ଦୀର୍ଘ ୧୫ଦିନ ଧରି ରାଜ୍ୟର ତିନି ପ୍ରମୁଖ ଦଳ ଭାଜପା, ବିଜେଡି ଏବଂ କଂଗ୍ରେସ ପକ୍ଷରୁ କସରତ ଲାଗି ରହିଥିଲା, ସେଥିରେ ଭାଜପା ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଦିଲୀପ ରାୟ ବଡ଼ ବ୍ୟବଧାନରେ ବିଜୟ ଲାଭ କରିଛନ୍ତି। ଏନେଇ ଭାରତର ନିର୍ବାଚନ ଆୟୋଗଙ୍କ ନିଷ୍ପତ୍ତିକ୍ରମେ ରାଜ୍ୟ ସଭା ରିର୍ଟର୍ନିଂ ଅଫିସର ସତ୍ୟବ୍ରତ ରାଉତ ବିଧିବଦ୍ଧ ଭାବେ ଘୋଷଣା କରିଛନ୍ତି। ରାଜ୍ୟ ସଭା ଭୋଟ ଗଣିତ ଅନୁଯାୟୀ, ୧୪୭ ସଦସ୍ୟଙ୍କ ଭୋଟକୁ ନେଇ ପ୍ରଥମେ ଗଣତି କରାଯାଇଥିଲା।

ଗଣତି ପରେ ପ୍ରଥମ ପସନ୍ଦରେ ମନମୋହନ ଓ ସୁଜିତ କୁମାର ଅଧିକ ପସନ୍ଦ ଭୋଟ ଭାବେ ୩୫ଖଣ୍ଡ ଲେଖାଏ ପାଇଥିଲେ। ସେହିପରି ସଂତୃପ୍ତଙ୍କୁ ପ୍ରଥମ ପସନ୍ଦରେ ୩୧ ଖଣ୍ଡ ମିଳିଥିଲା। ବିଜେଡି, କଂଗ୍ରେସ ଏବଂ ସିପିଆଇଏମ୍ ସମର୍ଥିତ ପ୍ରାର୍ଥୀ ଡା. ଦତ୍ତେଶ୍ୱର ହୋତାଙ୍କୁ ୨୩ ଏବଂ ଭାଜପା ସମର୍ଥିତ ଦିଲୀପ ରାୟଙ୍କୁ ୨୩ଖଣ୍ଡ ଭୋଟ ପ୍ରଥମ ପସନ୍ଦ ଭାବେ ମିଳିଥିଲା। ସେହିପରି ଦିଲୀପ ଏବଂ ଦତ୍ତେଶ୍ୱରଙ୍କ ପ୍ରଥମ ପସନ୍ଦ ଭୋଟ ସମାନ ହେବା ପରେ ୧୩ଖଣ୍ଡ ଭୋଟକୁ ନେଇ ଦ୍ୱିତୀୟ ପସନ୍ଦ ଗଣତି ଆରମ୍ଭ ହୋଇଥିଲା। ଦ୍ୱିତୀୟ ପସନ୍ଦରେ ଦିଲୀପଙ୍କ ଖାତାରେ ୧୧ଖଣ୍ଡ ଭୋଟ ଯୋଡ଼ି ହୋଇଥିଲା। ଫଳରେ ତାଙ୍କ ଭୋଟ ସଂଖ୍ୟା ୩୪ରେ ପହଞ୍ଚି ଥିଲା। ମାତ୍ର ଡା. ହୋତାଙ୍କ ଖାତାରେ ଭୋଟ ସଂଖ୍ୟା ୨୩ରେ ସୀମିତ ରହିଥିଲା। ଫଳରେ ରିର୍ଟର୍ନିଂ ଅଧିକାରୀ ଭାଜପା ସମର୍ଥିତ ପ୍ରାର୍ଥୀ ଦିଲୀପଙ୍କୁ ସ୍ୱାଧୀନ ପ୍ରାର୍ଥୀ ଭାବେ ବିଜୟୀ ଘୋଷଣା କରିଥିଲେ।

## ଏହି ଗଣିତରେ...

ହୋଇଥିବା ଡାକ୍ତର ଦତ୍ତେଶ୍ୱର ହୋତା ପରାଜିତ ହୋଇଛନ୍ତି। ନିୟମାନୁଯାୟୀ, ଗୋଟିଏ ଭୋଟ୍‌ର ମୂଲ୍ୟ ୧୦୦ ବୋଲି ଧରାଯାଇଥାଏ। ରାଜ୍ୟ ସଭା ଭୋଟିଂ ଫର୍ମୁଲା ହେଉଛି, ବିଧାନସଭାର ମୋଟ୍ ଆସନ ସଂଖ୍ୟା(୧୪୭) ଗୁଣନ(x) ଭୋଟ୍ ମୂଲ୍ୟ(୧୦୦) ହରଣ(÷) ରାଜ୍ୟ ସଭା ପାଇଁ ଖାଲି ଥିବା ଆସନ ସଂଖ୍ୟା (୪) ଯୁକ୍ତ(+) ୧, ଯାହା ଫଳ ଆସିବ ତାହା ସହିତ ପୁଣି ୧ ମିଶିବ। ଅର୍ଥାତ୍ (୧୪୭x୧୦୦÷୪+୧) +୧ ହିସାବରେ ଯାହା ସଂଖ୍ୟା ବାହାରିବ, ଜଣେ ପ୍ରାର୍ଥୀ ସେତିକି ଭୋଟ୍ ହେଲେ ବିଜୟୀ ହେବେ। ଯଦି ଖାଲି ଥିବା ୪ ଆସନକୁ ନେଇ ହିସାବ କରାଯିବ ତେବେ ଜଣେ ପ୍ରାର୍ଥୀଙ୍କୁ ଜିତିବା ଲାଗି ୨୯୪୧ ଖଣ୍ଡ ଭୋଟ୍‌ର ଆବଶ୍ୟକତା ଥିଲା। ସେହି ଅନୁଯାୟୀ ବିଧାନସଭାରେ ଭାଜପାର ସଂଖ୍ୟା ୩ ସ୍ୱାଧୀନ ସମର୍ଥିତ ବିଧାୟକଙ୍କୁ ମିଶାଇଲେ ୮୨ ଥିଲା। ବିଜେଡିର ୪୮ ଜଣ, କଂଗ୍ରେସର ୧୪ ଏବଂ ସିପିଆଇ(ଏମ୍)ର ଜଣେ ଓ ୨ ଜଣ ବିଜେଡିରୁ ନିଲମ୍ବିତ ବିଧାୟକ ରହିଛନ୍ତି। ଭାଜପାର ୮୨ ଖଣ୍ଡ ଭୋଟ୍ ମଧ୍ୟରୁ ମନମୋହନ ସାମଲଙ୍କୁ ୩୫ ଏବଂ ସୁଜିତ କୁମାରଙ୍କୁ ୩୫ ଖଣ୍ଡ ଭୋଟ୍ ମିଳିଥିଲା ଏବଂ ଦିଲୀପଙ୍କୁ ୧୨ ଖଣ୍ଡ ପ୍ରଥମ ପ୍ରସନ୍ଦ ଭୋଟ ମିଳିଥିଲା। ଗୋଟିଏ ଭୋଟ୍ ମୂଲ୍ୟ ୧୦୦ ଲେଖା ଧରିଲେ ସୁଜିତ୍ ଓ ମନମୋହନ ୩୫୦୦ ଲେଖାଏ ପ୍ରଥମ ପସନ୍ଦ ଭୋଟ୍ ପାଇଲେ। ସେହିପରି ବିଜେଡିରୁ ସଂତୃପ୍ତ ମିଶ୍ର ପ୍ରଥମ ପସନ୍ଦ ଭାବେ ୩୧୦୦ ଭୋଟ୍ ପାଇଲେ। ଦତ୍ତେଶ୍ୱର ଏବଂ ଦିଲୀପଙ୍କୁ ପ୍ରଥମ ପସନ୍ଦ ଭାବେ ୨୩୦୦ ଲେଖାଏ ଭୋଟ୍ ମିଳିଥିଲା। ଫଳରେ ଉଭୟଙ୍କ ପ୍ରଥମ ପସନ୍ଦ ଭୋଟ୍ ସମାନ ହେବାପରେ ଦ୍ୱିତୀୟ ପସନ୍ଦ ଭୋଟ୍ ଗଣତି କରାଯିବାର ନିୟମ ରହିଛି। ସେହି ଅନୁଯାୟୀ ଦିଲୀପ ଏବଂ ଦତ୍ତେଶ୍ୱରଙ୍କ ଦ୍ୱିତୀୟ ପସନ୍ଦ ଭୋଟ୍ ଗଣତି ଆରମ୍ଭ ହୋଇଥିଲା। ଦ୍ୱିତୀୟ ପସନ୍ଦ ଗଣତିର ନିୟମ ହେଉଛି, ସୁଜିତ୍ ଏବଂ ମନମୋହନଙ୍କୁ ବିଜୟୀ ହେବା ଲାଗି ଆବଶ୍ୟକତା ଥିଲା ୨୯୪୧ ଭୋଟ୍ ମାତ୍ର ସେମାନେ ୩୫୦୦ ଲେଖା ଭୋଟ୍ ପାଇଥିଲେ। ଫଳରେ ମନମୋହନ ଏବଂ ସୁଜିତ୍ ପାଇଥିବା ୩୫୦୦ ଲେଖା ଭୋଟ୍‌ରୁ ବିଜୟୀ ହେବାକୁ ଥିବା ୨୯୪୧ ଭୋଟ୍ ବିୟୁକ୍ତ(-) କରାଯାଇଥିଲା। ଉଭୟଙ୍କ ପାଖରେ ରହିଥିବା ଅଧିକା ୫୫୯ ଲେଖାଏ ଦ୍ୱିତୀୟ ପସନ୍ଦର ଭୋଟ୍ ଭାବେ ଦିଲୀପଙ୍କ ଖାତାରେ ମିଶିଥିଲା। ଅର୍ଥାତ୍ ୫୫୯+୫୫୯ =୧୧୧୮ ଖଣ୍ଡ ଭୋଟ୍ ଦ୍ୱିତୀୟ ପସନ୍ଦ ଭାବେ ଦିଲୀପଙ୍କ ଖାତାକୁ ଯାଇଥିଲା। ଫଳରେ ଦିଲୀପ ପାଇଥିବା ୨୩୦୦ ପ୍ରଥମ ପସନ୍ଦ ଭୋଟ୍ ସହ ୧୧୧୮ ଖଣ୍ଡ ଭୋଟ୍ ମିଶିଯାଇଥିଲା। ତାଙ୍କ ଭୋଟ୍ ସଂଖ୍ୟା ୩୪୧୮ ଖଣ୍ଡରେ ପହଞ୍ଚିଥିଲା ଏବଂ ସେ ବିଜୟୀ ହୋଇଥିଲେ। ଦତ୍ତେଶ୍ୱରଙ୍କ ଦ୍ୱିତୀୟ ପସନ୍ଦ ଭୋଟ୍ ଆଉ ଗଣତି କରିବାକୁ ପଡ଼ି ନ ଥିଲା। ଅନ୍ୟପଟେ ଦତ୍ତେଶ୍ୱରଙ୍କୁ ମିଳିବାକୁ ଥିବା ଭୋଟ୍ ମଧ୍ୟରୁ ପାଖାପାଖି ୯୦୦ ଭୋଟ୍ କ୍ରସ୍ ହୋଇ ଦିଲୀପଙ୍କ ଖାତାକୁ ପ୍ରଥମ ପସନ୍ଦ ଭୋଟ୍ ଭାବେ ଯାଇଥିଲା।

## ମର୍ନିଂ ୱାକ୍ ବେଳେ...

ବିଭାଗ କର୍ମଚାରୀ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଥିବା ବେଳେ ଗୁରୁତରଙ୍କୁ ଭୁବନେଶ୍ୱର ମେଡିକାଲ ପଠାଇଥିଲେ। କିନ୍ତୁ ସେଠାରେ ଡାକ୍ତର ଉଭୟ ମହିଳାଙ୍କ ସମେତ କାର୍ ଡ୍ରାଇଭରଙ୍କୁ ମୃତ ଘୋଷଣା କରିଥିଲେ। କାର୍‌ରେ ଥିବା ଅନ୍ୟଜଣେ ଯୁବକ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି। ମୃତ ମହିଳା ଦୁଇଜଣ ସିଫା ନିକଟ ଅନ୍‌ମୋଲ କଲେଜ ପାର୍ଶ୍ୱ କଲୋନୀରେ ଭଡ଼ାଘରେ ରହୁଥିବା ସୂଚନା ମିଳିଛି। ପୋଲିସ ଘଟଣାସ୍ଥଳରୁ ଦୁର୍ଘଟଣାଗ୍ରସ୍ତ କାର୍ ଜବତ କରିଥିବା ବେଳେ ମୃତା ବବିଲତା ସାହୁଙ୍କ ପୁତୁରା ସତ୍ୟପ୍ରକାଶ ସାହୁଙ୍କ ଲିଖିତ ଅଭିଯୋଗକ୍ରମେ ଥାନା କେସ୍ ନମ୍ବର ୧୭୬/୨୬ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଥାନାଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ କହିଛନ୍ତି।

## ମହିଳା ଶ୍ରମିକଙ୍କ...

ଦିଗରୁ ଆସୁଥିବା ଏକ ଟ୍ରକ୍ ସୂର୍ଯ୍ୟମଣୀଙ୍କୁ ଧକ୍କା ଦେଇ ଉପରେ ମାଡ଼ି ଯାଇଥିଲା। ଫଳରେ ଘଟଣାସ୍ଥଳରେ ସୂର୍ଯ୍ୟମଣୀଙ୍କ ମୃତ୍ୟୁ ଘଟିଛି। ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଥିଲେ। ଫଳରେ ମାଲବାହୀ ଟ୍ରକ୍ ଅଟକି ରହିଥିବା ଯୋଗୁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ସଦର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। କିଛିଦିନ ପୂର୍ବେ ସୂର୍ଯ୍ୟମଣୀଙ୍କ ସ୍ୱାମୀ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି।

## ବିଜୁ ନବୀନ...

ଦେବାକୁ ହାଇକୋର୍ଟଙ୍କୁ ନିବେଦନ କରାଯାଇଛି। ସେହିପରି ଟ୍ରଷ୍ଟର ଆକାଉଣ୍ଟ, ଡୋନୋର ରେକର୍ଡ, ବ୍ୟାଙ୍କ କାରବାର ଓ ବ୍ୟୟ ଆଦି ଉପରେ ଫାଇନାନ୍‌ସିଆଲ ଓ ଫୋରେନ୍‌ସିକ୍ ଅଡିଟ ନିର୍ଦ୍ଦେଶ ଦିଆଯାଉ। ଟ୍ରଷ୍ଟ ରାଜନୈତିକ ଉଦ୍ଦେଶ୍ୟରେ ବ୍ୟବହୃତ ହେଉଛି କି ନାହିଁ ଏବଂ ଅର୍ଥନୈତିକ ଅନିୟମିତତା, ଆଇନ ଉଲ୍ଲଂଘନ ଓ କୌଣସି ପ୍ରକାର ଅପବ୍ୟବହାର ହେଉଥିବା ଜଣାଗଲେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଆଦେଶ ଦେବାକୁ ଆବେଦନକାରୀ ମହାନ୍ତି ତାଙ୍କ ଆବେଦନରେ ଦର୍ଶାଇଛନ୍ତି।

## ବୁଡ଼ିଯାଇ ପ୍ରାଣ...

ଜ୍ୟୋତିଶଙ୍କରଙ୍କୁ ପାଇ ନ ଥିଲେ। ସେହି ବାଟଦେଇ ଯାଉଥିବା ଲୋକମାନେ ଜ୍ୟୋତିଶଙ୍କରଙ୍କୁ ଉଦ୍ଧାର କରି ନୀଳଗିରି ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ ହେଁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ପ୍ରଚାରିତ ହେବା ପରେ ତାଙ୍କ ପରିବାର ଲୋକେ ଦୁଃଖରେ ଭାଙ୍ଗିପଡିଛନ୍ତି। ୧୫ରୁ ଊର୍ଦ୍ଧ୍ୱ ବର୍ଷ ହେଲା ଏଠାରେ ପଥରଖାଦାନ କରି ଛାଡି ଦିଆଯାଇଛି। ଏହି ପଥର ଖାଦାନରେ ପୂର୍ବରୁ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ତୁରନ୍ତ ଉକ୍ତ ସ୍ଥାନରେ ବ୍ୟାରିକେଡ ତିଆରି ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଗିରିଜା ବଳୀୟାରସିଂହ...

ଧନ୍ୟବାଦ ଦେଉଛି ବୋଲି ସେ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କର 'ଏକ୍ସ' ଆକାଉଣ୍ଟରେ ଗିରିଜାଙ୍କୁ ଶୁଭେଚ୍ଛା ଜଣାଇବା ସହ ଉଲ୍ଲେଖ କରିଛନ୍ତି ଯେ, ଆପଣଙ୍କର ଏହି ଉପଲବ୍ଧି ଓଡ଼ିଆ ସାହିତ୍ୟକୁ ଜାତୀୟ ସ୍ତରରେ ନୂତନ ପରିଚୟ ପ୍ରଦାନ କରିଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆପଣଙ୍କର ଉଜ୍ଜ୍ୱଳ ଭବିଷ୍ୟତ ଓ ଉତ୍ତରୋତ୍ତର ଉନ୍ନତି କାମନା କରୁଛି। ସେହିପରି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏବଂ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମଧ୍ୟ 'ଏକ୍ସ'ରେ ଗିରିଜାଙ୍କ ଏହି କାଳଜୟୀ ସାରସ୍ୱତ ସାଧନା ଓ ଓଡ଼ିଆ ସାହିତ୍ୟକୁ ତାଙ୍କର ଅତୁଳନୀୟ ଅବଦାନ ପାଇଁ ଅଭିନନ୍ଦନ ତଥା ଶୁଭେଚ୍ଛା ଜଣାଇଛନ୍ତି। ଏଥିସହ ତାଙ୍କର ଏହି ସଫଳତା ଓଡ଼ିଶାର ସାହିତ୍ୟ ଆକାଶକୁ ଆହୁରି ଉଜ୍ଜ୍ୱଳ କରିଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତାଙ୍କର ସୁସ୍ଥ ଜୀବନ ଓ ନିରନ୍ତର ସାହିତ୍ୟ ସୃଷ୍ଟି ପାଇଁ ପ୍ରାର୍ଥନା କରୁଛି ବୋଲି ଉଲ୍ଲେଖ କରିଛନ୍ତି। ରାଜ୍ୟର କବି, ସାହିତ୍ୟିକ ଏବଂ ପାଠିକାପାଠକଙ୍କଠାରୁ ଗିରିଜାଙ୍କୁ ଶୁଭେଚ୍ଛା ବାର୍ତ୍ତାର ସୁଅ ଛୁଟୁଛି। ସୂଚନାଯୋଗ୍ୟ, ୨୪ଟି ଭାରତୀୟ ଭାଷାରେ ଏହି ପୁରସ୍କାର ଦିଆଯାଉଥିବାବେଳେ ୨୦୨୫ ବର୍ଷ ସକାଶେ ୮ଟି କବିତା ପୁସ୍ତକ, ୪ଟି ଉପନ୍ୟାସ, ୬ଟି କ୍ଷୁଦ୍ରଗଳ୍ପ, ୨ଟି ପ୍ରବନ୍ଧ, ୧ଟି ସାହିତ୍ୟ ସମାଲୋଚନା ପୁସ୍ତକ, ୧ଟି ଆତ୍ମଜୀବନୀ ଏବଂ ଦୁଇଟି ସ୍ମରଣିକା ଏହି ପୁରସ୍କାର ନିମନ୍ତେ ମନୋନୀତ କରାଯାଇଛି।

## 'ୱାନ୍ ବ୍ୟାଟଲ୍...

ଭାବେ ସାନ୍ ପେନ୍ ଏବଂ ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ପଲ୍ ଥୋମାସ୍ ଆଣ୍ଡରସନ୍ ପୁରସ୍କୃତ ହୋଇଛନ୍ତି। 'ୱାନ୍ ବ୍ୟାଟଲ୍ ଆଫ୍ଟର ଆନାଦର' ମୋଟ ୧୩ଟି ନୋମିନେଶନରୁ ୬ଟିରେ ଓସ୍କାର ପୁରସ୍କାର ପାଇଛି। ଶ୍ରେଷ୍ଠ ଚଳଚ୍ଚିତ୍ର ଏବଂ ଶ୍ରେଷ୍ଠ ନିର୍ଦ୍ଦେଶନା ସମେତ ବିଭିନ୍ନ ପ୍ରମୁଖ ବିଭାଗରେ ସିନର୍ସ ନିର୍ଦ୍ଦେଶକ ର୍ୟାନ୍ କୁଗ୍‌ଲାର ଏବଂ ୱାନ୍ ବ୍ୟାଟଲ୍ ଆଫ୍ଟର ଆନାଦର ନିର୍ଦ୍ଦେଶକ ଆଣ୍ଡରସନ୍‌ଙ୍କ ମଧ୍ୟରେ ଜୋର୍‌ଦାର ପ୍ରତିଯୋଗିତା ହୋଇଥିଲା। ଉଭୟ କ୍ଷେତ୍ରରେ ଆଣ୍ଡରସନ୍ ଆଗରେ ରହିଥିଲେ।

ପୁରସ୍କାର ବିତରଣ ଉତ୍ସବ ମଞ୍ଚରେ ଜିଭିଏର୍ ବାର୍ଡେମ୍‌ଙ୍କ ସହ ଭାରତୀୟ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଜୋନାସ୍ ଉପସ୍ଥିତ ରହି ଶ୍ରେଷ୍ଠ ଅନ୍ତର୍ଜାତୀୟ ଫିଚର ଫିଲ୍ମ ପୁରସ୍କାର ପ୍ରଦାନ କରିଥିଲେ। ଓସ୍କାର ସ୍ମୃତିଚାରଣ ବିଭାଗରେ ବଲିଉଡ୍ ଲିଜେଣ୍ଡ ଧର୍ମେନ୍ଦ୍ରଙ୍କ ନାମ ନ ଥିଲା। ସେହିପରି ଭାରତୀୟ-ଆମେରିକୀୟ ଚଳଚ୍ଚିତ୍ର ନିର୍ମାତା ଗୀତା ଗାନ୍ଧିଭିର ୨ଟି ମନୋନୟନ ମଧ୍ୟରୁ କୌଣସିଟିରେ ବିଜୟୀ ହୋଇ ନ ଥିଲେ। ଶିଳ୍ପପତି ମୁକେଶ ଅମ୍ବାନୀଙ୍କ ଝିଅ ଇଶା ଅମ୍ବାନୀ ତାଙ୍କ ସ୍ୱାମୀ ଆନନ୍ଦ ପିରାମାଲଙ୍କ ସହ ଓସ୍କାର ପୁରସ୍କାର ବିତରଣ ଉତ୍ସବରେ ଯୋଗଦେଇଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଏକାଦଶ ସ୍ଥାନରେ ଚନ୍ଦ୍ର ସମେତ ଚତୁଃଗ୍ରହ ଯୋଗ କାରଣରୁ ପ୍ରତ୍ୟେକ ଦିଗରୁ ଲାଭବାନ୍ ହେବେ। ସନ୍ତାନଙ୍କ କୃତି ଓ କୃତିତ୍ୱରୁ ଖୁସିହେବା ସହ ବନ୍ଧୁ ପରିଜନଙ୍କ ପ୍ରୀତିଭାଜନ ହୋଇପାରନ୍ତି। ଯେକୌଣସି ଗୁରୁତ୍ୱପୂର୍ଣ୍ଣ ଆଲୋଚନାର ଶେଷ ପର୍ଯ୍ୟାୟରେ ରାହୁଙ୍କ ପ୍ରଭାବରେ ଅଶାନ୍ତ ପରିସ୍ଥିତି ସୃଷ୍ଟି ହୋଇପାରେ।

**ବୃଷ**
ରାଶ୍ୟାଧିପତି ବାଧକାଧିପ ସଂସ୍ପର୍ଶରେ ରହିଥିବାରୁ ରୋଗପୀଡ଼ାଜନିତ ସ୍ୱାସ୍ଥ୍ୟହାନି କିମ୍ବା ପାରିବାରିକ କଳହର ସୂଚନା ରହିଛି। ଭଲ ସମ୍ପର୍କ ଥିବା ନିକଟ ସମ୍ପର୍କୀୟ ବନ୍ଧୁଙ୍କ ସହ ଭୁଲ୍ ବୁଝାମଣା ସୃଷ୍ଟି ହୋଇପାରେ। କୌଣସି ମୂଲ୍ୟବାନ୍ ଜିନିଷ କିଣିବା ସକାଶେ ଧାର କରିବାକୁ ପଡ଼ିବା ସମ୍ଭାବନା ରହିଛି।

**ମିଥୁନ**
ରାହୁଙ୍କ ସହ ଚନ୍ଦ୍ରଙ୍କ ସଂଯୋଗ କାରଣରୁ ଶ୍ରୁତିକଟୁ ଭାଷା ପ୍ରୟୋଗକରି ସମାଲୋଚିତ ହେବେ। ଗୁରୁ କ୍ଷେତ୍ରସ୍ଥ ଶନିଙ୍କ ପ୍ରଭାବରେ ସଂଗଠନ, ରାଜନୀତି, ଆଇନ, ଅଦାଲତରେ ଲକ୍ଷ୍ୟ ହାସଲକରିବେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ଟଙ୍କାପଇସାକୁ କେନ୍ଦ୍ରକରି କଳହ ଘଟିପାରେ।

**କର୍କଟ**
ରାଶ୍ୟାଧିପ ଦୁଃସ୍ଥାନଗତ ହୋଇ ପାପଯୁକ୍ତ କାରଣରୁ ମାନସିକ ସୁସ୍ଥତା ପୂର୍ଣ୍ଣମାତ୍ରାରେ ରହିନପାରେ। ପରିସ୍ଥିତି ଆପଣଙ୍କ ଚିନ୍ତାଧାରାକୁ ବିଗାଡ଼ିଦେବ। ବନ୍ଧୁମାନେ ସାହାଯ୍ୟ ବଦଳରେ ସ୍ୱାର୍ଥହାନି ଆଶଙ୍କାରେ ଦୂରେଇଯିବେ। ବାଣିଜ୍ୟ, କଳା, ସାହିତ୍ୟ, ଚଳଚ୍ଚିତ୍ର, ପ୍ରେସ୍ ଓ ପବ୍ଲିକେଶନ କ୍ଷେତ୍ରରେ ଆଶା ପୂରଣ ହୋଇପାରିବ।

**ସିଂହ**
ସପ୍ତମଭାବସ୍ଥ ଏକାଧିକ ଗ୍ରହ ଯୋଗୁ ବିବାଦୀୟ କ୍ଷେତ୍ରରେ ପରାସ୍ତ ହୋଇପାରନ୍ତି। ଆଜିର ଯାତ୍ରା ସଙ୍ଗକୁ ବାଣିଜ୍ୟ ବ୍ୟବସାୟ କ୍ଷେତ୍ର ସମସ୍ୟାବହୁଳ ହୋଇପାରେ। ପାରିବାରିକ ସ୍ତରରେ ବଦ୍‌ଖର୍ଚ୍ଚ ରୋକିବା ପାଇଁ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିପାରନ୍ତି। ଅତି ଭଲ ସମ୍ପର୍କ ରହିଥିବା ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁନାହିଁ।

**କନ୍ୟା**
ଉଚ୍ଚସ୍ଥ ଶୁକ୍ର ପାପଗ୍ରହ ଯୁକ୍ତହୋଇଥିବାରୁ ଆପଣ ମନୋରଞ୍ଜନ କାର୍ଯ୍ୟକ୍ରମ ପୂର୍ଣ୍ଣତଃ ଉପଭୋଗ୍ୟ ହୋଇପାରିବନାହିଁ। ଆବଶ୍ୟକତାନୁଯାୟୀ ନୂତନ ବସ୍ତ୍ରାଳଙ୍କାର, ଯାନବାହନାଦି କ୍ରୟକରିବା ସକାଶେ ମାନସିକ ପ୍ରସ୍ତୁତି ଚଳାଇପାରନ୍ତି। ଆତ୍ମୀୟଙ୍କ ଦୁଃଖିତ ମନକୁ ସାନ୍ତ୍ୱନା ଦେବାକୁ ଯାଇ ପରିବାରରେ ଟଣାଓଟରା ଲାଗିଯିବ।

**ତୁଳା**
କୋଣଭାବସ୍ଥ ଏକାଧିକ ଗ୍ରହ ବୌଦ୍ଧିକ ସହାୟତା ପ୍ରଦାନକରି ସମସ୍ୟାମୁକ୍ତ ହେବାରେ ସାହାଯ୍ୟ କରିବେ। ବ୍ୟୟଭାର କ୍ରମଶଃ କମି କମି ଆସିବ ତଥାପି ବାଣିଜ୍ୟ ଓ ପରିବହନରେ ପ୍ରତିବନ୍ଧକ ଦେଖାଦେବ। ଅବସାଦଜନିତ ସ୍ୱାସ୍ଥ୍ୟ ବିଗିଡ଼ିବ। କର୍ମକ୍ଷେତ୍ରରେ ସ୍ଥାନ ବଦଳିବା କାରଣରୁ ସାମୟିକ ବିବ୍ରତ ହୋଇପାରନ୍ତି।

**ବିଚ୍ଛା**
ଅଷ୍ଟମସ୍ଥ ବୃହସ୍ପତି ଭାଗ୍ୟାଧିପଙ୍କୁ ଅବଲୋକନ କରୁଥିବାରୁ ସବୁ ସୁବିଧା ଥାଇ ମଧ୍ୟ ସୁଯୋଗ ହରାଇପାରନ୍ତି। ବ୍ୟତିକ୍ରମ ମଧ୍ୟରେ କାମ ହାସଲ କରିବେ। ବନ୍ଧୁଙ୍କ ସହାୟତାରେ ବକେୟା ଅର୍ଥ ଆଦାୟରେ ସକ୍ଷମ ହେବେ। ଉଚ୍ଚ ପଦାଧିକାରୀଙ୍କ ପୃଷ୍ଠପୋଷକତାରୁ ଅଭିଳଷିତ ସ୍ଥାନକୁ ସ୍ଥାନାନ୍ତର ସମ୍ଭବ ହୋଇପାରେ।

**ଧନୁ**
ଭାଗ୍ୟସ୍ଥାନକୁ ଏକାଧିକଗ୍ରହ ଦୃଷ୍ଟି ଦେଉଥିବାରୁ ଆପଣଙ୍କ ଆଶା ଓ ଅଭିଳାଷ ପୂରଣ ହେବ। ସ୍ଥଗିତ କାମ ପଡ଼ୋଶୀଙ୍କ ସହଯୋଗରେ ସମ୍ପନ୍ନ ହୋଇଯିବ। କୌଣସି କାର୍ଯ୍ୟ ସକାଶେ ଅର୍ଥର ଆବଶ୍ୟକତାକୁ ନେଇ ଦୂର ସମ୍ପର୍କୀୟ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ସଂଗଠନ, ରାଜନୀତି, ସାହିତ୍ୟ, ପ୍ରଶାସନିକ ସ୍ତରରେ ସମସ୍ୟା ଉପୁଜିବ।

**ମକର**
ମୁଖଭାବସ୍ଥ ଗ୍ରହ ପ୍ରଭାବରେ କର୍ମକ୍ଷେତ୍ର ଠିକ୍ ରହିଥିଲେ ମଧ୍ୟ କେତେକ ଅହେତୁକ ଚିନ୍ତାଧାରା ମନକୁ ବିବ୍ରତକରିବ। ଆପୋସ ଆଲୋଚନାରେ ପାରିବାରିକ ସମସ୍ୟା ସମାଧାନ ହେବ। ଆନୁଷ୍ଠାନିକ କାମ, ସାଂଗଠନିକ ସଭା ତଥା ପ୍ରଶାସନିକ କ୍ଷେତ୍ର ଉନ୍ନତ ରହିବ। ଅର୍ଥ କାରବାରରେ ବନ୍ଧୁଙ୍କ ସହ ସୁସମ୍ପର୍କ ପୂର୍ବଭଳି ରହି ନ ପାରେ।

**କୁମ୍ଭ**
ତୃତୀୟ ଅଷ୍ଟମାଧିପତି ଧନ ସ୍ଥାନରେ ଥିବାରୁ ଅର୍ଥକୁ କେନ୍ଦ୍ରକରି ବିବାଦର ସମ୍ମୁଖୀନ ହେବେ। ଉଦ୍ୟୋଗ କାର୍ଯ୍ୟ ଜୋର୍‌ସୋର୍‌ରେ ଆଗେଇ ଚାଲିବ। ଜମିଜମା କାରବାର, ସରକାରୀ ସୂତ୍ରରୁ ଅର୍ଥ, ଧାର୍ମିକ କାର୍ଯ୍ୟ ପ୍ରଭୃତିରେ ଆଶାନୁରୂପ ସଫଳତା ପାଇବେ। କିନ୍ତୁ ବାଣିଜ୍ୟ, ବ୍ୟବସାୟ, ପରିବହନରେ ସାମାନ୍ୟ ପ୍ରତିବନ୍ଧକର ସୂଚନା ରହିଛି।

**ମୀନ**
ରାଶ୍ୟାଧିପ କେନ୍ଦ୍ର ସ୍ଥାନରେ ରହିଥିବାରୁ ପାରିବାରିକ ଏବଂ କର୍ମକ୍ଷେତ୍ର ସମସ୍ୟାମୁକ୍ତ ରହିବ। ପ୍ରଶାସନ, ରାଜନୀତି, ସାମ୍ବାଦିକତା, ସଭାସମିତି କ୍ଷେତ୍ରରେ ଅନିଶ୍ଚିତତା ଅନୁଭୂତ ହେବ। ବୃହସ୍ପତି ଧାର୍ମିକ ଚେତନା ସୃଷ୍ଟିକରି ଆପଣଙ୍କୁ ଆଧ୍ୟାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ କରିପାରନ୍ତି।

ଆଜି ମାର୍ଚ୍ଚ ୧୭ ତାରିଖ, ଚୈତ୍ର କୃଷ୍ଣ ତ୍ରୟୋଦଶୀଯୁକ୍ତ ଚତୁର୍ଦ୍ଦଶୀ ମଙ୍ଗଳବାର, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ବାରୁଣୀ ସ୍ନାନ, ଚୈତ୍ର ମଙ୍ଗଳବାର ଓଷା। ରାଶିନକ୍ଷତ୍ର-ଶତଭିଷା/କୁମ୍ଭ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୮।୫୬ ଗତେ ଘ.୧୦।୪୩ ମଧ୍ୟେ, ଘ.୦୧।୦୬ ଗତେ ଘ.୦୧।୨୪ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୫୪ ଗତେ ଘ.୦୪।୨୩ ମଧ୍ୟେ ରାହୁକାଳ।

# ୧୧ କ୍ରସ୍ ଭୋଟିଂରେ ଦିଲୀପ ଜିତିଲେ


ରମେଶ ଜେନା


ସୋଫିଆ ଫିର୍ଦ୍ଦୋଶ


ଦାଶରଥି ଗମାଙ୍ଗ


ସନାତନ ମହାକୁଡ


ଅରବିନ୍ଦ ମହାପାତ୍ର


ନବ କିଶୋର ମଲ୍ଲିକ


ଦେବୀ ରଞ୍ଜନ ତ୍ରିପାଠୀ


ଚକ୍ରମଣି କହଁର


ସୌଭିକ ବିଶ୍ୱାଳ


ସୁବାସିନୀ ଜେନା


ରମାକାନ୍ତ ଭୋଇ

ଭୁବନେଶ୍ୱର, ୧୬।୩(ସୁନିତ୍ ମିଶ୍ର)

ଓଡ଼ିଶାର ୪ ରାଜ୍ୟ ସଭା ଆସନରେ ସୋମବାର ଅନୁଷ୍ଠିତ ହୋଇଥିବା ନିର୍ବାଚନରେ କ୍ରସ୍ ଭୋଟିଂକୁ ନେଇ ରାଜ୍ୟ ରାଜନୀତି ଜୋର୍ ଧରିଛି। କଂଗ୍ରେସର ୩ ବିଧାୟକ ରମେଶ ଜେନା, ଦାଶରଥି ଗମାଙ୍ଗ ଏବଂ ସୋଫିଆ ଫିର୍ଦ୍ଦୋସ କ୍ରସ୍ ଭୋଟିଂ କରିଥିବା ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତ ଚରଣ ଦାସ ଅଭିଯୋଗ କରିଛନ୍ତି। ସେହିପରି ବିଜେଡିର ୮ ବିଧାୟକ କ୍ରସ୍ ଭୋଟିଂ କରିଥିବା ବିଜେଡି ଏଜେଣ୍ଟ ତଥା ବିଧାୟକ ପ୍ରତାପ କେଶରୀ ଦେବ ଅଭିଯୋଗ ଆଣିଛନ୍ତି। ତାଙ୍କ କହିବାନୁଯାୟୀ, ବିଜେଡି ବିଧାୟକ ଚକ୍ରମଣି କହଁର, ନବ କିଶୋର ମଲ୍ଲିକ, ରମାକାନ୍ତ ଭୋଇ, ସୌଭିକ ବିଶ୍ୱାଳ, ଦେବୀ ରଞ୍ଜନ ତ୍ରିପାଠୀ, ସୁବାସିନୀ ଜେନା କ୍ରସ୍ ଭୋଟିଂ କରିଛନ୍ତି। ସେହିପରି ଦଳରୁ ନିଲମ୍ବିତ ହୋଇଥିବା ସନାତନ ମହାକୁଡ ଏବଂ ଅରବିନ୍ଦ ମହାପାତ୍ର ଦଳୀୟ ହ୍ୱିପ୍‌କୁ ନ ମାନି ଭାଜପା ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ହୋଇଥିବା ଦିଲୀପ ରାୟଙ୍କ ସପକ୍ଷରେ ଭୋଟ୍ ଦେଇଥିବା ପ୍ରତାପ କହିଛନ୍ତି। ଫଳରେ କଂଗ୍ରେସ ଏବଂ ବିଜେଡିର ୧୧ ବିଧାୟକଙ୍କ କ୍ରସ୍ ଭୋଟିଂ ଯୋଗୁ ଦିଲୀପ ସହଜରେ ବିଜୟୀ ହୋଇପାରିଛନ୍ତି।

ନିଲମ୍ବିତ ୨ ବିଧାୟକ ସନାତନ ଏବଂ ଅରବିନ୍ଦ କ୍ରସ୍ ଭୋଟିଂ କରିବେ ବୋଲି ପୂର୍ବରୁ ଅନୁମାନ କରାଯାଉଥିଲା। ସେହିପରି ଚକ୍ରମଣି କହଁର ଏବଂ ନବ କିଶୋର ମଲ୍ଲିକ ମଧ୍ୟ ଗତ ୩ ଦିନ ହେଲା ଦଳ ସହିତ ଯୋଗାଯୋଗରେ ନ ଥିଲେ। ଏହି ୨ ବିଧାୟକଙ୍କ ମଧ୍ୟରୁ ଚକ୍ରମଣି କହଁର ଭୋଟ୍ ଦେବା ପରେ ଗଣମାଧ୍ୟମ ପକ୍ଷରୁ ଯେତେବେଳେ କାହାକୁ ଭୋଟ୍ ଦେଲେ ବୋଲି ପଚରାଗଲା ସେ ଦୌଡ଼ିବା ଆରମ୍ଭ କରିଥିଲେ। ଏପରି କି ସୌଭିକଙ୍କୁ ମଧ୍ୟ ଦଳ ତରଫରୁ ଅନେକ ବୁଝାଶୁଝା କରିବା ସତ୍ତ୍ୱେ ସେ ଶେଷ ପର୍ଯ୍ୟନ୍ତ ଦଳୀୟ ବୈଠକକୁ ଆସୁ ନ ଥିଲେ। ତେଣୁ ତାଙ୍କ ଭୋଟ୍ ମଧ୍ୟ ଦଳ ସମର୍ଥନରେ ଠିଆ ହୋଇଥିବା ସ୍ୱାଧୀନ ପ୍ରାର୍ଥୀ ଡା. ଦତ୍ତେଶ୍ୱର ହୋତାଙ୍କୁ ମିଳିବନି ବୋଲି ବିଜେଡି ଅନୁମାନ କରୁଥିଲା।

ସବୁଠାରୁ କୌତୂହଳର ବିଷୟ ଥିଲା, ଦେବୀ, ସୁବାସିନୀ ଏବଂ ରମାକାନ୍ତଙ୍କ କ୍ରସ୍ ଭୋଟିଂ କରିବାର ଶୈଳୀ। ଏହି ୩ ଜଣ ଭୋଟିଂ ପୂର୍ବ ପର୍ଯ୍ୟନ୍ତ ଅନ୍ୟମାନଙ୍କ ଭଳି ନବୀନ ନିବାସ ଯାଉଥିଲେ, ଦଳ ସହିତ ଯୋଗାଯୋଗରେ ରହିଥିଲେ। ଶ୍ରୀମନ୍ଦିରରୁ ନବୀନ ନିବାସକୁ ରବିବାର ଆସିଥିବା ଜଗନ୍ନାଥଙ୍କ ନାକଚଣା ମଧ୍ୟ ଛୁଇଁ ଏହି ୩ ବିଧାୟକ ଦଳୀୟ ସମର୍ଥିତ ପ୍ରାର୍ଥୀଙ୍କୁ ଭୋଟ୍ ଦେବେ ବୋଲି ପ୍ରତିଜ୍ଞା କରିଥିଲେ। ମାତ୍ର ଦେବୀ, ସୁବାସିନୀ ଏବଂ ରମାକାନ୍ତ ତାଙ୍କ ପ୍ରଥମ ପସନ୍ଦ ଭୋଟ୍ ଦିଲୀପଙ୍କ ସପକ୍ଷରେ ଦେଇ ବାହାରକୁ ଆସିଥିଲେ। ଏହାପରେ ଦେବୀ ରଞ୍ଜନ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଥିଲେ, ସେ ଦିଲୀପ ରାୟଙ୍କୁ ଭୋଟ୍ ଦେଇଛନ୍ତି। ଅଣକଂଗ୍ରେସ ଆନ୍ଦୋଳନର ନେତୃତ୍ୱ ନେଇଥିବା ସମସ୍ତଙ୍କ ପାଇଁ ସେ ତାଙ୍କ ବିବେକାନୁମୋଦିତ ଭୋଟ୍ ଦେଇଛନ୍ତି। ଯେହେତୁ କଂଗ୍ରେସ ସହ ଅସାଧୁ ମେଣ୍ଟ କରାଯାଇଥିଲା ଏବଂ ତାଙ୍କ ମତାମତ ଲୋଡ଼ା ଯାଇ ନ ଥିଲା ସେଥିଲାଗି ସେ ଦିଲୀପଙ୍କୁ ଭୋଟ୍ ଦେଇଥିବା କହିଛନ୍ତି। ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳଙ୍କ ପୁତ୍ର ବିଧାୟକ ସୌଭିକ ବିଶ୍ୱାଳ ଭୋଟ୍ ଦେବାପରେ ତାଙ୍କ ବାପାଙ୍କୁ ବହିଷ୍କାର କରାଯିବା କଥା ସହିତ ଆହୁରି ଅନେକ ପ୍ରସଙ୍ଗ କହି ବିଜେଡି ଉପରେ ବର୍ଷିଥିଲେ।

କଂଗ୍ରେସ ବିଧାୟକ ରମେଶ ଜେନା ମଧ୍ୟ ଗତ ୩ ଦିନ ହେଲା ଦେଖା ଦେଉ ନ ଥିବା ସତ୍ତ୍ୱେ ଦଳ ତରଫରୁ ତାଙ୍କ ସହ ଯୋଗାଯୋଗ ନ ହୋଇପାରିବା ନେଇ କିଛି କୁହାଯାଉ ନ ଥିଲା। ମାତ୍ର ଦାଶରଥି ଗମାଙ୍ଗଙ୍କ ଅନୁପସ୍ଥିତି ନେଇ ବାରମ୍ବାର କୁହାଯାଉଥିଲା। ଉଭୟ ଦାଶରଥି ଏବଂ ରମେଶ ପାଖାପାଖି ସମୟରେ ଭୋଟ୍ ଦେବାକୁ ବିଧାନସଭାର ୫୪ ନମ୍ବର ରୁମ୍ ପାଖରେ ପହଞ୍ଚିଥିଲେ। ଉଭୟ ଯେତେବେଳେ ଦିଲୀପଙ୍କ ସପକ୍ଷରେ ଭୋଟ୍ ଦେଉଥିବା କଂଗ୍ରେସର ଏଜେଣ୍ଟ ଥିବା ପିସିସି ସଭାପତିଙ୍କୁ ଦେଖାଇଲେ ଭକ୍ତ ଏହାକୁ ବିରୋଧ କରିଥିଲେ। ଭକ୍ତ ନିଜ ସ୍ଥାନରେ ଠିଆ ହୋଇ ଉଭୟ ବିଧାୟକ ଦଳୀୟ ହ୍ୱିପ୍ ମାନି ନ ଥିବାରୁ ସେମାନଙ୍କ ଭୋଟ୍ ନାକଚ ହେଉ ବୋଲି ଦାବି କରିଥିଲେ। ମାତ୍ର ରାଜ୍ୟ ମୁଖ୍ୟ ନିର୍ବାଚନ କମିଶନର ଆର୍. ସନ୍ଥ ଗୋପାଳନ ରାଜ୍ୟ ସଭା ଭୋଟିଂରେ ଦଳୀୟ ହ୍ୱିପ୍ ନ ଥିବା ଦର୍ଶାଇ ଉଭୟଙ୍କୁ ଭୋଟ୍ ଦେବାକୁ ସୁଯୋଗ ଦେଇଥିଲେ। ଦାଶରଥି ଏବଂ ରମେଶ ଭୋଟ୍ ଦେଇ ଆସିବାପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଥିଲେ, ସେମାନେ ଯାହାକୁ ଭୋଟ୍ ଦେବା କଥା ଦେଇଛନ୍ତି। ଦଳ ନିର୍ଦ୍ଦେଶ ଅନୁଯାୟୀ ଭୋଟ୍ ଦେଇଥିବା କହି ଚାଲିଯାଇଥିଲେ। ଏହାପରେ ବିଧାୟିକା ସୋଫିଆ ଫିର୍ଦ୍ଦୋସ ମଧ୍ୟ ଦିଲୀପଙ୍କ ସପକ୍ଷରେ ଭୋଟ୍ ଦେବା ସମୟରେ ଭକ୍ତ ଏହାକୁ ବିରୋଧ କରିଥିଲେ। ପରବର୍ତ୍ତୀ ସମୟରେ ଭକ୍ତ ଦାସ ୩ ଜଣଙ୍କ ନାଁ ନେଇ ବର୍ଷିବା ସହିତ ସେମାନଙ୍କ ସଭ୍ୟ ପଦ ରଦ୍ଦ ଲାଗି ଯାହା ଆଇନଗତ ପଦକ୍ଷେପ ରହିଛି ତାକୁ ଗ୍ରହଣ କରିବେ ବୋଲି କହିଛନ୍ତି। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମଧ୍ୟ ଗଣମାଧ୍ୟମକୁ ଆସି କହିଛନ୍ତି, ଯେଉଁମାନେ ଆଜି କ୍ରସ୍ ଭୋଟିଂ କରିଛନ୍ତି ସେମାନଙ୍କ ବାପାମାନଙ୍କ ନାଁରେ କ୍ରିମିନାଲ ରେକର୍ଡ ରହିଛି ଏବଂ ସେମାନେ ଜେଲ ଯାଇଥିଲେ। ଭାଜପା ଘୋଡ଼ା ବେପାର କରୁଛି ବୋଲି ଯାହା ଅଭିଯୋଗ କରୁଥିଲେ, ତାହା ପ୍ରମାଣିତ ହୋଇଛି। ବିରୋଧୀ ଦଳର ବିଧାୟକମାନଙ୍କୁ ନିଜ ସପକ୍ଷରେ ନେବା ଲାଗି ଭାଜପା ଅସାଧୁ ଉପାୟ ଅବଲମ୍ବନ କରିଛି ବୋଲି ନବୀନ କହିଛନ୍ତି।

ମିଳିଥିବା ସୂଚନା ମୁତାବକ, ଏହି ସମସ୍ତ ୧୧ ବିଧାୟକଙ୍କ କ୍ରସ୍ ଭୋଟିଂ କାରଣରୁ ବିଜେଡି, କଂଗ୍ରେସ ଏବଂ ସିପିଆଇ(ଏମ୍) ପକ୍ଷରୁ ମିଳିତ ସ୍ୱାଧୀନ ପ୍ରାର୍ଥୀ ହୋତାଙ୍କୁ ପରାଜୟର ସ୍ୱାଦ ଚାଖିବାକୁ ପଡ଼ିଛି। ବିଜେଡି ଓ କଂଗ୍ରେସର ସଂଖ୍ୟା ଥିବା ସତ୍ତ୍ୱେ ୧୧ ବିଧାୟକଙ୍କ କ୍ରସ୍ ଭୋଟିଂ ପାଇଁ ଦିଲୀପ ରାୟ ବିଜୟ ଲାଭ କରିଛନ୍ତି।

# ନବଙ୍କୁ ନେଇ କମ୍ପିଲା ବିଧାନସଭା

**ରାଜ୍ୟ ସଭା ଭୋଟ କଳି**

ଭୁବନେଶ୍ୱର, ୧୬।୩(ରବିନାରାୟଣ ଜେନା)


ସୋମବାର ବିଧାନସଭାରେ ରାଜ୍ୟ ସଭା ନିର୍ବାଚନ ବେଳେ ବିଧାୟକ ନବ କିଶୋର ମଲ୍ଲିକଙ୍କ ମତଦାନକୁ ନେଇ ଭାଜପା ଏବଂ ବିଜେଡି ପକ୍ଷରୁ ଗୋଡ଼ାଗୋଡ଼ି।

ରାଜ୍ୟ ସଭା ନିର୍ବାଚନର ଭୋଟ ଗ୍ରହଣ ବେଳେ ସୋମବାର ଅପରାହ୍ନରେ ବିଧାନସଭାରେ ଏକ ଅଭାବନୀୟ ଦୃଶ୍ୟ ପରିଲକ୍ଷିତ ହୋଇଛି। କେହି କିଛି ବୁଝିବା ପୂର୍ବରୁ ମନ୍ତ୍ରୀ, ବିଧାୟକମାନଙ୍କ ଗୋଡ଼ାପଳା ଦୃଶ୍ୟ ସାଙ୍ଗକୁ ମାରଧର ଏବଂ ଠେଲାପେଲା ଉପସ୍ଥିତ ସୁରକ୍ଷାକର୍ମୀ ଏବଂ ସଦସ୍ୟଙ୍କ ମଧ୍ୟରେ ଏକପ୍ରକାର ଭୟର ବାତାବରଣ ସୃଷ୍ଟି କରିଛି। ପରିସ୍ଥିତି ଏପରି ହୋଇଥିଲା ଯେ ଜଣେ ବିଜେଡି ବାହାର ସମର୍ଥକଙ୍କ ଶାର୍ଟ ଚିରିଥିବାବେଳେ ଭାଜପା ସଦସ୍ୟଙ୍କୁ ଠେଲାପେଲା ପର୍ଯ୍ୟନ୍ତ କଥା ଯାଇଛି।

ସକାଳ ୯ଟାରେ ଭୋଟିଂ ଆରମ୍ଭ ହେବା ପରେ ମତଦାନ ପ୍ରକ୍ରିୟା ସୁରୁଖୁରୁରେ ଚାଲିଥିଲା। ଅପରାହ୍ନ ପ୍ରାୟ ୨ଟାବେଳକୁ ଏକ ଅପ୍ରୀତିକର ପରିସ୍ଥିତି ଦେଖିବାକୁ ମିଳିଥିଲା। ଜୟଦେବ ନିର୍ବାଚନମଣ୍ଡଳୀର ବିଜେଡି ବିଧାୟକ ନବ କିଶୋର ମଲ୍ଲିକ ଜଣେ ବାହାର ଲୋକଙ୍କ ସହ ଭୋଟଦେବାକୁ ମତଦାନ କେନ୍ଦ୍ର(୫୪ ନମ୍ବର ପ୍ରକୋଷ୍ଠ) ଭିତରକୁ ପଶିବା ନେଇ ବିଜେଡି ବିଧାୟକ ଓ ଅନ୍ୟ ସଦସ୍ୟ(ତନ୍ମୟ ସ୍ୱାଇଁ) ବିରୋଧ କରିଥିଲେ। ଏହି ସମୟରେ ନବଙ୍କୁ ଭାଜପା ବିଧାୟକମାନେ ଭୋଟଦାନ କକ୍ଷକୁ ଟାଣି ନେବାକୁ ଉଦ୍ୟମ କରିଥିଲେ। ଏହାକୁ ନେଇ ପ୍ରଥମେ ବିଜେଡି ଓ ଭାଜପା ବିଧାୟକଙ୍କ ମଧ୍ୟରେ କଥା କଟାକଟି ଓ ପରେ ଠେଲାପେଲା ହୋଇଥିଲା। ନବ ମଲ୍ଲିକଙ୍କୁ ନେଇ ଦୁଇ ଦଳର ବିଧାୟକମାନଙ୍କ ମଧ୍ୟରେ ଏକପ୍ରକାର ମୁହାଁମୁହିଁ ପରିସ୍ଥିତି ଉପୁଜିଥିଲା।

ବିଜେଡି ବିଧାୟକ ତୁଷାରକାନ୍ତି ବେହେରା ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ଜଣେ ଅଜଣା ବ୍ୟକ୍ତି ନବଙ୍କୁ ଧରି ମତଦାନ କେନ୍ଦ୍ରକୁ ଆସିଥିଲେ। ଏହି ସମୟରେ ସେ ଭୋଟଦେବାକୁ ଲାଇନ୍‌ରେ ଛିଡ଼ା ହୋଇଥିବା ବେଳେ ତାଙ୍କ ହାତକୁ ଧରି ଭାଜପା ସଦସ୍ୟମାନେ ଟାଣିଥିଲେ। ଆମେ ତାଙ୍କୁ ଟଙ୍କା ଦେଇଛୁ, ତେଣୁ ଭୋଟଦେବା ଲାଗି ସେମାନେ ଚାପ ପକାଇଥିଲେ। ଏହାକୁ ନେଇ ବିଜେଡି ଓ ଭାଜପା ସଦସ୍ୟଙ୍କ ମଧ୍ୟରେ କଥା କଟାକଟି ପର୍ଯ୍ୟନ୍ତ ଯାଇଥିଲା। ଏହା ଗଣତନ୍ତ୍ରର ହତ୍ୟା ବୋଲି ତୁଷାରକାନ୍ତି କହିଛନ୍ତି। ଏତେ ସୁରକ୍ଷା ବଳୟ ଭିତରେ ବିଧାନସଭା ପରିସରକୁ ଜଣେ ଅଜଣା ବ୍ୟକ୍ତି କିଭଳି ପଶିଲେ ଏବଂ ଘୋଡ଼ା ବେପାର କଥା କହି ସେ ଅସନ୍ତୋଷ ଝାଡ଼ିଥିଲେ।

ଅନ୍ୟପକ୍ଷରେ ଭାଜପା ସଦସ୍ୟ ମନୋରଞ୍ଜନ ଦ୍ୟାନ ସାମନ୍ତରାୟ କହିଥିଲେ, ଆମେ ନବଙ୍କୁ କେବଳ ସୁରକ୍ଷା ଦେଇଛୁ। ବିଜେଡି ସଦସ୍ୟମାନେ ବରଂ ତାଙ୍କୁ ଧମକ ଚମକ ଦେଉଥିଲେ।

# ଦଳୀୟ ହ୍ୱିପ୍ ମାନିଲେନି କଂଗ୍ରେସର ୩ ବିଧାୟକ

**ଦଳ ପକ୍ଷରୁ ଦୃଢ଼ ପଦକ୍ଷେପ ନିଆଯିବ: ଭକ୍ତ**

ଭୁବନେଶ୍ୱର, ୧୬।୩(ରବିନାରାୟଣ ଜେନା)

ରାଜ୍ୟ ସଭା ନିର୍ବାଚନରେ ଏଥର ମଧ୍ୟ କଂଗ୍ରେସରେ ଗଡ଼ବଡ଼ ପରିଲକ୍ଷିତ ହୋଇଛି। କଂଗ୍ରେସ ବିଧାୟକ ଦାଶରଥି ଗମାଙ୍ଗ, ରମେଶ ଜେନା ଏବଂ ସୋଫିଆ ଫିର୍ଦ୍ଦୋସ ପାର୍ଟିର 'ହୁଇପ୍'କୁ ନ ମାନି କ୍ରସ୍ ଭୋଟିଂ କରିଛନ୍ତି। ରାଜ୍ୟ ସଭା ନିର୍ବାଚନରେ ଯେତେବେଳେ ଏହି ତିନି ବିଧାୟକ ଭୋଟ ଦେଉଥିଲେ ସେହି ସମୟରେ ନିୟମ ଅନୁଯାୟୀ, ମତଦାନ ପରେ ଦଳର ଏଜେଣ୍ଟ ତଥା ପିସିସି ସଭାପତି ଭକ୍ତ ଚରଣ ଦାସଙ୍କୁ ଦେଖାଉଥିଲେ। ହେଲେ ଏହି ତିନି ଜଣଯାକ ଦଳୀୟ ନିଷ୍ପତ୍ତି ବିରୋଧରେ ଯାଇ ଡା. ଦତ୍ତେଶ୍ୱର ହୋତାଙ୍କୁ ଭୋଟ ନ ଦେଇ ଅନ୍ୟ ପ୍ରାର୍ଥୀଙ୍କୁ ଦେଇଥିବାରୁ ଭକ୍ତ ରିଟର୍ନିଂ ଅଧିକାରୀ ସତ୍ୟବ୍ରତ ରାଉତଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହାକୁ ନେଇ ପିସିସି ସଭାପତି କହିଛନ୍ତି, ଆଇନ(ସିଡ୍ୟୁଲ-୧୦) ଅନୁଯାୟୀ ସମ୍ପୃକ୍ତ ତିନିଜଣଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସୂଚନାଯୋଗ୍ୟ, ରାଜ୍ୟ ସଭା ନିର୍ବାଚନକୁ ନେଇ ରାଜ୍ୟ କଂଗ୍ରେସ ପକ୍ଷରୁ ଏଥର ଅଧିକ ତତ୍ପରତା ପ୍ରକାଶ ପାଇଥିଲା। ପିସିସି ସଭାପତି ଦଳର ୧୪ ବିଧାୟକଙ୍କ ସହିତ ସିପିଆଇଏମ୍ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କୁ ଏକତ୍ର କରି ରଖିବାପାଇଁ ବହୁତ ଉଦ୍ୟମ କରିଥିଲେ। ୮ଜଣ ବିଧାୟକଙ୍କୁ ସାଙ୍ଗରେ ନେଇ ବେଙ୍ଗାଲୁରୁ ଯାଇଥିଲେ। ଏହାବାଦ୍ ଓଡ଼ିଶାରେ ରହିଥିବା ୬ଜଣ ବିଧାୟକଙ୍କ ମଧ୍ୟରୁ ୩ଜଣ ପାର୍ଟି କଥା ମାନି ନ ଥିଲେ।

ଭକ୍ତ କହିଛନ୍ତି, ଦାଶରଥି ଦଳପ୍ରତି ବିଶ୍ୱାସଘାତକତା କରିଛନ୍ତି। ରମେଶ ମୋତେ ଭେଟି ଦଳୀୟ ନିଷ୍ପତ୍ତିକୁ ସମ୍ମାନ ଦେବେ ବୋଲି କଥା ଦେଇଥିଲେ। ହେଲେ ସେ ଧୋକା ଦେଇଛନ୍ତି। ତାଙ୍କ ଭବିଷ୍ୟତକୁ ମଧ୍ୟ ଅନ୍ଧାରକୁ ଠେଲି ଦେଇଛନ୍ତି। ସେହିପରି ସୋଫିଆ ଝିଅଙ୍କ ବଡ଼ ଭବିଷ୍ୟତ ଥିବାବେଳେ ସେ ମଧ୍ୟ ଭୁଲ୍ ରାସ୍ତାରେ ଯାଇଛନ୍ତି। ସେମାନଙ୍କ ସଭ୍ୟପଦ ରଦ୍ଦ ପାଇଁ ବାଚସ୍ପତିଙ୍କୁ ଚିଠି ଲେଖିବୁ। ଆବଶ୍ୟକ ପଡ଼ିଲେ ସୁପ୍ରିମକୋର୍ଟ ଯିବୁ ବୋଲି ଭକ୍ତ କହିଛନ୍ତି।

ସେ କହିଛନ୍ତି, ଏମାନେ ଗଣମାଧ୍ୟମ ସମ୍ମୁଖରେ କଥା ହେଲାବେଳେ ସିଂହ ଭଳି ହେଉଛନ୍ତି, ମାତ୍ର କାର୍ଯ୍ୟରେ ମୂଷା ଓ ଛେଳି ଭଳି ବିକ୍ରି ହୋଇଯାଉଛନ୍ତି। ଅନ୍ୟପକ୍ଷରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି, ଘୋଡ଼ା ବେପାର ପଶିଯିବାରୁ ବିଧାୟକମାନେ ଏଭଳି ଭାବେ ନିୟମ ବିରୋଧ କାର୍ଯ୍ୟ କରିଛନ୍ତି। ସେମାନଙ୍କ ସଭ୍ୟପଦ ରଦ୍ଦ କରାଯିବ।

# ଉପାସନାଙ୍କ ପାଇଁ ମତଦାନ ବାଧାପ୍ରାପ୍ତ

ଭୁବନେଶ୍ୱର, ୧୬।୩(ରବିନାରାୟଣ ଜେନା)

ରାଜ୍ୟ ସଭା ନିର୍ବାଚନ ବେଳେ ଭାଜପା ବିଧାୟିକା ଉପାସନା ମହାପାତ୍ରଙ୍କ ଯୋଗୁ ମତଦାନ ପ୍ରକ୍ରିୟାରେ ବାଧା ଉପୁଜିଥିଲା। ଫଳରେ ଧାଡିରେ ବିଧାୟକମାନଙ୍କୁ ଅଧିକ ସମୟ ପର୍ଯ୍ୟନ୍ତ ଛିଡା ହେବାକୁ ପଡିଥିଲା। ତେବେ ଉପାସନାଙ୍କ କହିବା ଅନୁଯାୟୀ, ପେନ୍ ଚାଲି ନ ଥିବାରୁ ବାଲଟ ପେପରରେ ଦୁଇଥର ଲେଖିଛନ୍ତି। ତେଣୁ ତାଙ୍କୁ ଆଉଥରେ ମତଦାନ କରିବା ପାଇଁ ବାଲଟ ପେପର ଦିଆଯାଉ। ଏହାକୁ ନେଇ ଭାଜପା, ବିଜେଡି ଓ କଂଗ୍ରେସ ସଦସ୍ୟଙ୍କ ମଧ୍ୟରେ ତର୍କ-ବିତର୍କ ଆରମ୍ଭ ହୋଇଥିଲା।

ବିରୋଧୀଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ରାଜ୍ୟ ସଭା ପ୍ରାର୍ଥୀ ଡା. ଦତ୍ତେଶ୍ୱର ହୋତା, ସଂତୃପ୍ତ ମିଶ୍ର, ବିଧାୟକ ପ୍ରତାପ ଦେବ, ରମେଶ ବେହେରା ପ୍ରମୁଖ ରିଟର୍ନିଂ ଅଧିକାରୀ ଏବଂ ପର୍ଯ୍ୟବେକ୍ଷକଙ୍କଠାରେ ଆପତ୍ତି ଉଠାଇଥିଲେ। ସେମାନେ କହିଥିଲେ ଯେ, ଯଦି ପେନ୍ ନ ଚାଲିଲା ତେବେ ପୋଲିଂ ଅଧିକାରୀଙ୍କୁ ଜଣାଇ ପାରିଥାନ୍ତେ। ମାତ୍ର ସେ ତାକୁ ଡ୍ୟାମେଜ କରି ଆଉ ଗୋଟେ ଫର୍ମ କ'ଣ ପାଇଁ ମାଗିଲେ। ଅନ୍ୟପକ୍ଷରେ ଭାଜପା ପକ୍ଷରୁ ଏହାର କାଉଣ୍ଟର ରଖାଯାଇଥିଲା। ଏହାକୁ ନେଇ କିଛି ସମୟ ପର୍ଯ୍ୟନ୍ତ ବାକ୍‌ବିତଣ୍ଡା ଲାଗି ରହିଥିଲା। ପରେ ଉପାସନାଙ୍କୁ ରିଟର୍ନିଂ ଅଫିସର ଆଉ ଏକ ନୂତନ ଫର୍ମ ମତଦାନ ପାଇଁ ପ୍ରଦାନ କରିଥିଲେ। ପ୍ରଥମ ଫର୍ମଟି ଏକ 'ଲଫାଫା'ରେ ସିଲ୍ କରାଯାଇଥିଲା।


ରଷିକୁଲ୍ୟା ମୁହାଣରେ ସୋମବାର ଅଣ୍ଡାଦାନ ପାଇଁ ଆସିଥିବା ଅଲିଭ ରିଡ୍ଲେ।

# ବୃଦ୍ଧଙ୍କୁ ଦଳିଦେଲା ହାତୀ

**ଅଧିକାରୀଙ୍କୁ ଘାରିଲାଣି ବନ୍ୟପ୍ରାଣୀ ସୁରକ୍ଷା ଚିନ୍ତା**

ଭଞ୍ଜନଗର, ୧୬।୩(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ଘୁମୁସର ଉତ୍ତର ବନଖଣ୍ଡର ମୁଜାଗଡ ରେଞ୍ଜରେ ରବିବାର ଜଣେ ବୃଦ୍ଧଙ୍କୁ ହାତୀ ଦଳିଦେଇଛି। ସୋମବାର ସକାଳେ ଏହି ଘଟଣା ଜଣାପଡିଛି। ମୃତକ ହେଲେ ବାଇବାଲି ନୂଆସାହିର କୃପାସିନ୍ଧୁ ସ୍ୱାଇଁ (୭୭)। ରବିବାର ସନ୍ଧ୍ୟାରେ କୃପାସିନ୍ଧୁ ଗାଈ ଆଣିବାକୁ ଜଙ୍ଗଲକୁ ଯାଇଥିଲେ। ଏହି ସମୟରେ ହାତୀ ଦଳିଦେବାରୁ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। କୃପାସିନ୍ଧୁଙ୍କ ଡାହାଣ ଗୋଡ଼ରେ ପ୍ରବଳ ଆଘାତ ଚିହ୍ନ ରହିଛି। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ହସ୍ପିଟାଲକୁ ପଠାଇଛି। ବନ ବିଭାଗ ଏସିଏଫ, ରେଞ୍ଜର ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି।

ସୂଚନାଯୋଗ୍ୟ, ଘୁମୁସର ଉତ୍ତର ବନଖଣ୍ଡର ତାରସିଂ ରେଞ୍ଜ କଦଳୀଗଡ଼ ନିକଟରେ ଏକ ହାତୀ ମୃତ୍ୟୁ ଘଟିଥିଲା। ପ୍ରାୟ ୫ ଦିନ ଆଗରୁ ହାତୀର ମୃତ୍ୟୁ ହୋଇଥିଲେ ମଧ୍ୟ ବିଭାଗୀୟ କର୍ମଚାରୀମାନେ ରବିବାର ଏହା ଜାଣିଥିଲେ। ହାତୀ ମରିବା ଓ ମାରିବା ଘଟଣାକୁ ନେଇ ଜଙ୍ଗଲ, ବନ୍ୟପ୍ରାଣୀ ଓ ଜନଜୀବନ ସୁରକ୍ଷା ନେଇ ଅଧିକାରୀମାନଙ୍କୁ ଚିନ୍ତା ଘାରିଛି। ହାତୀ ସହ ଲୋକଙ୍କ ଫସଲ ସୁରକ୍ଷା ପାଇଁ ରାଜ୍ୟରେ ଗଜସାଥୀ ନିଯୁକ୍ତ ହେଉଛନ୍ତି। ଧାନ ଅମଳ ସମୟରେ ଏହି ନିଯୁକ୍ତି ଦିଆଯାଉଛି। ସରକାର ସେମାନଙ୍କୁ ମାସିକ ୫ ହଜାର ଟଙ୍କା ପ୍ରୋତ୍ସାହନ ରାଶି ଦେଉଛନ୍ତି। ଅକ୍ଟୋବରରୁ ଫେବୃଆରୀ ପର୍ଯ୍ୟନ୍ତ ସେମାନେ କାମ କରୁଛନ୍ତି। ଏହି କ୍ରମରେ ସମସ୍ତ ଗଜସାଥୀଙ୍କୁ ଗତ ଫେବୃଆରୀ ୨୮ରୁ ଛଟେଇ କରି ଦିଆଯାଇଛି। ଅନ୍ୟପଟେ ସ୍କ୍ୱାଡ୍ କର୍ମଚାରୀମାନେ ମଧ୍ୟ ସେମାନଙ୍କ ବିଭିନ୍ନ ଦାବିନେଇ ଭୁବନେଶ୍ୱରରେ ଆନ୍ଦୋଳନ ଚଳାଇଛନ୍ତି। ଏଭଳି ସ୍ଥିତିରେ ଜଙ୍ଗଲ, ବନ୍ୟପ୍ରାଣୀ ଓ ଜଙ୍ଗଲ ନିକଟବର୍ତ୍ତୀ ଲୋକେ ବର୍ତ୍ତମାନ ବିପଦରେ ରହିଥିବା ଜଣାପଡିଛି।

# ୧୭ରୁ ଆର୍‌ଟିଇ ନାମଲେଖା

- **ପ୍ରଥମ ପର୍ଯ୍ୟାୟରେ ୨୭୩୭୦ ଛାତ୍ରୀଛାତ୍ର ଚୟନ**
- **ନାମଲେଖା ପାଇଁ ଅର୍ଥ ନେଲେ ହେବ କାର୍ଯ୍ୟାନୁଷ୍ଠାନ**

ଭୁବନେଶ୍ୱର, ୧୬।୩(ବନ୍ଦନା ସେଠୀ)

ଶିକ୍ଷା ଅଧିକାର ଆଇନ (ରାଇଟ୍ ଟୁ ଏଜୁକେଶନ ବା ଆର୍‌ଟିଇ)-୨୦୦୯ ଅନ୍ତର୍ଗତ ଧାରା ୧୨(୧)(ଗ) ଅନୁଯାୟୀ ଆର୍ଥିକ ଅନଗ୍ରସର ଶ୍ରେଣୀ ପିଲାଙ୍କୁ ବେସରକାରୀ ବିଦ୍ୟାଳୟଗୁଡ଼ିକରେ ପ୍ରବେଶ ସ୍ତରରେ ନିଃଶୁଳ୍କ ଶିକ୍ଷା ପ୍ରଦାନ ନିମନ୍ତେ ବ୍ୟବସ୍ଥା କରାଯାଉଛି। ଏହି କ୍ରମରେ ଚଳିତ ଶିକ୍ଷାବର୍ଷ ପାଇଁ ପ୍ରଥମ ପର୍ଯ୍ୟାୟରେ ଫେବୃଆରୀ ୧୦ରୁ ମାର୍ଚ୍ଚ ୧୦ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ ପାରଦର୍ଶୀ ପୋର୍ଟାଲ ମାଧ୍ୟମରେ ଆବେଦନ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ୨୭,୩୭୦ଜଣ ଛାତ୍ରୀଛାତ୍ରଙ୍କୁ ଚୟନ କରାଯାଇଥିବାବେଳେ ମାର୍ଚ୍ଚ ୧୭ରୁ ୩୧ ମଧ୍ୟରେ ନାମ ଲେଖାଯିବ। ଏନେଇ ସୋମବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଚଳିତ ଶିକ୍ଷାବର୍ଷରେ ୪,୪୩୮ ବେସରକାରୀ ବିଦ୍ୟାଳୟରେ ୫୪,୩୫୫ ସିଟ୍ ପାଇଁ ମୋଟ୍ ୪୪,୭୬୭ ଅନ୍‌ଲାଇନ ଆବେଦନ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ବ୍ଲକ ଶିକ୍ଷା ଅଧିକାରୀମାନେ ମୂଳ ପ୍ରମାଣପତ୍ର ଯାଞ୍ଚ କରି ୩୫,୮୦୦ ଆବେଦନପତ୍ରକୁ ଯୋଗ୍ୟ ବିବେଚିତ କରିଥିଲେ। ଯୋଗ୍ୟ ଆବେଦନପତ୍ରଗୁଡ଼ିକୁ ପାରଦର୍ଶୀ ପୋର୍ଟାଲ (ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ, ଓଡ଼ିଶା) ପକ୍ଷରୁ କେନ୍ଦ୍ରୀୟ ଲଟେରି ମାଧ୍ୟମରେ ପ୍ରାଥମିକ ନିର୍ଦ୍ଦେଶକଙ୍କ ଦ୍ୱାରା ଚୟନ କରାଯାଇଥିଲା। ଆବେଦନ ମଧ୍ୟରୁ ୨୭,୩୭୦ ଛାତ୍ରୀଛାତ୍ରଙ୍କୁ ନାମଲେଖା ପାଇଁ ଲଟେରି ମାଧ୍ୟମରେ ଚୟନ କରାଯାଇଛି। ବ୍ଲକ ଶିକ୍ଷା ଅଧିକାରୀମାନେ ସମ୍ପୃକ୍ତ ବେସରକାରୀ ବିଦ୍ୟାଳୟଗୁଡ଼ିକୁ ଚୟନ ହୋଇଥିବା ଛାତ୍ରୀଛାତ୍ରଙ୍କ ନାମ ପ୍ରଦାନ କରିବେ। ଏହି ନାମଲେଖା ସମ୍ପୂର୍ଣ୍ଣ ନିଃଶୁଳ୍କ ଅଟେ ଏବଂ ବେସରକାରୀ ବିଦ୍ୟାଳୟଗୁଡ଼ିକ କୌଣସି ଅର୍ଥ ଅଭିଭାବକମାନଙ୍କଠାରୁ ନେଇପାରିବେ ନାହିଁ। ଏହାକୁ କୌଣସି ବିଦ୍ୟାଳୟ ଖିଲାପ କଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଭାଗ ପକ୍ଷରୁ ସୂଚାଇ ଦିଆଯାଇଛି। ଏଥିସହ ଏନେଇ ବିଭାଗ ପକ୍ଷରୁ ୧୮୦୦୩୪୫୬୭୨୨ ସହାୟତା ନମ୍ବର ଜାରି କରାଯାଇଛି।

# ସୁନ୍ଦରଗଡ଼ ଜିଲା ବାର୍ ଆସୋସିଏଶନ ନିର୍ବାଚନ ସ୍ଥଗିତ ଆଦେଶ

**ଆଇନଜୀବୀ ପରିଷଦ ପକ୍ଷରୁ କାରଣ ଦର୍ଶାଅ ନୋଟିସ୍**

କଟକ, ୧୬।୩(କାର୍ତ୍ତିକ ସାହୁ)

ସୁନ୍ଦରଗଡ଼ ଜିଲା ବାର୍ ଆସୋସିଏଶନର ଆସନ୍ତା ୨୮ ତାରିଖରେ ହେବାକୁ ଥିବା ନିର୍ବାଚନକୁ ଅନ୍ୟାଦେଶ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି। ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ଉକ୍ତ ବାର ଆସୋସିଏଶନର ନିର୍ବାଚନ ଅଧିକାରୀ ପ୍ରଦୀପ କୁମାର ପଟେଲ, ସଭାପତି ଧର୍ମେଶ କୁମାର ପଟେଲ ଓ ସମ୍ପାଦକ ବିଭୋର ଆନନ୍ଦ ପଟେଲଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ସୁନ୍ଦରଗଡ଼ ଜିଲା ବାର୍ ଆସୋସିଏଶନ ସଭାପତି, ସମ୍ପାଦକ ଏବଂ ନିର୍ବାଚନ ଅଧିକାରୀ ଜାଣିଶୁଣି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ପଠାଯାଇଥିବା ଫାଇନାଲ ଭୋଟର ଲିଷ୍ଟର ଅବଜ୍ଞା କରିଛନ୍ତି। ଏଥିସହ ବାର୍ ଆସୋସିଏଶନ ଦ୍ୱାରା ପ୍ରସ୍ତୁତ ଭୋଟର ତାଲିକାକୁ ଭିତ୍ତିକରି ନାମାଙ୍କନ ପ୍ରକ୍ରିୟା ସମ୍ପନ୍ନ କରିଥିବା ସେମାନଙ୍କ ବିରୋଧରେ ଅଭିଯୋଗ ହୋଇଛି। ସୂଚନାନୁସାରେ, ପରିଷଦ ପକ୍ଷରୁ ପ୍ରେରିତ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ପ୍ରକାଶିତ ଭୋଟର ତାଲିକାରେ ନାମ ନ ଥିବା ବ୍ୟକ୍ତି ନାମାଙ୍କନ କରିଛନ୍ତି। ଏହା ରାଜ୍ୟ ଆଇନଜୀବୀ ପରିଷଦ ନିର୍ବାଚନ ଆଇନ ତଥା ରାଜ୍ୟ ଆଇନଜୀବୀ ପରିଷଦର ନିର୍ଦ୍ଦେଶର ଉଲ୍ଲଂଘନ ଓ ବିରୁଦ୍ଧାଚରଣ। ଏହାକୁ ଦୃଷ୍ଟିରେ ରଖି ପରିଷଦର ଅଧ୍ୟକ୍ଷ ସିତାଂଶୁ ମୋହନ ଦ୍ୱିବେଦୀଙ୍କ ଆଦେଶ କାହିଁକି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବ ସେଥିପାଇଁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି।

"କେବଳ ନିଜର ବିଶ୍ୱାସକୁ ଜ୍ଞାନ ଏବଂ ଅନ୍ୟମାନଙ୍କ ବିଶ୍ୱାସକୁ ପ୍ରମାଦ ଅଜ୍ଞାନ ଆଉ ଭାଣ୍ଡାମି ବୋଲି ନିନ୍ଦା କରନା ଏବଂ କୌଣସି ସଂପ୍ରଦାୟର ବିଭିନ୍ନ ମତବାଦକୁ ଏବଂ ସେମାନଙ୍କ ଅସହିଷ୍ଣୁତାକୁ ମଧ୍ୟ ବିଦ୍ରୂପ କରନାହିଁ।-ଶ୍ରୀଅରବିନ୍ଦ

-ବାରୁଣୀ ସ୍ନାନ, ତାରାତାରିଣୀ ଯାତ୍ରା, ଶିବଚତୁର୍ଦ୍ଦଶୀ ଓ ବେଢ଼ା



# ଭାଗ୍ୟ ବଳରେ

କଟକସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଓ ହସ୍ପିଟାଲରେ ୧୫ ମାର୍ଚ୍ଚ ବିଳମ୍ବିତ ରାତ୍ରିରେ ଟ୍ରମା କେୟାର ଇଣ୍ଟେନସିଭ୍ କେୟାର ୟୁନିଟ (ଆଇସିୟୁ)ରେ ଅଗ୍ନିକାଣ୍ଡ ଘଟି ୧୦ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୪ ଜଣ ଗୁରୁତର ଆହତ ହୋଇଛନ୍ତି। ଶର୍ଟସର୍କିଟ ଯୋଗୁ ଏଭଳି ଦୁର୍ଘଟଣା ଘଟିଥିବା ପ୍ରାରମ୍ଭିକ ଭାବେ କୁହାଯାଇଥିଲା। ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି ଯେ, ଅଗ୍ନିକାଣ୍ଡ ଘଟିଥିବା ୟୁନିଟ୍‌ଠାରୁ ମାତ୍ର ୧୦୦ ମିଟର ଦୂରରେ ଅଗ୍ନିଶମ କାର୍ଯ୍ୟାଳୟ ରହିଛି। ଅଗ୍ନିଶମ କର୍ମଚାରୀ ସେଠାରେ ଅଧ ଘଣ୍ଟାଏ ପରେ ପହଞ୍ଚିଥିଲେ। ଶୁଣିବାକୁ ମିଳୁଛି ଯେ, ଅଗ୍ନିକାଣ୍ଡ ଘଟିବା ପରେ ତାହାକୁ ଲିଭାଇବା ପାଇଁ କର୍ମଚାରୀମାନେ ପ୍ରାରମ୍ଭିକ ପ୍ରଚେଷ୍ଟା କରି ବିଫଳ ହେବା ପରେ ଅଗ୍ନିଶମ କାର୍ଯ୍ୟାଳୟକୁ ଜଣାଇଥିଲେ। ଦୁର୍ଘଟଣା ଘଟିବା ପରେ ସାଇରନ ନ ବାଜିବା ଓ ସ୍ପ୍ରିଙ୍କଲର ବ୍ୟବସ୍ଥା ଅକାମି ଥିବା କୁହାଯାଉଛି। ଏସବୁ ଘଟଣାକୁ ଦେଖିଲେ ଦୁର୍ଘଟଣା ପଛରେ ଷଡ଼ଯନ୍ତ୍ର ଦିଗକୁ ମଧ୍ୟ ଅଣଦେଖା କରାଯାଇ ନ ପାରେ। ଏଥିସହିତ ସ୍ଥାନୀୟ ବିଦ୍ୟୁତ୍ କାର୍ଯ୍ୟାଳୟ ଏବଂ ଓଡ଼ିଶା ମେଡିକାଲ କର୍ପୋରେଶନ ଲିମିଟେଡ୍ (ଓଏମ୍‌ସିଏଲ୍) କର୍ମଚାରୀ ପରସ୍ପର ଉପରେ ଦୋଷ ଲଦାଲଦି ହେଉଥିବା ବିଷୟ ପଦାକୁ ଆସିଲାଣି। ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ ଭେଣ୍ଟିଲେଟରରୁ ନିଆଁ ଲାଗିଥିବା କହୁଥିବା ବେଳେ ଓଏମ୍‌ସିଏଲ୍ ପକ୍ଷରୁ ଶୀତତାପ ନିୟନ୍ତ୍ରିତ ଯନ୍ତ୍ରରେ ତ୍ରୁଟି ଯୋଗୁ ଏଭଳି ଦୁର୍ଘଟଣା ଘଟିଥିବା କୁହାଯାଉଛି। ଏଠି କିଏ ସତ କହୁଛନ୍ତି ତାହା ଜାଣିବା କଷ୍ଟକର। କାରଣ ତଦନ୍ତ ରିପୋର୍ଟ ଅନେକ ସମୟରେ ପ୍ରକୃତ କାରଣଠାରୁ ଦୂରେଇ ଯାଇ ଅସତ୍ୟ ତଥ୍ୟ ଦେଉଥିବା ଅତୀତର ଅନେକ ଘଟଣାରୁ ଜଣାପଡ଼ିଛି।

> କେବଳ ବଡ଼ ବଡ଼ କଥା ହୋଇପଡ଼ିଲାଣି ଭାରତୀୟମାନଙ୍କ ଚରିତ୍ର। ସମସ୍ତେ ନିଜର ଦାୟିତ୍ୱକୁ ପାସୋରି ଯାଇ କେବଳ ଅନ୍ୟ ଉପରେ ଦୋଷ ଲଦିବାରେ ବ୍ୟସ୍ତ। ଆଜି ଏହି ଦେଶରେ ସାଧାରଣ ନାଗରିକ ପ୍ରତିଟି ମୁହୂର୍ତ୍ତ ବଞ୍ଚିରହିଛି କେବଳ ତା'ର ଭାଗ୍ୟ ବଳରେ।

ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲକୁ ବିଶ୍ୱସ୍ତରୀୟ କରିବା ନେଇ ପ୍ରାଥମିକ ପର୍ଯ୍ୟାୟରେ ଏଥିଲାଗି ୪,୪୭୪ କୋଟି ଟଙ୍କା ବ୍ୟୟବରାଦ କରାଯାଇ ଏହାର ସମ୍ପ୍ରସାରଣ କାର୍ଯ୍ୟ ଜାରି ରହିଛି। ହେଲେ ଅଗ୍ନି ନିର୍ବାପକ ଭଳି ଅତି ଜରୁରୀ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରାଯାଇପାରୁ ନ ଥିବାରୁ ଏପରି ଅସ୍ୱାଭାବିକ ସ୍ଥିତି ଉପୁଜୁଛି। ଯଦି ଟ୍ରମା କେୟାର ଆଇସିୟୁ କଥା ଦେଖାଯାଏ ସେଠାରେ ସାଧାରଣତଃ ଗୁରୁତର ରୋଗୀମାନେ ଚିକିତ୍ସିତ ହୋଇଥାଆନ୍ତି। ଆରୋଗ୍ୟ ପାଇଁ ରୋଗୀଙ୍କ ଶରୀରରେ ବିଭିନ୍ନ ଯନ୍ତ୍ରପାତି ଲାଗିଥାଏ। ସେହି ୟୁନିଟ୍‌ରେ ନିଆଁ ଲାଗିଯିବା ମାତ୍ରେ ମୋଟା ଧୂଆଁ ତତ୍‌କ୍ଷଣାତ୍ କୋଠରିକୁ ବ୍ୟାପିଯାଇଥିଲା। ରୋଗୀଙ୍କୁ ଯେଉଁ ପରିସ୍ଥିତିରେ ରଖାଯାଇଥାଏ, ସେମାନେ ନିଜେ ବାହାରିବା ଅସମ୍ଭବ ବୋଲି କୁହାଯାଇପାରେ। ଟିକିଏ ଅତୀତକୁ ଦେଖିଲେ ଦେଶର ବିଭିନ୍ନ ହସ୍ପିଟାଲରେ ଅଗ୍ନିକାଣ୍ଡ ଯୋଗୁ ବହୁ ରୋଗୀଙ୍କ ମୃତ୍ୟୁ ଘଟିଥିବା ଖବର ରହିଛି। ରାଜସ୍ଥାନ ଜୟପୁରର ସୱାଇ ମାନସିଂ ହସ୍ପିଟାଲର ଟ୍ରମା କେୟାର ୟୁନିଟ୍‌ରେ ୬ ଅକ୍ଟୋବର ୨୦୨୫ରେ ଅଗ୍ନିକାଣ୍ଡ ଘଟିବାରୁ ଆଇସିୟୁରେ ଥିବା ୧୦ ଜଣ ରୋଗୀଙ୍କ ମୃତ୍ୟୁ ଘଟିଥିଲା। ଏହା ପୂର୍ବରୁ ୨୦୨୪ ନଭେମ୍ବର ୧୫ରେ ଉତ୍ତରପ୍ରଦେଶର ଝାନ୍‌ସୀସ୍ଥିତ ମହାରାଣୀ ଲକ୍ଷ୍ମୀବାଈ ମେଡିକାଲ କଲେଜରେ ନିଓନାଟାଲ ଇଣ୍ଟେନ୍‌ସିଭ୍ କେୟାର ୟୁନିଟ୍ (ଏନ୍‌ଆଇସିୟୁ)ରେ ଅଗ୍ନିକାଣ୍ଡ ଯୋଗୁ ୧୦ ନବଜାତକଙ୍କ ପ୍ରାଣ ଚାଲିଯାଇଥିଲା। ଗୁଜରାଟ ଭାରୁଚ୍‌ର ପଟେଲ ୱେଲଫେୟାର ହସ୍ପିଟାଲରେ ୧ ମେ ୨୦୨୧ରେ ଘଟିଥିବା ଅଗ୍ନିକାଣ୍ଡରେ ୧୮ ଜଣଙ୍କ ପ୍ରାଣ ଯାଇଥିଲା।

କଟକସ୍ଥିତ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ ସମେତ ଉପରଲିଖିତ ଡାକ୍ତରଖାନାଗୁଡ଼ିକ ଗୋଟିଏ ଶିକ୍ଷା ଦେଉଛି। ଘରୋଇ ହେଉ କିମ୍ବା ସରକାରୀ, ସମସ୍ତେ ନିଜର ପ୍ରସାର ଓ ପ୍ରଚାର ଦିଗରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ଏହାଫଳରେ ସର୍ବନିମ୍ନ ରକ୍ଷଣାବେକ୍ଷଣ ଓ ସୁରକ୍ଷାଠାରୁ ଧ୍ୟାନ ଦୂରେଇ ଯାଉଛି। ଏହାର ମୁଖ୍ୟ କାରଣ ହେଲା, ସାମ୍ପ୍ରତିକ ଭାରତରେ ପ୍ରଚାରସର୍ବସ୍ୱ କାର୍ଯ୍ୟ କଲେ ସମସ୍ତଙ୍କ ଦୃଷ୍ଟି ପଡ଼ିବ। ଉଦାହରଣ ସ୍ୱରୂପ ବନ୍ଦେ ଭାରତ ଟ୍ରେନ୍ ଆରମ୍ଭ କରାଯାଉଥିବା ବେଳେ ସାଧାରଣ ଯାତ୍ରୀବାହୀ ଓ ଏକ୍ସପ୍ରେସ୍ ଟ୍ରେନ୍ ବିଳମ୍ବିତ ହେବା ସହିତ ଅସୁରକ୍ଷିତ ଏବଂ ଅପରିଷ୍କାର ହୋଇପଡୁଛି। କେବଳ ବଡ଼ ବଡ଼ କଥା ହୋଇପଡ଼ିଲାଣି ଭାରତୀୟମାନଙ୍କ ଚରିତ୍ର। ସମସ୍ତେ ନିଜର ଦାୟିତ୍ୱକୁ ପାସୋରି ଯାଇ କେବଳ ଅନ୍ୟ ଉପରେ ଦୋଷ ଲଦିବାରେ ବ୍ୟସ୍ତ। ଆଜି ଏହି ଦେଶରେ ସାଧାରଣ ନାଗରିକ ପ୍ରତିଟି ମୁହୂର୍ତ୍ତ ବଞ୍ଚିରହିଛି କେବଳ ତା'ର ଭାଗ୍ୟ ବଳରେ।

# ବରିଷ୍ଠ ନାଗରିକଙ୍କୁ ତାଚ୍ଛଲ୍ୟ



ହରିଶଙ୍କର ମିଶ୍ର

ମନୁଷ୍ୟ ସ୍ୱାଭାବିକ ଜୀବନଚକ୍ରରେ ନିର୍ଦ୍ଦିଷ୍ଟ ବର୍ଷ ଅତିକ୍ରମ ପରେ ବୃଦ୍ଧାବସ୍ଥା ପ୍ରାପ୍ତହୁଏ। ଅନେକ ମାତାପିତା ବୃଦ୍ଧାବସ୍ଥାରେ ଅବହେଳାର ଶିକାର ହେଉଥିବା ଅନୁଭବକରି ମିଳିତ ଜାତିସଂଘ ସେମାନଙ୍କର ସମ୍ମାନଜନକ ସ୍ଥିତି ପାଇଁ ୬୦ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ବରିଷ୍ଠ ନାଗରିକ ଘୋଷଣା କରିବା ସହ ୧୯୯୯ରେ ସେମାନଙ୍କ ଲାଗି ସ୍ୱତନ୍ତ୍ର ଦୃଷ୍ଟିଦେବାକୁ ନିଷ୍ପତ୍ତି ନେଇଥିଲା। ସେଇ ନିର୍ଦ୍ଦେଶ ଆଧାରରେ ଆମ ଦେଶରେ ୨୦୦୭ରେ 'ମାତାପିତା ତଥା ବରିଷ୍ଠ ନାଗରିକଙ୍କ ଭରଣପୋଷଣ ଓ କଲ୍ୟାଣ ଅଧିନିୟମ' ପ୍ରଣୟନ ହେଲା। ୨୦୦୯ରେ ଆମ ରାଜ୍ୟରେ ଭରଣପୋଷଣରୁ ବଞ୍ଚିତ ହେଲେ ବିଚାର ପାଇଁ ପ୍ରାଧିକରଣ ଏବଂ ଅପିଲ ସହ ସାମାଜିକ ପୋଲିସ ବ୍ୟବସ୍ଥା କରାଯାଇ ପିଛିଲା ତାରିଖ ୧।୧୦।୨୦୦୮ରୁ ଏହି ନିୟମ କାର୍ଯ୍ୟକାରୀ କରାଯାଇଛି। ପୁନଶ୍ଚ ଏହି ନିୟମକୁ ବ୍ୟାପକ କରାଯାଇ ୨୦୧୬ରେ ବୟସ୍କ ନାଗରିକ ଅଧିନିୟମ ଅନୁସାରେ ସାମାଜିକ ସୁରକ୍ଷା ନାମରେ ଗୋଟିଏ ବିଭାଗ କାର୍ଯ୍ୟକାରୀ ହେଲା। ଏଥିପାଇଁ କେନ୍ଦ୍ର ଓ ରାଜ୍ୟରେ ଯଥାକ୍ରମେ 'ଅଭୟ' ଓ 'ଅବଦାନ' ନାମରେ ଦୁଇଟି ଯୋଜନା ମଧ୍ୟ କାର୍ଯ୍ୟକାରୀ କରାଯାଇଛି। ଅଧିନିୟମ ଅନୁଯାୟୀ ପ୍ରତ୍ୟେକ ଜିଲାର ଜିଲାପାଳଙ୍କ ସଭାପତିତ୍ୱରେ ଆରକ୍ଷୀ ଅଧୀକ୍ଷକ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ, ଅତିରିକ୍ତ ଜିଲାପାଳ, ଉପ ଜିଲାପାଳଙ୍କ ସହ ବିଭିନ୍ନ ବର୍ଗର ବ୍ୟକ୍ତିଙ୍କୁ ନେଇ ଗୋଟିଏ ସମନ୍ୱୟ କମିଟି ଗଠନ କରାଯାଇ ବର୍ଷ ମଧ୍ୟରେ ଅନ୍ୟୂନ ଚାରିଥର ବୈଠକ ହେବାର ନିୟମ ସହ ରାଜ୍ୟ ସ୍ତରରେ ଗଠିତ ଅନୁରୂପ କମିଟି ଏହାକୁ ସମୟଭିତ୍ତିକ ପର୍ଯ୍ୟବେକ୍ଷଣ କରିବାକୁ ନିୟମ ରହିଛି। ପ୍ରତ୍ୟେକ ବରିଷ୍ଠ ନାଗରିକ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ଦ୍ୱାରା ଅନୁବନ୍ଧିତ ହେବା ସହ ସ୍ଥାନୀୟ ପୋଲିସ ସମସ୍ତ ବରିଷ୍ଠ ନାଗରିକଙ୍କ ସହ ପ୍ରତ୍ୟକ୍ଷ ସମ୍ପର୍କ ସ୍ଥାପନ କରି ସେମାନଙ୍କ ସମସ୍ୟା ସମ୍ପର୍କରେ ଅବଗତ ହୋଇ ଆବଶ୍ୟକସ୍ଥଳେ ସହାୟତା ପ୍ରଦାନ କରିବାର ପ୍ରାବଧାନ ରହିଛି। ଏଥିପାଇଁ ଏକ ନିଃଶୁଳ୍କ ଫୋନ ନମ୍ବର ଅଛି। ଭରଣପୋଷଣରୁ ବଞ୍ଚିତ ବରିଷ୍ଠ ନାଗରିକ ଉପଜିଲାପାଳଙ୍କ ପାଖରେ ଆବେଦନ କଲେ ତା'ର ତ୍ୱରିତ୍ ବିଚାର କରାଯିବ। କିନ୍ତୁ ବରିଷ୍ଠ ନାଗରିକଙ୍କ ପାଇଁ ଥିବା ଏଭଳି କଲ୍ୟାଣକାରୀ ନିୟମ ସମସ୍ତ ସମ୍ପୃକ୍ତ ଅଧିକାରୀଙ୍କ ପାଖରେ ଗୌଣ ହୋଇଯାଉଛି। ଏହି ନିୟମ କିପରି ପରିପାଳନ କରାଯାଉଛି ଏବଂ ଏହା ଆଧାରରେ ସେମାନଙ୍କର ମାନସିକତାରେ କିଭଳି ପରିବର୍ତ୍ତନ ହୋଇଛି ସେ ସମ୍ପର୍କରେ ଏଯାବତ୍ କୌଣସି ପ୍ରତ୍ୟକ୍ଷ ସମୀକ୍ଷା ହୋଇନାହିଁ। ଏଥିପାଇଁ କିଏ ଉତ୍ତରଦାୟୀ ଯଦି ପ୍ରଶ୍ନ ହୁଏ ତେବେ ତା'ର ଉତ୍ତର ମଧ୍ୟ ମିଳି ନ ପାରେ।

ଆମ ରାଜ୍ୟରେ ବରିଷ୍ଠ ନାଗରିକଙ୍କ ସଂଖ୍ୟା ସମସ୍ତ ଲୋକ ସଂଖ୍ୟାର ୧୮ ରୁ ୨୦ ଶତାଂଶ। କିନ୍ତୁ ସେମାନଙ୍କ ପାଇଁ ଗଠିତ ଜିଲା ସ୍ତରୀୟ ସମନ୍ୱୟ କମିଟିର ନିୟମିତ ବୈଠକ ହୁଏନାହିଁ। ଅବହେଳିତ ହୁଅନ୍ତୁ ବା ନ ହୁଅନ୍ତୁ ଜଣେ ବରିଷ୍ଠ ନାଗରିକ କୌଣସି ପଦସ୍ଥ ଅଧିକାରୀଙ୍କଠାରୁ ଭଲମନ୍ଦର ଫୋନ ବାର୍ତ୍ତାଟିଏ ପାଇଲେ ସେ କେତେ ମାନସିକ ଶାନ୍ତି ପାଇବେ ତାହା ବୋଧହୁଏ ଆଗାମୀ ଦିନର ବରିଷ୍ଠ ନାଗରିକ ତଥା ବର୍ତ୍ତମାନର ପଦସ୍ଥ ଅଧିକାରୀଙ୍କ ମାନସିକତା ଗ୍ରହଣ କରିବାକୁ ଅକ୍ଷମ। ରାଜ୍ୟର କୌଣସି ଜିଲାପାଳ ଏହି ନିୟମ ଆଧାରରେ ବରିଷ୍ଠ ନାଗରିକଙ୍କ ନିକଟତର ହେବାକୁ ମାସିକ ବା ତ୍ରୈମାସିକ କାର୍ଯ୍ୟସୂଚୀ ପ୍ରସ୍ତୁତ କରିବା ଉଚିତ ମନେକରନ୍ତି ନାହିଁ। ରାଜ୍ୟର ବରିଷ୍ଠ ନାଗରିକଙ୍କ ମଧ୍ୟରୁ କେତେ ଶତାଂଶ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ପାଖରେ ଅନୁବନ୍ଧିତ ହୋଇଛନ୍ତି ଏବଂ ଥାନା ମାଧ୍ୟମରେ ମାସିକ କେତେ ବରିଷ୍ଠ ନାଗରିକଙ୍କ ସହ ସମ୍ପର୍କ ସ୍ଥାପନ ହୋଇଛି ତା'ର ବିଭାଗୀୟ ସମୀକ୍ଷା ହୁଏ ନାହିଁ। ବିଭାଗୀୟ ସଚିବ ବା ମନ୍ତ୍ରୀ ଏଥିପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦେଉଥିବା ଗଣମାଧ୍ୟମରେ ପ୍ରକାଶ ପାଏନାହିଁ। ସରକାର କେବଳ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନକୁ ଗୁରୁତ୍ୱ ଦିଅନ୍ତି। କିନ୍ତୁ ସେଇ ହିତାଧିକାରୀ ସମ୍ମୁଖୀନ ହେଉଥିବା ସାମାଜିକ ସମସ୍ୟା ପ୍ରତି ନଜର ଦିଅନ୍ତି ନାହିଁ। ଏହି ଯୋଜନାର ସଫଳ ରୂପାୟନ ପାଇଁ ପ୍ରଚଳିତ ଯୋଜନାରେ ପ୍ରାପ୍ତ ଅନୁଦାନକୁ କିଛି ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦ୍ୱାରା ସଚେତନତା କାର୍ଯ୍ୟକ୍ରମ ନାମରେ ହାତଗଣତି ବରିଷ୍ଠ ନାଗରିକଙ୍କୁ ସାମିଲ କରି ଗାମୁଛା, ଟୋପି ଏବଂ ଖାଦ୍ୟପେୟ ବାବଦରେ ଖର୍ଚ୍ଚ ଦର୍ଶାଯାଇଥାଏ। ହାତଗଣତି ବରିଷ୍ଠ ନାଗରିକଙ୍କ ଉପସ୍ଥିତିରେ ଧର୍ମକୁ ଆଖିଠାର ପରି ସଚେତନତା ବୈଠକ କରାଇ ଅନୁଦାନର ପୂର୍ଣ୍ଣ ବିନିଯୋଗ ପ୍ରମାଣପତ୍ର ଦିଆଯାଏ। ଏଥିରୁ ସ୍ପଷ୍ଟ ହୁଏ ଯେ ବରିଷ୍ଠ ନାଗରିକଙ୍କ ପାଇଁ ଉଦ୍ଦିଷ୍ଟ ଅନୁଦାନକୁ ସେମାନଙ୍କ ସମସ୍ୟା ଅନୁଧାନ ଓ ସମାଧାନ ଅପେକ୍ଷା ସ୍ୱେଚ୍ଛାସେବୀ ଅନୁଷ୍ଠାନର ଆର୍ଥିକ ଲାଭକୁ ଗୁରୁତ୍ୱ ଦିଆଯାଏ। ଏବେ ବି କୌଣସି ଡାକ୍ତରଖାନାରେ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ବା ଶ୍ରୀଜଗନ୍ନାଥ ଦର୍ଶନ ବ୍ୟବସ୍ଥା ଦାବିକୁ ଅଣଦେଖା କରୁଥିବା ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥ ଦର୍ଶନ ଯୋଜନା ମୂଳରେ ରାଜନୈତିକ ସଫଳତା ଉଦ୍ଦେଶ୍ୟ ସ୍ପଷ୍ଟ ହେଉଛି।



ସବୁଠାରୁ ସ୍ପର୍ଶକାତର କଥା ହେଉଛି ଏହି ଆଇନ ପ୍ରଣୟନ ପରେ କିଛି ସ୍ୱେଚ୍ଛାସେବୀ ସଂଗଠନ ବରିଷ୍ଠ ନାଗରିକଙ୍କ ଭରଣପୋଷଣ ନାମରେ ସରକାରୀ ଅନୁଦାନ ପାଇ ଜରାଶ୍ରମ ଖୋଲି ଆର୍ଥିକ ଲାଭ ପାଉଛନ୍ତି। ସେମାନେ ବରିଷ୍ଠ ନାଗରିକଙ୍କୁ ଖୋଜି ସମ୍ମୁଖୀନ ହେଉଥିବା ଭରଣପୋଷଣ ବା ଅନ୍ୟ ସମସ୍ୟା ସମାଧାନ ପରିବର୍ତ୍ତେ ଜରାଶ୍ରମରେ ରହିବାକୁ ପ୍ରବର୍ତ୍ତାଇଥାନ୍ତି। କିନ୍ତୁ ସେମାନଙ୍କ ଅଧିକାର ପାଇଁ କୌଣସି ଆଇନଗତ ପଦକ୍ଷେପ ନେଇଥିବାର ଦୃଷ୍ଟାନ୍ତ ନାହିଁ। ତେଣୁ ଏହି ଯୋଜନା କିଛି ବୃଦ୍ଧାବୃଦ୍ଧଙ୍କ ଅଧିକାର ପରିବର୍ତ୍ତେ ସେମାନଙ୍କୁ ନିଃସଙ୍ଗ ଜୀବନଯାପନ ପାଇଁ ଏକପ୍ରକାର ବାଧ କରୁଛି। କିଛି ଯୋଗ୍ୟ ପୁଅ ବୃଦ୍ଧ ମାତାପିତାଙ୍କ ସେବା ପରିବର୍ତ୍ତେ ଜରାଶ୍ରମରେ ଛାଡ଼ି ସ୍ୱଚ୍ଛନ୍ଦ ଜୀବନଯାପନ କରନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ଜରାଶ୍ରମରେ ଜୀବନ ବିତାଉଥିବା ବରିଷ୍ଠ ନାଗରିକମାନେ ନିଜ ପୁଅ ବୋହୂଙ୍କ ବିରୋଧରେ ଅଭିଯୋଗ ମଧ୍ୟ କରନ୍ତି ନାହିଁ। ତାଙ୍କର ଏହି ବିଶାଳ ହୃଦୟର ପରିଚୟ କିନ୍ତୁ ସେଇ ପୁଅ ବୋହୂଙ୍କୁ ପ୍ରଭାବିତ କରେନାହିଁ। ଆବଶ୍ୟକ ସ୍ଥଳେ ଆଇନ ଜାଲରୁ ମୁକୁଳିବାକୁ ମାତାପିତା ସ୍ୱଇଚ୍ଛାରେ ଜରାଶ୍ରମ ପସନ୍ଦ କରୁଥିବା ଲେଖାଇ ନିଅନ୍ତି। ପ୍ରଶାସନ ତରଫରୁ ମଧ୍ୟ କେବେ ତା'ର ସର୍ବେକ୍ଷଣ କିମ୍ବା ପ୍ରତିକାର କରାଯାଏ ନାହିଁ।

କିଛି ସଂଭ୍ରାନ୍ତ ବର୍ଗର ବରିଷ୍ଠ ନାଗରିକଙ୍କ ପୁଅବୋହୂ ବିଦେଶରେ ଚାକିରି ଯୋଗୁ ସେମାନେ ଅସହାୟ ଭାବରେ ରହୁଛନ୍ତି। ନିକଟରେ ବରିଷ୍ଠ ନାଗରିକଙ୍କ ହିତ ଦୃଷ୍ଟିରୁ ସରକାର ସେମାନଙ୍କ ପ୍ରତି ବିଦେଶରେ ଥିବା ପୁଅ ବୋହୂ ହତାଦର କରୁନାହାନ୍ତି ବୋଲି ଲିଖିତ ପ୍ରମାଣ ପତ୍ର ଆଧାରରେ ଭିଜାର ଅବଧି ବୃଦ୍ଧି କରିବେ ବୋଲି ନେଇଥିବା ନିଷ୍ପତ୍ତି ସ୍ୱାଗତଯୋଗ୍ୟ। କିନ୍ତୁ କେତେଜଣ ବ୍ୟକ୍ତି ସେଭଳି ବ୍ୟକ୍ତିଙ୍କୁ ଠାବକରି ସେମାନଙ୍କ ପାଇଁ ଦେୟଯୁକ୍ତ ଜରାଶ୍ରମ ପରିଚାଳନା କରି ସରକାରୀ ଜାଗା ହାତେଇ ବୋହୂପୁଅଙ୍କଠାରୁ ମୋଟା ଅଙ୍କର ଅର୍ଥ ସହ ବେସରକାରୀ ଚାନ୍ଦା ମଧ୍ୟ ପାଉଛନ୍ତି। ସେହି ବର୍ଗର ବ୍ୟକ୍ତିମାନେ ଅର୍ଥ ଓ ସ୍ୱାର୍ଥସର୍ବସ୍ୱ ମନୋଭାବ ସମ୍ପନ୍ନ ନିଜ ବୋହୂପୁଅଙ୍କ ପ୍ରତି ଥିବା ଅମାପ ସ୍ନେହ ଦୃଷ୍ଟିରୁ କେବେବି ତାଙ୍କ ପ୍ରତି ହେଉଥିବା ହତାଦରକୁ ଲିଖିତ ଭାବରେ ଦେବେନାହିଁ। କିନ୍ତୁ ଆଶ୍ଚର୍ଯ୍ୟ ଲାଗେ ଯେ ଜୀବନର ସାୟାହ୍ନରେ ପହଞ୍ଚିଥିବା ଏହି ବର୍ଗର ବ୍ୟକ୍ତିଙ୍କ ସୁରକ୍ଷା ପରିବର୍ତ୍ତେ ସେମାନଙ୍କ ଅସହାୟତାକୁ ପୁଞ୍ଜିକରି ଅଧିକାରୀ ଓ ବ୍ୟକ୍ତିବିଶେଷଙ୍କ ପାଇଁ ଅର୍ଥ ରୋଜଗାର ସୁଯୋଗ ସୃଷ୍ଟିକରିବା କେତେ ରୁଗ୍ଣ ମାନସିକତା ତାହା ବିଚାରଯୋଗ୍ୟ। ଏବେ ରାଜ୍ୟରେ ଶତାଧିକ ଦୀର୍ଘ ଅନୁଭୂତିସମ୍ପନ୍ନ ବରିଷ୍ଠ ନାଗରିକଙ୍କ ସଂଘ ରହିଥିବା ବେଳେ ସେମାନଙ୍କ ଅନୁଭବକୁ ରାଜ୍ୟର ପ୍ରଗତି ପାଇଁ ଉପଯୋଗ କରିବାକୁ ସରକାର ଗୁରୁତ୍ୱ ଦିଅନ୍ତି ନାହିଁ। ଅନେକ ବରିଷ୍ଠ ନାଗରିକଙ୍କ ସେବାରେ ଅବହେଳା କରୁଥିବା ଉତ୍ତର ଦାୟାଦଙ୍କୁ ପ୍ରଚଳିତ ଆଇନ ପରିସରରେ ଦୃଷ୍ଟାନ୍ତମୂଳକ ଦଣ୍ଡ ଦିଆଯାଏ ନାହିଁ। ତେଣୁ ଏହି ନିୟମ ବରିଷ୍ଠ ନାଗରିକଙ୍କ କଲ୍ୟାଣ ପରିବର୍ତ୍ତେ ବରିଷ୍ଠ ନାଗରିକଙ୍କୁ ତାଚ୍ଛଲ୍ୟ ନାମକରଣ ଯଥାର୍ଥ ମନେହୁଏ।

**ଗୁଣ୍ଡିଚା ବିହାର, ପୁରୀ**
**ମୋ: ୭୯୭୮୭୮୫୪୭୮**

# ଆଇନା ଓ ମଇନା



ଡ. ଦ୍ୱିତୀ ଚନ୍ଦ୍ର ସାହୁ

ଆଇନା ସବୁବେଳେ ସତ କହେ! ହୋଇଥିବ ବୋଧେ! ଏକଥା ସତ ବୋଲି ବି ମୋତେ ଲାଗିଲା। ଯଦିଓ ମୁଁ ସବୁବେଳେ ଆଇନା ଦେଖି ମୋ ରୂପ ସଜାଏ। ଆଇନା ସାମ୍ନାରେ ଠିଆ ହୋଇ ନିଜକୁ ନିଜେ ଦେଖେ। ମୋ ଭଳି ଆପଣମାନେ ବି କରୁଥିବେ ନିଶ୍ଚିତ। ସବୁବେଳେ ଲାଗୁଥିବ ଆଇନା କେତେ ଖାଣ୍ଟି ସତ କହେ। ମଣିଷ ତା'ର ପ୍ରତିଛବି ଜରିଆରେ ଅନେକ ସତକୁ ଆବିଷ୍କାର କରେ। ତେବେ ଏଇ ସାନ ଘଟଣାକୁ ପରଖିଲା ପରେ ସତ ପଛର ସତକୁ ଜାଣି ହେଲା ସହଜରେ।

ଗତ କିଛି ଦିନ ଧରି ସକାଳୁ ସକାଳୁ ଗୋଟେ ମଇନା ଘରର ବାଲ୍‌କୋନି ଭିତରକୁ ପଶି ଆସୁଛି। ବାଲ୍‌କୋନିର ଗୋଟେ କୋଣକୁ ଲାଗିଥିବା ଦର୍ପଣ ସାମ୍ନାରେ କିଛି ସମୟ ବସୁଛି। ହଠାତ୍ ଉଠିଯାଇ ନିଜ ଚଂଚୁରେ ଦର୍ପଣକୁ ଆଘାତ କରୁଛି। ଦର୍ପଣର ତଳୁ ଉପର ଘୂରି ଘୂରି ଏଭଳି କରି ଚାଲୁଛି। ପରେ କିଛି ସମୟ ନୀରବରେ ବସି ରହୁଛି ଦର୍ପଣ ସାମ୍ନାରେ। ପୁଣି ଥରେ ଚଂଚୁରେ ଆଘାତ ଦେବାକୁ ଲାଗି ପଡୁଛି। ସକାଳୁ ସକାଳୁ ଏଇ ଦୃଶ୍ୟ ମୋତେ ବିଚଳିତ କରିଦେଉଛି। ପ୍ରଥମେ ଏହା ମୋତେ ଆମୋଦ ଦେଉଥିଲା। କିନ୍ତୁ ନିୟମିତ ଆସି ଦର୍ପଣକୁ ଚଂଚୁରେ ଆଘାତ ଦେବା ମୋତେ ଅଧିକ ବିସ୍ମିତ କଲା। ଏହାକୁ ଟିକେ ଗଭୀର ଦୃଷ୍ଟିଭଙ୍ଗୀରେ ଚିନ୍ତା କରିବାକୁ ମଇନାଟି ମୋତେ ବାଧ୍ୟ କଲା।

ମଇନା ଆସି ଦର୍ପଣକୁ ନିଜ ଚଂଚୁରେ ଖୁମ୍ପି ଚାଲିଥିବା ଦୃଶ୍ୟ ସାଧାରଣ ଲାଗୁଥିଲେ ମଧ୍ୟ ଏହା ମନୁଷ୍ୟ ଜୀବନର ଗଭୀର ଦାର୍ଶନିକ ଅର୍ଥକୁ ପ୍ରକାଶ କରେ। ମଇନା ଦର୍ପଣରେ ନିଜ ପ୍ରତିବିମ୍ବକୁ ଅନ୍ୟ ପକ୍ଷୀ ବୋଲି ଭାବି ହୁଏତ ତାକୁ ଆକ୍ରମଣ କରି ଚାଲିଥିବ। ଅଥଚ ସେ ଜାଣି ନ ଥାଇପାରେ ଯେ ଯାହାକୁ ସେ ଆକ୍ରମଣ କରୁଛି, ସେ ତା'ର ନିଜ ଅସ୍ତିତ୍ୱର ପ୍ରତିଛାୟା କେବଳ। ଦର୍ପଣକୁ ଯଦି କୁହାଯାଇପାରେ ମାୟା, ପ୍ରତିବିମ୍ବ ହୋଇପାରେ ସାରା ଜଗତ। ଆଉ ମଇନା ଭଳି ମଣିଷ କେବଳ ଏକ ଛୋଟିଆ ଜୀବ ମାତ୍ର।

ଜଗତ ସବୁବେଳେ ଏକ ପ୍ରତିବିମ୍ବମୟ ଅନୁଭୂତି ଦିଏ। ଯେଉଁଠାରେ ଜୀବ ବ୍ରହ୍ମ ସ୍ୱରୂପ ହୋଇଥିଲେ ମଧ୍ୟ ଅଜ୍ଞାନ ଯୋଗୁ ନିଜକୁ ପୃଥକ୍ ସତ୍ତା ଭାବେ ଅନୁଭବ କରେ। ମଇନାର ପ୍ରତିବିମ୍ବ ସହ ସଂଘର୍ଷ ଏହି ଅଜ୍ଞାନର ପ୍ରାୟୋଗିକ ଚିତ୍ରଣ ମାତ୍ର। ଏଠାରେ ବାସ୍ତବ ଶତ୍ରୁ କେହି ନୁହେଁ। ଶତ୍ରୁ ହେଉଛି ସେ ନିଜେ। ଏକ ଭ୍ରମଜନିତ ଧାରଣାରେ ସେ ଖାଲି ଛଟପଟ। ସେମିତି ମନୁଷ୍ୟ ନିଜ ଅହଂକାର ଓ ପରିଚୟକୁ ବାହ୍ୟ ପ୍ରତିଛବିରେ ଖୋଜିଥାଏ। ପରିଚୟର ଭ୍ରମରୁ ଅହଂର ଉଦ୍ଭବ ହୋଇଥାଏ। ଏହା ସୂଚାଏ ଯେ, ଅହଂକାର ଅନେକ ସମୟରେ ଭ୍ରମଜନିତ ପ୍ରତିବିମ୍ବ ଉପରେ ନିର୍ଭର କରେ। ଏଥିରୁ ମୁଖ୍ୟତଃ ସଂଘର୍ଷ ଓ ଅସନ୍ତୋଷ ଜନ୍ମ ନେଇଥାଏ। ମଇନାର ଆଚରଣ ଏହି ମାନସିକ ସତ୍ୟର ପ୍ରାକୃତିକ ଉଦାହରଣ ହୋଇପାରେ। ଯେଉଁଠାରେ ଅଜ୍ଞାନ ଆତ୍ମ-ସଂଘର୍ଷକୁ ସୃଷ୍ଟି କରେ। ଜୀବନର ଅଧିକାଂଶ ସଂଘର୍ଷ ବାହ୍ୟ ନୁହେଁ। ଆତ୍ମ-ଭ୍ରମର ଫଳ।



ଯେତେବେଳେ ଜୀବ ନିଜ ସ୍ୱରୂପକୁ ଉପଲବ୍ଧି କରେ, ମାୟାର ପ୍ରଭାବ ଶିଥିଳ ହୋଇଯାଏ। ସେଇଠୁ ସଂଘର୍ଷ ଶାନ୍ତିରେ ପରିଣତ ହୁଏ। କେବେକେବେ ଅନୁଭୂତିକୁ ସତ୍ୟ ଭାବିବା ଦୁଃଖର କାରଣ ହୋଇପାରେ।

ଜ୍ଞାନ କାଳେ ହେଉଛି ମୁକ୍ତିର ମାର୍ଗ। ମଇନା ଯଦି ବୁଝିପାରନ୍ତା ଏହା ମୋର ପ୍ରତିବିମ୍ବ ମାତ୍ର, ତେବେ ସଂଘର୍ଷ ତୁରନ୍ତ ଶେଷ ହୋଇଯାଆନ୍ତା। ସବୁଦିନ ନିତି ଆସି ଚଂଚୁରେ ନିଜ ପ୍ରତିଛବିକୁ ଆଘାତ କରନ୍ତାନି। କିନ୍ତୁ ସତ୍ୟ ବାହ୍ୟଶକ୍ତିରେ ନିହିତ ନୁହଁ। ସଦାକାଳେ ଜ୍ଞାନରେ ରହିଛି। ଏହା ଉପନିଷଦୀୟ ସିଦ୍ଧାନ୍ତ ସହ ସମ୍ମତ। ଆଧୁନିକ ସମାଜରେ ମନୁଷ୍ୟ ସବୁବେଳେ ସାମାଜିକ ପ୍ରତିଛବି, ପ୍ରତିଷ୍ଠା, ପରିଚୟ ଓ ଅହଂକାରର ଦର୍ପଣରେ ବନ୍ଧା। ଆଜିକାର ସାମାଜିକ ଗଣମାଧ୍ୟମ ଗୋଟିଏ ତୁଚ୍ଛା ଅହଂ ଭିତରେ ଆମକୁ ଏକ କୃତ୍ରିମ ପ୍ରତିବିମ୍ବ ସହିତ ସଂଘର୍ଷ କରାଏ। ପରସ୍ପର ଭିତରେ ବିଦ୍ୱେଷ ଜାତ କରାଏ। କେବେକେବେ ନିଜ ଅଜାଣତରେ ସେ ନିଜକୁ ମହାଜ୍ଞାନୀ ବୋଲି ବିବେଚନା କରାଏ। ଏଣୁତେଣୁ ଲେଖି ନିଜର ମାନସିକ ପିପାସାକୁ ପୂର୍ଣ୍ଣ କରେ। ମଣିଷ ନିଜର ଅହମିକା, ସ୍ୱାର୍ଥ ଭିତରେ ବୁଡି ରହି ଅନ୍ୟକୁ ପ୍ରଭାବିତ କରିବାକୁ ଚେଷ୍ଟା କରିଥାଏ। ଯିଏ ପ୍ରଭାବିତ ହେଲା ତାକୁ କୋଳେଇ ଧରେ। ଅନ୍ୟଥା ତାକୁ କଟୁ ଶବ୍ଦରେ ଭର୍ତ୍ସନା କରିବାକୁ ପଛାଏନି।

ଆଇନା ଓ ମଇନା କେବଳ ପକ୍ଷୀର ଆଚରଣ ନୁହେଁ ବୋଲି ମୁଁ ଭାବେ। ଏହା ମନୁଷ୍ୟ ଚେତନାର ଏକ ଦାର୍ଶନିକ ରୂପ। ଏହି ଘଟଣାକୁ ମଣିଷ ସହ ଯୋଡ଼ିଲେ ଏତିକି କୁହାଯାଇପାରେ ଯେ, ଏହା ମନୁଷ୍ୟର ଆତ୍ମ-ଅଜ୍ଞାନର ପ୍ରତୀକ। ମନୁଷ୍ୟ ମଧ୍ୟ ବହୁ ସମୟରେ ନିଜର ଦୁର୍ବଳତା, ଭୟ ଓ ଅହଂକାରକୁ ଚିହ୍ନିପାରେନି। ଅନ୍ୟ ଉପରେ ଦୋଷ ଲଦି ଅଯଥାରେ ନିଜ ଭିତରେ କୃତ୍ରିମ ଆବରଣ ତିଆରି କରେ। ସେଇ ଆବରଣ ନିଜ ଭିତରେ ଈର୍ଷା, ଘୃଣା, ପରଶ୍ରୀକାତରତା ସୃଷ୍ଟି କରାଏ ଓ ଅଯଥା ପୀଡ଼ା ଦିଏ। ଏକଥା ସତ ଯେ ଯାହା ଦେଖାଯାଏ ସେ ସବୁବେଳେ ସତ୍ୟ ନୁହେଁ। ଯାହା ଦେଖାଯାଏନି ତା' ଭିତରେ ଅନେକ ସତ୍ୟ ଲୁଚି ରହିଥାଏ। ଆମେ ଅନେକ ସମୟରେ ପ୍ରତିବିମ୍ବକୁ ବାସ୍ତବ ଭାବି ଭ୍ରମରେ ପଡ଼ିଥାଉ। ସେଥିପାଇଁ ଧୋକା ଖାଉ। ଅନେକ ଲୋକ ମିଛ ନାଟକ କରନ୍ତି। ନିଜକୁ ଶହେ ପ୍ରତିଶତ ଠିକ୍ ବୋଲି ବାହାରେ ଦେଖାଇ ହୁଅନ୍ତି। କିନ୍ତୁ ବାସ୍ତବରେ ସେମାନଙ୍କ ଭିତରେ ହଳାହଳ ବିଷ ଭରି ରହିଥାଏ। ଘରକୁ ବେଘର କରିବା କିମ୍ବା ଆପଣାର ଲୋକଙ୍କୁ ନିଜର କାର୍ଯ୍ୟ ହାସଲ ପରେ ଶତ୍ରୁ ସଜେଇବାରେ ଖୁବ୍ ଓସ୍ତାଦ ସେମାନେ। ଅଥଚ ସେ ସମାଜ ନଜରରେ ଅତି ଭଲ ମଣିଷଟିଏ ପରି ଅଭିନୟ କରେ। ଆତ୍ମଜ୍ଞାନ ହେଉଛି ସତ୍ୟ ମୁକ୍ତିର ପଥ। ଶୁଦ୍ଧ ଆତ୍ମଜ୍ଞାନ ପର ମଣିଷର ଆଚରଣ ଓ ଉଚ୍ଚାରଣକୁ ଭିନ୍ନ ଭିନ୍ନ ମାର୍ଗରେ ସୂଚାଇଦିଏ ଏବଂ ସର୍ତ୍ତକ କରାଏ। ତା' ସତ୍ତ୍ୱେ ଯିଏ ଭ୍ରମରେ ଚିହ୍ନିପାରେନି ସେ ଦୁଃଖ ପାଏ। ଏଇ ଅର୍ଜିତ ଦୁଃଖକୁ ଆମେ ସହଜରେ ଅନ୍ୟ ଉପରେ ଲଦିଦେବାକୁ ଚେଷ୍ଟା କରୁ। କିନ୍ତୁ ଏତିକି ମନେରଖିବାକୁ ହେବ ନିଜକୁ ଜାଣିଲେ ଜଗତ ସହିତ ଯୁଦ୍ଧ କରିବାର ଆବଶ୍ୟକତା ରହେନି। ଏକଥା ମଇନା ଅବଶ୍ୟ ଚେତେଇଦେଇଛି।

**ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡ଼ା**
**ମୋ: ୯୪୩୭୯୦୯୬୭୧**

## ଏଇ ଭାରତରେ

ପରିବର୍ତ୍ତିତ ଜଳବାୟୁରେ ଜଳ ସଙ୍କଟ ବଡ଼ ସମସ୍ୟା ଭାବେ ଉଭା ହେଲାଣି। ତାମିଲନାଡୁର ତିରୁପୁର ସହରରେ ଜଳ ସଙ୍କଟ ଦେଖାଯିବା ପରେ ଏହାର ପ୍ରଭାବ ବୟନ ଶିଳ୍ପ ଉପରେ ପଡ଼ିଥିଲା। କାଳକ୍ରମେ ଏହା ବନ୍ଦ ହୋଇଯିବାରୁ ୫୦,୦୦୦ ଲୋକ ଜୀବିକା ହରାଇଥିଲେ। ଏବେ ୱାଟର ରିସାଇକ୍ଲିଂ ବା ଜଳ ପୁନଶ୍ଚକ୍ରଣ ପ୍ରକ୍ରିୟା ଯୋଗୁ ଲୋକେ ଚାକିରି ଫେରିପାଉଛନ୍ତି। ସହର ପାଖରେ ପ୍ରବାହିତ ନୋୟାଲ ନଦୀରେ ଜଳପ୍ରବାହ ହ୍ରାସପାଇବା ଯୋଗୁ ଜଳସଙ୍କଟ ଦେଖାଯାଇଥିଲା ଏବଂ ଏହା ଦୂରକରିବା ଲାଗି ମାଡ୍ରାସ ଉଚ୍ଚନ୍ୟାୟାଳୟ ଆଦେଶକ୍ରମରେ ୭୦୦୦ ଡାଇଂ ୟୁନିଟ୍ ବନ୍ଦ କରିଦିଆଯାଇଥିଲା। ଫଳରେ କମ୍ପାନୀଗୁଡ଼ିକ ବନ୍ଦ ହୋଇଯିବାରୁ ବୟନ ଶିଳ୍ପ ଦିନକୁ ପାଖାପାଖି ୫୦ କୋଟି ଟଙ୍କା କ୍ଷତି ସହିଲା। ଏବେ ଏହିସବୁ ଡାଇଂ ୟୁନିଟ୍‌ରେ ବର୍ଜ୍ୟପାଣିକୁ ରିସାଇକ୍ଲିଂକରି ବ୍ୟବହାର କରାଯିବାର ବ୍ୟବସ୍ଥା କରାଯାଇଛି। ଦୈନିକ ୧୩୦ ମିଲିୟନ ଲିଟର ପାଣି ରିସାଇକ୍ଲିଂ ହୋଇପାରୁଛି। କେବଳ ଏତିକି ନୁହେଁ ଟେକ୍ସଟାଇଲ ଶିଳ୍ପରୁ ବାହାରୁଥିବା ପ୍ଲାଷ୍ଟିକ୍, ଫାଇବର ବର୍ଜ୍ୟର ମଧ୍ୟ ରିସାଇକ୍ଲିଂ କରାଯାଉଛି। ଏହି ପରିବର୍ତ୍ତନ ଧାରାରେ ତିରୁପୁର ଟେକ୍ସଟାଇଲ କ୍ଷେତ୍ରରେ ରପ୍ତାନି ୧୨,୦୦୦ କୋଟିରୁ ବୃଦ୍ଧି ପାଇ ଏବେ ୪୦,୦୦୦ କୋଟି ଟଙ୍କାରେ ପହଞ୍ଚିଛି।

## ଚିରନ୍ତନୀ

ଆସିବ ସେ ଦିନ କେବେ ହୋଇବ ମିଳନ
ମିଶି ଯିବୁଁ ଦୁଇ ପାରୁଁ ପୁଣି ଦୁଇ ମନ
ସିନ୍ଧୁ ବ୍ୟବଧାନ କାଟି ମିଳନର ଛନ୍ଦେ ମାତି
ନିଭିଯିବ କେବେ ସତେ ଜୀବନେ ଜୀବନ
କେଉଁ ଦିନ ହୋଇବ ମିଳନ।
-(ବ୍ୟବଧାନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku
Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | | | | 8 | | |
| | | 5 | | 7 | | | | |
| | | 8 | | | | | | 1 |
| 7 | | | 8 | | | | | 4 |
| 9 | | 4 | | | | 5 | 1 | |
| | | | 1 | | | | | 6 |
| | 5 | 9 | 3 | | | | | |
| 4 | | | 2 | | | | 8 | 5 |
| | | | 7 | | 1 | 2 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 7 | 8 | 2 | 3 | 6 | 9 | 5 | 4 |
| 2 | 6 | 4 | 1 | 9 | 5 | 3 | 7 | 8 |
| 3 | 9 | 5 | 4 | 7 | 8 | 6 | 1 | 2 |
| 6 | 5 | 9 | 8 | 1 | 4 | 2 | 3 | 7 |
| 4 | 3 | 2 | 7 | 5 | 9 | 8 | 6 | 1 |
| 7 | 8 | 1 | 3 | 6 | 2 | 5 | 4 | 9 |
| 8 | 2 | 3 | 6 | 4 | 1 | 7 | 9 | 5 |
| 5 | 4 | 6 | 9 | 8 | 7 | 1 | 2 | 3 |
| 9 | 1 | 7 | 5 | 2 | 3 | 4 | 8 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଧାନମଣ୍ଡିରେ ଅବ୍ୟବସ୍ଥା

ମହାଶୟ,

ଚାଷୀ ଅମଳ ଧାନକୁ ମଣ୍ଡିରେ ଦେବା ପାଇଁ ରାଜ୍ୟ ସରକାର ନୀତିଗତ ନିଷ୍ପତ୍ତି ନେଇଛନ୍ତି। ଏହି କ୍ରମରେ ଯୋଗାଣ ବିଭାଗ ରାଜ୍ୟର ସମବାୟ ସମିତି ଦ୍ୱାରା ଚାଷୀକୁ ଟୋକନ ଦେଇ ଧାନ କ୍ରୟକରିବା ସୁବିଧା ଦିଆଯାଉଥିଲା। କିନ୍ତୁ ଏ ବର୍ଷ ଧାନମଣ୍ଡିରେ ଚାଷୀଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଟୋକନ ପାଇ ଚାଷୀ ମଣ୍ଡିରେ ଧାନ ଦେଇ ପାରୁନାହାନ୍ତି। ତା'ର କାରଣ ଜିଲା ପ୍ରଶାସନର ଦୃଷ୍ଟିକୁ ଅଣାଗଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। ବିଭିନ୍ନ ଗଣମାଧ୍ୟମରେ ଏ ସମ୍ପର୍କରେ ଖବର ପ୍ରକାଶ ପାଉଛି ଯେ ରାଜ୍ୟ ସରକାର ଟାର୍ଗେଟ ପ୍ରଦାନକଲେ ଚାଷୀମାନେ ଧାନ ଦେବାରେ ଅସୁବିଧା ହୁଅନ୍ତା ନାହିଁ। ଅପରପଟେ ବର୍ତ୍ତମାନ ଜଗତ୍‌ସିଂହପୁର ଜିଲାର ଅନେକ ମଣ୍ଡିରେ ୩।୨।୨୦୨୬ର ଟୋକନ ଅନୁସାରେ ଧାନ କ୍ରୟ କରାଯାଉଛି। ବର୍ତ୍ତମାନ ମାର୍ଚ୍ଚମାସ ଶେଷ ହେବାକୁ ଯାଉଥିଲେ ମଧ୍ୟ ଅଦ୍ୟାବଧି ତରଜଙ୍ଗା ସେବା ସମିତିରେ ଫେବୃଆରୀ ମାସର ଧାନ ଉଠୁଛି। ଯଦି ମାର୍ଚ୍ଚ ମାସରେ ମଣ୍ଡି ବନ୍ଦ କରିଦେବେ ତା'ହେଲେ ଚାଷୀ ମଣ୍ଡିରେ ଧାନ ନ ଦେଇ ଖୁବ୍ କମ୍ ଦରରେ ଧାନ ବେପାରୀକୁ ଦେବାକୁ ବାଧହେବେ। ଏଥିପ୍ରତି ଖାଉଟି ଯୋଗାଣ ବିଭାଗ ଗୁରୁତର ସହ ପଦକ୍ଷେପ ନେବା ଆବଶ୍ୟକ।

**-ସୁରେଶ ଚନ୍ଦ୍ର ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଲାଞ୍ଜିଗଡ଼ ବ୍ଲକରେ ଏନ୍‌ଆଇଏଲ୍‌ପି କାର୍ଯ୍ୟକ୍ରମ ୧୧୦ କେନ୍ଦ୍ରରେ ପରୀକ୍ଷା ଦେଲେ ୨୨୭୭ଜଣ

**ଲାଞ୍ଜିଗଡ଼, ୧୬।୩ (ରମେଶ ଚନ୍ଦ୍ର ନାୟକ):** ଜାତୀୟ ଶିକ୍ଷାନୀତି ଅଧୀନରେ ନୂତନ ଭାରତ ସାକ୍ଷରତା କାର୍ଯ୍ୟକ୍ରମ (ଏନ୍‌ଆଇଏଲ୍‌ପି) ଦ୍ୱାରା ପରିଚାଳିତ ଉଲ୍ଲାସ କାର୍ଯ୍ୟକ୍ରମ ୧୫ ବର୍ଷରୁ ଉର୍ଦ୍ଧ୍ୱ ଆନୁଷ୍ଠାନିକ ଶିକ୍ଷାରୁ ବଞ୍ଚିତ ବ୍ୟକ୍ତିଙ୍କ ପାଇଁ ଏକ ଅଭିନବ ସୁଯୋଗ ସୃଷ୍ଟି କରିଛି। ଗତ ଶିକ୍ଷାବର୍ଷରୁ ଆରମ୍ଭ ହୋଇଥିବା ଏହି ଯୋଜନା ଅଧୀନରେ ରବିବାର ଲାଞ୍ଜିଗଡ ବ୍ଲକର ୧୩ କ୍ଲଷ୍ଟରରେ ପରୀକ୍ଷାର୍ଥୀଙ୍କ ପରୀକ୍ଷା ଶେଷ ହୋଇଛି। ବ୍ଲକର ୨୩୧୯ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବାପାଇଁ ଧାର୍ଯ୍ୟ ହୋଇଥିବା ବେଳେ ୨୨୭୭ ଜଣ ବୟସ୍କ ନାଗରିକ ୧୧୦ କେନ୍ଦ୍ରରେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ମୂଲ୍ୟାୟନ ପରୀକ୍ଷା ଦେଇଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି। ସକାଳ ୭ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଏହି ପରୀକ୍ଷା ଚାଲିଥିଲା । ଏଥିରେ ଅକ୍ଷର ଜ୍ଞାନ ସହ ଗାଣିତିକ ନମ୍ବର ସମ୍ପର୍କିତ ପ୍ରଶ୍ନ ଥିଲା। ଅତିରିକ୍ତ ଜିଲା ଶିକ୍ଷାଅଧିକାରୀ ହେମସଗାର ମହାନନ୍ଦ, ଲାଞ୍ଜିଗଡ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁଧଳଦେବ ମୁଣ୍ଡ, ଭାରତ ଭୂଷଣ ସାହୁ, ଜିଲା ନୋଡାଲ ଅଧିକାରୀ ହରିଷ ମୁଣ୍ଡ ପ୍ରମୁଖ ବିଭିନ୍ନ ବିଦ୍ୟାଳୟ ଗସ୍ତ କରି ପରୀକ୍ଷାର୍ଥୀଙ୍କୁ ଉତ୍ସାହିତ କରିଥିଲେ। ଏହି ପରୀକ୍ଷାକୁ କ୍ଲଷ୍ଟର ସଂଯୋଜକଙ୍କ ସମେତ ସମସ୍ତ ପରୀକ୍ଷାକେନ୍ଦ୍ରର ଶିକ୍ଷକ ଶିକ୍ଷୟିତ୍ରୀ ଓ ସ୍ୱେଚ୍ଛାସେବୀ ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନା କରିଥିଲେ।

### ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି



**ଥୁଆମୂଳ ରାମପୁର, ୧୬।୩ (ଦୁର୍ଗା କୀର୍ତ୍ତି):** ଥୁଆମୂଳ ରାମପୁର ବ୍ଲକ ସମ୍ମିଳନୀ କକ୍ଷଠାରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଧ୍ରୁବଚରଣ ମୁଦୁଲିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ଜିଲାପାଳ ପାୱାର ସଚିନ ପ୍ରକାଶ ଯୋଗଦେଇ ବିଭିନ୍ନ ଅଭିଯୋଗ ଶୁଣିଥିଲେ। ଏଥିରେ ଏସ୍‌ପି ନାଗରାଜ ଦେବରକୋଣ୍ଡା, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ସୌମ୍ୟରଞ୍ଜନ ପ୍ରଧାନ, ଉପଜିଲାପାଳ ପ୍ରଭାତ କୁମାର ପରିଡା, ବ୍ଲକ ଅଧ୍ୟକ୍ଷ ଦୟାନିଧି ମାଝୀ ଓ ତହସିଲଦାର ସତ୍ୟ ସନାତନ ପାଣିଗ୍ରାହୀଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଶିବିରରେ ମୋଟ ୭୫ଟି ଅଭିଯୋଗ ଦାଖଲ ହୋଇଥିଲା। ଅଭିଯୋଗକାରୀଙ୍କ ମତରେ, ପୂର୍ବରୁ ଅନେକଥର ଅଭିଯୋଗ ଦେଇଛୁ, କିନ୍ତୁ ସବୁ କାଗଜପତ୍ର ଫାଇଲ ତଳେ ଚାପି ହୋଇ ରହିଯାଉଛି। ଜିଓ ନେଟ୍‌ୱର୍କ ସ୍ଥାପନ ପାଇଁ ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ସୁଫଳ ମିଳୁନାହିଁ। ସେହିପରି ଷ୍ଟ୍ରିଟ୍‌ଲାଇଟ ସ୍ଥାପନ, ଦୁଇଟି ପୁରାତନ ପୋଖରୀର ପୁନଃଉଦ୍ଧାର, ପକ୍କା ଘର, ବିଜୁଳି, ପାଣି, ବାର୍ଦ୍ଧକ୍ୟ ଓ ଭିନ୍ନକ୍ଷମ ଭତ୍ତା ଭଳି ମୌଳିକ ସମସ୍ୟା ଏବେ ବି ଅସମାହିତ ହୋଇରହିଛି।



ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ବିକ୍ଷୋଭ କରାଯାଉଛି।

# କଳାହାଣ୍ଡି ସ୍ୱାସ୍ଥ୍ୟସେବା ସଂଘ ପକ୍ଷରୁ ବିକ୍ଷୋଭ

**ଭବାନୀପାଟଣା, ୧୬।୩ (ଉତ୍ତମ କୁମାର ଦାଶ)**

**ସ୍ଥାୟୀ ନିଯୁକ୍ତି, ସମାନ କାମକୁ ସମାନ ଦରମା ଦାବି**

ରାଜ୍ୟରେ ନୂତନ ଭାଜପା ସରକାର ଆସିବା ପରେ ବି ସରକାରୀ ଆଉଟସୋର୍ସିଂ କର୍ମଚାରୀଙ୍କ ସମସ୍ୟା ସମାଧାନ ହୋଇପାରି ନାହିଁ। ଏ ନେଇ ସଂଘ ପକ୍ଷରୁ ବିଭିନ୍ନ ସମୟରେ ବାରମ୍ବାର ଅବଗତ କଲା ପରେ ବି ସରକାର କର୍ଣ୍ଣପାତ କରୁନାହାନ୍ତି। ଏହାକୁ ନେଇ ଗତ ୧୦ ତାରିଖରୁ ସ୍ଥାୟୀ ନିଯୁକ୍ତି ଦାବିରେ ଭୁବନେଶ୍ୱରରେ ଓଡ଼ିଶା ସରକାରୀ ଆଉଟସୋର୍ସିଂ କର୍ମଚାରୀ ମହାସଂଘ ତରଫରୁ ୩ଦଫା ଦାବି ନେଇ ଆନ୍ଦୋଳନ ଜାରି ରହିଛି। ଏଥିରେ କଳାହାଣ୍ଡିରୁ ଶତାଧିକ କର୍ମଚାରୀ ସାମିଲ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ସୋମବାର ସ୍ଥାୟୀ ନିଯୁକ୍ତି, ଛଟେଇ ବନ୍ଦ କରିବା, ସମାନ କାମକୁ ସମାନ ଦରମା ଆଦି ଦାବି ନେଇ ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ କଳାହାଣ୍ଡି ସ୍ୱାସ୍ଥ୍ୟ ସେବା ସଂଘ ପକ୍ଷରୁ ସକାଳ ୯ଟାରୁ ମଧ୍ୟାହ୍ନ ପର୍ଯ୍ୟନ୍ତ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଜିଲା ସଭାପତି ବଦ୍ରିକା ନାଏକ ଓ ସାଧାରଣ ସମ୍ପାଦକ ଦେବକୀ ଦୁର୍ଗାଙ୍କ ନେତୃତ୍ୱରେ ଅନୁଷ୍ଠିତ ସମାବେଶରେ ଯଦୁନାଥ ବାଗ, ମହେନ୍ଦ୍ର ରଣା, ପୁଷ୍ପ ନାଏକ, କାର୍ତ୍ତିକ ଦୀପ, ମାଳତୀ ମାଝୀ, ଶେଖର ମୋହନ ବାଗ, ଅଶମତି ଦୀପ, ଅନିଲ କୁମାରଙ୍କ ସମେତ ୧୦୦ରୁ ଊର୍ଦ୍ଧ୍ୱ ଆଉଟସୋର୍ସିଂ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ସେହିପରି ମୁଇଁ କଳାହାଣ୍ଡିଆ ଫର୍ କଳାହାଣ୍ଡି ସଂଗଠନର ସଂଗଠକ ଇଂ. ଲକ୍ଷ୍ମୀନାରାୟଣ ପଣ୍ଡା, ପ୍ରଫୁଲ୍ଲ କର ଓ ସନ୍ତୋଷ ପ୍ରଧାନ ମଧ୍ୟ ବିକ୍ଷୋଭସ୍ଥଳକୁ ଆସି ସମର୍ଥନ ଜଣେଇବା ସହ ଆଗକୁ ସମର୍ଥନ ଜାରିରହିବ ବୋଲି କହିଥିଲେ।

## ୮୧ ଅଭିଯୋଗର ଶୁଣାଣି କଲେ ଜିଲାପାଳ

**ଖଡ଼ିଆଳ, ୧୬।୩ (ସୁଜିତ କୁମାର ପ୍ରଧାନ)**



ଲୋକଙ୍କ ଅଭିଯୋଗ ଶୁଣାଣି କରୁଛନ୍ତି ଜିଲାପାଳ।

ନୂଆପଡ଼ା ଜିଲା ଖଡିଆଳ ବ୍ଲକରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ମଧୁସୂଦନ ଦାଶ, ଖଡିଆଳ ବନଖଣ୍ଡ ଅଧିକାରୀ ଅଜିଜ ଖାନ, ଉପଜିଲାପାଳ ସୁର୍ମି ସୋରେନ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଧନେଶ୍ୱର ସେଠୀ, ଖଡ଼ିଆଳ ପଞ୍ଚାୟତ ସମିତି ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ, ଜିଲା ପରିଷଦ ସଦସ୍ୟ ମାଲ୍ୟବନ୍ତ ସୁନା, ଏସ୍‌ଡିପିଓ ଉପେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ୭୨ ବ୍ୟକ୍ତିଗତ ଓ ୯ ଗୋଷ୍ଠୀଗତ ଏପରି ମୋଟ ୮୧ ଗୋଟି ଅଭିଯୋଗର ଶୁଣାଣି ହୋଇଥିଲା। ସମସ୍ତ ଅଭିଯୋଗ ଉପରେ ତୁରନ୍ତ ପଦକ୍ଷେପ ନେବା ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେହିପରି ୨ ଜଣ ଅସହାୟଙ୍କୁ ରେଡ୍‌କ୍ରସ୍ ପାଣ୍ଠିରୁ ୧୦,୦୦୦ ଟଙ୍କା ଲେଖାଏ ସହାୟତା ପ୍ରଦାନ କରାଯାଇଥିଲା। ଶିବିରରେ ରାଜସ୍ୱ ଗ୍ରାମ ମାନ୍ୟତା ପାଇଁ ସମାଡ଼ପଦର ଗ୍ରାମବାସୀ ଜିଲାପାଳଙ୍କ ପାଖରେ ଦାବି କରିଥିଲେ। ଏହା ଉପରେ ବିହିତ ପଦକ୍ଷେପ ନେବା ପାଇଁ ଜିଲାପାଳ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଖଡ଼ିଆଳ ବିଡିଓ ମିଳନ କୁମାର ଝାଙ୍କର, ତହସିଲଦାର ନରସିଂହ ଗଡବା, ଖଡିଆଳ ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ସ୍ୱାଧୀନ କେତନ ମହାରଣା, ଡେପୁଟି କଲେକ୍ଟର ଚିନ୍ମୟ ସାଗର, ଲଲାଟେନ୍ଦୁ ଦଣ୍ଡସେନା ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଏହି ଉପଲକ୍ଷେ ବ୍ଲକ ପରିସରରେ ବରିଷ୍ଠ ନାଗରିକଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା। ଜିଲାପାଳ ଖବରଦାତାଙ୍କୁ କହିଥିଲେ ଯେ, ଏପରି ଶିବିର ମାଧ୍ୟମରେ ପ୍ରଶାସନ ଲୋକଙ୍କ ସମସ୍ୟା ସମାଧାନ କରି ସେମାନଙ୍କ ଆସ୍ଥାଭାଜନ ହୋଇପାରୁଛି।

## ଭୋଟର ଲିଷ୍ଟ ସଂଶୋଧନ ପାଇଁ ପ୍ରଚାର ଆଜିଠାରୁ

**କେସିଙ୍ଗା, ୧୬।୩ (ତୁମେଶ୍ୱର ସାହୁ):** ଆସନ୍ତା ୩୧ତାରିଖ ଭୋଟର ଲିଷ୍ଟ ସଂଶୋଧନ ପାଇଁ ଶେଷ ତାରିଖ ରହିଛି। ଏହି ପରିପ୍ରେକ୍ଷୀରେ ଲୋକଙ୍କୁ ସଚେତନତା କରିବା ପାଇଁ ମଙ୍ଗଳବାରଠାରୁ ମାଇକ୍ ଦ୍ୱାରା ପ୍ରଚାର କରିବାକୁ କେସିଙ୍ଗା ଏନ୍‌ଏସି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। କେସିଙ୍ଗା ସହରରେ ଥିବା ଭୋଟରଙ୍କ ନାମ ଗତ ୨୦୦୨ ମସିହା ତାଲିକା ସହ ୨୦୨୫ ମାର୍ଚ୍ଚର ଭୋଟର ତାଲିକା ସହ ତାଳମେଳ ରହିବା କଥା। ଯଦି କୌଣସି ଭୋଟରଙ୍କ ନାଁ ତାଳମେଳ ହେଉ ନ ଥିବ ତେବେ ଚଳିତ ମାସ ୩୧ତାରିଖ ସୁଦ୍ଧା ଅନ୍‌ଲାଇନରେ ଆବେଦନ କରିବାକୁ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଆଚାରୀ ସୂଚନା ଦେଇଛନ୍ତି। ସହରରେ ୧୨ ୱାର୍ଡରେ ୧୨ ବୁଥ୍‌ସ୍ତରୀୟ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ନୃପରାଜ ଯାଦବ, ଜୁନିୟର ଆସିଷ୍ଟାଣ୍ଟ ଦିବାକର ଜେନା, ବିଏଲ୍‌ଓ କେଶରୀ ନାଏକ ଉପସ୍ଥିତ ଥିଲେ।

## ପ୍ରବାସୀ ଶ୍ରମିକ ସଚେତନତା ସଭା

**ଖଡ଼ିଆଳ, ୧୬।୩ (ସୁଜିତ କୁମାର ପ୍ରଧାନ)**

ଖଡ଼ିଆଳ ବ୍ଲକ୍ କେନ୍ଦୁପାଟି ପଞ୍ଚାୟତରେ ନୂଆପଡ଼ା ଜିଲାପାଳ ମଧୁସୂଦନ ଦାଶଙ୍କ ସଭାପତିତ୍ୱରେ ପ୍ରବାସୀ ଶ୍ରମିକ ନିରାକରଣ ପାଇଁ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ, ଉପଜିଲାପାଳ ସୁର୍ମି ସୋରେନ, ସିଡିଏମ୍‌ଓ ଡା. ଧନେଶ୍ୱର ସେଠୀ, ବିଡିଓ ମିଳନ କୁମାର ଝାଙ୍କର, ତହସିଲଦାର ନରସିଂହ ଗଡ଼ବା, ସ୍ଥାନୀୟ ସରପଞ୍ଚ ଚନ୍ଦ୍ର ଷଣ୍ଡ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଯୋଗଦେଇ ଶ୍ରମିକ, କୃଷକ, ମହିଳାଙ୍କ ପାଇଁ ଥିବା ଲୋକାଭିମୁଖୀ ଯୋଜନା ସମ୍ବନ୍ଧରେ ଅବଗତ କରାଇଥିଲେ। ଏହି ଅବସରରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ପାଲା ପରିବେଷଣ କରାଯାଇ ସଚେତନତା ସୃଷ୍ଟି କରାଯାଇଥିଲା। ସରକାରଙ୍କ ପକ୍ଷରୁ ବିଭିନ୍ନ ଜନମଙ୍ଗଳକାରୀ ଯୋଜନା ରହିଥିବାବେଳେ ଗ୍ରାମବାସୀ ପ୍ରବାସୀ ଶ୍ରମିକ ଭାବରେ ନ ଯାଇ ଘରେ ରହି ଏହାର ଲାଭ ଉଠାଇବାକୁ ଜିଲାପାଳ କହିଥିଲେ। ସେହିପରି ଛୋଟ ପିଲାଙ୍କୁ ଶିଶୁ ଶ୍ରମିକ ଭାବେ ନିୟୋଜିତ ନ କରି ସ୍କୁଲ ପଠାଇବା ପାଇଁ ମା'ବାପାଙ୍କୁ କହିଥିଲେ। ଏହି ଅବସରରେ ୩ ହିତାଧିକାରୀଙ୍କୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୧୦୦ରୁ ଅଧିକ ଦିନ କାମ କରିଥିବାରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ୨ ପରିବାରକୁ ନିର୍ମାଣ ଶ୍ରମିକ ପରିଚୟପତ୍ର ପ୍ରଦାନ କରାଯାଇଥିଲା। ଚମରୁ ବଛା, ଗୋଲାପୀ ବାଗ, ବିଶ୍ୱନାଥ ନାଗ, କୌଶଲ୍ୟା କନ୍ଦ, ଦୁର୍ଯ୍ୟୋଧନ ଓ ଦେବକୀ ହରିଜନଙ୍କୁ ୫୦,୦୦୦ ଟଙ୍କା ଲେଖାଏ ବିବାହ ସହାୟତା ଦିଆଯାଇଥିଲା। ପରେ ଜିଲାପାଳ ଓ ଅଧିକାରୀମାନେ ପ୍ରବାସୀ ଶ୍ରମିକ ନିରାକାର ପୋଡ଼ଙ୍କ ଘରକୁ ଯାଇ ପରିବାର ସହ ଆଲୋଚନା କରିଥିଲେ। ପୋଡ଼ ହାଇଦ୍ରାବାଦରେ ଇଟାଭାଟିରେ ଶ୍ରମିକ ଭାବେ କାମ କରୁଥିଲେ। କିନ୍ତୁ ଏବେ ସେ ଘରେ ରହି ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାମ କରୁଛନ୍ତି।

## ଜନଗଣନା ପାଇଁ ତାଲିମ ଶିବିର



ଶିବିରରେ ଯୋଗଦେଇଥିବା ଅଧିକାରୀ ଓ ତାଲିମଦାତା।

**କଲମପୁର, ୧୬।୩ (ଗଣେଶରାମ ବାଗ)**

କଳାହାଣ୍ଡି ଜିଲା କଲମପୁର ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ଦୁର୍ଗାମାଧବ ହାଇସ୍କୁଲଠାରେ ସୋମବାର ଜନଗଣନା ପାଇଁ ଶିକ୍ଷକମାନଙ୍କୁ ନେଇ ତାଲିମ ଶିବିର ଆରମ୍ଭ ହୋଇଛି। ଏହା ୧୮ ତାରିଖ ପର୍ଯ୍ୟନ୍ତ ୩ଦିନ ଧରି ଅନୁଷ୍ଠିତ ହେବ। କେନ୍ଦ୍ର ସରକାରଙ୍କ ସାଂଖ୍ୟିକ ଅନୁସନ୍ଧାନକାରୀ ସୌରଭ ତିୱାରୀ ଯୋଗଦେଇ ଶିବିରକୁ ଶୁଭାରମ୍ଭ କରି ଡିଜିଟାଲ ମୋଡ୍‌ରେ କିଭଳି ଜନଗଣନା ହେବ ସେ ନେଇ ସମସ୍ତଙ୍କୁ ଅବଗତ କରିଥିଲେ। ଅତିରିକ୍ତ ତହସିଲଦାର ଦେବପ୍ରସନ୍ନ ଷଡ଼ଙ୍ଗୀ ସମସ୍ତଙ୍କୁ ସ୍ୱାଗତ କରିଥିବାବେଳେ ତହସିଲଦାର ସ୍ମରଣିକା ତୁଲ ନିର୍ଭୁଲ୍ ଓ ଠିକ୍ ତଥ୍ୟ ସଂଗ୍ରହକରି ସମସ୍ତେ ନିଜ ଦାୟିତ୍ୱସମ୍ପନ୍ନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ରାଜସ୍ୱ ପରିଦର୍ଶକ ତପୋବନ ବାରିକ, ରାଜସ୍ୱ ନିରୀକ୍ଷକ ସୁମନ୍ତ କୁମାର ପାତ୍ର, ଡିଇଓ ତ୍ରିନାଥ ଭୋଳ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଏବିଇଓ ଦିଲୀପ କୁମାର ବେହେରା ଉପସ୍ଥିତ ଥିବାବେଳେ ମାଷ୍ଟର ଟ୍ରେନର ଭାବେ ଅଧ୍ୟାପକ ଅନ୍ତର୍ଯାମୀ ପରିଡ଼ା, ରାଜେନ୍ଦ୍ର ପ୍ରଧାନ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ।

## ଶ୍ରୀରାମଲୀଳା ପାଇଁ ପ୍ରସ୍ତୁତି ବୈଠକ



ବୈଠକରେ ଯୋଗଦେଇଥିବା କର୍ମକର୍ତ୍ତାମାନେ।

**ରିଷିଡ଼ା, ୧୬।୩ (ସୁଶାନ୍ତ ମଲ୍ଲିକ)**

କଳାହାଣ୍ଡି ଜିଲା କଳାମୁଣ୍ଡା ବ୍ଲକ ରିଷିଡ଼ା ଜଗନ୍ନାଥ ମନ୍ଦିରଠାରେ ଶ୍ରୀଜଗନ୍ନାଥ ସାଂସ୍କୃତିକ ସଂସଦ ପକ୍ଷରୁ ଶ୍ରୀରାମ ଲୀଳା ପାଇଁ ଏକ ପ୍ରସ୍ତୁତି ବୈଠକ ସଭାପତି ସୁରେନ୍ଦ୍ର ରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ମନୋଜ ରଣା ଓ ବେଲାର ପୁଟେଲ ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ ଚଳିତବର୍ଷ ରାମଲୀଳା ନାଟକ କିପରି ଅଧିକ ଆକର୍ଷଣୀୟ ହୋଇପାରିବ ସେ ଉପରେ ମତାମତ ଦେବାପାଇଁ ଆହ୍ୱାନ ଦେଇଥିଲେ। ଏଥିରେ ଶତ୍ରୁଘ୍ନ ରଣାଙ୍କୁ କର୍ତ୍ତା ଭାବେ ସର୍ବସମ୍ମତିକ୍ରମେ ଚୟନ କରାଯାଇଥିଲା। ସଭାରେ ନାଟ୍ୟକାର ମାଷ୍ଟର ମୋହନ ଲାଲ ରଣା, ହୃଦାନନ୍ଦ ମଲ୍ଲିକ, ରୋହିତ ରଣା, ପ୍ରହଲ୍ଲାଦ ବାରିକ, ପ୍ରଦୀପ ରଣା, ହିମାଂଶୁ ରଣା, ଅକ୍ଷୟ ରଣା, ରମେଶ ବାରିକଙ୍କ ସମେତ ପଡ଼ାର ବହୁ କଳାକାର ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଅରିଜିନାଲ ସାର୍ଟିଫିକେଟ ପାଇଲେ ଛାତ୍ରୀଛାତ୍ର

**ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ**

**ଭବାନୀପାଟଣା, ୧୬।୩ (ଉତ୍ତମ କୁମାର ଦାଶ)**




ଜଣେ ଛାତ୍ରୀଙ୍କୁ ସାର୍ଟିଫିକେଟ ପ୍ରଦାନ କରୁଛନ୍ତି କୁଳପତି।

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ସୋମବାର ସ୍ନାତକୋତ୍ତର ଛାତ୍ରୀଛାତ୍ରଙ୍କୁ ଅରିଜିନାଲ ବିଶ୍ୱବିଦ୍ୟାଳୟ ସାର୍ଟିଫିକେଟ ପ୍ରଦାନ କରାଯାଇଛି। ୨୦୨୨, ୨୦୨୩ ଓ ୨୦୨୪ ବ୍ୟାଚ୍‌ର ସ୍ନାତକୋତ୍ତର ଛାତ୍ରୀଛାତ୍ରଙ୍କୁ ଏହା ପ୍ରଦାନ କରାଯାଇଛି। ଏହି ପ୍ରଦାନ ସମୟରେ ବିଶ୍ୱ ବିଦ୍ୟାଳୟର କୁଳପତି ଡ. ନିବେଦିତା ନାଥ, କୁଳସଚିବ ଡ. ଗୁଣନିଧି ନାଏକ, ଉପକୁଳସଚିବ ମେଜର ଡ. ଜୟଦେବ ସାହୁ, ପୂର୍ବତନ ପରୀକ୍ଷା ନିୟନ୍ତ୍ରକ ବିଜୟ କୁମାର ମଲ୍ଲିକ, ପରୀକ୍ଷା ନିୟନ୍ତ୍ରକ ଡ. ନୀଳାଞ୍ଚଳ ପଟେଲ, ସିଣ୍ଡିକେଟ ସଦସ୍ୟ ଡ. ବାବା ମିଶ୍ର, ବରିଷ୍ଠ ଖବରଦାତା ଉମାଶଙ୍କର କର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ଯେ, ଭବାନୀପାଟଣା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ୧ ସେପ୍ଟେମ୍ବର ୨୦୨୦ରେ କଳାହାଣ୍ଡି ବିଶ୍ୱବିଦ୍ୟାଳୟ ନାମରେ ନାମିତ ହୋଇଥିଲା। ଏଠାରେ ୬ଟି ସ୍ନାତକୋତ୍ତର ପାଠ୍ୟକ୍ରମ ଥିଲା। କଳାହାଣ୍ଡି ବିଶ୍ୱବିଦ୍ୟାଳୟ ହେବାପରେ ମଧ୍ୟ ୨୦୨୨ରେ ମାତ୍ର ୬ଟି ବିଭାଗର ପରୀକ୍ଷାର୍ଥୀ ପ୍ରଥମ ସ୍ନାତକୋତ୍ତର ପରୀକ୍ଷା ଦେଇଥିଲେ। ୨୦୨୩ ଓ ୨୦୨୪ରେ ୧୬ଟି ବିଷୟରେ ସ୍ନାତକୋତ୍ତର ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ହେଲେ ଏହି ୩ ବ୍ୟାଚ୍‌ର ପିଲା ବିଶ୍ୱବିଦ୍ୟାଳୟର ଅରିଜିନାଲ ସାର୍ଟିଫିକେଟ ପାଇ ନ ଥିଲେ। ତେବେ କୁଳପତି ଡ. ନିବେଦିତା ନାଥ ୨୦୨୪ରେ ଦାୟିତ୍ୱ ଗ୍ରହଣ କଲାପରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ସାର୍ଟିଫିକେଟ ପ୍ରଦାନ ପାଇଁ ଦୃଢ଼ ପଦକ୍ଷେପ ନେଇଥିଲେ।

## ୪ କୋଠରିରେ ବସୁଛନ୍ତି ୯ ଶ୍ରେଣୀର ପିଲା

**ନୂଆପଡ଼ା, ୧୬।୩ (ମକାରୁ ବେମାଲ)**




ଶୁକ୍ଲିମୁଣ୍ଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ।

**ସମସ୍ୟାଘେରରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ**

ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ ଠିକପାଲି ପଞ୍ଚାୟତ ଶୁକ୍ଲିମୁଣ୍ଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବିଭିନ୍ନ ସମସ୍ୟା ଦେଇ ଗତି କରୁଛି। ୧୯୫୮ ମସିହାରେ ସ୍ଥାପିତ ବିଦ୍ୟାଳୟ ନାମରେ ଜମି ପଟ୍ଟା ନାହିଁ। ଗ୍ରାମ୍ୟ ଜଙ୍ଗଲ ଜମିରେ ବିଦ୍ୟାଳୟ କୋଠା ନିର୍ମାଣ ହୋଇ ଶିକ୍ଷାଦାନ ଚାଲିଛି। ଏହି ବିଦ୍ୟାଳୟରେ ୧ମରୁ ୮ମ ଶ୍ରେଣୀ ଓ ଶିଶୁ ବାଟିକାକୁ ମିଶାଇ ମୋଟ ୯ ଶ୍ରେଣୀ ପାଇଁ ୯ଟି କୋଠରି ରହିଥିବା ବେଳେ ୫ଟି ବିପଦସଙ୍କୁଳ ଅବସ୍ଥାରେ ରହିଛି। ଫଳରେ ମାତ୍ର ୪ କୋଠରିରେ ୨୭୪ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ୭ ଜଣ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି । ୪ କୋଠରିରେ ୯ ଶ୍ରେଣୀର ପିଲାଙ୍କୁ କିଭଳି ଶାକ୍ଷାଦାନ କରାଯାଉଥିବ ତାହା ସହଜେ ଅନୁମେୟ। ବିଦ୍ୟାଳୟର ଅନ୍ୟ ଏକ ପ୍ରମୁଖ ସମସ୍ୟା ହେଉଛି ପାଣି । ଗୋଟିଏ ମାତ୍ର ନଳକୂଅ ଥିବାବେଳେ ସେଥିରୁ ଫ୍ଲୋରାଇଡ୍‌ଯୁକ୍ତ ପାଣି ବାହାରୁଛି। ସରକାରଙ୍କ ପକ୍ଷରୁ ଏହାକୁ ନିଷିଦ୍ଧ ମଧ୍ୟ ଘୋଷଣା କରାଯାଇଛି। ହେଲେ ଅନ୍ୟ କୌଣସି ବିକଳ୍ପ ବ୍ୟବସ୍ଥା ନ ଥିବାରୁ ଛାତ୍ରୀଛାତ୍ର ବାଧହୋଇ ଏହି ପାଣି ବ୍ୟବହାର କରୁଛନ୍ତି। ପୁଣି ଆବଶ୍ୟକ ଅନୁସାରେ ପାଣି ନଳକୂଅରୁ ବାହାରୁ ନାହିଁ । ଛାତ୍ରମାନଙ୍କ ପାଇଁ ପାଇଖାନା ଓ ପରିସ୍ରାଗାର ସୁବିଧା ରହିଥିବା ବେଳେ ଛାତ୍ରୀମାନଙ୍କ ପାଇଁ ଆଦୌ ସୁବିଧା ନାହିଁ। ଏହି ସମସ୍ୟା ନେଇ ଗ୍ରାମବାସୀ ଓ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ବାରମ୍ବାର ପ୍ରଶାସନଠାରେ ଗୁହାରି କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଏ ସଂକ୍ରାନ୍ତରେ କୋମନା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅନୀତା ପଣ୍ଡାଙ୍କୁ ପଚାରିବାରୁ ବିଦ୍ୟାଳୟରେ ଥିବା ସମସ୍ୟା ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଦେଇଛୁ ବୋଲି କହିଥିଲେ ।

## ଲେଖାରେ ରହିଗଲା ଲିଖିତ ପ୍ରତିଶ୍ରୁତି

**ମୁକୁନ୍ଦପୁର ଛକରୁ ମେଲଘୁଟୁ ରାସ୍ତା ମରଣଯନ୍ତା**

**ଲାଞ୍ଜିଗଡ଼, ୧୬।୩ (ରମେଶ ଚନ୍ଦ୍ର ନାୟକ)**



ଶୋଚନୀୟ ହୋଇପଡ଼ିଥିବା ରାସ୍ତା।

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ପୋଖରୀବନ୍ଧ ପଞ୍ଚାୟତ ଅନ୍ତର୍ଗତ ମୁକୁନ୍ଦପୁର ଛକରୁ ମେଲଘୁଟୁ ଭାୟା କନେର ରାସ୍ତା ମରଣଯନ୍ତା ପାଲଟିଛି। ଏହାକୁ ନେଇ ରାସ୍ତାରୋକୋ ପରେ ବିଭାଗ ତରଫରୁ ଲିଖିତ ପ୍ରତିଶ୍ରୁତି ଦିଆଯାଇଥିଲେ ହେଁ ତାହା କେବଳ ଲେଖାରେ ହିଁ ରହିଯାଇଛି। ଶେଷରେ ଜିଲାପାଳଙ୍କୁ ଭେଟି ନିଜର ଅସନ୍ତୋଷ ବ୍ୟକ୍ତ କରିଛନ୍ତି ଅଞ୍ଚଳବାସୀ। ପୋଖରୀବନ୍ଧ ପଞ୍ଚାୟତର ୧୭ଗୋଟି ଗାଁ ଲୋକଙ୍କ ପାଇଁ ୨୦୧୯-୨୦ ବର୍ଷରେ ମୁକୁନ୍ଦପୁର ଛକରୁ କନେର ଭାୟା ମୁକୁନ୍ଦପୁର ରାସ୍ତା ନିର୍ମାଣ ହୋଇଥିଲା। ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମିତ ରାସ୍ତା ନିମ୍ନମାନର ହୋଇଥିବାରୁ ବର୍ଷକ ମଧ୍ୟରେ ଏହା ଶୋଚନୀୟ ହୋଇପଡ଼ିଛି। ୭କି.ମି. ଦୀର୍ଘ ଏହି ରାସ୍ତାର ବିଭିନ୍ନ ସ୍ଥାନରେ ଖାଲଖମା ଭରି ରହିଥିବା ବେଳେ ବର୍ଷାଦିନେ ପାଣିଜମି ରହୁଛି। ଫଳରେ ରୋଗୀ, ଗର୍ଭବତୀ ମହିଳାଙ୍କୁ ନେବାଆଣିବା ପାଇଁ ଆମ୍ବୁଲାନ୍ସଟିଏ ଆସିପାରୁ ନାହିଁ। ଏହି ସମସ୍ୟା ନେଇ ବାରମ୍ବାର ଅଭିଯୋଗ ପରେ ମଧ୍ୟ ପ୍ରଶାସନ କୌଣସି ପଦକ୍ଷେପ ନ ନେବାରୁ ୨୨ ସେପ୍ଟେମ୍ବର ୨୦୨୫ରେ ଗ୍ରାମବାସୀ ପୋଖରୀବନ୍ଧ ଛକରେ ୬ନଂ. ରାଜ୍ୟ ରାଜପଥ ଅବରୋଧ କରିଥିଲେ। ଲୋକଙ୍କ ଆକ୍ରୋଶ ଦେଖି ବିଭାଗୀୟ ଉପଖଣ୍ଡ ଅଧିକାରୀ ପି. ଏକ୍କା, ସହକାରୀ ଯନ୍ତ୍ରୀ ଭଗବାନ ଗଉଡ଼ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିଥିଲେ। ଲାଞ୍ଜିଗଡ଼ ବିଡିଓ ଶଶାଙ୍କ ପାତ୍ର ମଧ୍ୟ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୧୫ ଦିନ ମଧ୍ୟରେ ରାସ୍ତା ମରାମତି ଓ ମାର୍ଚ୍ଚ ସୁଦ୍ଧା ରାସ୍ତା ଓ ପୋଲ ନିର୍ମାଣ ପାଇଁ ଲିଖିତ ପ୍ରତିଶ୍ରୁତି ଦିଆଯିବା ପରେ ରାସ୍ତା ଅବରୋଧ ହଟିଥିଲା। ଲିଖିତ ପ୍ରତିଶ୍ରୁତିର ୬ମାସ ପରେ ବି ରାସ୍ତା ନିର୍ମାଣ ଦୂରର କଥା ମରାମତି ବି କରାଗଲା ନାହିଁ। ଏହାକୁ ନେଇ ଲୋକେ ବିଡିଓ ଶଶାଙ୍କ ପାତ୍ର, ତହସିଲଦାର ବନମାଳୀ ମେହେରଙ୍କ ସମେତ ଜିଲାପାଳଙ୍କୁ ଭେଟି ନିଜର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏ ବିଷୟରେ ବିଡିଓ ପାତ୍ରଙ୍କୁ ପଚାରିବାରୁ ଗ୍ରାମବାସୀ ଶୁକ୍ରବାର ମୋ ପାଖକୁ ଆସିବା ସହ ପରିଦର୍ଶନରେ ଆସିଥିବା ଜିଲାପାଳଙ୍କୁ ମଧ୍ୟ ଭେଟିଥିଲେ ବୋଲି ପ୍ରକାଶ କରିଥିଲେ। ତେବେ ଏହି ଘଟଣାରେ ଜିଲାପାଳ ହସ୍ତକ୍ଷେପ କରି ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗକୁ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି।

## ସଂକ୍ଷେପରେ

### ହତ୍ୟା ମାମଲାରେ ୪ ଗିରଫ

**ଝାରବନ୍ଧ,୧୬।୩(ଦେବେନ୍ଦ୍ର ସାହୁ):** ଝାରବନ୍ଧ ଥାନା ଅନ୍ତର୍ଗତ ଶକ୍ତିଗ୍ରାମରେ ଗତ ଶନିବାର ଘଟିଥିବା ହତ୍ୟାକାଣ୍ଡରେ ସମ୍ପୃକ୍ତ ୪ଜଣଙ୍କୁ ପୋଲିସ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବ୍ରଜ ବନଛୋର, ରାକେଶ ବନଛୋର, ପ୍ରଦୀପ ବରିହା, ତ୍ରିଲୋଚନ ବନଛୋର। ଉକ୍ତ ଗାଁର ସଦାନନ୍ଦ ସଗରିଆ(୫୧) ଓ ଲିଙ୍ଗ ସଗରିଆ ସାଇକେଲରେ ନିକଟସ୍ଥ ଲେରଗାଁକୁ ଯାଇଥିଲେ। ସେଠାରୁ ରାତି ପ୍ରାୟ ୮ଟାରେ ଫେରୁଥିବା ସମୟରେ ଗାଁ ମୁଣ୍ଡ ସ୍କୁଲଠାରେ ଅଭିଯୁକ୍ତମାନଙ୍କ ସହ ସଦାନନ୍ଦଙ୍କ ସାମାନ୍ୟ ବଚସା ହୋଇଥିଲା। ପରେ ଅଭିଯୁକ୍ତଙ୍କ ଆକ୍ରମଣରେ ସଦାନନ୍ଦ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ମେଡିକାଲ ନିଆଯାଇଥିଲେ ମଧ୍ୟ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ସ୍ଥାନୀୟ ପୋଲିସ ନଂ. ୪୨/୨୬ରେ ମାମଲା ରୁଜୁ କରିଛି।

### ବଳାତ୍କାର ଅଭିଯୋଗରେ ଅଭିଯୁକ୍ତ ଗିରଫ

**ଭେଡ଼େନ ୧୬।୩(ହୃଷୀକେଶ ଖମାରୀ):** ଭେଡ଼େନ ଥାନା ରୁଷୁଡ଼ା ଫାଣ୍ଡି ପୋଲିସ ସୋମବାର ବଳାତ୍କାର ଅଭିଯୋଗରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ, ସାଳନା ଗ୍ରାମର ଗୌତମ ନାଗ (୩୫)। ଏ ନେଇ ପୋଲିସ ଏକ ମାମଲା (ନଂ-୬୩/୨୬) ରାଜୁ ହୋଇଛି। ଜଣେ ବିବାହିତା ମହିଳା ରବିବାର ଗିରଫ ଅଭିଯୁକ୍ତଙ୍କ ବିରୋଧରେ ବଳାତ୍କାର ଅଭିଯୋଗ ନେଇ ରୁଷୁଡା ଫାଣ୍ଡିରେ ଏତଲା ଦେଇଥିଲେ। ପୋଲିସ ଉପରୋକ୍ତ ମାମଲା ରୁଜୁ କରି ଭେଡେନ ଡାକ୍ତରଖାନାରେ ପୀଡିତା ଏବଂ ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା କରାଯାଇଥିଲା। ଏ ନେଇ ଅଧିକ ତଦନ୍ତ ଚାଲିଛି ବୋଲି ରୁଷୁଡ଼ା ଫାଣ୍ଡି ଅଧିକାରୀ ଅରୂପ ରଞ୍ଜନ ବରାଇ କହିଛନ୍ତି।

### ସାରଙ୍ଗପୁରରେ ବୈଶାଖ ମେଳା ପ୍ରସ୍ତୁତି ବୈଠକ

**ପଦ୍ମପୁର,୧୬।୩ (ପ୍ରଦୀପ୍ତ ଦାଶ):** ପଦ୍ମପୁର ବ୍ଲକ ଅନ୍ତର୍ଗତ ସାରଙ୍ଗପୁର ଗ୍ରାମରେ ଥିବା ନୃସିଂହ ମନ୍ଦିର ପରିସରରେ ଚଳିତ ବର୍ଷର ବୈଶାଖ ମେଳାର ପ୍ରସ୍ତୁତି ବୈଠକ ପୂଜା କମିଟିର ସଭାପତି ଶ୍ରୀକାନ୍ତ ବରିହାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ତିନି ଦିନ ଧରି ହେବାକୁଥିବା ଏହି ମେଳାରେ ଲୋକମାନଙ୍କ ମନୋରଞ୍ଜନ ପାଇଁ ପ୍ରତିଦିନ କୀର୍ତ୍ତନ ଧାରା, ପାରାୟଣ, ସଞ୍ଚାର ସମେତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ ବୋଲି ଆଲୋଚନା ହୋଇଥିଲା। ବୈଠକରେ ଯାତ୍ରା କମିଟିର ଉପସଭାପତି ରମାକାନ୍ତ ସାହୁ ଉପସଭାପତି ଯୁଧିଷ୍ଠିର ବରିହା, ସହ ସମ୍ପାଦକ ସିତାଂଶୁ ମିଶ୍ର, କୋଷାଧ୍ୟକ୍ଷ ସତ୍ୟବାନ ବରିହାଙ୍କ ସମେତ ରତନ ସାହୁ, ହେମନ୍ତ ସାହୁ, ଡୋଲାମଣି ବଡେଇ ପ୍ରମୁଖ ଉପସ୍ଥିତ ଥିଲେ ।

### ଅଷ୍ଟ ପ୍ରହର ନାମଯଜ୍ଞ ଉଦ୍‌ଯାପିତ

**ଝାରବନ୍ଧ,୧୬।୩(ଦେବେନ୍ଦ୍ର ସାହୁ):** ଝାରବନ୍ଧଠାରେ ଦୁଇ ଦିନ ଧରି ଚାଲିଥିବା ଅଷ୍ଟପ୍ରହର ନାମ ଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଶ୍ରୀଜଗନ୍ନାଥ ମନ୍ଦିରର ୨୭ତମ ପ୍ରାଣପ୍ରତିଷ୍ଠା ଉପଲକ୍ଷେ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଡାପାଣି, ଝାରବନ୍ଧ, କୋକନରା, ଜାମପାଲି ଦଳ ଅଂଶଗ୍ରହଣ କରିଥିଲେ। ଯଜ୍ଞରେ କର୍ତ୍ତା ଭାବରେ ବିଦ୍ୟାଧର ସାହୁ ଓ ତାଙ୍କ ସ୍ତ୍ରୀ ମଞ୍ଜୁଲତା ସାହୁ କାର୍ଯ୍ୟ ତୁଲାଇଥିଲେ। ଯଜ୍ଞ ପୁରୋହିତ ଭାବରେ ପଣ୍ଡିତ ଝସକେତନ ନନ୍ଦ, ନୀଳମଣି ତ୍ରିପାଠୀ, ମହେନ୍ଦ୍ର ମହାପାତ୍ର ହୋମ ଯଜ୍ଞ ସମ୍ପାଦନ କରିଥିଲେ। ଏହିଅଷ୍ଟ ପ୍ରହରୀ ନାମ ଯଜ୍ଞକୁ ଗ୍ରାମ୍ୟ ଉନ୍ନୟନ କମିଟି ସଭାପତି ମୋହନ ପ୍ରଧାନ, ରାଜେଶ ପ୍ରଧାନ, ଗୋବିନ୍ଦ ପଟେଲ, ଜଗଦୀଶ ସାହୁ ପ୍ରମୁଖ ଯଜ୍ଞ ପରିଚାଳନା ଦାୟିତ୍ୱ ତୁଲାଇଥିଲେ।

### ଜାମସେଠରେ ଅଷ୍ଟ ପ୍ରହର ନାମଯଜ୍ଞ ସମ୍ପନ୍ନ

**ପାଇକମାଳ,୧୬।୩(ବଡ଼ ଶତପଥୀ):** ପାଇକମାଳ ବ୍ଲକ ଜାମସେଠ ଓମ ଷ୍ଟୋନ କ୍ରସର ପରିସରରେ ଶ୍ରୀଶ୍ରୀ ପଞ୍ଚମୁଖୀ ହନୁମାନ ମନ୍ଦିରରେ ପୂଜାନୋତ୍ସବ ଓ ଅଷ୍ଟପ୍ରହର ନାମଯଜ୍ଞ ପୂର୍ଣ୍ଣାହୂତି ସୋମବାର ସମ୍ପନ୍ନ ହୋଇଛି। କର୍ତ୍ତା ଭାବରେ ଶତ୍ରୁଘ୍ନ ସାହୁ ଓ ତାଙ୍କ ସ୍ତ୍ରୀ ଜୟନ୍ତୀ ସାହୁ ପୂଜାରେ ବସିଥିବା ବେଳେ ମୁଖ୍ୟ ପୂଜକ ଭାବେ ପଣ୍ଡିତ କିଶୋର ଦାଶ ପୂଜା କାର୍ଯ୍ୟ ସମ୍ପାଦନା କରିଥିଲେ। ଏଥିରେ ଜାମସେଠ, ଛିନ୍ଦେଇକେଲା, ଦେଶଇମୁଣ୍ଡା, ଓଡିଆପାଲି, ସାଲଟ, ଜନ୍ଦ୍ରାମୁଣ୍ଡା ସଂକୀର୍ତ୍ତନ ମଣ୍ଡଳୀ ଅଂଶଗ୍ରହଣ କରିଥିଲେ।

# ପୋଲିସର ଅବକାରୀ ଧରପଗଡ଼, ୫ ଗିରଫ

- କଫ ସିରପ୍, ମଦ, ଗଞ୍ଜେଇ ଜବତ
- ଜବତ ହେଲା ବ୍ୟବହୃତ ୨କାର୍

**ବରଗଡ଼/ସୋହେଲା,୧୬।୩ (ପ୍ରେମାନନ୍ଦ ଖମାରୀ/ଅଶ୍ୱିନୀ ପାତ୍ର)**



ଭଟଲି ଥାନା ପୋଲିସ ହାତରେ ଧରାପଡ଼ିଥିବା ଅଭିଯୁକ୍ତ, ଜବତ ସାମଗ୍ରୀ।

ବରଗଡ଼ ଜିଲାରେ ନିଶା କାରବାର ବଢ଼ି ଚାଲିଛି। ଏଥିପାଇଁ ନିଶାଜନିତ ଅପରାଧ ଜିଲାରେ ବୃଦ୍ଧି ପାଉଥିବା ସାଧାରଣରେ ଅଭିଯୋଗ ହେଉଛି। ଅନ୍ୟପଟେ ନିଶା କାରବାରକୁ ରୋକିବା ପାଇଁ ପୋଲିସ ଜିଲାରେ ଅବକାରୀ ଧରପଗଡ଼କୁ ଜୋରଦାର୍ କରିଛି। ଏହିକ୍ରମରେ ରବିବାର ଓ ସୋମବାର ଭଟଲି ଏବଂ ସୋହେଲା ଥାନା ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି କଫ ସିରପ୍, ଗଞ୍ଜେଇ, ମଦ ସମେତ ବ୍ୟବହୃତ ସାମଗ୍ରୀକୁ ଜବତ କରିବା ସହିତ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିଛନ୍ତି।

ଭଟଲି ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ରବିବାର ଭଟଲି-ବଡ଼ମାଲ ବାଇପାସ୍ ରାସ୍ତାରୁ ନିଶା ସାମଗ୍ରୀ ବୋଝେଇ ଏକ କାର୍(ନଂ-ଓଆର୧୫ଏମ୍ ୯୬୮୫)କୁ ଜବତ କରିଛି। ଏଥିରେ ସମ୍ପୃକ୍ତ ୪ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ, ଭଟଲି ଥାନା କୁଶନପୁରୀ ଗ୍ରାମର ଶିବଶଙ୍କର ଡନସେନା(୨୫), ବରଗଡ଼ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବରାହଗୋଡ଼ାର ରାହୁଲ ଓରଫ୍ ଶିବ ମହାନନ୍ଦ(୨୬), ବରଗଡ଼ ଟାଉନ ଥାନା ଅନ୍ତର୍ଗତ ୱାର୍ଡ ନଂ-୧ ମାଳପଡ଼ାର ବୁଲୁ ସାହୁ(୩୨) ଏବଂ ୱାର୍ଡ ନଂ-୭ ବିଶିପଡ଼ାର ନିଖିଳ ପାଢ଼ୀ(୩୦)। ସେମାନଙ୍କ ପାଖରୁ ଉପରୋକ୍ତ ବ୍ୟବହୃତ କାର୍ ସମେତ ୨୦କି.ଗ୍ରା. ୮୨୦ଗ୍ରାମ ଗଞ୍ଜେଇ, ୧୦୦ଟି ଏସକଫ୍ କଫ ସିରପ୍, ୪ଟି ଆସ୍ଥାଲିନ୍ କଫ ସିରପ୍, ଜାରକିନ୍‌ରେ ରହିଥିବା ମିଶ୍ରିତ କଫ ସିରପ୍, ୧୦୫ଟି ଦେଶୀ ମଦ ପାଉଚ୍ ଏବଂ ନଗଦ ୪୫୦୦ ଟଙ୍କା ଜବତ ହୋଇଥିବା ପୋଲିସ ସୂଚନା ଦେଇଛି। ଏ ନେଇ ଭଟଲି ଥାନାରେ ଅଭିଯୁକ୍ତମାନଙ୍କ ବିରୋଧରେ ଏକ ମାମଲା(ନଂ-୭୧/୨୬) ରୁଜୁ ହୋଇଛି। ତେବେ ଗିରଫ ଅଭିଯୁକ୍ତମାନଙ୍କ ବିରୋଧରେ ପୂର୍ବରୁ ମଧ୍ୟ ବିଭିନ୍ନ ଥାନାରେ ମାମଲା ରହିଥିବା ପୋଲିସ ସୂଚନା ଦେଇଛି।

ସେହିପରି ସୋହେଲା ଥାନା ପୋଲିସ ସୋମବାର ବିଜୁ ଏକ୍ସପ୍ରେସ ୱେର ଜାମପାଲି ଛକରୁ ଏଭଳି ନିଶାଦ୍ରବ୍ୟ ଜବତ କରିଛି। ଏହା ସହିତ ଏଥିରେ ସମ୍ପୃକ୍ତ ଜଣେ ଅଭିଯୁକ୍ତ ଗାଇସିଲେଟ୍ ଥାନା କଟାବାହାଲ ଗ୍ରାମର ତାପସ ପଣ୍ଡା(୨୭)ଙ୍କୁ ପୋଲିସ ଗିରଫ କରିଛି। ତାଙ୍କ ପାଖରୁ ୧୬କି.ଗ୍ରା. ୫୦ଗ୍ରାମ ଗଞ୍ଜେଇ, ବ୍ୟବହୃତ କାର୍(ନଂ-ଓଡି୧୭ୟୁ ୫୬୫୬) ଏବଂ ଗୋଟିଏ ମୋବାଇଲ ଜବତ ହୋଇଛି। ଏ ନେଇ ସୋହେଲା ଥାନାରେ ଏକ ମାମଲା(ନଂ-୬୯/୨୬) ରୁଜୁ ହୋଇଛି। ପୋଲିସର ଏଭଳି ଧରପଗଡ଼ ପରେ ନିଶା ବ୍ୟବସାୟୀଙ୍କ ମନରେ କୋକୁଆ ଭୟ ସୃଷ୍ଟି ହୋଇଛି।

# ଆହାର କେନ୍ଦ୍ରରେ ଛାତ୍ରୀଛାତ୍ରଙ୍କୁ ମିଳୁ ଅତିରିକ୍ତ ଖାଦ୍ୟ



**ବରଗଡ଼,୧୬।୩(ପ୍ରେମାନନ୍ଦ ଖମାରୀ)**

ମଧ୍ୟପ୍ରାଚ୍ୟ ଯୁଦ୍ଧ ପ୍ରଭାବରେ ରନ୍ଧନ ଗ୍ୟାସ ସଂକଟ ଦେଖାଦେଇଛି। ଏହା ସାଧାରଣ ଜୀବନ ଜୀବିକାକୁ ମଧ୍ୟ ପ୍ରଭାବିତ କରିଛି। ଏଥିରୁ ସ୍କୁଲ, କଲେଜ ଛାତ୍ରୀଛାତ୍ର ବାଦ ପଡ଼ି ନାହାନ୍ତି। ବିଭିନ୍ନ ଛାତ୍ରାବାସ, ଛାତ୍ରୀ ନିବାସ ଏବଂ ଚ୍ୟାମ୍ବର ଗୁଡିକରେ ରହୁଥିବା ଛାତ୍ରୀଛାତ୍ରଙ୍କ ପାଇଁ ରନ୍ଧନ ଗ୍ୟାସ ସଙ୍କଟ ଏକ ବଡ଼ ସମସ୍ୟା ହୋଇ ପଡିଛି। ରନ୍ଧନ ଗ୍ୟାସ ଅଭାବରୁ ରନ୍ଧାବଢା ପ୍ରଭାବିତ ହୋଇଥିବାରୁ ଛାତ୍ରୀଛାତ୍ରଙ୍କ ଚିନ୍ତା ବଢାଇ ଦେଇଛି। ଏହି କ୍ରମରେ ସୋମବାର ବରଗଡ଼ ଜିଲା ବିଜୁ ଛାତ୍ର ଜନତାର ଏକ ପ୍ରତିନିଧି ଦଳ ସ୍ଥାନୀୟ ପୌର ପରିଷଦ ନିର୍ବାହୀ ଅଧିକାରୀ ଦେବାନନ୍ଦ ସାହୁଙ୍କୁ ଫେରାଦ ହୋଇଛନ୍ତି। ଏଭଳି ସ୍ଥିତିରେ ଛାତ୍ରୀଛାତ୍ରଙ୍କ ପାଇଁ ଆହାର କେନ୍ଦ୍ରରେ ଅତିରିକ୍ତ ଖାଦ୍ୟ ବ୍ୟବସ୍ଥା କରିବା ପାଇଁ ଦାବି କରି ପୌର ପରିଷଦ ନିର୍ବାହୀ ଅଧିକାରୀଙ୍କୁ ସେମାନେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବିଜୁ ଛାତ୍ର ଜନତା ଦଳର ଜିଲା ସଭାପତି କରି ସିକନ୍ଦରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଦାବିପତ୍ର ପ୍ରଦାନ ପାଇଁ ପୌର ପରିଷଦ କାର୍ଯ୍ୟାଳୟକୁ ଯାଇଥିଲେ।

# ୟୁଜିସିର ଏକତରଫା ଆଇନକୁ ବିରୋଧ

**ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବ୍ରାହ୍ମଣ ସମାଜର ସ୍ମାରକପତ୍ର**

**ଗୋଡ଼ଭଗା/ଅତାବିରା (ସୁରେଶ ଦାଶ/ଯୁଧିଷ୍ଠିର ମହାପାତ୍ର), ୧୬।୩**


ଅତାବିରା ବ୍ରାହ୍ମଣସମାଜ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

ବିଶ୍ୱବିଦ୍ୟାଳୟ ଅନୁଦାନ କମିଶନ(ୟୁଜିସି) ପକ୍ଷରୁ ନିକଟରେ ଆଣିଥିବା ନିୟମରେ ସାଧାରଣବର୍ଗର ଛାତୀଛାତ୍ରଙ୍କ ପ୍ରତି ଅତି ଅବିଚାର କରାଯାଇଛି। ଏହା ଲାଗୁ ହେଲେ ଅଧିକାଂଶ କ୍ଷେତ୍ରରେ ସାଧାରଣ ବର୍ଗର ଛାତ୍ରୀଛାତ୍ର ମିଥ୍ୟା ଜାତିଗତ ରାଜନୀତିର ଶିକାର ହୋଇ ଆଇନଗତ ଦଣ୍ଡ ହେବା ସହ ଶିକ୍ଷାରୁ ବଞ୍ଚିତ ହେବେ, ଯାହାକୁ ନେଇ ଅତାବିରା ବ୍ରାହ୍ମଣସମାଜ ପକ୍ଷରୁ ବିରୋଧ କରାଯାଇଛି। ଏହି ପରିପ୍ରେକ୍ଷୀରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଅତାବିରା ତହସିଲଦାରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ତହସିଲଦାରଙ୍କ ଅନୁପସ୍ଥିତିରେ ଅତିରିକ୍ତ ତହସିଲଦାର ଦୀପକ ପତିଙ୍କୁ ଦାବି ପ୍ରଦାନ କରିଛନ୍ତି। ଏହି ଆଇନ କାର୍ଯ୍ୟକାରୀ ହେଲେ ଶିକ୍ଷାଗତ ସମାନତାର ଉଲ୍ଲଂଘନ କରିବା ସହ ଯୋଗ୍ୟତା ଆଧାରିତ ସ୍ୱଚ୍ଛତାକୁ ଦୁର୍ବଳ କରିବ। ସାଧାରଣ ବର୍ଗର ଅର୍ଥନୈତିକ ଅନଗ୍ରସର ପଛୁଆ ପୃଷ୍ଠଭୂମିର ଛାତ୍ରୀଛାତ୍ରମାନଙ୍କୁ ଗୁରୁତର ପ୍ରଭାବିତ ହେବେ। ଏଥିରେ ସଂପୃକ୍ତି ଥିବା ସମସ୍ତ ଅଂଶୀଦାର/ ସମସ୍ତ ବର୍ଗର ପରାମର୍ଶ, ମତାମତ, ସକାରାତ୍ମକ/ନକାରାତ୍ମକ ଦିଗକୁ ତର୍ଜମା ନ କରି ଡ୍ରାଫ୍ଟ ପ୍ରସ୍ତୁତ କରାଯାଇଛି। ଏହି ନିୟମରେ କେବଳ ସାଧାରଣବର୍ଗ ବିରୋଧରେ ଏକ ପାଖିଆ ନିର୍ଦ୍ଦେଶନାମା ବିରୋଧରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟଙ୍କ ଅସମ୍ମତି ପ୍ରକାଶ କରି ରହିତାଦେଶ ଦେଇଛନ୍ତି। ପ୍ରସ୍ତାବିତ ସଂଶୋଧନ/ନିୟମଗୁଡ଼ିକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ଦାବି କରାଯାଇଛି। ସ୍ମାରକପତ୍ର ପ୍ରଦାନ ସମୟରେ ଅତାବିରା ବ୍ରାହ୍ମଣ ସମାଜର ସଭାପତି ସୁଧାଂଶୁ ଶେଖର ତ୍ରିପାଠୀ, ସମ୍ପାଦକ ଶ୍ରୀକାନ୍ତ ପଣ୍ଡା, କୋଷାଧ୍ୟକ୍ଷ ଝସକେତନ ଦେବତା, ବରିଷ୍ଠ ଉପଦେଷ୍ଟା ବେଣୁଧର ମିଶ୍ର, ନବୀନ ଦାଶ, ବୀରେନ୍ଦ୍ର କର, ସୁରେଶ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ବୈଠକରେ ହଟ୍ଟଗୋଳ, ଅଧାରୁ ଉଠିଲେ କାଉନ୍‌ସିଲର

**ପଦ୍ମପୁର,୧୬।୩(ପ୍ରଦୀପ୍ତ ଦାଶ)**

ପଦ୍ମପୁର ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅଧ୍ୟକ୍ଷା ସାବିତ୍ରୀ ବାଗଙ୍କ ଅଧ୍ୟକ୍ଷତାରେ ଏକ ସ୍ୱତନ୍ତ୍ର ବୈଠକ ସୋମବାର ଆୟୋଜନ କରାଯାଇଥିଲା। କିନ୍ତୁ ବୈଠକରେ କାଉନସିଲରମାନେ ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝୀଙ୍କ ବିଭିନ୍ନ କାର୍ଯ୍ୟକଳାପକୁ ନେଇ ଅସନ୍ତୋଷ ପ୍ରକଟ କରିବା ସହ ବୈଠକକୁ ଅଧାରୁ ଛାଡ଼ି ଚାଲି ଆସିଥିଲେ। ନିର୍ବାହୀ ଅଧିକାରୀ କାହାରି କଥା ନ ଶୁଣି ନିଜ ମନ ମୁତାବକ କାର୍ଯ୍ୟ କରୁଥିବା କାଉନସିଲର ପ୍ରିୟରଞ୍ଜନ ଭୋଇ ଓ ଚିନ୍ମୟ ପଣ୍ଡା ଅଭିଯୋଗ କରିବା ସହ ବୈଠକରେ ପ୍ରବଳ ହଟ୍ଟଗୋଳ ହୋଇଥିଲା। ସହରର ଦୋକାନ ଗୃହ ଆବଣ୍ଟନରେ ଘୋର ଅନିୟମିତତା ହୋଇଥିବା କାଉନସିଲରମାନେ ଅଭିଯୋଗ ଆଣିଥିଲେ। ବିନା କୌଣସି ନୋଟିସରେ ପଦ୍ମପୁର ଡାକ୍ତରଖାନା ନିକଟରେ ତିଆରି ହୋଇଥିବା ତିନି ଗୋଟି ଦୋକାନ ଗୃହ ନିର୍ବାହୀ ଅଧିକାରୀ ନିଜ ମନ ମୁତାବକ ଆବଣ୍ଟନ କରିଥିବା ଅଭିଯୋଗ ହୋଇଥିଲା । ଏହାସହ ପଦ୍ମପୁର ଆହାର କେନ୍ଦ୍ରକୁ ମଧ୍ୟ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ଏକ ସ୍ୱୟଂ ସହାୟକ ଗୋଷ୍ଠୀକୁ ସୁହାଇଲା ଭଳି ନିୟମ କରାଯାଇ ବେନିୟମ ଭାବରେ ସେହି ଗୋଷ୍ଠୀକୁ ପରିଚାଳନା ଦାୟିତ୍ୱ ଦିଆଯାଇଥିବାରୁ ବୈଠକରେ ଘୋର ଅସନ୍ତୋଷ ଦେଖାଦେଇଥିଲା। ସହରର ପରିମଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡିଥିବା, ସହରରେ ଥିବା ଏକମାତ୍ର ପାର୍କ ରକ୍ଷଣାବେକ୍ଷଣ ଅଭାବରୁ ଅଚଳ ହୋଇପଡ଼ିବା, ପରିଷଦ କାର୍ଯ୍ୟାଳୟର କିଛି କର୍ମଚାରୀ କାଉନସିଲରମାନଙ୍କୁ ସହଯୋଗ ନ କରିବା ଏବଂ ସେମାନେ ମନମୁଖି କାର୍ଯ୍ୟକଳାପ ଚଳାଉଥିବା ଅଭଯୋଗ କରି ବୈଠକରେ ଉପସ୍ଥିତ ସମସ୍ତ କାଉନ୍‌ସିଲର ଦସ୍ତଖତ ନ ଦେଇ ସଭାକାର୍ଯ୍ୟ ଅଧାରୁ ଛାଡ଼ି ଚାଲି ଆସିଥିଲେ।

# ରାସ୍ତା ପ୍ରଶସ୍ତୀକରଣ ପାଇଁ ଜାଗା ଚିହ୍ନଟ

**ଝାରବନ୍ଧ,୧୬।୩(ଦେବେନ୍ଦ୍ର ସାହୁ)**

ଝାରବନ୍ଧ ରାସ୍ତା ପ୍ରଶସ୍ତୀକରଣ ପାଇଁ ରାଜସ୍ୱ ବିଭାଗ ସୋମବାର ଜାଗା ଚିହ୍ନଟ କରିଛି। ତହସିଲଦାର ଅଲେଖ ଘୁଟା ଏବଂ ଅତିରିକ୍ତ ତହସିଲଦାରଙ୍କ ନେତୃତ୍ୱରେ ରାଜସ୍ୱ ବିଭାଗ ଝାରବନ୍ଧ ମୁଖ୍ୟ ଛକଠାରେ ଚିହ୍ନଟ କରି ରାସ୍ତା ପାର୍ଶ୍ୱରେ ଥିବା ଦୋକାନ ଗୁଡ଼ିକରେ ଲାଲ ଗାର ଦେଇଛନ୍ତି । ଆସନ୍ତା ମାର୍ଚ୍ଚ ୧୭ତାରିଖରୁ ଝାରବନ୍ଧ ଡଭା ରାସ୍ତା ଚିହ୍ନଟ ଜାଗା ଉଚ୍ଛେଦ କରାଯିବ ବୋଲି ତହସିଲଦାର କାର୍ଯ୍ୟାଳୟ ତରଫରୁ ନୋଟିସ କରାଯାଇଛି। ରାସ୍ତାର ଉଭୟ ପାର୍ଶ୍ୱ ୧୭ ଫୁଟ ଚିହ୍ନଟ କରାଯାଇଛି ହେଲେ ଏହା ପୂର୍ବରୁ ଦୋକାନୀଙ୍କୁ ନୋଟିସ ଦିଆଯାଇଥିବା ବିଷୟ ଦ୍ୱନ୍ଦ୍ୱରେ ପକାଉଛି। ଦୋକାନୀମାନଙ୍କ କହିବା ଅନୁସାରେ, ଚିହ୍ନଟ ହୋଇଥିବା ଜାଗା ଛାଡ଼ିବା ପରେ ପୁଣି କଣ କରାଯିବ ତାହା ଜାଣି ପାରୁନାହାନ୍ତି ।

# ପ୍ରୌଢ଼ ଶିକ୍ଷା ସାକ୍ଷରତା ପରୀକ୍ଷା ଉଲ୍ଲାସ


ଉଲ୍ଲାସ କାର୍ଯ୍ୟକ୍ରମରେ ପ୍ରୌଢମାନଙ୍କୁ ଶିକ୍ଷାଦାନ କରାଯାଉଛି।

**ପଦ୍ମପୁର,୧୬।୩(ପ୍ରଦୀପ୍ତ ଦାଶ)**

ପଦ୍ମପୁର ଉପଖଣ୍ଡ ଅନ୍ତର୍ଗତ ଖୁଜେନ ପ୍ରାଥମିକ ବିଦ୍ୟାଳୟରେ ପ୍ରୌଢ଼ ଶିକ୍ଷା ସାକ୍ଷରତା ପରୀକ୍ଷା ଉଲ୍ଲାସ କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଦେଶରେ ନିରକ୍ଷରତା ଦୂର କରିବା ଓ ପ୍ରୌଢ଼ଙ୍କୁ ସାକ୍ଷର କରିବା ଲକ୍ଷ୍ୟରେ ଏହି ପରୀକ୍ଷା ଆୟୋଜିତ ହୋଇଥିଲା। ଏହି ପରୀକ୍ଷାରେ ଗ୍ରାମର ୧୦ ଜଣ ପ୍ରୌଢ଼ ଶିକ୍ଷାର୍ଥୀ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ସାବିତ୍ରୀ ଧରୁଆଙ୍କ ନିରୀକ୍ଷଣ ତଥା ନେତୃତ୍ୱରେ ପରୀକ୍ଷାଟି ଶୃଙ୍ଖଳା ସହ ପରିଚାଳିତ ହୋଇଥିଲା।

# ପରୀକ୍ଷା ଦେଲେ ୨୫ହଜାର ୫୨୮ ଶିକ୍ଷାର୍ଥୀ

**ବରଗଡ଼,୧୬।୩(ପ୍ରେମାନନ୍ଦ ଖମାରୀ)**


ନବଭାରତ ସାକ୍ଷରତା କାର୍ଯ୍ୟକ୍ରମରେ ପରୀକ୍ଷା ଦେଉଛନ୍ତି।

**ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ**

ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ (ଉଲ୍ଲାସ) ଅନ୍ତର୍ଗତ ମୌଳିକ ସାକ୍ଷରତା ଏବଂ ସଂଖ୍ୟା ଜ୍ଞାନ ଦ୍ୱିତୀୟ ମୂଲ୍ୟାଙ୍କନ ପରୀକ୍ଷା (ଏଫଏଲଏନଏଟି-୨) ରବିବାର ବରଗଡ଼ ଜିଲାର ବିଭିନ୍ନ ବିଦ୍ୟାଳୟ ଗୁଡ଼ିକରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁଙ୍କ ନିରୀକ୍ଷଣ ଏବଂ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସରୋଜ କୁମାର ଭୁଏ ତଥା ସମସ୍ତ ବ୍ଲକର ବିଇଓ ଓ ଏବିଇଓ, ସିଆର୍‌ସିସିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପରୀକ୍ଷାରେ ଜିଲାରେ ୨୫ହଜାର ୫୨୮ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ପରୀକ୍ଷାର ସୁପରିଚାଳନା ପାଇଁ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଭୁଏଙ୍କ ସମେତ ଗୋଷ୍ଠୀ ଶିକ୍ଷାଧକାରୀ, ସହକାରୀ ଗୋଷ୍ଠୀ ଶିକ୍ଷାଧକାରୀ ଓ ସିଆର୍‌ସିସିମାନେ ବିଭିନ୍ନ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ। ୧୫ ବର୍ଷରୁ ଅଧିକ ବୟସ୍କ ନିରକ୍ଷର ବ୍ୟକ୍ତିଙ୍କୁ ସାକ୍ଷର କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଚାଲିଛି। ଜିଲାରେ କାର୍ଯ୍ୟକ୍ରମକୁ ଫଳପ୍ରଦ କରିବା ଲକ୍ଷ୍ୟରେ ଜିଲାସ୍ତରୀୟ ଏବଂ ବ୍ଲକସ୍ତରୀୟ କର୍ମଶାଳା ପୂର୍ବରୁ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ବିଦ୍ୟାଳୟର ଶିକ୍ଷକମାନେ ଘର ଘର ବୁଲି ଶିକ୍ଷାର୍ଥୀମାନଙ୍କୁ ଚିହ୍ନଟ କରିଥିଲେ ଏବଂ ସଚ୍ଛୋସେବୀ ଶିକ୍ଷକମାନେ ସେମାନଙ୍କୁ ଶିକ୍ଷାଦାନ କରୁଥିଲେ। ୨୦୨୫-୨୬ ଶିକ୍ଷାବର୍ଷର ଦ୍ୱିତୀୟ ପର୍ଯ୍ୟାୟରେ ୨୬ହଜାର ୯୦୦ ଜଣ ଶିକ୍ଷାର୍ଥୀ ଏବଂ ୨,୬୦୦ ଜଣ ସଚ୍ଛୋସେବୀ ଶିକ୍ଷକ ପଞ୍ଜୀକୃତ ହୋଇଥିଲେ। ସଚ୍ଛୋସେବୀ ଶିକ୍ଷକମାନେ ନିରକ୍ଷରଙ୍କୁ ପଢ଼ାଇବା ପରେ ରବିବାର ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ସମସ୍ତ ବ୍ଲକରେ ଏହି ପରୀକ୍ଷା ସୁରୁଖୁରୁରେ ସମ୍ପନ୍ନ ହୋଇଥିଲା।

# ସମସ୍ୟାର ସମାଧାନ କରିବାକୁ ନିର୍ଦ୍ଦେଶ

**ବରଗଡ଼,୧୬।୩(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଅମ୍ବାଭୋନା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଆଦିତ୍ୟ ଗୋୟଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଲାଟ କୁମାର ଲୁହା, ବରଗଡ଼ ଉପ ଜିଲାପାଳ ପ୍ରସନ୍ନ କୁମାର ପାଣ୍ଡେ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. କୁବେର ମହନ୍ତ, ଅମ୍ବାଭୋନା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲଳିତ ବାଗ ଏବଂ ବ୍ଲକ ଅଧ୍ୟକ୍ଷ କୀର୍ତ୍ତି ଚନ୍ଦ୍ର ଦୁଆନ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଉକ୍ତ ଶିବିରରେ ସମୁଦାୟ ୧୦୧ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ୬୯ଟି ବ୍ୟକ୍ତିଗତ ଏବଂ ୩୨ଟି ସାମୁହିକ ଅଭିଯୋଗର ଶୁଣାଣି କରି ସମସ୍ତ ସମସ୍ୟା ତୁରନ୍ତ ସମାଧାନ କରିବା ପାଇଁ ଜିଲାପାଳ ଗୋୟଲ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ସନାତନି ବ୍ରାହ୍ମଣ ସମାଜର ନୂତନ କର୍ମକର୍ତ୍ତା

**ବରପାଲି, ୧୬।୩( ଚିତ୍ତରଞ୍ଜନ ସାହୁ)**

ବରପାଲି ସହର ସନାତନୀ ବ୍ରାହ୍ମଣ ସମାଜର ଚଳିତ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ମନୋନୀତ କରାଯାଇଛି। ସୋମବାର ଅପରାହ୍ନରେ ବରପାଲି ବ୍ରାହ୍ମଣ ସମାଜର ଏକ ବୈଠକ ବ୍ଲକ ସଭାପତି ପଣ୍ଡିତ କୃଷ୍ଣଚନ୍ଦ୍ର ଦେବତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଯାଇଛି। ଚଳିତ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ହେଲେ ସଭାପତି ପିନାକୀ ଦାଶ, ଉପ ସଭାପତି ବିଭୂତି ଭୂଷଣ ମିଶ୍ର, ପଣ୍ଡିତ ସଦାନନ୍ଦ ଦାଶ, ସାଧାରଣ ସମ୍ପାଦକ ପ୍ରଦୀପ ଦାଶ, ସମ୍ପାଦକ ନିରଞ୍ଜନ ମିଶ୍ର, ରାଜେନ୍ଦ୍ର ପୁଝାରୀ, ଡକ୍ଟର ସରୋଜ କୁମାର ଦାଶ, ପଣ୍ଡିତ ଯୋଗେଶ ଦାଶ ମନୋନୀତ ହୋଇଥିବା ବେଳେ କୋଷାଧ୍ୟକ୍ଷ ଭାବରେ ରାଜୁ ଦାଶ ଓ ଅଧିର ଦାଶ ରହିଛନ୍ତି । କାର୍ଯ୍ୟକାରୀ କମିଟିରେ ୧୫ ଜଣ ସଭ୍ୟ ରହିଛନ୍ତି ।



# ସାମାଜିକ କ୍ଷେତ୍ରରେ ସହଯୋଗର ହାତ ବଢ଼ାଇବାକୁ ଆହ୍ୱାନ

**ଭେଡେନ,୧୬।୩(ହୃଷୀକେଶ ଖମାରୀ)**



ରାଜ୍ୟସ୍ତରୀୟ ଡୁମାଳ ମହାସଭାର ଉଦ୍‌ଯାପନୀ ସମାରୋହରେ ଅତିଥିବୃନ୍ଦ।

ବରଗଡ଼ ଜିଲା ଭେଡେନ ବ୍ଲକ ଅନ୍ତର୍ଗତ ପପଙ୍ଗାଠାରେ ଚାଲିଥିବା ରାଜ୍ୟସ୍ତରୀୟ ଡୁମାଳ ମହାସଭା ସୋମବାର ଉଦ୍‌ଯାପିତ ହୋଇଛି। ଏଥିରେ ପୂଜାସ୍ଥଳରେ ମାଁ ମାହେଶ୍ୱରୀଙ୍କର ପୂଜାର୍ଚ୍ଚନା କରାଯାଇଥିଲା। ଯୁବ ସଭାପତି ଦୟାନିଧି ଖମାରୀଙ୍କର ସଭାପତିତ୍ୱରେ ଯୁବ ସମାବେଶ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ଯୁବ ସମ୍ପାଦକ ବିଜୟ ରଞ୍ଜନ କର୍ମୀ, ମାଁ ମାହେଶ୍ୱରୀ ସେନାର କାର୍ଯ୍ୟକାରୀ ସଭାପତି କୁବେର ମହାକୁର, ସମ୍ପାଦକ ମହେନ୍ଦ୍ର ମହାକୁଳ, ସୁରେନ୍ଦ୍ର ମହାକୁର, ବରଗଡ଼ ଜିଲା ସଭାପତି ପ୍ରମୋଦ କର୍ଣ୍ଣ, ସୁମିତ କର୍ଣ୍ଣ ମଞ୍ଚାସୀନ ଥିଲେ। ଅତିଥିମାନେ ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ କ୍ଷେତ୍ରରେ ଜାତିର ଉନ୍ନତି ପାଇଁ ସହଯୋଗର ହାତ ବଢାଇବା ପାଇଁ ଯୁବପୀଢିଙ୍କୁ ଆହ୍ୱାନ କରିଥିଲେ। ଖୋଲା ଅଧିବେଶନରେ ବିଭିନ୍ନ ଜାତିଭିତ୍ତିକ ସମସ୍ୟାର ଆପତ୍ତି ଅଭିଯୋଗ ଗ୍ରହଣ କରାଯାଇ ବୈଚାରିକ ସମାଧାନ କରାଯାଇଥିଲା। ଡୁମାଳ ଜାତିର କୃତୀ ଛାତ୍ରୀଛାତ୍ର ଏବଂ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ବ୍ୟକ୍ତିବିଶେଷଙ୍କୁ ଉପଢୌକନ ଏବଂ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ବର୍ତ୍ତମାନର ରାଜ୍ୟ ଡୁମାଳ ପରିଷଦର କାର୍ଯ୍ୟକାଳ ଆସନ୍ତା ଜୁଲାଇ ୨୦୨୬ରେ ସରିଯାଇଥିବାରୁ ଆଗାମୀ ରାଜ୍ୟ ଡୁମାଳ ପରିଷଦର ସାଙ୍ଗଠନିକ କମିଟି ଗଠନ ପାଇଁ ମହାସଭାର ସର୍ବସମ୍ମତିକ୍ରମେ ନିର୍ବାଚନ ଅଧିକାରୀ ଭାବେ ହୃଷିକେଶ ପ୍ରଧାନ, ଶେଷଦେବ ପର୍ଡିଆ, ସୁଦାମ ଚରଣ ବଘାର, ଭୁବନେଶ୍ୱର ମହାକୁର ଓ ହାଡିବନ୍ଧୁ ମହାକୁଡ଼ଙ୍କ ନାମ ଘୋଷଣା କରାଯାଇଥିଲା। ଖୋଲା ଅଧିବେଶନରେ ରାଜ୍ୟ ସଭାପତି ଦୟାସାଗର ମେଣ୍ଡଲୀ, ପୂର୍ବତନ ରାଜ୍ୟ ସଭାପତି ସୁଧୀର କର୍ଣ୍ଣ, ରାଜ୍ୟ ମହିଳା ସଭାନେତ୍ରୀ ହେମବତୀ କରନ, ଉପସଭାପତି ସୁଦାମ ଚରଣ ଖମାରୀ, ଲୋକନାଥ ମାହାର, କାର୍ଯ୍ୟକାରୀ ସଭାପତି ବିଭୁପ୍ରସାଦ କ୍ଷେତି, ସହ ସମ୍ପାଦକ ସତ୍ୟ ନାରାୟଣ ମେଣ୍ଡଲୀ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ମାଁ ମାହେଶ୍ୱରୀ ସେନା ତରଫରୁ ଆୟୋଜିତ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ମୋଟ ୩୫ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା।

## ସଂକ୍ଷେପରେ

### ବିଦ୍ୟୁତ୍ ଖୁଣ୍ଟ ପଡ଼ି ବାଇକ ଚାଳକ ଆହତ

**ବଡ଼ଗାଁ, ୧୬।୩(ଅଶୋକ ଷଡଙ୍ଗୀ):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ଅଞ୍ଚଳରେ ରବିବାର ରାତିରେ ହୋଇଥିବା ବର୍ଷା ପବନ ଯୋଗୁ ବଡ଼ଗାଁ କାଳୀ ମନ୍ଦିର ନିକଟରେ ଥିବା ଏକ ଲିମ୍ବ ଗଛ ଭାଙ୍ଗିଯାଇଥିଲା। ସୋମବାର ସକାଳେ ଲିମ୍ବ ଗଛକୁ ବଡ଼ଗାଁ ଦମକଳ ବାହିନୀ ଓ ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କ ଉପସ୍ଥିତିରେ କାଟିବା ବେଳେ ଗଛ ଡାଳଟି ବିଦ୍ୟୁତ କେବୁଲ ତାର ଉପରେ ପଡି ହଠାତ୍ ଖୁଣ୍ଟ ଉପୁଡି ପଡ଼ିଯାଇଥିଲା। ସେହି ସମୟରେ ଉକ୍ତ ରାସ୍ତା ଦେଇ ବାଇକ୍ ଯୋଗେ ଯାଉଥିବା ସଗିର ଅନସାରୀ (୪୫)ଙ୍କ ଗାଡିରେ ଖୁଣ୍ଟ ବାଜିଥିଲା। ଫଳରେ ସେ ବାଇକରୁ ଛିଟିକି ପଡି ଆହତ ହୋଇଥିଲେ। ତାଙ୍କୁ ପ୍ରଥମେ ବଡ଼ଗାଁ ଡାକ୍ତରଖାନା ପରେ ସୁନ୍ଦରଗଡ ଡାକ୍ତରଖାନାକୁ ନିଆଯାଇଥିଲା।

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**କୁଆଁରମୁଣ୍ଡା, ୧୬।୩(ମହେନ୍ଦ୍ର କୁମାର ସାହୁ):** ସୁନ୍ଦରଗଡ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ଯମୁନାନାକି ଗ୍ରାମ କେଉଟେନପୋଶର ଅଳ୍ପ ଦୂରରେ ଥିବା ଏକ ବରଗଛରେ ସୋମବାର ସକାଳେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ମୃତକହେଲେ ଧୀରଜ କାଣ୍ଡୁଲନା(୪୫)। ବୀରମିତ୍ରପୁର ପୋଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ମୃତ ଧିରଜଙ୍କ ମାନସିକ ଅବସ୍ଥା ଠିକ ନ ଥିବା ପରିବାର ଲୋକେ ଏତଲାରେ ଦର୍ଶାଇଛନ୍ତି। ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନା ଅନୁଯାୟୀ, ଧୀରଜ ସୋମବାର ସକାଳୁ ଶୌଚ ହେବା ପାଇଁ ବାହାରକୁ ଯାଇଥିଲେ। ମାତ୍ର ଘରଠାରୁ ଅଳ୍ପ ଦୂରରେ ଥିବା ଏକ ବରଗଛରେ ତାଙ୍କର ଝୁଲନ୍ତା ମୃତଦେହ ଦେଖି ସେହି ବାଟ ଦେଇ ଯାଉଥିବା ଜଣେ ଯୁବକ ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ।

### ଲାଞ୍ଜିଗଡ଼ ବ୍ଲକରେ ଏନ୍ଆଇଏଲ୍‌ପି କାର୍ଯ୍ୟକ୍ରମ

**ଲାଞ୍ଜିଗଡ଼, ୧୬।୩ (ରମେଶ ଚନ୍ଦ୍ର ନାୟକ):** ଜାତୀୟ ଶିକ୍ଷାନୀତି ଅଧୀନରେ ନୂତନ ଭାରତ ସାକ୍ଷରତା କାର୍ଯ୍ୟକ୍ରମ (ଏନ୍ଆଇଏଲ୍‌ପି) ଦ୍ୱାରା ପରିଚାଳିତ ଉଲ୍ଲାସ କାର୍ଯ୍ୟକ୍ରମ ୧୫ ବର୍ଷରୁ ଊର୍ଦ୍ଧ୍ୱ ଆନୁଷ୍ଠାନିକ ଶିକ୍ଷାରୁ ବଞ୍ଚିତ ବ୍ୟକ୍ତିଙ୍କ ପାଇଁ ଏକ ଅଭିନବ ସୁଯୋଗ ସୃଷ୍ଟି କରିଛି। ଗତ ଶିକ୍ଷାବର୍ଷରୁ ଆରମ୍ଭ ହୋଇଥିବା ଏହି ଯୋଜନା ଅଧୀନରେ ରବିବାର ଲାଞ୍ଜିଗଡ ବ୍ଲକର ୧୩ କ୍ଲଷ୍ଟରରେ ପରୀକ୍ଷାର୍ଥୀଙ୍କ ପରୀକ୍ଷା ଶେଷ ହୋଇଛି। ବ୍ଲକର ୨୩୧୯ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବାପାଇଁ ଧାର୍ଯ୍ୟ ହୋଇଥିବା ବେଳେ ୨୨୭୭ ଜଣ ବୟସ୍କ ନାଗରିକ ୧୧୦ କେନ୍ଦ୍ରରେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ମୂଲ୍ୟାୟନ ପରୀକ୍ଷା ଦେଇଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି। ସକାଳ ୭ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଏହି ପରୀକ୍ଷା ଚାଲିଥିଲା । ଏଥିରେ ଅକ୍ଷର ଜ୍ଞାନ ସହ ଗାଣିତିକ ନମ୍ବର ସମ୍ପର୍କିତ ପ୍ରଶ୍ନ ଥିଲା। ଅତିରିକ୍ତ ଜିଲା ଶିକ୍ଷାଅଧିକାରୀ ହେମସଗାର ମହାନନ୍ଦ, ଲାଞ୍ଜିଗଡ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁଧଳଦେବ ମୁଣ୍ଡ, ଭାରତ ଭୂଷଣ ସାହୁ ପ୍ରମୁଖ ବିଭିନ୍ନ ବିଦ୍ୟାଳୟ ଗସ୍ତ କରି ପରୀକ୍ଷାର୍ଥୀଙ୍କୁ ଉତ୍ସାହିତ କରିଥିଲେ।

# ତୁରନ୍ତ କାମ ବନ୍ଦ ନ କଲେ ଆନ୍ଦୋଳନ ଚେତାବନୀ

**ବଣାଇଁ, ୧୬।୩(ପ୍ରଦୀପ ତ୍ରିପାଠୀ)**

- ବଣାଇଁ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟରେ ହଇଗୋଳ
- ପଞ୍ଚାୟତ ସମିତିର ସମସ୍ତ ସରପଞ୍ଚ, ସମିତି ସଭ୍ୟ, ଜିଲା ପରିଷଦ ସଦସ୍ୟଙ୍କ ହଙ୍ଗାମା
- ଏକ ନିର୍ଦ୍ଦିଷ୍ଟ ଦଳର ପ୍ୟାଡ୍‌ରେ ସାଢ଼େ ଚାରି କୋଟି ଟଙ୍କାର କାର୍ଯ୍ୟଦେଶ ବଣ୍ଟନକୁ ବିରୋଧ
- ବିଡିଓ କହୁଛନ୍ତି ତାଙ୍କୁ କିଛି ଜଣାନାହିଁ


ମିଟିଂରେ ଉପସ୍ଥିତ ସମିତି ସଭ୍ୟାସଭ୍ୟ।

ସୁନ୍ଦରଗଡ଼ ଜିଲା ବଣାଇଁ ବ୍ଲକ କାର୍ଯ୍ୟାଳୟରେ ସମସ୍ତ ୧୩ ପଞ୍ଚାୟତର ସମିତି ସଭ୍ୟ ଓ ସରପଞ୍ଚଙ୍କ ସମେତ ଜିଲା ପରିଷଦ ସଭ୍ୟ ଏକ ଉନ୍ନୟନ କାର୍ଯ୍ୟର କାର୍ଯ୍ୟାଦେଶ ପ୍ରତ୍ୟାହାର ଦାବି କରି ବିଡିଓଙ୍କୁ ଟାର୍ଗେଟ କରିଛନ୍ତି। ସେମାନଙ୍କ ସହିତ ବଣାଇଁ ବିଧାୟକ ପ୍ରତିନିଧି ଓ ସିପିଆଇଏମ୍ କର୍ମୀ ମଧ୍ୟ ସାମିଲ ହୋଇ ତୁରନ୍ତ କାର୍ଯ୍ୟାଦେଶ ପ୍ରତ୍ୟାହାର ପାଇଁ ଦାବି କରିଛନ୍ତି।

ସରପଞ୍ଚ, ସମିତି ସଭ୍ୟଙ୍କ ଅଭିଯୋଗ ଅନୁଯାୟୀ, ବଣାଇଁ ବ୍ଲକ ଅଧୀନରେ ଥିବା ୧୩ ପଞ୍ଚାୟତ ନିମନ୍ତେ ଭାରତୀୟ ଜନତା ପାର୍ଟିର ୨ଜଣ ମଣ୍ଡଳ ସଭାପତି ଏକ ଦଳୀୟ ପ୍ୟାଡରେ କେଉଁ କାମ କିଏ କରିବ ସେ ନେଇ ବିଡିଓ ଦିବ୍ୟ ଶଙ୍କର ଜୟପୁରିଆଙ୍କୁ ଏକ ତାଲିକା ପ୍ରଦାନ କରିଛନ୍ତି। ବିଡିଓ ଜୟପୁରିଆ କିଛିଦିନ ତଳେ ଭାଜପା ଦେଇଥିବା ତାଲିକା କ୍ରମେ କାର୍ଯ୍ୟ ବଣ୍ଟନ କରିଛନ୍ତି। 'ବିକଶିତ ଗ୍ରାମ ବିକଶିତ ଓଡ଼ିଶା (ବି ଡି ବି ଓ )' ଅନୁଦାନ କ୍ରମେ ବଣାଇଁ ବ୍ଲକ ନିମନ୍ତେ ୪ କୋଟି ୩୦ ଲକ୍ଷ ୮୮ ହଜାର ୮୨୮ ଟଙ୍କା ବ୍ୟୟ ଅଟକଳ କାମକୁ ଭାଜପାର କର୍ମୀଙ୍କୁ ପ୍ରଦାନ କରିବା ପରେ ଉତ୍ତେଜକ ପରିସ୍ଥିତି ସୃଷ୍ଟି ହୋଇଛି। ନିୟମାନୁଯାୟୀ ପ୍ରତ୍ୟେକ ପଞ୍ଚାୟତର ପଲ୍ଲିସଭା ଓ ଗ୍ରାମସଭା ଅନୁମୋଦନ କ୍ରମେ ଉନ୍ନୟନମୂଳକ କାର୍ଯ୍ୟ ଧାର୍ଯ୍ୟ ହୋଇଥାଏ। ଉକ୍ତ କାର୍ଯ୍ୟଗୁଡ଼ିକର ବିବରଣୀ ପ୍ରପୋଜାଲ ରୂପେ ଗୃହୀତ ହୁଏ ଓ ଜନପ୍ରତିନିଧିଙ୍କ ସହ ଆଲୋଚନା ପରେ ବିଡିଓ କାର୍ଯ୍ୟ ବଣ୍ଟନ କରନ୍ତି। ଜନ ପ୍ରତିନିଧି ଭାଜପାର ନ ଥିବା ବେଳେ ସେମାନଙ୍କୁ ଅଣଦେଖା କରି ବଣାଇଁ ବିଡିଓଙ୍କ କାର୍ଯ୍ୟ ବଣ୍ଟନକୁ ସମସ୍ତେ ବିରୋଧ କରି ତୁରନ୍ତ କାମ ବନ୍ଦ ପାଇଁ ଦାବି କରିଛନ୍ତି। ଏହା ନ ହେଲେ ଆଗକୁ ଆନ୍ଦୋଳନ ଚେତାବନୀ ଦେଇଛନ୍ତି। ଏହି ଘଟଣାକୁ ପଞ୍ଚାୟତ ସମିତି ଅଧକ୍ଷା, ଉପାଧ୍ୟକ୍ଷା, ସମିତି ସଭ୍ୟ, ସରପଞ୍ଚ, ବିଧାୟକ ପ୍ରତିନିଧି ସମସ୍ତେ ଦୃଢ଼ ନିନ୍ଦା କରିଛନ୍ତି । ଏ ସଂକ୍ରାନ୍ତରେ ବଣାଇଁ ବ୍ଲକ ଅଧକ୍ଷା ମଞ୍ଜୁଲତା କିଷାନ ସିଧାସଳଖ ସରକାରଙ୍କୁ ଟାର୍ଗେଟ କରିବାକୁ ପଛାଇ ନ ଥିଲା ବେଳେ ଉପାଧକ୍ଷା ବିନତା ବେହେରା ବିଡିଓଙ୍କୁ ଶାସକ ଦଳର ଏଜେଣ୍ଟ ଆଖ୍ୟା ଦେଇଛନ୍ତି । ଅନୁରୂପ ଭାବେ ବଣାଇଁ ବିଧାୟକ ପ୍ରତିନିଧି ଅନିରୁଦ୍ଧ ତ୍ରିପାଠୀ ଦଳୀୟ କର୍ମୀଙ୍କ ସୁପାରିସ କ୍ରମେ କାର୍ଯ୍ୟ ବଣ୍ଟନକୁ ଅଗଣତାନ୍ତ୍ରିକ ଦର୍ଶାଇ ବିଡିଓ ତୁରନ୍ତ କାର୍ଯ୍ୟାଦେଶ ପ୍ରତ୍ୟାହାର ନ କଲେ ରାଜରାସ୍ତାକୁ ଓହ୍ଲାଇବା ସହ ଏଥିପାଇଁ ବିଡିଓ, ଉପଜିଲାପାଳ ଓ ଜିଲାପାଳ ଦାୟୀ ରହିବେ ବୋଲି ଚେତାଇ ଦେଇଛନ୍ତି। ବ୍ଲକ ପରିସରରେ ବ୍ଲକ ଅଧକ୍ଷା ମଞ୍ଜୁଲତା କିଷାନ, ଉପାଧକ୍ଷା ବିନତା ବେହେରା, ବନେଇକଳା ସମିତି ସଭ୍ୟ ରୁଦ୍ର ମାଝୀ, କଷଡା ସମିତି ସଭ୍ୟ ବାସୁଦେବ ଚାରଦିଆ, କେନାଭେଟା ସମିତି ସଭ୍ୟ ଟିକେଶ୍ୱର ଛଦିଆ, କେନ୍ଦ୍ରିକଳା ସମିତି ସଭ୍ୟା ଲଳିତା ପାତ୍ରଙ୍କ ସମେତ ସମସ୍ତ ପଞ୍ଚାୟତର ସରପଞ୍ଚ, ଜିଲା ପରିଷଦ ସଭ୍ୟ ରାମଚନ୍ଦ୍ର ସାହୁ ଓ ବିଧାୟକ ପ୍ରତିନିଧିଙ୍କ ସମେତ ସିପିଆଇଏମ୍ କର୍ମୀ କିଛି ସମୟ ହୋହଲ୍ଲା କରି ଫେରିଛନ୍ତି। ବିଡିଓ ଜୟପୁରିଆ ବାଧ ହୋଇ କାମ ବନ୍ଦ କରିବା ପାଇଁ ଯନ୍ତ୍ରୀଙ୍କୁ କହିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଏହି ଘଟଣା ନେଇ ବିଡିଓ ଜୟପୁରିଆଙ୍କୁ ପଚାରିବାରୁ, ସେ ନିଜ ଅସହାୟତା ପ୍ରକାଶ କରି ତାଙ୍କୁ ଏ ବିଷୟରେ କିଛି ଜଣା ନ ଥିବା କହିଛନ୍ତି।

### ରାଉଲଡେଗା ସେବାଶ୍ରମର ବାର୍ଷିକ ଉତ୍ସବ

**ବାଲିଶଙ୍କରା, ୧୬।୩(ହୃଦାନନ୍ଦ ବାରିକ):** ବାଲିଶଙ୍କରା ବ୍ଲକ ତଳସରା ପଞ୍ଚାୟତ ରାଉଲଡେଗା ସେବାଶ୍ରମର ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବାଲିଶଙ୍କରା ବ୍ଲକ ଅଧକ୍ଷା କୁଞ୍ଜଲତା ଭିତ୍ରିଆ ଯୋଗଦେଇ ଶିକ୍ଷା ଭବିଷ୍ୟତ ଜୀବନରେ ଉଚିତ ମାର୍ଗଦର୍ଶନ ଦେଖାଇଥାଏ, ତେଣୁ ଶିକ୍ଷା ଗ୍ରହଣ କରିବା ନିତାନ୍ତ ଜରୁରୀ ବୋଲି ଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ସୁନ୍ଦରଗଡ଼ ସଦର ଏଡବ୍ଲ୍ୟୁଓ ବିବେକାନନ୍ଦ ମହାନ୍ତି, ବାଲିଶଙ୍କରା ଡବ୍ଲ୍ୟୁଇଓ ସପନ କୁମାର ରାୟ, ଏନୟୁଏସକେଓଏନର ସଭାପତି ଚନ୍ଦ୍ରମଣି ତନ୍ତି, ଗୋପନ ପିଏମଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷା କର୍ଣ୍ଣ ମାଝୀ, ତିଲିଆ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରତି ମେହେର, ଏନୟୁଏସକେଓଏନର ଜିଲା ସମ୍ପାଦକ ଶେଷଦେବ ନନ୍ଦ, ବାଲିଶଙ୍କରା ଶିକ୍ଷକ ସଂଘର ସଭାପତି ପ୍ରମୋଦ କୁମାର ପଟେଲ, ତଳସରା ସରପଞ୍ଚ ତ୍ରିଲୋଚନ ପ୍ରଧାନ, ଏସଏମସି ସଭାପତି ମହେଶ ପଟେଲ ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିବାବେଳେ ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ କୁମାରପଟେଲଧନ୍ୟବାଦଅର୍ପଣକରିଥିଲେ।

## ଲହୁଣୀପଡ଼ାରୁ ୨୩୨୯ ପରୀକ୍ଷାର୍ଥୀ ଦେଲେ ପରୀକ୍ଷା



**ଲହୁଣୀପଡା, ୧୬।୩(ଦାଶରଥି ପଣ୍ଡା)**

**ସାକ୍ଷର ଭାରତ ଅଭିଯାନ**

ସୁନ୍ଦରଗଡ ଜିଲା ଲହୁଣୀପଡା ଗୋଷ୍ଠୀ ଶିକ୍ଷା ବିଭାଗ ଅନ୍ତର୍ଗତ ୧୬ ଟି କ୍ଲଷ୍ଟରରେ ସମସ୍ତେ ଶିକ୍ଷିବା ସମସ୍ତେ ଜାଣିବାର ମୂଳ ଉଦ୍ଦେଶ୍ୟରେ ସ୍ୱାକ୍ଷର ଭାରତ ଅଭିଯାନ ପକ୍ଷରୁ ରବିବାର ଉଲ୍ଲାସ କାର୍ଯ୍ୟକ୍ରମରେ ବ୍ଲକରେ ୨୩୨୯ ଜଣ ପରିକ୍ଷାର୍ଥି ପରୀକ୍ଷା ଦେଇଥିବା ଜଣାପଡିଛି। କୁଲିପୋଷ କ୍ଲଷ୍ଟରରେ ୭୨ ମହିଳା ଏବଂ ୪୮ ପୁରୁଷ, ବଡଜଲରେ ୧୨୭ ମହିଳା, ୯୩ ପୁରୁଷ, ଲମସିରେ ୫୨ମହିଳା, ୨୨ ପୁରୁଷ, ବ୍ରାହ୍ମଣ ଗାଁରେ ୧୪ ମହିଳା, ୧୨ପୁରୁଷ, ଦର୍ଜରେ ୮୯ ମହିଳା, ୭୩ ପୁରୁଷ, ଖୁଣ୍ଟଗାରେ ୫୩ ମହିଳା, ୬୦ ପୁରୁଷ, ରେଙ୍ଗାଲିରେ ୩୧ ମହିଳା, ୭୩ ପୁରୁଷ, ଲହୁଣୀପଡାରେ ୩୩ ମହିଳା, ୨୧ ପୁରୁଷ, ତାଲବାହାଲିରେ ୧୩୨ ମହିଳା, ୩୮ ପୁରୁଷ, ଶଙ୍ଖପୋଷରେ ୧୧୮ମହିଳା, ୬୪ ପୁରୁଷ, କଲେଇପୋଷରେ ୩୧ ମହିଳା, ୫ ପୁରୁଷ, କୁଡେଇକଳାରେ ୬୩ ମହିଳା, ୩୬ ପୁରୁଷ, ମହୁଲପଦାରେ ୪୧ ମହିଳା, ୨୯ ପୁରୁଷ, ତୁଡିରେ ୫୭ ମହିଳା, ୩୦ ପୁରୁଷ, ଭୁତୁଡାରେ ୨୫୬ ମହିଳା, ୧୫୧ ପୁରୁଷ, ଶଶ୍ୟକଳାରେ ୨୭୨ ମହିଳା ଓ ୧୩୫ ପୁରୁଷ ମୋଟ ୩୨୩୨୯ ପରୀକ୍ଷାର୍ଥି ପରୀକ୍ଷା ଦେଇଛନ୍ତି। ଲହୁଣୀପଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ଭଗବାନ ବଙ୍କିରା ଏବଂ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନରହରୀ କିଷାନଙ୍କ ତତ୍ତ୍ୱାବଧାନରେ ସମସ୍ତ ସିଆରସିଙ୍କ ମିଳିତ ପ୍ରୟାସରେ ପରୀକ୍ଷା ଅନୁଷ୍ଠିତ ହୋଇଥିବା ଜଣାପଡିଛି।

### ଫଗୁଆପଡ଼ାରେ ଅଷ୍ଟ ପ୍ରହର ନାମ ସଂକୀର୍ତ୍ତନ

**ସୁନ୍ଦରଗଡ, ୧୬।୩(ଜୟ ନାରାୟଣ ମେଣ୍ଡୁଲି):** ସୁନ୍ଦରଗଡ ଜିଲା ସବ୍‌ଡେଗା ବ୍ଲକ ଅନ୍ତର୍ଗତ ଫଗୁଆପଡା ଗ୍ରାମରେ ୩ଦିନ ଧରି ଚାଲିଥିବା ଅଷ୍ଟ ପ୍ରହର ନାମ ସଂକୀର୍ତ୍ତନ୍ୟ ରବିବାର ସମ୍ପନ୍ନ ହୋଇଛି। ଏହାଏକ ମାନସିକ ଅଷ୍ଟପ୍ରହର ନାମସଂକୀର୍ତ୍ତନ ଥିଲା। ଯେଉଁଥିରେ କର୍ତ୍ତା ସମ୍ଭିତ ପଟେଲ ଓ ତାଙ୍କର ଧର୍ମପତ୍ନୀ କବିତା ପଟେଲ ଥିଲେ। ପୂଜକ ଉଦୟ ପଣ୍ଡା ସର୍ବ କାର୍ଯ୍ୟ ତୁଲାଇଥିଲେ। ଶୁକ୍ରବାର ସନ୍ଧ୍ୟାରେ ଗୋଧୂଳି ଲଗ୍ନରେ ୨୧ ଟି କଳସଯାତ୍ରା କରାଯାଇଥିଲା। ଶନିବାର ସକାଳ ୮ଟାରେ ମହାମନ୍ତ୍ର ହରେ କୃଷ୍ଣ ହରେରାମ ନାମ ଆରମ୍ଭ କରି ରବିବାର ସକାଳ ୮ଟାରେ ଆଠ ପହଡ ସାରି ପ୍ରଭୁଙ୍କର ନାମ ଛାଡିଥିଲେ। ଏହାପରେ ସଂକୀର୍ତ୍ତନ ମଣ୍ଡଳୀମାନେ ଗ୍ରାମ ପରିକ୍ରମା କରି ନଗର କୀର୍ତ୍ତନ କରିଥିଲେ। ପରେ ଅପରାହ୍ନ ୪ ଟାରେ ଦଧିଭାଣ୍ଡ କରାଯାଇଥିଲା। ଏହିମହା ମନ୍ତ୍ର ସଂକୀର୍ତ୍ତନରେ ୧୫ ଟି ସଂକୀର୍ତ୍ତନ ମଣ୍ଡଳୀ ଯୋଗ ଦେଇଥିଲେ। ସେମାନଙ୍କର ସେବାରେ ୩ଦିନ ଧରି ଶ୍ରୀକାନ୍ତ ପଟେଲ, ବେଣୁଧର ପଟେଲ ନିୟୋଜିତ ହୋଇଥିଲେ।

## ବ୍ରାହ୍ମଣ ସଂଘ ପକ୍ଷରୁ ଜିଲାପାଳଙ୍କୁ ସ୍ମାରକ ପତ୍ର ପ୍ରଦାନ


ଜିଲା ବ୍ରାହ୍ମଣ ସଂଘ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ସୁନ୍ଦରଗଡ଼, ୧୬।୩(ଜୟ ନାରାୟଣ ମେଣ୍ଡୁଲି)**

ଓଡ଼ିଶା ବ୍ରାହ୍ମଣ ସଂଘ ସୁନ୍ଦରଗଡ଼ ଶାଖା ପକ୍ଷରୁ ରବିବାର ଅନୁଷ୍ଠିତ ବ୍ରାହ୍ମଣ ପରିବାର ସମାବେଶରେ ଗୃହୀତ ପ୍ରସ୍ତାବ କ୍ରମେ ସଂଘ କର୍ମକର୍ତ୍ତା ସୋମବାର ସୁନ୍ଦରଗଡ଼ ଜିଲାପାଳ ଡ. ଶୁଭଙ୍କର ମହାପାତ୍ରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ଏବଂ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସଂଘ ସଭାପତି ଗୌରଚନ୍ଦ୍ର ଠାକୁର, ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁଆର, କୋଷାଧ୍ୟକ୍ଷ ମନୋଜ ପଣ୍ଡା, ପ୍ରଜ୍ଞାଶ୍ରୀ ପୁରୋହିତ, ଗାୟତ୍ରୀ ପଣ୍ଡା ପ୍ରମୁଖ ଏକ ପ୍ରତିନିଧି ମଣ୍ଡଳୀ ସୁନ୍ଦରଗଡ଼ ଜିଲାପାଳ ଡା. ମହାପାତ୍ରଙ୍କୁ କାର୍ଯ୍ୟାଳୟରେ ସାକ୍ଷାତ କରି ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୟୁଜିସି ନିୟମକୁ ପ୍ରତ୍ୟାହାର କରିବା ପାଇଁ ଦାବି ଜଣାଇବା ସହିତ ଓଡ଼ିଶାର ପ୍ରତ୍ୟେକ ଜିଲାରେ ଆଦର୍ଶ ଆବାସିକ ସଂସ୍କୃତ ବିଦ୍ୟାଳୟ ସ୍ଥାପନ ପାଇଁ ଦାବି ରଖିଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦତ୍ତ ଦାବିପତ୍ରରେ ଓଡ଼ିଶାରେ ଇଡବ୍ଲ୍ୟୁଏସ ଆଇନ ଲାଗୁ କରିବା, ପ୍ରତ୍ୟେକ ଗାଁରେ ଭାଗବତ ଘର ନିର୍ମାଣ ସହିତ ଜଣେ ବ୍ୟାଖ୍ୟାକାରଙ୍କୁ ନିଯୁକ୍ତି ଦେବା, ବ୍ରାହ୍ମଣ କଲ୍ୟାଣ ନିଗମ ଗଠନ, ପୂଜକ ଏବଂ ପୁରୋହିତ କର୍ମ କରୁଥିବା ବ୍ୟକ୍ତିଙ୍କୁ ପ୍ରତିମାସରେ ସର୍ବନିମ୍ନ ୫୦୦୦ ଟଙ୍କା ପ୍ରଦାନ କରିବା, ଗରୀବ ବ୍ରାହ୍ମଣଙ୍କୁ ପୁତ୍ର ସନ୍ତାନଙ୍କ ବ୍ରତୋପନୟନ ଖର୍ଚ୍ଚ ୫୦ହଜାର ଟଙ୍କା ପ୍ରଦାନ, ପ୍ରତି ଜିଲାରେ ଗୁରୁକୁଳ ସ୍ଥାପନ, ପ୍ରତି ବ୍ଲକରେ ଗୋଶାଳା ନିର୍ମାଣ, ମଠ ମନ୍ଦିରର ଆବଶ୍ୟକ ରକ୍ଷଣାବେକ୍ଷଣ ତଥା ଦେବୋତ୍ତର ସମ୍ପତ୍ତିକୁ ବଂଶନୁକ୍ରମେ ଉତ୍ତର ପିଢ଼ିକୁ ହସ୍ତାନ୍ତର ଆଦି ୭ ଦଫା ଦାବି ପ୍ରଦାନ କରାଯାଇଛି।

# ବିଜୟୀ ହେଲା ବାରାବାଂଶ ଦଳ

**କପାଟମୁଣ୍ଡାରେ ୨ ଦିନିଆ ଇଣ୍ଟର ପଞ୍ଚାୟତ କ୍ରିକେଟ ଟୁର୍ନାମେଣ୍ଟ ସମ୍ପନ୍ନ**


ଅତିଥିଙ୍କ ସହ ପ୍ରତିଯୋଗୀତାରେ ଭାଗ ନେଇଥିବା ଖେଳାଳି।

**ବନ୍ଧମୁଣ୍ଡା, ୧୬।୩(ସୁବ୍ରତ ଦେ)** ବିଶ୍ରା ବ୍ଲକ କପାଟମୁଣ୍ଡା ପଞ୍ଚାୟତଠାରେ ଲାୟନ୍ସହାର୍ଟକ୍ଲବ ପକ୍ଷରୁ ଆୟୋଜିତ ୨ ଦିନିଆ ଷଷ୍ଠ ଇଣ୍ଟର ପଞ୍ଚାୟତ କ୍ରିକେଟ ନକଆଉଟ ଟୁର୍ନାମେଣ୍ଟ ସୋମବାର ଶେଷ ହୋଇଛି। ଫାଇନାଲ ମ୍ୟାଚ କପାଟମୁଣ୍ଡା ଓ ବାରାବାଂଶ ଦଳ ମଧ୍ୟରେ ହୋଇଥିଲା। ବାରାବାଂଶ ଦଳ ଉତ୍କୃଷ୍ଟ ପ୍ରଦର୍ଶନ କରି ୩୬ ରନରେ ବିଜୟୀ ହୋଇଛି। ଖେଳପ୍ରେମୀ ନିରନ୍ତର ଜ୍ୟୋତି ଲାକଡ଼ା ମୁଖ୍ୟ ଅତିଥି ଏବଂ ବବ୍‌ଲୁ ମିଞ୍ଜ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅତିଥିଙ୍କ ଦ୍ୱାରା ବିଜେତା ଓ ଉପବିଜେତା ଦଳକୁ ଟ୍ରଫିଏବଂ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ପ୍ରତିଯୋଗିତାରେ ମୋଟ ୧୨ଟି ଦଳ ଅଂଶଗ୍ରହଣ କରିଥିଲେ। ଟୁର୍ନାମେଣ୍ଟର ସଫଳ ଆୟୋଜନରେ ଆୟୋଜକ କମିଟିର ଜୟ ତିଗ୍ଗା, ସିଓନ ତିଗ୍ଗା, ଈଶ୍ୱର ମାହାତୋ, ଅରମାନ ତିଗ୍ଗା, ସଞ୍ଜୀବ ଖେସ, ଅଭିଷେକ ଏକ୍କା ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

## ପବନ, ଘଡ଼ଘଡ଼ି ସହ କୁଆପଥର ବର୍ଷା

**କୁଆଁରମୁଣ୍ଡା, ୧୬।୩(ମହେନ୍ଦ୍ର କୁମାର ସାହୁ)**

କାଳବୈଶାଖୀ ପ୍ରଭାବରେ ସୋମବାର ସନ୍ଧ୍ୟା ପ୍ରାୟ ସାଢ଼େ ୭ଟାରେ ହଠାତ୍ ପବନ,ଘଡ଼ଘଡ଼ି ସହ କୁଆପଥର ବର୍ଷା ହୋଇଥିଲା। କୁଆପଥର ପଡ଼ିବା ଯୋଗୁ ରାଜପଥରେ ଯାତାୟାତ କରୁଥିବା ବାଇକ୍ ଆରୋହୀ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏହି ବର୍ଷା ଯୋଗୁ ପନିପରିବା ଫସଲ ବିଶେଷ କରି ବିଲାତି ବାଇଗଣ,ଫୁଲକୋବି,ବନ୍ଧାକୋବି ଇତ୍ୟାଦି ଫସଲ ବହୁ ପରିମାଣରେ କ୍ଷତି ହେବାର ସମ୍ଭାବନା ରହିଛି। ବର୍ଷା ପରେ ଅଞ୍ଚଳରେ ତାପମାତ୍ରା ହ୍ରାସ ପାଇଛି।

## ୧୩ ଅଭିଯୋଗର ତତ୍କ୍ଷଣାତ ସମାଧାନ

**ବଡ଼ଗାଁ, ୧୬।୩(ଅଶୋକ ଷଡଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଜିଲାପାଳଙ୍କ ଜନଅଭିଯୋଗ ଶୁଣାଣି ସୋମବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ସୁନ୍ଦରଗଡ଼ ଜିଲାପାଳ ଡ. ଶୁଭଙ୍କର ମହାପାତ୍ର ୮୧ଟି ଅଭିଯୋଗର ଶୁଣାଣି କରିବା ସହିତ ସମାଧାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେଥିମଧ୍ୟରୁ ୫୭ଟି ବ୍ୟକ୍ତିଗତ ହୋଇଥିବାବେଳେ ୨୪ ଟି ସାମୂହିକ ସମସ୍ୟା ରହିଥିଲା। ୧୩ଟି ଅଭିଯୋଗର ତତ୍କ୍ଷଣାତ ସମାଧାନ ହୋଇଥିଲା। ବଡ଼ଗାଁ ଡାକ୍ତରଖାନାରେ ବିଶେଷଜ୍ଞ ଡା. ପଦବୀ ଖାଲି, ଶଙ୍କରାପୋଷ ସ୍କୁଲ ପାଇଁ କୋଠା ନିର୍ମାଣ ଓ ଜମି ସମସ୍ୟାର ସମାଧାନ ଦାବି ହୋଇଥିଲା। ବରଙ୍ଗାକଛାର ଗ୍ରାମପଞ୍ଚାୟତକୁ ୨୦୨୪-୨୫ ଖରିଫ ବର୍ଷରେ ମରୁଡ଼ି ଘୋଷଣା କରିବାକୁ ସାହାଜବାହାଲ ଆରଆଇ ଜନ୍ମେଜୟ ବାଗ ୪ ଲକ୍ଷ ଟଙ୍କା ନେଇଥିବା ଓ ମରୁଡ଼ି ଘୋଷଣା ହୋଇ ନ ଥିବା ଚାଷୀମାନେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଶୁଣାଣିରେ ଜିଲାପାଳଙ୍କ ସହ ଏସ୍‌ପି ଅମ୍ରିତା ପାଲ କୌର, ଜିଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ଉପଜିଲାପାଳ ତେଜସ୍ୱିନୀ ବେହେରା, ସିଡିଏମ୍‌ଓ ସୁରେଶ ଚନ୍ଦ୍ର ମହାନ୍ତି, ଅତିରିକ୍ତ ଜିଲାପାଳ ଅଶ୍ୱିନୀ କୁମାର ପଣ୍ଡା, ବଡ଼ଗାଁ ବିଡିଓ ପୂର୍ଣ୍ଣଚନ୍ଦ୍ର ଭୋଇ, ତହସିଲଦାର ଝରଣା ପ୍ରଧାନ, ବ୍ଲକ ଅଧକ୍ଷା ଦୁଲାରୀ ସରେଙ୍ଗ, ଜିଲା ଶିକ୍ଷା ଅଧିକାରୀ ମୁରଲୀଧର ବେହେରାଙ୍କ ସହିତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## ନାବାଳିକାଙ୍କ ଆତ୍ମହତ୍ୟା

**କୁଆଁରମୁଣ୍ଡା, ୧୬।୩(ମହେନ୍ଦ୍ର କୁମାର ସାହୁ):** ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ଲାଞ୍ଜିବେର୍ଣ୍ଣା ଗ୍ରାମର ୧୭ ବର୍ଷୀୟା ନାବାଳିକା ରବିବାର ରାତିରେ ନିଜ ଶୋଇବା ଘର ଆଜବେଷ୍ଟସ ପାଇପରେ ଚୁନି ବାନ୍ଧି ଆତ୍ମହତ୍ୟା କରିଛନ୍ତି। ସୋମବାର ସକାଳୁ ପରିବାର ଲୋକେ ଏହା ଦେଖି ଫାଣ୍ଡି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ଏନେଇ ବୀରମିତ୍ରପୁର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଆତ୍ମହତ୍ୟାର କାରଣ ଜଣାପଡି ନାହିଁ। ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

- ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ
- ଗୋଷ୍ଠୀ ଗତ, ବ୍ୟକ୍ତିଗତ ଶିରୋନାମା ପ୍ରଦାନରେ ବିଳମ୍ବ



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଉଛି।

**ସୁନ୍ଦରଗଡ, ୧୬।୩(ଜୟ ନାରାୟଣ ମେଣ୍ଡୁଲି)**

ଆଦିବାସୀ ଓ ପାରମ୍ପରିକ ବନବାସୀଙ୍କ ପାଇଁ ଥିବା ଜଙ୍ଗଲ ଅଧିକାର ଆଇନ-୨୦୨୬ ଅନୁଯାୟୀ ଗୋଷ୍ଠୀଗତ ଓ ବ୍ୟକ୍ତିଗତ ଶିରୋନାମା ପ୍ରଦାନରେ ବିଳମ୍ବ ବିରୋଧରେ ସୋମବାର ଶତାଧିକ ଆଦିବାସୀ ଓ ବନବାସୀ ସ୍ଥାନୀୟ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜିଲାର ବିଭିନ୍ନ ପ୍ରାନ୍ତରୁ ଏହି ଆଦିବାସୀ ମହିଳା ଓ ପୁରୁଷ ହାତରେ ପ୍ଲାକାର୍ଡ ଧରି, ବିଭିନ୍ନ ସ୍ଲୋଗାନ ଦେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ଜିଲା ସ୍ତରୀୟ ଜଙ୍ଗଲ ଅଧିକାର କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ରାଜକୁମାର ପଟ୍ଟନାୟକଙ୍କୁ ପ୍ରଦାନ କରାଯାଇଥିଲା। ଜିଲାସ୍ତରୀୟ ଜଙ୍ଗଲ ଅଧିକାର କମିଟିର ଆବାହକ ଆଲବର୍ଟ କିଣ୍ଡୋ ଓ ଆନ୍ନା କୁଜୁରଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

ଏହି ଦାବି ପତ୍ରରେ ଜିଲାସ୍ତରୀୟ ଜଙ୍ଗଲ ଅଧିକାର କମିଟି ପକ୍ଷରୁ ଉଲ୍ଲେଖ କରାଯାଇଛି ଯେ,ଦୀର୍ଘ ୨୦ବର୍ଷରୁ ଊର୍ଦ୍ଧ୍ୱ ହେବ ସୁନ୍ଦରଗଡ ଜିଲାରେ ବ୍ୟକ୍ତିଗତ ଓ ଗୋଷ୍ଠୀ ଗତ ଫର୍ମରେ ଆବେଦନ କରାଯାଇଛି। ହେଲେ ଅନୁସୂଚିତ ଜାତି ଏବଂ ଜନଜାତି ଉନ୍ନୟନ ବିଭାଗ,ଓଡିଶା ତରଫରୁ ଚିଠି ସଂଖ୍ୟା ୩୮୭୨/ଆଇଟିଡିଏ(ଏଫଆରଏ) ତା୨୩/୯/୨୦୨୫ ଜରିଆରେ ସମସ୍ତ ଏଫଆରଏ ସେଲକୁ ବନ୍ଦ ନିର୍ଦ୍ଦେଶ ସମଗ୍ର ଆଦିବାସୀ ସମାଜକୁ ଗଭୀର ଆଘାତ ଦେଇଛି। ଯାହାକି ଐତିହାସିକ ଜଙ୍ଗଲ ଅଧିକାର ଆଇନ-୨୦୦୬କୁ କୁଠାରଘାତ ଭଳି ହୋଇଛି। ଏହାପରେ ୨୦୨୩-୨୪ରେ ରାଜ୍ୟ ସରକାରଙ୍କ ତରଫରୁ ପ୍ରତ୍ୟେକ ତହସିଲରେ ୨ଜଣ ଲେଖାଏଁ କର୍ମକର୍ତ୍ତାଙ୍କୁ ନିଯୁକ୍ତ କରାଯାଇଥିଲା। ମାତ୍ର କାର୍ଯ୍ୟ ସମାପ୍ତ ନ ହେଉଣୁ ସେମାନଙ୍କୁ କାର୍ଯ୍ୟରୁ ବାହାର କରିଦିଆଗଲା। ଫଳରେ ଏହି କାର୍ଯ୍ୟ ଅଧାରେ ପଡିରହିଛି। ବିଗତ ମୋ ଜଙ୍ଗଲ ଜମି ଯୋଜନା ସମୟରେ ମୋଟ ବ୍ୟକ୍ତିଗତ ୫୭୮୩୨,୧୦୧୪ ଗୋଷ୍ଠୀ ଗତ ଜଙ୍ଗଲ ଏବଂ ପୂର୍ବରୁ ୨୪୩ଗୋଟି ଗୋଷ୍ଠୀ ଗତ ଅଧିକାର ଆବେଦନ ଫର୍ମ ଡିଏଲସିରେ ପଡି ରହିଛି। ଗତ୨୦୨୨ରେ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ୨୩/୫/୨୦୨୨ରେ ସମସ୍ତ ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମ ସଭା କରି ବ୍ୟକ୍ତିଗତ ଓ ଗୋଷ୍ଠୀ ଗତ ଶିରୋନାମା ପାଇଁ ଆବେଦନ କରିବା ପାଇଁ ସ୍ୱତନ୍ତ୍ର ଅଭିଯାନ ଚାଲିଥିଲା ଏବଂ ନିର୍ଦ୍ଧାରିତ ସମୟରେ ଶେଷ କରିବାକୁ ମଧ୍ୟ ନିର୍ଦ୍ଦେଶ ରହିଥିଲା। ଏଥିସହିତ ୩୧/୧୨/୨୦୨୨ସୁଦ୍ଧା ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଶିରୋନାମା ପ୍ରଦାନ ପାଇଁ ଦିନ ଧାର୍ଯ୍ୟ ହୋଇଥିଲା। ମାତ୍ର ଏହା ମଧ୍ୟ ବିଳମ୍ବ ହୋଇଥିଲା। ତେଣୁ ଯଥାଶୀଘ୍ର ଆବେଦନ ଫର୍ମ ଗୁଡିକ ତଦନ୍ତ କରି ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଶିରୋନାମା ପ୍ରଦାନ କରାଯିବାକୁ ଦାବି କରାଯାଇଛି। ଜିଲାସ୍ତରୀୟ ଜଙ୍ଗଲ ଅଧିକାର କମିଟିର ଆବାହକ ଆଲବର୍ଟ କିଣ୍ଡୋ ଓ ଆନ୍ନା କୁଜୁରଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ଅଙ୍ଗନୱାଡ଼ି କର୍ମୀଙ୍କୁ ସରକାରୀ ମାନ୍ୟତା ଦିଅ

■ ପଶ୍ଚିମ ଓଡ଼ିଶା ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା ସଂଘର ବିକ୍ଷୋଭ
■ ଆର୍‌ଡିସି, ଜିଲାପାଳ ଅଫିସ ଘେରିଲେ

ସମ୍ବଲପୁର, ୧୬।୩(ପ୍ରମୋଦ ବହିଦାର)


ଆର୍‌ଡିସି ଓ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପଶ୍ଚିମ ଓଡ଼ିଶା ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା ସଂଘ କର୍ମକର୍ତ୍ତା ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଅଙ୍ଗନୱାଡ଼ି କର୍ମୀଙ୍କୁ ସରକାରୀ ମାନ୍ୟତା ପ୍ରଦାନ ସହ ବିଭିନ୍ନ ସମସ୍ୟା ସମାଧାନ ଦାବିରେ ସୋମବାର ପଶ୍ଚିମ ଓଡ଼ିଶା ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା ସଂଘ ପକ୍ଷରୁ ସମ୍ବଲପୁରସ୍ଥିତ ଆର୍‌ଡିସି ଓ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାରୁ ଆସିଥିବା ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାମାନେ ସ୍ଥାନୀୟ ନାରୀ ସେବା ସଦନରୁ ଏକ ଶୋଭାଯାତ୍ରାରେ ଆସି ଆରଡିସି ଏବଂ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ଏଠାରେ ସେମାନେ ଧାରଣା ଦେବା ସହ ସରକାରଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅତିରିକ୍ତ ଜିଲାପାଳ ସୁଧାଂଶୁ କୁମାର ଭୋଇ ଧାରଣାସ୍ଥଳକୁ ଆସି ଆନ୍ଦୋଳନକାରୀଙ୍କଠାରୁ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୮ ଦଫା ସମ୍ବଳିତ ଦାବିପତ୍ର ଗ୍ରହଣ କରିଥିଲେ।

ମୁଖ୍ୟ ଦାବିଗୁଡ଼ିକ ମଧ୍ୟରେ ଅଙ୍ଗନୱାଡ଼ି କର୍ମୀଙ୍କୁ ସରକାରୀ ମାନ୍ୟତା ପ୍ରଦାନ, ସମାନ କାମକୁ ସମାନ ଦରମା, ମାସିକ ଦରମା ୨୬ ହଜାର ଟଙ୍କା, ଶ୍ରମ କୋଡ୍ ଅନୁଯାୟୀ ବୀମା ଓ ସ୍ୱାସ୍ଥ୍ୟବୀମା ଜନିତ ସାମାଜିକ ସୁରକ୍ଷା, ଶତପ୍ରତିଶତ ପଦୋନ୍ନତି, ପରିବହନ ଭତ୍ତା ପ୍ରଦାନ, ୧୦ ଲକ୍ଷ ଟଙ୍କାର ଅବସରକାଳୀନ ସହାୟତା ଏବଂ ପେନ୍‌ସନ ବ୍ୟବସ୍ଥା ଲାଗୁ କରି ମାସିକ ସର୍ବନିମ୍ନ ୧୦ହଜାର ଟଙ୍କା ଧାର୍ଯ୍ୟ, ବନ୍ଦଥିବା ଇନ୍‌କ୍ରିମେଣ୍ଟର ପୁନଃ ପ୍ରଚଳନ, ଅଙ୍ଗନୱାଡ଼ି ସ୍ୱାସ୍ଥ୍ୟ ବୀମାଜନିତ ସାମାଜିକ ସୁରକ୍ଷା, କେନ୍ଦ୍ରକୁ ବଜାର ଦର ଅନୁସାରେ ଅଣ୍ଡା ଯୋଗାଣ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ରହିଛି। ସେହିପରି ସଂଘର କେନ୍ଦ୍ରୀୟ ଆବାହକ ପ୍ରଶାନ୍ତ ପାଢ଼ୀ, ସଂଘ ଅଧ୍ୟକ୍ଷା ମୀରାବତୀ ଦଳବେହେରା, ସମ୍ପାଦିକ ପ୍ରଭାସିନୀ ପାଢ଼ୀ, ହିମାଦ୍ରୀ ମହାନନ୍ଦ, ରତ୍ନମଣୀ ସାହୁ, ସରସ୍ୱତୀ ପଞ୍ଚବିହାର ପ୍ରମୁଖ ଏକ ପ୍ରତିନିଧି ଦଳ ଆର୍‌ଡିସି ସଂଗ୍ରାମ କେଶରୀ ମହାପାତ୍ରଙ୍କୁ ସାକ୍ଷାତ କରି ସ୍ଥାନୀୟ ସମସ୍ୟା ନେଇ ଆଲୋଚନା କରିବା ସହ ଦାବିପତ୍ର ପ୍ରଦାନ କରିଥିଲେ। ଏଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଆର୍‌ଡିସି ମହାପାତ୍ର ପ୍ରତିଶ୍ରୁତି ଦେଇଛନ୍ତି ବୋଲି ସଂଘ ଆବାହକ ପାଢ଼ୀ କହିଛନ୍ତି।

## ୨୧କେଜି ଗଞ୍ଜେଇ ଜବତ, ୨ଗିରଫ


ସ୍କୁଟି ସହ ଜବତ ଗଞ୍ଜେଇ ଓ ଗିରଫ ୨ ଅଭିଯୁକ୍ତ।

ସମ୍ବଲପୁର, ୧୬।୩(ପ୍ରମୋଦ ବହିଦାର)

ସମ୍ବଲପୁର କ୍ଷେତରାଜପୁର ଥାନା ପୋଲିସ ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବରେଇପାଲି ଥାନା ଅନ୍ତର୍ଗତ ମୁଙ୍ଗାପଡ଼ାର ଧାନୀ ନିଖତରାଜ(୨୦) ଓ ମିଲପଡ଼ାର ସର୍ପେଶ ଦାସ(୨୦)। ସେମାନଙ୍କଠାରୁ ଏକ ସ୍କୁଟି ସହିତ ୨୧କେଜି ୪୫୦ଗ୍ରାମ ଗଞ୍ଜେଇ, ଏକ ମୋବାଇଲ, ନଗଦ ୧୨ଶହ ଟଙ୍କା ଜବତ କରିଛି ପୋଲିସ। ପୋଲିସ ସୂଚନା ଅନୁଯାୟୀ, ରବିବାର ରାତିରେ କ୍ଷେତ୍ରରାଜପୁର ପୋଲିସକୁ ଗଞ୍ଜେଇ ଚୋରାଚାଲାଣ ସମ୍ପର୍କରେ ସୂଚନା ମିଳିଥିଲା। ଉକ୍ତ ସୂଚନା ଅନୁସାରେ ପୋଲିସର ଏକ ଦଳ ଠାକୁରପଡ଼ା ରେଳବାଇ ଅଣ୍ଡରପାସ୍ ନିକଟରେ ଛକି ରହିଥିଲା। ଏହି ସମୟରେ ଉକ୍ତ ଅଭିଯୁକ୍ତଦ୍ୱୟ ଏକ ଜରିବସ୍ତାରେ ଗଞ୍ଜେଇକୁ ଏକ ସ୍କୁଟି(ନଂ.ଓଡି-୧୫-ଏଏ-୭୪୨୪) ଯୋଗେ ବରେଇପାଲି ପଟୁ କ୍ଷେତ୍ରରାଜପୁର ରେଳ ଷ୍ଟେଶନ ଦେଇ ଚୋର ଚାଲାଣ କରୁଥିବା ବେଳେ ପୋଲିସ ସେମାନଙ୍କୁ କାବୁ କରିଥିଲା। ଏ ନେଇ ଥାନାରେ ଏକ ମାମଲା(ନଂ. ୬୨/୨୬) ରୁଜୁ କରି ସୋମବାର ଗିରଫ ୨ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

## ସଂକ୍ଷେପରେ

### ରେଢ଼ାଖୋଲ ବ୍ରାହ୍ମସମାଜ ପକ୍ଷରୁ ସାମୂହିକ ବ୍ରତୋପନୟନ

ରେଢ଼ାଖୋଲ, ୧୬।୩(ସନ୍ତୋଷ ବଘାର)

ସମ୍ବଲପୁର ଜିଲା ରେଢ଼ାଖୋଲ ଜଗନ୍ନାଥମନ୍ଦିର ପରିସରରେ ବ୍ରାହ୍ମସମାଜ ପକ୍ଷରୁ ସୋମବାର ସାମୂହିକ ବ୍ରତୋପନୟନ ଅନୁଷ୍ଠିତ ହୋଇଯାଇଛି। ସକାଳେ ରୀତିନୀତି ଅନୁଯାଇ ୭ଜଣ ବାଳକଙ୍କୁ ବ୍ରତ କରାଯାଇଥିଲା। ମୁଖ୍ୟ ଆଚାର୍ଯ୍ୟ ସୁବାସ ପଣ୍ଡା, ଆଚାର୍ଯ୍ୟ ସତ୍ୟାନନ୍ଦ ରଥ, ଦିଲ୍ଲୀପ ପଣ୍ଡା, ବୃନ୍ଦାବନ ପୁରୋହିତ, ବୈଷ୍ଣବ ପାଢ଼ୀ, ଚନ୍ଦ୍ରଶେଖର ଶାସିନୀ, ସଂକୀର୍ତ୍ତନ ଶାସିନୀ, ଭବାନୀ ପଣ୍ଡା ବ୍ରତକାର୍ଯ୍ୟ ତୁଲାଇଥିଲେ। ପୂଜା କାର୍ଯ୍ୟରେ ଦେବାଶିଷ ଷଡ଼ଙ୍ଗୀ, ସାଧୁଚରଣ ହୋତା, ରମେଶ ଚନ୍ଦ୍ର ପାଣିଗ୍ରାହୀ, ନରୋତ୍ତମ ପୁରୋହିତ, ପଞ୍ଚାନନ ପୁରୋହିତ ସହଯୋଗ କରିଥିଲେ। ବ୍ରହ୍ମ ସମାଜ ସଭାପତି ହରିଶଙ୍କର ହୋତା, ସମ୍ପାଦକ ପ୍ରଶାନ୍ତ ରଥଙ୍କ ତତ୍ତ୍ୱାବଧାନରେ ବ୍ରତୋପନୟନ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ହୋଇଥିଲା।

### ଯୁଗ୍ମ ଜନ ଅଭିଯୋଗ ଶୁଣାଣି

ସମ୍ବଲପୁର, ୧୬।୩(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ କାର୍ଯ୍ୟାଳୟରେ ସୋମବାର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଏସ୍‌ପି ମୁକେଶ କୁମାର ଭାମୁଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆବେଦନ ହୋଇଥିବା ୩୯ଟି ମାମଲାର ଶୁଣାଣି ହୋଇଥିଲା। ସେଥିମଧ୍ୟରୁ ୨୧ଟି ଆବେଦନ ବ୍ୟକ୍ତିଗତ, ୧୭ଟି ଗ୍ରାମ୍ୟ ସମସ୍ୟା ସହିତ ଜଡିତ ଥିଲା। ତେବେ ଶୁଣାଣି ସ୍ଥଳରେ ଗୋଟିଏ ସ୍ୱାସ୍ଥ୍ୟ ଜନିତ ସମସ୍ୟାର ସାମାଧାନ ପୂର୍ବକ ରେଡକ୍ରସ ପାଣ୍ଠିରୁ ୧୦ହଜାର ଟଙ୍କାର ସହାୟତା ରାଶି ଚେକ୍ ମାଧ୍ୟମରେ ପ୍ରଦାନ କରାଯାଇଥିଲା।

### ୧୭୯୦୮ ପରୀକ୍ଷାର୍ଥୀ ଦେଲେ ଉଲ୍ଲାସ ପରୀକ୍ଷା

ସମ୍ବଲପୁର,୧୬।୩ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲାର ୯ଟି ବ୍ଲକରେ ରବିବାର ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ ଉଲ୍ଲାସ ଅନ୍ତର୍ଗତ ଦ୍ୱିତୀୟ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଆକଳନ ପରୀକ୍ଷା ଅନୁଷ୍ଠିତ ହେଇଯାଇଛି। ଜିଲାର ୯ଟି ବ୍ଲକର ବିଭିନ୍ନ ପ୍ରାଥମିକ ବିଦ୍ୟାଳୟ ଓ ହାଇସ୍କୁଲରେ ମୋଟ ୧୭୯୦୮ ଜଣ ୧୫ବର୍ଷରୁ ଊର୍ଦ୍ଧ୍ୱ ଅଣସାକ୍ଷର ଏହି ପରୀକ୍ଷା ଦେଇଥିଲେ। ଜିଲା ଉଲ୍ଲାସ କାର୍ଯ୍ୟକ୍ରମ ନୋଡାଲ ଅଫିସର ସତ୍ୟବ୍ରତ ସାହୁଙ୍କ ତଥ୍ୟ ଅନୁସାରେ ମାନେଶ୍ୱର ବ୍ଲକରେ ୧୪୬୪ ଜଣ, ଯୁଯୁମୁରା ବ୍ଲକରେ ୩୧୦୬, ରେଙ୍ଗାଲି ବ୍ଲକରେ ୧୪୯୫,ବାମରା ବ୍ଲକରେ ୩୧୮୧, କୁଚିଣ୍ଡା ୯୨୩, ଜମନକିରା ୩୧୩୨, ରେଢାଖୋଲ ୧୨୧୧, ନାକଟିଦେଉଳ ୧୮୧୯ ଓ ଧନକଉଡା ବ୍ଲକରେ ୨୫୭୭ ଜଣ ନବଶିକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ଜିଲା ଶିକ୍ଷାଅଧିକାରୀ ଲକ୍ଷ୍ମଣ ଭୋଇ ଧନକଉଡା ଓ ମାନେଶ୍ୱର ବ୍ଲକର ବିଭିନ୍ନ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ। ସେହିପରି ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଉଜାଗର ପ୍ରଧାନ, ଜିଲା ବିଜ୍ଞାନ ନିରୀକ୍ଷକ ପାର୍ଥ ସାରଥୀ ପ୍ରଧାନ, ସନ୍ତୋଷ ମହାପାତ୍ର, ସମଗ୍ର ଶିକ୍ଷାର ସଂଯୋଜକ ଅରୁଣ କୁମାର ଦାସ, ବିଭିନ୍ନ ବ୍ଲକର ବ୍ଲକ ଶିକ୍ଷାଧିକାରୀ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀମାନେ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ।

## କୋଲ ଇଣ୍ଡିଆ ଇଣ୍ଟର କମ୍ପାନୀ ଲନ୍ ଟେନିସ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ


ଏମ୍‌ସିଏଲ୍ ମୁଖ୍ୟାଳୟରେ ସୋମବାର କୋଲ ଇଣ୍ଡିଆ ଇଣ୍ଟର କମ୍ପାନୀ ଲନ୍ ଟେନିସ୍ ଟୁର୍ନାମେଣ୍ଟରେ ଶୁଭାରମ୍ଭ ଅବସରରେ ଖେଳାଳିମାନେ।

ସମ୍ବଲପୁର, ୧୬।୩(ବି.ଶଙ୍କର)

**ଅଂଶଗ୍ରହଣ କଲେ ୮ ଦଳ**

କୋଲ ଇଣ୍ଡିଆ ଇଣ୍ଟର କମ୍ପାନୀ ଲନ ଟେନିସ ଟୁର୍ନାମେଣ୍ଟ ବୁର୍ଲାସ୍ଥିତ ଏମସିଏଲ୍ ମୁଖ୍ୟାଳୟରେ ସୋମବାର ହୋଇଛି। ଏମ୍‌ସିଏଲ ଆୟୋଜିତ ଏହି ତିନିଦିବସୀୟ ଟୁର୍ନାମେଣ୍ଟ ଆଗାମୀ ୧୮ ତାରିଖରେ ଶେଷ ହେବ। ବିଭିନ୍ନ କୋଇଲା କମ୍ପାନୀର ପ୍ରତିଭାବାନ ଖେଳାଳିମାନେ ଏଥିରେ ଅଂଶଗ୍ରହଣ କରିଛନ୍ତି। ଏମସିଏଲ ନିର୍ଦ୍ଦେଶକ (ମାନବ ସମ୍ବଳ) କେଶବ ରାଓ, ମୁଖ୍ୟ ସତର୍କତା ଅଧିକାରୀ (ସିଭିଓ) ପିକେ ପଟେଲ, ନିର୍ଦ୍ଦେଶକ (ଅର୍ଥ) ଏକେ ବେହୁରା ଏବଂ ନିର୍ଦ୍ଦେଶକ (ବୈଷୟିକ) ଏସକେ ଝା ସମ୍ମାନୀତ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଏହି ଟୁର୍ନାମେଣ୍ଟରେ କୋଲ ଇଣ୍ଡିଆ ଲିମିଟେଡ ଏବଂ କୋଇଲା ମନ୍ତ୍ରଣାଳୟ ଅଧିନରେ ଥିବା ନର୍ଦ୍ଦନ କୋଲଫିଲ୍ଡସ ଲିମିଟେଡ୍, ସେଣ୍ଟ୍ରାଲ କୋଲଫିଲ୍ଡସ ଲିମିଟେଡ୍, ସାଉଥ ଇଷ୍ଟର୍ଣ୍ଣ କୋଲଫିଲ୍ଡସ ଲିମିଟେଡ୍, ସେଣ୍ଟ୍ରାଲ ମାଇନ୍ ପ୍ଲାନିଂ ଆଣ୍ଡ ଡିଜାଇନ୍ ଇନଷ୍ଟିଚ୍ୟୁଟ୍ ଲିମିଟେଡ୍, ୱେଷ୍ଟର୍ଣ୍ଣ କୋଲଫିଲ୍ଡସ ଲିମିଟେଡ୍, ଭାରତ କୋକିଙ୍ଗ କୋଲ ଲିମିଟେଡ୍, ସିଙ୍ଗାରେନି କୋଲିୟାରୀଜ କମ୍ପାନୀ ଲିମିଟେଡ୍ ଏବଂ ଆୟୋଜକ ଦଳ ମହାନଦୀ କୋଲଫିଲ୍ଡସ ଲିମିଟେଡ୍ (ଏମସିଏଲ) ପରି ୮ଟି ଦଳ ଅଂଶଗ୍ରହଣ କରିଛନ୍ତି। ଏହି ଟୁର୍ନାମେଣ୍ଟ କୋଲ ଇଣ୍ଡିଆ ପରିବାରର କର୍ମଚାରୀମାନଙ୍କୁ ସେମାନଙ୍କ କ୍ରୀଡ଼ା ପ୍ରତିଭା ଏବଂ ପ୍ରତିଦ୍ୱନ୍ଦ୍ୱିତାମୂଳକ ମନୋଭାବ ପ୍ରଦର୍ଶନ କରିବା ପାଇଁ ଏକ ମଞ୍ଚ ପ୍ରଦାନ କରିବ ଏବଂ ବିଭିନ୍ନ କୋଇଲା କମ୍ପାନୀ ମଧ୍ୟରେ ବନ୍ଧୁତା, ଦଳଗତ ଭାବନା ଏବଂ ସମନ୍ୱୟକୁ ମଧ୍ୟ ସୁଦୃଢ଼ କରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

## ଶ୍ରମିକ ଅଧିକାର ସଚେତନତା ରଥର ଶୁଭାରମ୍ଭ

ସମ୍ବଲପୁର, ୧୬।୩(ବି.ଶଙ୍କର)

ଶ୍ରମିକଙ୍କ ଅଧିକାର ଓ ପ୍ରାପ୍ୟ ଶୀର୍ଷକ ସଚେତନତା ରଥ ସୋମବାର ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ କାର୍ଯ୍ୟାଳୟରୁ ଶୁଭାରମ୍ଭ କରାଯାଇଛି। ସମ୍ବଲପୁର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରସନ୍ନ କୁମାର ପାତ୍ର , ଯୁଯୁମୁରା ବ୍ଲକ ଉନ୍ନୟନ ଅଧିକାରୀ ରାଜେଶ ଏକ୍କା, ସମ୍ବଲପୁର ମୁଖ୍ୟ ଜିଲା କୃଷି ଅଧିକାରୀ ସତ୍ୟବାନ ସୋରେନ ଏବଂ ରେଢ଼ାଖୋଲ ଏସ୍‌ଡିପିଓ ପ୍ରଶାନ୍ତ କୁମାର ମେହେର ମିଳିତ ଭାବେ ଏହି ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ସଚେତନତା ରଥ ସୋମବାର ବ୍ଲକର ୧୦ଟି ଗ୍ରାମ ପରିକ୍ରମା କରିଥିଲା। ଆଗାମୀ ଦିନରେ ୭୦ରୁ ୮୦ଟି ଗାଁକୁ ରଥ ପହଞ୍ଚିବ। ଏହି ଅଭିଯାନ ମାଧ୍ୟମରେ ଶ୍ରମିକ ଅଧିକାର, ନିର୍ମାଣ ଶ୍ରମିକ ପଞ୍ଜୀକରଣ, ସାମାଜିକ ସୁରକ୍ଷା ଯୋଜନା ଏବଂ ଅନ୍ୟାନ୍ୟ ସରକାରୀ ସୁବିଧା ସମ୍ପର୍କରେ ସୂଚନା ପ୍ରଦାନ କରାଯିବ। ଫଳରେ ଶ୍ରମିକମାନେ ସେମାନଙ୍କର ପ୍ରାପ୍ୟ ସହଜରେ ପାଇ ପାରିବେ। ଶ୍ରମିକମାନଙ୍କୁ ସେମାନଙ୍କ ଅଧିକାର ଏବଂ ବିଭିନ୍ନ ସରକାରୀ ଜନକଲ୍ୟାଣକାରୀ ଯୋଜନା ବିଷୟରେ ସଚେତନ କରିବା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ।

## ଗ୍ୟାସ ସଙ୍କଟ ନେଇ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

### ରନ୍ଧନ ଗ୍ୟାସ୍ କଳାବଜାର ରୋକିବାକୁ ସ୍କ୍ୱାଡ୍ ଗଠନ ଦାବି


ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ସମ୍ବଲପୁର, ୧୬।୩(ପ୍ରମୋଦ ବହିଦାର)

ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁ ସମ୍ବଲପୁର ଜିଲାରେ ଦେଖାଦେଇଥିବା ଏଲପିଜି ଗ୍ୟାସର ଅଭାବ, କଳାବଜାର ଏବଂ ଅତ୍ୟାବଶ୍ୟକ ସାମଗ୍ରୀର ଅହେତୁକ ଦରବୃଦ୍ଧିର ପ୍ରତିବାଦ କରିଛି କଂଗ୍ରେସ। ସୋମବାର ଜିଲା କଂଗ୍ରେସ କମିଟି ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏ ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇ ଦାବିପତ୍ର ପ୍ରଦାନ କରାଯାଇଥିଲା। ଅତିରିକ୍ତ ଜିଲାପାଳ ସୁଧାଂଶୁ କୁମାର ଭୋଇ ଦାବିପତ୍ର ଗ୍ରହଣ କରିଥିଲେ। ଜିଲା କଂଗ୍ରେସ ସଭାପତି ଇଂ. ଅମିତ କୁମାର ଗୁରୁଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ଏକ ରାଲିରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ସରକାର ବିରୋଧି ବିଭିନ୍ନ ନାରା ଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ଦଳ ପକ୍ଷରୁ ପଦତ୍ତ ଦାବିପତ୍ରରେ ରନ୍ଧନ ଗ୍ୟାସ ଅଭାବ ଓ କଳାବଜାର ଜନିତ ସଙ୍କଟର ସମାଧାନ ଏବଂ ଅତ୍ୟାବଶ୍ୟକ ସାମଗ୍ରୀର ଦରବଦ୍ଧି ନିୟନ୍ତ୍ରଣ ପାଇଁ ଜିଲାପାଳଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ। ଏଥିରେ ଜିଲାରେ ଗ୍ୟାସ ବଣ୍ଟନ ପ୍ରକ୍ରିୟାର ନିୟମିତ ତଦାରଖ, କଳାବଜାର ରୋକିବା ପାଇଁ ସ୍ୱତନ୍ତ୍ର ସ୍କ୍ୱାଡ ଗଠନ ଏବଂ ବଜାର ଦର ନିୟନ୍ତ୍ରଣ ପାଇଁ ଦୃଢ଼ ପଦକ୍ଷେପ ନେବାକୁ ଦାବି କରାଯାଇଛି। ଆନ୍ଦୋଳନରେ ବରିଷ୍ଠ ନେତା ଜୟଶଙ୍କର ମିଶ୍ର, ଅଶୋକ କୁମାର ମେହେର, ସୁଜାତା ସିଂ, ଗିରିଧାରୀ ମହାନନ୍ଦ, ସଞ୍ଜୟ ଛୁରିଆଙ୍କ ସମେତ ବହୁ ସଂଖ୍ୟାରେ ଦଳ କର୍ମକର୍ତ୍ତା ଓ କର୍ମୀ ସାମିଲ ହୋଇଥିଲେ।

## ଆତ୍ମରକ୍ଷା ପ୍ରଶିକ୍ଷଣ ଛାତ୍ରୀଙ୍କୁ ମାନସିକଭାବେ ଦୃଢ଼ କରେ

ସମ୍ବଲପୁର, ୧୬।୩(ବି.ଶଙ୍କର)

**ଏନ୍‌ଏସ୍‌ସିବି ମହାବିଦ୍ୟାଳୟରେ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ କାର୍ଯ୍ୟକ୍ରମ**


ଶିବିର ଉଦ୍‌ଯାପନୀ ଉତ୍ସବରେ ଅତିଥି, ବକ୍ତା ଓ ପ୍ରଶିକ୍ଷକ।

ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ବିଭାଗର ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ କ୍ଲବ ଆନୁକୂଲ୍ୟରେ ସମ୍ବଲପୁର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟ(ଏନ୍‌ଏସ୍‌ସିବି)ରେ ଚାଲିଥିବା ଆଠ ଦିନିଆ ଶିବିର ସୋମବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ପ୍ରଦୀପ କୁମାର ହରପାଲ ଅଧ୍ୟକ୍ଷତା କରିଥିଲେ। ଡ. ରଘୁମଣି ନାଏକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉପସ୍ଥିତ ଛାତ୍ରୀମାନଙ୍କୁ ବିଭିନ୍ନ ଦିଗରେ ସଚେତନ କରାଇଥିଲେ। ସମ୍ମାନିତ ଅତିଥିଭାବେ ଶୈକ୍ଷିକ ବିଭାଗ ମୁଖ୍ୟ ତଥା ଇଂଲିଶ ବିଭାଗ ମୁଖ୍ୟ ପ୍ରାଧାପକ ହରିହର ମଲ୍ଲିକ ଆତ୍ମରକ୍ଷା ପ୍ରଶିକ୍ଷଣ ବାବଦରେ ସୂଚନା ଦେଇଥିଲେ। କ୍ଲବର ସଂଯୋଜିକା ଅଧ୍ୟାପିକା ହର୍ଷିତା ସ୍ୱାଇଁ ସଭା ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିବା ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରୀମାନେ ତାଙ୍କ ଉପଲବ୍ଧି ବିଷୟରେ ମତ ରଖିଥିଲେ। ପ୍ରଶିକ୍ଷିକା ସୁଶ୍ରୀ ଭାରତୀ ଓରାମ କହିଥିଲେ, ଆତ୍ମରକ୍ଷା ପ୍ରଶିକ୍ଷଣ କୌଶଳ ଛାତ୍ରୀମାନଙ୍କୁ ଶାରୀରିକ ଭାବରେ ସଶକ୍ତ କରିଥାଏ। ଏହା ସହିତ ମାନସିକଭାବେ ଦୃଢ଼ ଓ ନିର୍ଭୀକ କରି ଗଢି ତୋଳିବାରେ ସହାୟକ ହେଇଛି ବୋଲି କହିଥିଲେ। ସହକାରୀ ପ୍ରାଧାପକ ଦେବେନ୍ଦ୍ର ଭୁଏ, ଅଧ୍ୟାପିକା ଜ୍ୟୋତ୍ସ୍ନାରାଣୀ ବାର୍ଲା , ମେଞ୍ଜା ପୂର୍ତ୍ତି, ରଶ୍ମିତା ରାଉତରାୟ, ମିଲି ସାହୁ, ଶିଖା ଦାନୀ ଏଥିରେ ସହଯୋଗ କରିଥିଲେ। ଅଧ୍ୟାପିକା ପ୍ରିୟଦର୍ଶିନୀ ବେଉରା ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍କୁଲ୍‌ବସ୍ ଧକ୍କାରେ ୨ ଗୁରୁତର

ସମ୍ବଲପୁର, ୧୬।୩(ପ୍ରମୋଦ ବହିଦାର)

ସମ୍ବଲପୁର ଧନୁପାଲି ଥାନା ଅନ୍ତର୍ଗତ ଭତରା ସ୍ୱେରେଜ ପ୍ଲାଣ୍ଟ ନିକଟରେ ଏକ ଘରୋଇ ସ୍କୁଲ୍ ବସ୍ ଧକ୍କାରେ ଜଣେ ବାଇକ୍ ଆରୋହୀ ଓ ତାଙ୍କ ସହିତ ବାଇକ୍‌ରେ ଥିବା ଏକ ଶିଶୁ ଗୁରୁତର ହୋଇଛନ୍ତି। ଉଭୟଙ୍କୁ ଭିମ୍‌ସାରେ ଭର୍ତ୍ତି କରାଯାଇଛି। ସେମାନଙ୍କ ପରିଚୟ ମିଳି ପାରି ନ ଥିଲେ ମଧ୍ୟ ଉଭୟେ ଦେଗାଁ ଅଞ୍ଚଳର ବୋଲି ଜଣା ପଡ଼ିଛି। ଧନୁପାଲି ଥାନା ପୋଲିସ ସ୍କୁଲ୍ ବସ୍(ଓଡି-୧୫-ପି-୦୬୭୬)କୁ ଜବତ କରିଥିବା ବେଳେ ଚାଳକ ଫେରାର ହୋଇଯାଇଛନ୍ତି। ମିଳିଥିବା ସୂଚନା ଅନୁସାରେ ସୋମବାର ଅପରାହ୍ନରେ ଜଣେ ବ୍ୟକ୍ତି ତାଙ୍କ ଶିଶୁଙ୍କୁ ବାଇକ ପଛରେ ବସାଇ ସମ୍ବଲପୁର ଧମା ରାଜ୍ୟ ରାଜପଥ-୧୫ରେ ଭତରା ପଟେ ଆସୁଥିଲେ। ଏହି ସମୟରେ ତାଙ୍କ ପଛରେ ଆସୁଥିବା ଉକ୍ତ ସ୍କୁଲ୍ ବସ୍ ତାଙ୍କୁ ଅତିକ୍ରମ କରିବା ସମୟରେ ଧକ୍କା ଦେଇଥିଲେ। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁସାରେ ବସ୍ ଚାଳକ ମୋବାଇଲ ଫୋନରେ କଥା ହେବା ସମୟରେ ହଠାତ ଭାରସାମ୍ୟ ହରାଇ ଗୋଟିଏ ପାର୍ଶ୍ୱକୁ ଚାଲିଯାଇ ବାଇକ୍ ଆରୋହୀଙ୍କୁ ଧକ୍କା ଦେଇଥିଲା।

## ଗୋପାଳପାଲିରେ ରାଷ୍ଟ୍ରରକ୍ଷା ଯଜ୍ଞ, ବାର୍ଷିକ ଉତ୍ସବ

କୁଚିଣ୍ଡା, ୧୬।୩(ବିରଞ୍ଚି ଦର୍ଦ୍ଦା)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ବାଙ୍କେ ପଞ୍ଚାୟତର ଗୋପାଳପାଲିରେ ସୋମବାର ବନବାସୀ ରକ୍ଷା ପରିବାର ଫାଉଣ୍ଡେଶନ ପକ୍ଷରୁ ରାଷ୍ଟ୍ରରକ୍ଷା ଯଜ୍ଞ ଓ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ଉଲଣ୍ଡା ନଦୀଘାଟ(ନୀଳକଣ୍ଠେଶର ଶିବ ମନ୍ଦିର)ରୁ ବହୁସଂଖ୍ୟକ ମହିଳା ପୁରୁଷଙ୍କୁ ନେଇ ଏକ କଳସ ଶୋଭାଯାତ୍ରା କରାଯାଇଥିଲା। ପରେ ୯ଟି କୁଣ୍ଡଦ୍ୱାରା ହୋମଯଜ୍ଞ ସହ ଆହୂତି ପ୍ରଦାନ କରାଯାଇଥିଲା। ମୁଖ୍ୟ ପୂଜକ ବେଦାନ୍ତ ଶାସ୍ତ୍ରୀଙ୍କ ସମେତ ସୁମନ୍ତ ସିଂ ମହାପାତ୍ର, ସଞ୍ଜିବ କୁମାର ସାହୁ, ଆନନ୍ଦ ବିଶ୍ୱାଳ, ବସନ୍ତ କୁମାର ସାହୁ, ସୁଦୀପ୍ତ ବାଘ ଯଜ୍ଞ କାର୍ଯ୍ୟ ତୁଲାଇଥିଲେ। ୯ ସପତ୍ନୀକ ଯୋଡି କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପରେ ବନବାସୀ ରକ୍ଷା ପରିବାର ଫାଉଣ୍ଡେଶନ ପକ୍ଷରୁ ଏକ ରାଷ୍ଟ୍ର ରକ୍ଷା ହିନ୍ଦୁ ଜାଗରଣ ସଭା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବିଶ୍ୱ ହିନ୍ଦୁ ପରିଷଦ କେନ୍ଦ୍ରୀୟ ସହମନ୍ତ୍ରୀ ତଥା ଅଖିଳ ଭାରତୀୟ ସଂଗଠନ ମନ୍ତ୍ରୀ ବୀରେନ୍ଦ୍ର କୁମାର ଶର୍ମା, ବନବାସୀ ରକ୍ଷା ଫାଉଣ୍ଡେଶନ ଓଡ଼ିଶା ପ୍ରାନ୍ତ ପ୍ରମୁଖ ଓ ଅଧ୍ୟକ୍ଷ ବସନ୍ତ କୁମାର ଦାନୀ, ଗୋଛରା ଓମ ଶିବାୟ ପ୍ରତିଭା ବିକାଶ କେନ୍ଦ୍ର ସଂଯୋଜକ ରୁଦ୍ର ପ୍ରତାପ ଦେଓ, ବାମରା ବ୍ଲକ ଧର୍ମ ପ୍ରସାର ବିଭାଗ ପ୍ରମୁଖ ତୁଳାରାମ ବାବା, କୁଚିଣ୍ଡା ଅଲେଖ ମହିମା ଧର୍ମପୀଠ ପ୍ରମୁଖ ଶେଷଦେବ ବାବା ଯୋଗଦେଇ ହିନ୍ଦୁ ସନାତନ ଧର୍ମ ରକ୍ଷା ପାଇଁ ମାର୍ଗଦର୍ଶନ କରିଥିଲେ। ରାଷ୍ଟ୍ରରକ୍ଷା ଯଜ୍ଞ ଆୟୋଜନ ସମିତି ସଭାପତି ହରିହର ସାହୁ, ସମ୍ପାଦକ ବସନ୍ତ କୁମାର ସାହୁ, ସହସମ୍ପାଦକ ଯୁଧିଷ୍ଠିର ପ୍ରଧାନ, ଉପଦେଷ୍ଟା ରବିନାରାୟଣ ପଟେଲ, ବ୍ୟୋମକେଶ ସାହୁ, ହେମନ୍ତ ସାହୁ, ପ୍ରଭାତ କୁମାର ସାହୁ କାର୍ଯ୍ୟ ପରିଚାଳନା କରିଥିଲେ। ପ୍ରଶାନ୍ତ କୁମାର ଦାସ ସଭା ପରିଚାଳନା କରିଥିଲେ।

## ଗ୍ରୀଷ୍ମ ଆରମ୍ଭରୁ ପାନୀୟ ଜଳ ସଙ୍କଟ

ନାକଟିଦେଉଳ, ୧୬।୩(ବୈକୁଣ୍ଠନାଥ ସାହୁ)

**ନାକଟୀଦେଉଳ ବ୍ଲକର ୨୫ ଗ୍ରାମରେ ଉତ୍କଟ ସମସ୍ୟା**


ବାଟଗାଁ ପଞ୍ଚାୟତର ବେଠିଆବେର୍ଣ୍ଣ ଗାଁର ଅଚଳ ନଳକୂପ।

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକର ବିଭିନ୍ନ ସ୍ଥାନରେ ଗ୍ରୀଷ୍ମ ଆରମ୍ଭରୁ ପାନୀୟ ଜଳକଷ୍ଟ ଦେଖାଦେଇଛି। ପାରମ୍ପରିକ କୂପ, ନଳକୂପ ଆଦିରୁ ଆବଶ୍ୟକ ପାଣି ବାହାରୁନାହିଁ। ଫଳରେ ଲୋକେ ନିକଟସ୍ଥ ନାଳରେ ଚୂଆ ଖୋଳି ବଡକଷ୍ଟରେ ପିଇବା ପାଣି ସଂଗ୍ରହ କରୁଛନ୍ତି। ବ୍ଲକର ୨୫ଟି ଗ୍ରାମ ଏବଂ ସାହିରେ ପାନୀୟ ଜଳର ଅଭାବ ଦେଖାଦେଇଥିବା ଅଭିଯୋଗ ହୋଇଛି। ବାଟଗାଁ ପଞ୍ଚାୟତର ଭାଲୁଗାଡ଼ିଆ, ହିତସରା ରୁଗୁଡ଼ିପଡା, ବଉଳପଡା, ଗଦାଧରପୁର, ଡଇଁଚା ପଞ୍ଚାୟତର ପାଇକମାଳ ବାଉତିଡିପ ସାହି, ସୁବର୍ଣ୍ଣପୁର ସାହି, ହିନ୍ତରାଇ, ସାଲେଭଟା ପଞ୍ଚାୟତର ପଳସାବୁରୀ, ନେଭରାପାଳ, ବସାଲୋଇ ଭୁଗୁରାସାହି, କମାରସାହି, କଣ୍ଢେଳ ତୁଳସୀତଇଲା, ଧଉରାଗୋଠ, ରୋହିଣୀ ଗାଡ଼ିଆ, କୁନ୍ଦେଇଜୁରୀ, ପ୍ରତାପପୁର ଗଡ଼ତ୍ୟା ପଡା, ଆମ୍ବଝରି ରୁଗୁଡ଼ିସାହି, ହରିଜନପଡା, ଶାଗନାଳ, କରଡ଼ାଖମଣ, ସରାପାଲି ପଞ୍ଚାୟତର ହିକପାଲି ପୁରୁଣା ସାହି, ଗିରିଶ୍ଚନ୍ଦ୍ରପୁର ପଞ୍ଚାୟତ ଅନ୍ତର୍ଗତ ଗୌଡ଼ପାଲିର ଗରିଆମୁଣ୍ଡା, କିସିଣ୍ଡା ପଞ୍ଚାୟତର ଖମାରବାହାଲ ଏବଂ ଗୋଗୁଆ ପଞ୍ଚାୟତର ଛତ୍ରପୁର ଗ୍ରାମରେ ବର୍ତ୍ତମାନ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ଏହି ଗ୍ରାମଗୁଡିକରେ ଆସନ୍ତା ଏପ୍ରିଲ ପହିଲାରୁ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇ ଦିଆଯିବ ବୋଲି ଆର୍‌ଡବ୍ଲ୍ୟୁଏସ୍‌ଏସ୍‌ର କନିଷ୍ଠ ଯନ୍ତ୍ରୀ ହିମାଂଶୁ କୁମାର ବେହେରା କହିଛନ୍ତି। ଅନ୍ୟପକ୍ଷରେ ବ୍ଲକର ବିଭିନ୍ନ ଗ୍ରାମରେ ୨୨ଟି ଓଭରହେଡ଼ ପାଣି ଟାଙ୍କି ରହିଥିବା ବେଳେ ସେଥିରୁ ୨୦ଟି କାର୍ଯ୍ୟକ୍ଷମ ରହିଛି। ସରାପାଲି ଏବଂ ଝାରବେଡା ପାଣି ଟାଙ୍କି ଅଚଳ ରହିଛି। ଅନ୍ୟପକ୍ଷରେ ବ୍ଲକ ଅଞ୍ଚଳରେ ଥିବା ୭୩ଟି ସୌରଚାଳିତ ପାନୀୟ ଜଳ ପ୍ରକଳ୍ପରୁ ୪ଟି ଅଚଳଥିବା ଜଣାପଡିଛି। ଅଚଳ ନଳକୂପଗୁଡିକ ସହ ପାନୀୟ ଜଳ ପ୍ରକଳ୍ପଗୁଡିକ ଶୀଘ୍ର ମରାମତି କରା ନ ଗଲେ ଆଗାମୀ ଦିନରେ ପାନୀୟ ଜଳ ପାଇଁ ଗ୍ରାମାଞ୍ଚଳର ଲୋକେ ନାହିଁ ନ ଥିବା ହଇରାଣର ସମ୍ମୁଖୀନ ହେବାର ସମ୍ଭାବନା ରହିଛି। ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଇ ଶୀଘ୍ର ଏହାର ସମାଧାନ କରିବାକୁ ଲୋକେ ଦାବି କରିଛନ୍ତି। ଏ ସମ୍ପର୍କରେ ନାକଟିଦେଉଳ ବିଡିଓ ଆକାଶ ରଞ୍ଜନ ସାହୁଙ୍କୁ ପଚାରିବାରେ ବର୍ତ୍ତମାନ ସୁଦ୍ଧା ବିଭିନ୍ନ ଗ୍ରାମରେ ପାନୀୟ ଜଳ ସମସ୍ୟା ନେଇ ୨୫ଟି ଅଭିଯୋଗ ଆସିଛି। ସେଥିମଧ୍ୟରୁ ୧୭ଟି ସ୍ଥାନରେ ସମାଧାନ ହୋଇ ସାରିଛି। ଅଚଳ ନଳକୂପ ଓ ସୌରଚାଳିତ ପ୍ରକଳ୍ପଗୁଡିକ ମରାମତି ପାଇଁ ବର୍ତ୍ତମାନ ଗୋଟିଏ ଗାଡ଼ି ବୁଲୁଛି ଏବଂ ଖୁବ୍‌ଶୀଘ୍ର ଆଉ ଗୋଟିଏ ଅତିରିକ୍ତ ଗାଡ଼ି ଏଥିପାଇଁ ଯୋଗାଇ ଦିଆଯିବ। ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ବ୍ଲକ ପକ୍ଷରୁ ଏକ କଣ୍ଟ୍ରୋଲ ରୁମ ଖୋଲା ଯାଇଛି। ଅଭିଯୋଗ ଆସିଲେ ତୁରନ୍ତ ଏହାର ସମାଧାନ କରାଯିବ ଏବଂ ଏଥିପାଇଁ ବ୍ଲକ ପ୍ରଶାସନ ସବୁବେଳେ ସଜାଗ ଅଛି ବୋଲି ପ୍ରକାଶ କରିଥିଲେ।

# ଅଧାରେ ପାଇପ୍ ଗ୍ୟାସ୍ ଯୋଗାଣ

## ଝିରପାଣି, ବାସନ୍ତୀ କଲୋନୀ ସେବାରୁ ବଞ୍ଚିତ

ରାଉରକେଲା, ୧୬।୩(ସଙ୍ଗୀତା ଜେନା)

ରାଉରକେଲା ସହରରେ କିଛି ବର୍ଷ ତଳେ ଆରମ୍ଭ ହୋଇଥିବା ଘରୋଇ ଗ୍ୟାସ୍ ପାଇପ୍ ଲାଇନ୍ ସେବା ଅସମ୍ପୂର୍ଣ୍ଣ ରହିଛି। ସହରରେ ଏହି ଗ୍ୟାସ୍ ସେବା ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇଥିଲେ ଜରୁରୀ ସମୟରେ ଏଲ୍‌ପିଜି ସମସ୍ୟାର ସମାଧାନ ହୋଇପାରିଥାନ୍ତା ବୋଲି ମତପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ରାଉରକେଲାରେ ଘରକୁ ଘର ପାଇପ୍ ଯୋଗେ ଗ୍ୟାସ ଯୋଗାଇ ଦେବା ପାଇଁ ୨୦୧୯ରେ ପେଟ୍ରୋଲିୟମ୍ ଆଣ୍ଡ ନ୍ୟାଚୁରାଲ ଗ୍ୟାସ ରେଗୁଲେଟିଂ ବୋର୍ଡ (ପିଏନ୍‌ଜିଆରବି) ପରିଚାଳିତ ସିଟି ଗ୍ୟାସ ଡିଷ୍ଟ୍ରିବ୍ୟୁଶନ (ସିଜିଡ଼ି) ସେବା ବା ଘରୋଇ ଗ୍ୟାସ୍ ପାଇପ ସେବା ପ୍ରକଳ୍ପ ଶୁଭାରମ୍ଭ ହୋଇଥିଲା। ଉକ୍ତ ପ୍ରକଳ୍ପ ହେଲେ ଗ୍ୟାସ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ଗେଲ୍) ଦ୍ୱାରା ପାଇପ୍ ଯୋଗେ ଗ୍ୟାସ ଯୋଗାଣ କରାଯିବ। ଲୋକେ ସହଜରେ ଏଲ୍‌ପିଜି ପରିବର୍ତ୍ତେ ଏହି ପାଇପ୍ ଗ୍ୟାସ ସୁବିଧା ପାଇବେ। ପିଏନ୍‌ଜିଆରବି ଅନ୍ତର୍ଗତ ସିଜିଡ଼ି ପ୍ରକଳ୍ପ ଜରିଆରେ ଘରୋଇ, ବ୍ୟବସାୟିକ ଓ ଉଦ୍ୟୋଗ ଗୁଡ଼ିକୁ ପାଇପ ଗ୍ୟାସ ଯୋଗାଣ ପାଇଁ ଲକ୍ଷ୍ୟ ରହିଥିଲା। ଜିଲାରେ ୧୨୧୩୦.୭୦ ବର୍ଗ କିମି କ୍ଷେତ୍ରରେ ଲହୁଣୀପଡ଼ା, ଲଇକେରା, ହେମଗିରି, ଲେଫ୍ରିପଡ଼ା, ବାଲିଶଙ୍କରା, ଟାଙ୍ଗରପାଲୀ, ସୁନ୍ଦରଗଡ଼, ସବଡ଼େଗା, ବଡ଼ଗାଁ, କୁତ୍ରା, ରାଜଗାଙ୍ଗପୁର, କୁଆଁରମୁଣ୍ଡା, ନୂଆଗାଁ, ବିଶ୍ରା, ଲାଠିକଟା, ଗୁରୁଣ୍ଡିଆ ଆଦିରେ ପାଇପ୍ ବିଛାଇବାକୁ ଲକ୍ଷ୍ୟ ରହିଥିଲା। ସେହିପରି ଘରୋଇ ଯୋଗାଣ ପାଇଁ ୫ଶହ ଇଞ୍ଚର ନେଟୱର୍କ ବିଛାଯିବ ବୋଲି ନିର୍ଦ୍ଧାରିତ ହୋଇଥିଲା। ୭ ବର୍ଷ ବିତିଯାଇଥିଲେ ମଧ୍ୟ ଉକ୍ତ ପ୍ରକଳ୍ପ ଶେଷ ହୋଇପାରିନାହିଁ। ଏବେ ୧୫ ହଜାରରୁ ଉର୍ଦ୍ଧ୍ୱ ଗ୍ରାହକ ପଞ୍ଜୀକୃତ ହୋଇଥିବାବେଳେ ସେମାନେ ଏହି ସୁବିଧାରୁ ବଞ୍ଚିତ ହୋଇଛନ୍ତି। ପ୍ରଧାନପାଲୀ ବାଙ୍କିଆରେ ଗେଲ୍ ଗ୍ୟାସର ମୁଖ୍ୟ ଯୋଗାଣ କେନ୍ଦ୍ର ସହିତ ସେକ୍ଟର-୨ ଗାୟତ୍ରୀ ମନ୍ଦିର ନିକଟରେ ସିଏନ୍‌ଜି ଯୋଗାଣ କେନ୍ଦ୍ର କାର୍ଯ୍ୟକ୍ଷମ ହୋଇଛି। ହେଲେ ଗ୍ରାହକଙ୍କ ଘରକୁ ଗ୍ୟାସ ଯୋଗାଣ ସମ୍ପୂର୍ଣ୍ଣ ହୋଇପାରିନାହିଁ। ୨୦୨୩ରେ ସହରର ସୌନ୍ଦର୍ଯ୍ୟକରଣ ପାଇଁ ଉକ୍ତ ପ୍ରକଳ୍ପ ବିଳମ୍ବିତ ହୋଇଥିଲା। ସେକ୍ଟର-୧୫, ସେକ୍ଟର-୨୦, କୋଏଲନଗର ଅଞ୍ଚଳରେ ପାଇପ ଲାଇନ୍ ନଷ୍ଟ ହୋଇଯାଇଥିଲା। ସେହିପରି ଛେଣ୍ଡ, ସିଭିଲଟାଉନଶିପ୍‌ରେ ମଧ୍ୟ ସମାନ ପରିସ୍ଥିତି ଉପୁଜିଥିଲା। ବର୍ତ୍ତମାନ ଛେଣ୍ଡ, କୋଏଲନଗର, ଜଗଦା, ସିଭିଲଟାଉନସିପ୍‌ର କିଛିଅଂଶରେ ପାଇପ ଗ୍ୟାସ୍ ଯୋଗାଣ କରାଯାଉଥିବା ଜଣାପଡ଼ିଛି।

ଏ ସମ୍ପର୍କରେ ଗେଲ୍ ଗ୍ୟାସ ମାର୍କେଟିଂ ଅଧିକାରୀ ସତ୍ୟଜିତ ଜେନାଙ୍କୁ ପଚରାଯିବାରୁ ସେ କହିଲେ, ଛେଣ୍ଡ, କୋଏଲନଗର, ଜଗଦା ଅଞ୍ଚଳରେ୨୨ଶହ ପାଇପ ଲାଇନ କାର୍ଯ୍ୟକ୍ଷମ ହୋଇଛି। ପୂର୍ବରୁ ଲୋକଙ୍କୁ ସଚେତନ କରାଯାଉଥିଲେ ମଧ୍ୟ ପ୍ରତ୍ୟେକ ଦିନ ୪/୫ ଜଣ ପଞ୍ଜୀକରଣ କରୁଥିଲେ, ବର୍ତ୍ତମାନ ଉକ୍ତ ପଞ୍ଜୀକରଣ ସଂଖ୍ୟା ଦୈନିକ ୩୦ରୁ ଉର୍ଦ୍ଧ୍ୱ ରହିଛି। ସେହିପରି ସହରର ପ୍ରମୁଖ ୧୭ଟି ବ୍ୟବସାୟିକ ଅନୁଷ୍ଠାନକୁ ମଧ୍ୟ ଗ୍ୟାସ ସଂଯୋଗୀକରଣ କରାଯାଇଛି। କିଛିଦିନରେ ସମ୍ପୂର୍ଣ୍ଣ ସହରରେ ଏହା କାର୍ଯ୍ୟକ୍ଷମ ହେବ ବୋଲି ଜେନା କହିଥିଲେ।



ଗ୍ୟାସ୍ ପାଇପ୍ ଲାଇନ ସିଷ୍ଟମ୍।

## ସଂକ୍ଷେପରେ

### ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ

ରାଉରକେଲା, ୧୬।୩(ଦିନେଶ ମିଶ୍ର): ଉଦିତନଗର ଥାନା ଅନ୍ତର୍ଗତ ବାସନ୍ତୀ କଲୋନୀ ଅଞ୍ଚଳରେ ରବିବାର ରାତିରେ ଜଣେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଛି। ଉଦିତନଗର ପୋଲିସ ଏକ ମାମଲା (ନଂ.୧୨୭/୨୬) ରୁଜୁ କରି ଘଟଣାର ତଦନ୍ତ କରୁଛି। ବାସନ୍ତୀ କଲୋନୀର ବାଦଲ ଚନ୍ଦ୍ର ଶତପଥୀ ରବିବାର ରାତି ସାଢେ଼ ୧୦ଟାରେ ଫ୍ଲାଏ ଓଭରବ୍ରିଜ ତଳ ମାର୍କେଟରେ ସାଙ୍ଗଙ୍କ ସହ କଥାବାର୍ତ୍ତା ହେଉଥିବାବେଳେ କିଛି ଯୁବକ ଏକ ବାଇକ୍‌ରେ ଆସି ତାଙ୍କୁ ଗାଳିଗୁଲଜ କରିଥିଲେ। ଏହାକୁ ବିରୋଧ କରିବାରୁ ସେମାନେ ତାଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଆରଜିଏଚ୍‌ରେ ଭର୍ତ୍ତି କରାଯାଇଛି।

### ଆଲୁମ୍ନି ଆସୋସିଏଶନର ବୈଠକ

ରାଉରକେଲା, ୧୬।୩(ଦିନେଶ ମିଶ୍ର): ରାଉରକେଲା ଉଦିତନଗରସ୍ଥିତ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସୋମବାର ଉଦିତନଗର ହାଇସ୍କୁଲ ଆଲୁମନି ଆସୋସିଏଶନର ସାଧାରଣ ବୈଠକ ଶମ୍ଭୁନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମାର୍ଚ୍ଚ ୨୨ତାରିଖରେ ଆସୋସିଏଶନ୍‌ର ୮ମ ବାର୍ଷିକୋତ୍ସବ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ହେବ ବୋଲି ସାଧାରଣ ସମ୍ପାଦକ ଅଜୟ କୁମାର ପ୍ରଧାନ କହିଥିଲେ। ସଦସ୍ୟ ଗଗନ ପଣ୍ଡା ଆଲୁମନି ଆସୋସିଏଶନର ସ୍କୁଲ ବିକାଶ କାର୍ଯ୍ୟଧାରା ସମ୍ପର୍କରେ ଆଲୋକପାତ କରିଥିଲେ। କୋଷାଧ୍ୟକ୍ଷ ବିଷ୍ଣୁ ଚରଣ ଦାଶ ଆୟବ୍ୟୟର ବିବରଣୀ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଗାୟତ୍ରୀ ସେଠୀଙ୍କ ସମେତ ବ୍ରଜେନ୍ଦ୍ର କୁମାର ମହାନ୍ତି, ପ୍ରକାଶ ଚନ୍ଦ୍ର ପାଢ଼ୀ, ଯୁବଜାନୀ ବେଜ, ସୂର୍ଯ୍ୟନାରାୟଣ ଡାଙ୍ଗୁଆ, ରାକେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସହ ସମ୍ପାଦକ ରାଜେଶ ବାନାର୍ଜୀ ଧନ୍ୟବାଦ ଅର୍ପଣ କରିଥିଲେ।

### ସଚେତନ ନାଗରିକ ମଞ୍ଚର ୧୩ତମ ପ୍ରତିଷ୍ଠା ଦିବସ

ରାଉରକେଲା, ୧୬।୩(ସଙ୍ଗୀତା ଜେନା): ରାଉରକେଲା ସଚେତନ ନାଗରିକ ମଞ୍ଚର ୧୩ତମ ପ୍ରତିଷ୍ଠା ଦିବସ ସେକ୍ଟର-୩ସ୍ଥିତ ଖଡ୍ଗ ଭବନରେ ସୋମବାର ପୂର୍ବାହ୍ନ ୧୦ ଟାରେ ଅନୁଷ୍ଠିତ ହୋଇଯାଇଛି। ଉପଦେଷ୍ଟା ଚିତ୍ତରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଭାପତି ଇଂ. ବିମଳ କୁମାର ବିଶି, ସାଧାରଣ ସମ୍ପାଦକ ପି.ପି ରାୟ, ପ୍ରତିଷ୍ଠାତା ସଦସ୍ୟ ଜଗବନ୍ଧୁ ଜେନା, ହିସାବ ନିରୀକ୍ଷକ ଡା. ବସନ୍ତ କୁମାର ଦାସ, ଉପଦେଷ୍ଟା ଇଂ. ଅଭୟ କୁମାର ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ସଭାପତି ଇଂ. ବିଶି ବିଗତ ବର୍ଷରେ ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ, ସାଧାରଣ ସମ୍ପାଦକ ଅନୁଷ୍ଠାନର ଆଭିମୁଖ୍ୟ ଓ ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେବା ସହ ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରିଥିଲେ। କାର୍ଯ୍ୟକ୍ରମରେ ଗଙ୍ଗାଧର ନାୟକ, ଏଟମ ରଥ, ଉମାଶଙ୍କର ତିୱାରୀ, ପ୍ରମୋଦ ଜଗଦ୍ଦେବ, ଅମଳେଶ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

### ଝିରପାଣିରେ ଷୋହଳ ପ୍ରହର ନାମଯଜ୍ଞ

ରାଉରକେଲା, ୧୬।୩(ବିପ୍ଲବ ରଞ୍ଜନ ଦାଶ): ଝିରପାଣି ବୈଦ୍ୟନାଥ ସେବା କମିଟି ପକ୍ଷରୁ ସ୍ଥାନୀୟ ଶିବ ମନ୍ଦିରରେ ଷୋହଳ ପ୍ରହର ନାମଯଜ୍ଞ ସୋମବାର ଆୟୋଜିତ ହୋଇଯାଇଛି। ଏହି ନାମଯଜ୍ଞ ମଙ୍ଗଳବାର ପୂର୍ଣ୍ଣାହୁତି ସହ ସମ୍ପନ୍ନ ହେବ। ଯଜ୍ଞରେ ବୈଦ୍ୟନାଥ, ଜଗନ୍ନାଥ, ରିଡ଼ଁର ଶ୍ରୀ ଗଣେଶ, ଜୟ ଦୁର୍ଗା, ମା ବ୍ରାହ୍ମଣୀ, ଜମିରପୋଷ କୀର୍ତ୍ତନ ଦଳଙ୍କ ସମେତ ବିଭିନ୍ନ ଗ୍ରାମରୁ କୀର୍ତ୍ତନ ଦଳ ହରିନାମ ସଂକୀର୍ତ୍ତନ କରୁଛନ୍ତି। ବୈଦ୍ୟନାଥ ସେବା କମିଟି ସଭାପତି ବଳଦେବ ନନ୍ଦ ଏବଂ ସମ୍ପାଦକ ସାନ୍ତନୁ ନନ୍ଦ ସହଯୋଗ କରୁଛନ୍ତି। କମିଟି ସଦସ୍ୟ ବିଚିତ୍ରାନନ୍ଦ କର, ଅଶ୍ୱିନୀ ନନ୍ଦ, ଦିଲ୍ଲୀପ ଆଚାର୍ଯ୍ୟ, ରଞ୍ଜିତ ବୋଷ, ନବୀନ ଆଚାର୍ଯ୍ୟ ପ୍ରମୁଖ ଶ୍ରଦ୍ଧାଳୁମାନଙ୍କୁ ସେବା ପ୍ରଦାନ କରୁଛନ୍ତି।

# ସ୍ୱଚ୍ଛତା ପକ୍ଷରେ ଶପଥ ପାଠ



ଆର୍‌ଏସ୍‌ପି କର୍ମଚାରୀମାନେ ସ୍ୱଚ୍ଛତା ଶପଥ ପାଠ କରୁଛନ୍ତି।

ରାଉରକେଲା, ୧୬।୩(ବିପ୍ଲବ ରଞ୍ଜନ ଦାଶ)

ଆର୍‌ଏସ୍‌ପିରେ ସୋମବାରଠାରୁ ସ୍ୱଚ୍ଛତା ପକ୍ଷ ଆରମ୍ଭ ହୋଇଛି। ଏହି କ୍ରମରେ ଆସନ୍ତା ୧୫ଦିନ ବ୍ୟାପୀ କାରଖାନା ଏବଂ ଟାଉନଶିପ୍‌ରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଆର୍‌ଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ମନ୍ଥନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏକ ଶପଥ ଗ୍ରହଣ ସମାରୋହରେ ଉପସ୍ଥିତ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ସ୍ୱଚ୍ଛତା ଶପଥ ପାଠ କରାଇଥିଲେ। ସେହିପରି ସମାଧାନ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ଅନୁରୂପ ଉତ୍ସବରେ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ସିଜିଏମ୍ ମାନସ ରଞ୍ଜନ ରଥଙ୍କ ସମେତ ବିଭାଗର ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ଶପଥ ପାଠ କରାଇଥିଲେ। କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ ବିଭାଗୀୟ ସମ୍ମିଳନୀ କକ୍ଷରେ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର ବିଭାଗୀୟ ସମ୍ମିଳନୀ କକ୍ଷରେ ଆୟୋଜିତ ଶପଥ ଗ୍ରହଣ ସମାରୋହର ନେତୃତ୍ୱ ନେଇ ବିଭାଗର ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀଙ୍କୁ ସ୍ୱଚ୍ଛତା ଶପଥ ପାଠ କରାଇଥିଲେ। ପୂର୍ବରୁ ସହର ସେବା ବିଭାଗରେ ସମାନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ସହର ସେବା ଏବଂ ସିଏସ୍‌ଆର ବିଭାଗର ସିଜିଏମ ଟି. ଜି. କାନେକର ବିଭାଗର ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନଙ୍କ ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିବା ସହ ଉପସ୍ଥିତ ସମସ୍ତଙ୍କୁ ସ୍ୱଚ୍ଛତା ଶପଥ ପାଠ କରାଇଥିଲେ। ସୂଚନାଯୋଗ୍ୟ, ଏହି ଅବସରରେ କାରଖାନାର ବିଭିନ୍ନ ବିଭାଗରେ ଅନୁରୂପ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଠାରେ ସିଜିଏମ୍ ଏବଂ ବିଭାଗୀୟ ମୁଖ୍ୟମାନେ କର୍ମଚାରୀମାନଙ୍କୁ ସ୍ୱଚ୍ଛତା ଶପଥ ପାଠ କରାଇଥିଲେ।

# ଜ୍ଞାନ ବିକାଶ କେନ୍ଦ୍ରର ସାହିତ୍ୟ ମହୋତ୍ସବ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଗଣ।

ରାଉରକେଲା, ୧୬।୩(ଦିନେଶ ମିଶ୍ର)

ରାଉରକେଲା ଜେଲ୍ ରୋଡ୍‌ସ୍ଥିତ ପଦ୍ମାବତୀ ମେମୋରିଆଲ ହଲ୍ ପରିସରରେ ଶ୍ରୀଧର ସ୍ମୃତି ଜ୍ଞାନ ବିକାଶ କେନ୍ଦ୍ରର ମାସିକ ସାହିତ୍ୟ ମହୋତ୍ସବ ରବିବାର ରାତିରେ ପାଳିତ ହୋଇଯାଇଛି। ଏଥିରେ ଡକ୍ଟର ପରମେଶ୍ୱର ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅନ୍ତର୍ଜାତୀୟ ଦୃଶ୍ୟ ପଟ୍ଟରେ ଭାରତୀୟ ନାରୀର ରୂପରେଖ ଅନନ୍ୟ ବୋଲି ମତପ୍ରକାଶ କରିଥିଲେ। ବିଜୟ କୁମାର ସାହୁ, ଗଙ୍ଗାଧର ପୁହାଣ ଓ କବି ଦେବେନ୍ଦ୍ର କୁମାର ବଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଡକ୍ଟର ଉମାକାନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ପ୍ରଫେସର ଡକ୍ଟର ସୁବାସ ଚନ୍ଦ୍ର ଲେଙ୍କା ବାର୍ଷିକ ବିବରଣୀ ପାଠ କରିଥିଲେ। ଅନୀଲ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ଗୀତାଜ୍ଞାନ ଜୀବନକୁ ସରସ କରେ

ରାଉରକେଲା, ୧୬।୩(ଦିନେଶ ମିଶ୍ର)

ବାସନ୍ତୀ କଲୋନୀସ୍ଥିତ ବାୟାବାବା ଆଶ୍ରମ ପରିସରରେ ସୋମବାର ଗୀତା ପାରାୟଣ ସପ୍ତାହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରବଚକ ପଣ୍ଡିତ ଶରତ ଚନ୍ଦ୍ର ମିଶ୍ର ଯୋଗଦେଇ ଗୀତାର ଦିବ୍ୟଜ୍ଞାନ ଦ୍ୱାରା ଜୀବନକୁ ସରସ ଓ ସରଳ କରିହେବ ବୋଲି ମତପ୍ରକାଶ କରିଥିଲେ। ଯଜ୍ଞରେ ବହୁ ମହିଳାପୁରୁଷ ଯୋଗଦେଇ ସାମୂହିକ ଗୀତାପାଠ କରିଥିଲେ। ଗୀତା ହେଉଛି ଆଦି ସନାତନ ଧର୍ମର ପ୍ରତୀକ। ଗୀତା ସମାଜକୁ ବାନ୍ଧି ରଖିବାର ଶିକ୍ଷା ଓ ଧୈର୍ଯ୍ୟତାପୂର୍ଣ୍ଣ, ଚରିତ୍ରବାନ ମଣିଷ ତିଆରି କରିବାରେ ସହାୟକ ହୋଇଥାଏ ବୋଲି ଅନ୍ୟତମ ବକ୍ତା ପଣ୍ଡିତ ନୃସିଂହ ଚରଣ ମିଶ୍ର କହିଥିଲେ। ଆଶ୍ରମର ବରିଷ୍ଠ ସଦସ୍ୟ ଗୋକୁଳାନନ୍ଦ ଦାଶ, ବ୍ରଜକିଶୋର ତ୍ରିପାଠୀ, ସୁନିଲ ରାଏ, ମଧୁସ୍ମିତା ସାମଲ, ଗୌରହରି ନାୟକ ପ୍ରମୁଖ ସହଯୋଗ କରିଥିଲେ।

# ଦିଲୀପଙ୍କ ବିଜୟରେ ଖୁସି ମନାଇଲେ ସମର୍ଥକ

ରାଉରକେଲା, ୧୬।୩(ଦିନେଶ ମିଶ୍ର): ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲୀପ ରାୟ ରାଜ୍ୟସଭା ପ୍ରାର୍ଥୀ ଭାବେ ବିଜୟୀ ହେବା ପରେ ରାଉରକେଲା ସହରରେ ସୋମବାର ତାଙ୍କ ସମର୍ଥକମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଥିଲା। ଦିଲୀପଙ୍କ ଶତାଧିକ ସମର୍ଥକ ପରସ୍ପରକୁ ମିଷ୍ଟାନ୍ନ ଖୁଆଇ ଶୁଭେଚ୍ଛା ଜଣାଇଥିଲେ। ରାଉରକେଲା ମେ ଫେୟାର ହୋଟେଲ ଓ ମେ ଫେୟାର ହକିଭିଲେଜରେ ବହୁ ସମର୍ଥକ ବାଣ ଫୁଟାଇ ଶୁଭେଚ୍ଛା ଜଣାଇଥିଲେ। ସେହିଭଳି ମାଲଗୋଦାମ ବସ୍ତିରେ ଭାଜପା ମଣ୍ଡଳ ସଭାପତି ଖୋଖୋ ଦତ୍ତଙ୍କ ନେତୃତ୍ୱରେ ବସ୍ତିବାସୀ ମିଷ୍ଟାନ୍ନ ବିତରଣ କରିଥିଲେ। ସେହିପରି କଲ୍ୟାଣୀ ଭବନରେ ମଧ୍ୟ ତାଙ୍କ କର୍ମଚାରୀ ଓ ସମର୍ଥକଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା।

# ବାଇକ୍ ଚଳାଇ ରିଲ୍ କରିବା ମହଙ୍ଗା ପଡ଼ିଲା

ରାଉରକେଲା, ୧୬।୩(ସଙ୍ଗୀତା ଜେନା): ରାଉରକେଲା ପୋଲିସ ଜିଲା ଅଞ୍ଚଳରେ କିଛି ଯୁବତୀ ବେପରୱା ବାଇକ୍ ଚାଳନା କରି ରିଲ୍ ତିଆରି କରି ସୋସିଆଲ ମିଡିଆରେ ଭାଇରାଲ କରିଥିଲେ। ଯାଞ୍ଚ ସମୟରେ ଏହା ଜଣାପଡିବାରୁ ଉକ୍ତ ଯୁବତୀମାନଙ୍କୁ ମୋଟା ଜରିମାନା କରିଥିଲା ପୋଲିସ। ଏପରି କରିବାରୁ ନିବୃତ୍ତ ରହିବାକୁ ପୋଲିସ ସହରବାସୀଙ୍କୁ ସତର୍କ କରିଛି।

# ଦିବ୍ୟାଙ୍ଗଙ୍କୁ ସହାୟକ ଉପକରଣ ବଣ୍ଟନ



ଦିବ୍ୟାଙ୍ଗଙ୍କୁ ସହାୟକ ଉପକରଣ ବଣ୍ଟନ କରାଯାଉଛି।

ରାଉରକେଲା, ୧୬।୩(ବିପ୍ଲବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର ସିଏସ୍‌ଆର ପଦକ୍ଷେପ ଅଧୀନରେ ଆଲିମକୋ (କୃତ୍ରିମ ଅଙ୍ଗ ବିକାଶ ନିଗମ) ପକ୍ଷରୁ ଦିବ୍ୟାଙ୍ଗମାନଙ୍କୁ କୋଏଲ ନଗର କଲ୍ୟାଣ ମଣ୍ଡପରେ ପ୍ରୋସ୍ଥେଟିକ୍ସ ଏବଂ ସହାୟକ ଉପକରଣ ବଣ୍ଟନ କରାଯାଇଛି। ଏଥିରେ ସହର ସେବା ଓ ସିଏସଆର ବିଭାଗର ସିଜିଏମ୍ ଟି. ଜି. କାନେକର ଯୋଗ ଦେଇଥିଲେ। ଏହି ଅବସରରେ ଜିଏମ୍ ଇନ୍‌ଚାର୍ଜ (ସିଏସ୍‌ଆର) ସୁଶ୍ରୀ ମୁନମୁନ ମିତ୍ର, ଡିଜିଏମ (ସିଏସ୍‌ଆର ) ଆର୍. ଏସ୍. ବାରା ଓ ଟି. ବି. ଟପ୍ପୋ, କାରଖାନା ଓ ଆଲିମ୍‌କୋର ଅନ୍ୟାନ୍ୟ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ଅତିଥିମାନେ ଦିବ୍ୟାଙ୍ଗ ଏବଂ ବରିଷ୍ଠ ନାଗରିକମାନଙ୍କୁ ବ୍ୟାଟେରୀ ଚାଳିତ ମୋଟର ଟ୍ରାଇସାଇକେଲ, ହାତ ଚାଳିତ ଟ୍ରାଇସାଇକେଲ, ଚକଯୁକ୍ତ ଚେୟାର, ଶ୍ରବଣ ଯନ୍ତ୍ର, ସ୍ମାର୍ଟ/ସୁଗମ୍ୟ ବେତ, ଆଶାବାଡ଼ି ଆକ୍ସିଲା ସହିତ ଅନ୍ୟାନ୍ୟ ସହାୟକ ଉପକରଣ ବଣ୍ଟନ କରିଥିଲେ।

# ରୋଟ୍ରାକ୍ଟ କ୍ଲବର ସାମାଜିକ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର।

ରାଉରକେଲା, ୧୬।୩(ବିପ୍ଲବ ରଞ୍ଜନ ଦାଶ)

ରୋଟାରୀ କ୍ଲବ ଅଫ୍ ରାଉରକେଲା ମିଡ ଟାଉନର ରୋଟ୍ରାକ୍ଟ କ୍ଲବ ପକ୍ଷରୁ ସେକ୍ଟର-୭ସ୍ଥିତ ରାଉରକେଲା ସ୍କୁଲ ଫର ଡିଫ୍ ( ମୁକ ବଧିର) ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସହ ଭାବ ବିନିମୟ ଏବଂ ସେମାନଙ୍କ ସୃଜନ ଶକ୍ତିକୁ ଲୋକାଭିମୁଖୀ କରିବା ପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ କେକ୍ କାଟିବା ସହ, ଚିତ୍ରାଙ୍କନ, ମାଟି କଣ୍ଢେଇ ତିଆରି କରିବା ଆଦି କାର୍ଯ୍ୟରେ ସହଯୋଗ କରି ସେମାନଙ୍କୁ ଉତ୍ସାହିତ କରିଥିଲେ। ସମାଜସେବୀ ପରଭେଜ ଅରୋରା ଅତିଥି ଭାବେ ଯୋଗ ଦେଇଥିଲେ। ରୋଟ୍ରାକ୍ଟ କ୍ଲବର ସଭାପତି ନିଶାନ୍ତ ରଞ୍ଜନ ରାଉତ, ମାନସ ପୂର୍ତ୍ତି, ଆନ୍ ମାରିଆ ଜନ୍, ଭେମପତି କାବ୍ୟା, ବିଦ୍ୟାଳୟର ପ୍ରଶାସକ ସରୋଜ କୁମାର ମହାନ୍ତି, ପ୍ରଧାନ ଶିକ୍ଷୟିତ୍ରୀ କଳ୍ପନା ମହନ୍ତ ପ୍ରମୁଖ ସହଯୋଗ କରିଥିଲେ।

# ଓଡ଼ିଶୀ ସଙ୍ଗୀତ ଓଡ଼ିଆ ଅସ୍ମିତାର ପରିଚୟ

ରାଉରକେଲା, ୧୬।୩(ସଙ୍ଗୀତା ଜେନା)



କଳାକାରମାନେ ଓଡ଼ିଶୀ ସଙ୍ଗୀତ ପରିବେଷଣ କରୁଛନ୍ତି।

ରାଉରକେଲା ଜଗଦାସ୍ଥିତ ଜୟଦେବ କଳା ବିକାଶ କେନ୍ଦ୍ର ଆନୁକୂଲ୍ୟରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଜିକେସିଏମ୍‌ଓଆର୍‌ସି ସହଯୋଗରେ ସ୍ଥାନୀୟ ସିଭିକ ସେଣ୍ଟର୍‌ରେ ଚାଲିଥିବା ଦୁଇଦିନିଆ ଓଡ଼ିଶୀ ସଙ୍ଗୀତ ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ନରେନ ଦାସଙ୍କ ସଭାପତିତ୍ୱରେ ଉଦ୍‌ଘାଟନୀ ଦିବସରେ ପ୍ରଫେସର ଡ. କଲ୍ୟାଣୀ ମିଶ୍ର, ଆର୍‌ଏସ୍‌ପି ମୁଖ୍ୟ ମହାପ୍ରବନ୍ଧକ ଏସ୍. ଏସ୍. ରାଏଚୌଧୁରୀ, ମହାପ୍ରବନ୍ଧକ ଅବକାଶ ବେହେରା ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ଦ୍ୱିତୀୟ ଦିବସରେ ଆକାଶବାଣୀ ଓ ଦୂରଦର୍ଶନର ଅବସରପ୍ରାପ୍ତ ନିର୍ଦ୍ଦେଶକ ଡ. ଶାନ୍ତନୁ କୁମାର ରଥ, ରାଉରକେଲା କଲେଜ ଅଧ୍ୟକ୍ଷ ଡ. ରବୀନ୍ଦ୍ର କୁମାର ଜେନା ଏବଂ ଆର୍‌ଏସ୍‌ପି ମୁଖ୍ୟ ପ୍ରବନ୍ଧକ ପି. କେ. ସାହୁ ଯୋଗ ଦେଇ

### ଓଡ଼ିଶୀ ସଙ୍ଗୀତ ମହୋତ୍ସବ ଉଦ୍‌ଯାପିତ

ଓଡ଼ିଆ ସଂସ୍କୃତିର ଆଧାର ଓଡ଼ିଶୀ ସଙ୍ଗୀତର ପ୍ରସାର ପ୍ରଚାର ଓ ସୁରକ୍ଷା ପାଇଁ ଏହା ଏକ ସଫଳ ପ୍ରୟାସ ବୋଲି ମତପୋଷଣ କରିଥିଲେ। ସାଧାରଣ ସମ୍ପାଦକ ପ୍ରଦୀପ କୁମାର ପଣ୍ଡା କାର୍ଯ୍ୟକ୍ରମର ଆଭିମୁଖ୍ୟ ପ୍ରକାଶ ଏବଂ ଝିଲିମା ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସାଂସ୍କୃତିକ ସମ୍ପାଦକ ଡ. ସୁଶାନ୍ତ କୁମାର ପାଣି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଡା. ଉତ୍ତମ ଚରଣ ଜେନାଙ୍କୁ ଜୟଦେବ ସ୍ୱାସ୍ଥ୍ୟସେବା ସମ୍ମାନ, ଗୁରୁ ବୀଣାପାଣି ରଥଙ୍କୁ ଜୟଦେବ ସଙ୍ଗୀତକଳା ସମ୍ମାନ, ସୁଶ୍ରୀ ବର୍ଷାରାଣୀ ପଣ୍ଡାଙ୍କୁ ଜୟଦେବ ନୃତ୍ୟକଳା ସମ୍ମାନ, ଦିବ୍ୟାଙ୍ଗ କ୍ରୀଡାବିତ୍ ବିଦ୍ୟାଧର ବେହେରାଙ୍କୁ ଜୟଦେବ କ୍ରୀଡା ସମ୍ମାନ, କ୍ଲିନ୍ ଆଣ୍ଡ ଗ୍ରୀନ ଅନୁଷ୍ଠାନକୁ ଜୟଦେବ ସମାଜ ସେବା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଉଦ୍‌ଯାପନୀ ଦିବସରେ ଓଡିଶୀ ସଙ୍ଗୀତର ବର୍ତ୍ତମାନ ଓ ଭବିଷ୍ୟତ ଶୀର୍ଷକ ଆଲୋଚନା ହୋଇଥିଲା। ଆର୍‌ଏସ୍‌ପି ମହାପ୍ରବନ୍ଧକ ପ୍ରମୋଦ କୁମାର ସାହୁ ଯୋଗଦେଇ ଓଡ଼ିଶୀ ସଙ୍ଗୀତ ଆମ ଜାତିର ସଂସ୍କୃତି ଓ ଅସ୍ମିତାର ପରିଚୟ ବୋଲି କହିଥିଲେ। ଡ. ଶାନ୍ତନୁ କୁମାର ରଥ, ଗୁରୁ ସଚ୍ଚିଦାନନ୍ଦ ଦାସ ଓ ଡ. ନିମାକାନ୍ତ ରାଉତରାୟ, ପଣ୍ଡିତ ରଘୁନାଥ ପାତ୍ର ଓଡ଼ିଶୀ ସଙ୍ଗୀତର ମହତ୍ତ୍ୱ ଓ ଜଗନ୍ନାଥ ସଂସ୍କୃତି ଆଧାରିତ ବୋଲି କହିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଉପସଭାପତି ହରିହର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଲେଖକ ସାମ୍ମୁଖ୍ୟର ମାସିକ ସାହିତ୍ୟ ଆସର

ରାଉରକେଲା, ୧୬।୩(ବିପ୍ଲବ ରଞ୍ଜନ ଦାଶ)



ସାହିତ୍ୟ ଆସରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ସୁନ୍ଦରଗଡ ଜିଲା ଲେଖକ ସାମ୍ମୁଖ୍ୟ ଓ ମଧୁସୂଦନ ପାଠାଗାରର ମିଳିତ ଆନୁକୂଲ୍ୟରେ ଛେଣ୍ଡ ସ୍ଥିତ ପାଠାଗାର ପରିସରରେ ରବିବାର ମାସିକ ସାହିତ୍ୟ ଆସର ଅନୁଷ୍ଠିତ ହେଇଛି। ଏଥିରେ ବିଜୟଲକ୍ଷ୍ମୀ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ବିଜୟ କୁମାର ବରାଳଙ୍କ ସଂଯୋଜନାରେ ଆୟୋଜିତ ଏହି ସଭାରେ ନୃସିଂହ ଚରଣ ବିଶ୍ୱାଳ ମୁଖ୍ୟ ଅତିଥି, ସମାଜସେବୀ ମୀନତି ଦେବତା ମୁଖ୍ୟବକ୍ତା ଡ. ଗୀତାଞ୍ଜଳି ପତ୍ରୀ ଅନ୍ୟତମ ବକ୍ତା ଭାବେ ଯୋଗଦେଇ ନାରୀ ସମାଜକୁ ସ୍ନେହ, ଶ୍ରଦ୍ଧା ବଳରେ ବାନ୍ଧିରଖି ପାରିଲେ ସମାଜର ଦ୍ରୁତ ବିକାଶ ହୁଅନ୍ତା ବୋଲି ମତ ରଖିଥିଲେ। ପ୍ରାରମ୍ଭରେ କବି ସୁଶାନ୍ତ କୁମାର ନାୟକ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉପେନ୍ଦ୍ର କୁମାର ବସ୍ତିଆ ଓ ଜ୍ଞାନରଞ୍ଜନ ମିଶ୍ର ଗଳ୍ପ ପାଠ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟ କବିତା ଆସରରେ ମଞ୍ଜୁଳା କୁମାରୀ ରଥ ସଭାପତିତ୍ୱ କରିଥିବାବେଳେ ଓ ଗୀତାରାଣୀ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଥିରେ ୨୨ଜଣ କବି ସ୍ୱରଚିତ କବିତା ପାଠ କରିଥିଲେ। ଡ. ପ୍ରଭାକର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସୂର୍ଯ୍ୟମଣି ପଣ୍ଡା, ରାଖାଲ ମହାନ୍ତି, ଅଶୋକ ଶୁକ୍ଳା, ସଂଯୁକ୍ତା କର, ଆଶାଲତା ରାଉତ, ରେଖାଶ୍ରୀ ସାହୁ, ବିକ୍ରମ ଚନ୍ଦ୍ର ଆଚାର୍ଯ୍ୟ ପ୍ରମୁଖ ସହଯୋଗ କରିଥିଲେ।

# ଟ୍ରେନରୁ ଖସିପଡି ୩ ଆହତ

ରାଉରକେଲା, ୧୬।୩(ସଙ୍ଗୀତା ଜେନା): ଟ୍ରେନରେ ଚଢ଼ିବାବେଳେ ଖସିପଡିବାରୁ ୩ଜଣ ଯାତ୍ରୀ ଆହତ ହୋଇଛନ୍ତି। ଟାଟା-ଏର୍ଣ୍ଣାକୁଲମ ଏକ୍ସପ୍ରେସରେ ଚଢୁଥିବାବେଳେ ଜାମଶେଦପୁର କଦମା ଅଞ୍ଚଳର ରଜନୀ ଅଗ୍ରୱାଲ(୫୭) ତଳେ ଖସି ପଡ଼ିଥିଲେ। ସେହିପରି କଳୁଙ୍ଗା ଷ୍ଟେଶନରେ ସୋମବାର ସକାଳ ୭ଟାରେ ଗୋଇଭଙ୍ଗା ଅଞ୍ଚଳର ଯୁବକ ଧରମ ସିଂ(୪୦) ଚଳନ୍ତା ଟ୍ରେନରୁ ଖସି ପଡ଼ିଥିଲେ। ତାଙ୍କୁ ଉଦ୍ଧାର କରି ଆର୍‌ଜିଏଚ୍‌ରେ ଭର୍ତ୍ତି କରାଯାଇଛି। ଅନୁରୂପ ଭାବେ ଦେବଗଡ଼ ଜିଲର ଜଣେ ଯୁବକ ଗୁଲସନ ସୁରିନ(୩୨) କଳୁଙ୍ଗା ଷ୍ଟେଶନରେ ସକାଳ ୯ଟା ୫୭ରେ ଟ୍ରେନରୁ ପଡି ଆହତ ହୋଇଥିବା ଜଣାପଡ଼ିଛି।




# ଖଣି ବିରୋଧରେ ଗର୍ଜିଲେ ଜନତା

ବଲାଙ୍ଗୀର/ଲୋଇସିଂହା, ୧୬।୩ (ବୀରେନ୍ଦ୍ର କୁମାର ଖାଙ୍କର/ସୁଶାନ୍ତ ବାରିକ)



ରତାଖଣ୍ଡି ଆମ୍ବ ବଗିଚାଠାରେ ଅନୁଷ୍ଠିତ ଖଣି ବିରୋଧୀ ବୈଠକରେ ଉପସ୍ଥିତ ଗ୍ରାମବାସୀ ଓ ଜଙ୍ଗଲ ସୁରକ୍ଷା କମିଟି ସଦସ୍ୟ।

- ପଲ୍ଲିସଭା, ଗ୍ରାମସଭା ବିନା ଖଲି ଲିଜ୍ ପ୍ରସଙ୍ଗ
- ରତାଖଣ୍ଡିରେ ବସିଲା ଚିନ୍ତନ ବୈଠକ
- ଖଣି ନିଲାମକୁ ତୁରନ୍ତ ରଦ୍ଦ କରିବାକୁ ଦାବି କଲେ

କିଛିଦିନ ପୂର୍ବରୁ ବଲାଙ୍ଗୀର ଜିଲାର ଲୋଇସିଂହା ବ୍ଲକ ଅନ୍ତର୍ଗତ ବିଅରପାଲି, ବଦ୍କା, ପାଣୋଗଡ ଦୁଙ୍ଗର ସାଲେପାଲି, ଭରତବାହାଲ, ଲରମ୍ବା ଏବଂ କହ୍ନେଇଟାଲ ଠାରେ ଗ୍ରାଫାଇଟ ଓ ମାଙ୍ଗାନିଜ ଖଣି ନିଲାମ ହୋଇଥିବା ଜଣାପଡିଥିଲା। ବିନା ପଲ୍ଲୀସଭା କି ଗ୍ରାମସଭାରେ ଏହି ଖଣିଗୁଡିକ ଏକତରଫା ନିଲାମ ହୋଇଥିବା ଜଣାପଡିବା ପରେ ଜିଲାବ୍ୟାପୀ ଖଣି ବିରୋଧୀ ସ୍ୱର ଶାଣିତ ହେବାରେ ଲାଗିଛି। ସୋମବାର ଲୋଇସିଂହା ବ୍ଲକ ରତାଖଣ୍ଡିଠାରେ ଖଣି ବିରୋଧୀ ଚିନ୍ତନ ବୈଠକ ଅନୁଷ୍ଠିତ ହୋଇଛି। ଲୋଇସିଂହା ବ୍ଲକସ୍ତରୀୟ ସମୂହ ଜଙ୍ଗଲ ଅଧିକାର କମିଟି ପକ୍ଷରୁ ସଭାପତି ରାଧାକାନ୍ତ ନାଏକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଚିନ୍ତନ ବୈଠକରେ ଆଖପାଖ ୬୦ଟି ଗାଁର ଶତାଧିକ ଜନସାଧାରଣ, ଜିଲାର ବିଭିନ୍ନ ଖଣି ବିରୋଧୀ ଆନ୍ଦୋଳନର ପ୍ରତିନିଧି ଏବଂ ବହୁ ସାମାଜିକ କାର୍ଯ୍ୟକର୍ତ୍ତା ଯୋଗଦାନ କରି ଅବିଚାରିତ ଖଣି ଖନନ ବିରୋଧରେ ଗର୍ଜିଥିଲେ। ଲୋକଙ୍କ ବିନା ସହମତିରେ ଖଣି ନିଲାମ ଏକ ଅସାମ୍ବିଧାନିକ ଏବଂ ବେଆଇନ କାର୍ଯ୍ୟ ବୋଲି କହିଥିଲେ। ସରକାର ଏଥିରୁ କ୍ଷାନ୍ତ ରହନ୍ତୁ ଏବଂ ତୁରନ୍ତ ସମସ୍ତ ଖଣି ନିଲାମକୁ ରଦ୍ଦ କରନ୍ତୁ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ଜିଲା ଜଙ୍ଗଲ ସୁରକ୍ଷା ଫୋରମ୍‌ର ଆବାହକ କୁଳମଣି ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଅଞ୍ଚଳର ଲୋକେ ଦୀର୍ଘ ବର୍ଷ ଧରି ଜଙ୍ଗଲ ସୁରକ୍ଷାରେ ଲାଗିଥିଲେ ବୋଲି ଆଜି ଏଠାରେ ଜଙ୍ଗଲ ରହିଛି। ସରକାର ଯଦି ଏକତରଫା ଖଣି ନାଁରେ ଜଙ୍ଗଲ ଉଜାଡିବେ ତେବେ ଏଠାକାର ପରିବେଶ ସନ୍ତୁଳନ ସମ୍ପୂର୍ଣ୍ଣ ବିଗିଡିଯିବ। ଲୋକେ ଜୀବନ ଜୀବିକା ହରାଇବେ। ବିସ୍ଥାପନ ସମସ୍ୟା ବଢ଼ିବ। ଲୋକେ ଏହାକୁ ବିରୋଧ କରିବେ ବୋଲି କହିଥିଲେ। ଆଦିବାସୀ ନେତା ଗିରିରାଜ ଭୋଇ ସାଲେପାଲି ଗ୍ରାଫାଇଟ୍ ମାଇନିଂ କଥା ଉଠାଇ ସ୍ଥାନୀୟ ମନ୍ତ୍ରୀ, ସାଂସଦ, ବିଧାୟକଙ୍କୁ କଡା ସମାଲୋଚନା କରିଥିଲେ। ଖଣି ବିକ୍ରିର ଏହା ଏକ ମସୁଧା କହିଥିଲେ। ସୂଚନା ଅଧିକାର କର୍ମୀ ନୀଳମଣି ଯୋଶୀ ସୂଚନା ଅଧିକାର ବଳରେ ସରକାରଙ୍କ ମୁଖା ଖୋଲାଯିବ ବୋଲି କହିଥିଲେ। କୁଶମେଲ ସରପଞ୍ଚ କୌସ୍ତୁଭ ସାହୁ, ମାଗୁରବେଡା ସରପଞ୍ଚ ସଞ୍ଜୟ ଗଡତ୍ୟା, ରତାଖଣ୍ଡି ସରପଞ୍ଚ ହିମାଞ୍ଚଳ ମେହେର, ସରଗାଡ ସରପଞ୍ଚ ସରୋଜ ବେହେରା, ସମିତି ସଭ୍ୟ ବୀରେନ୍ଦ୍ର ସାହୁ, ଉପରବାହାଲ ସରପଞ୍ଚଙ୍କ ପ୍ରତିନିଧି ଶର୍ମା ସାହୁ ଓ ଭକ୍ତ ବରିହା ବିନା ପଲ୍ଲୀସଭା ଓ ଗ୍ରାମସଭାରେ ଖଣି ଲିଜ୍ କଥାକୁ ଜୋରଦାର ବିରୋଧ କରାଯିବ ବୋଲି କହିଥିଲେ। ଲୋୟର ସୁକ୍‌ତେଲ ପ୍ରକଳ୍ପରେ ଲୋକଙ୍କୁ କିଭଳି ନିର୍ଯାତନା ଏବଂ ଶୋଷଣ କରାଯାଇଛି, ସେନେଇ ଉଦାହରଣ ଦେଇ କୌଣସି ପରିସ୍ଥିତିରେ ଖଣି ଖନନ କରାଇ ଦିଆଯିବ ନାହିଁ ବୋଲି କହିଥିଲେ। ସାମାଜିକ କର୍ମୀ ସତ୍ୟ ବନଛୋର, ପ୍ରେମରାଜ ବରିହା, ପଦ୍ମିନୀ ବାଗ, ଶେଷଦେବ ଖମାରୀ, ସୁରେନ୍ଦ୍ର ଭୋଇ, ଗୁଣନିଧି ବରିହା, ଖେଲରାଜ୍ ବରିହା, ମିଶ୍ର ବରିହା, ବିଦ୍ୟାସାଗର ନାଏକ ଓ ଅନ୍ୟମାନେ ଖଣି ଖନନ କରାଗଲେ ଜୋରଦାର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଥିଲେ। ଆଗାମୀ ଦିନରେ ପ୍ରତ୍ୟେକ ଗାଁରେ ଗାଁ କମିଟି ଗଠନ କରାଯାଇ ଅଞ୍ଚଳ ସୁରକ୍ଷା କରାଯିବ ଏବଂ କୌଣସି କମ୍ପାନୀର ଗାଡି କି ଲୋକଙ୍କୁ ଗାଁରେ ପଶିବାକୁ ଦିଆଯିବନାହିଁ ବୋଲି ଲୋକେ କହିଥିଲେ। ଏହାସହିତ ବୈଠକରେ ୬ ଦଫା ଦାବିପତ୍ର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଖଣିମନ୍ତ୍ରୀ, ଆଦିବାସୀ ଉନ୍ନୟନ ବିଭାଗ ମନ୍ତ୍ରୀ, ମୁଖ୍ୟଶାସନ ସଚିବ, ବଲାଙ୍ଗୀର ଜିଲାପାଳ, କେନ୍ଦ୍ର ଖଣି ଓ ଆଦିବାସୀ ବ୍ୟାପାର ମନ୍ତ୍ରୀ ଓ ସଚିବଙ୍କୁ ପ୍ରେରଣ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। କୈଳାସ ବରିହା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବ୍ଲକସ୍ତରୀୟ ଜଙ୍ଗଲ ଅଧିକାର କମିଟି ସମୂହର ସମ୍ପାଦକ ଚୈତନ୍ୟ ବାଗ ଧନ୍ୟବାଦ୍ ଅର୍ପଣ କରିଥିଲେ। ଆଗାମୀ ଦିନରେ ଗାଁ କମିଟି ଗଠନ ପରେ ଜିଲାସ୍ତରରେ ଖଣି ବିରୋଧୀ ମହାସମାବେଶ ଆୟୋଜନ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା।

## ଭାରସାମ୍ୟ ହରାଇ ପୋଲ ତଳକୁ ଖସିଲା ଟ୍ରକ



ଭାରସାମ୍ୟ ହରାଇ କୁକୁଡ଼ା ଖାଦ୍ୟ ବୋଝେଇ ଟ୍ରକ ପୋଲ ତଳକୁ ଖସି ପଡ଼ିଛି।

ଲାଠୋର, ୧୬।୩(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଲାଠୋର ଥାନା ଅଧୀନ ଚାଉଲଡିଆ ଏବଂ କରୁଆଁଝର ଗ୍ରାମ ମଝିରେ ଥିବା କୋଉ ପୋଲଠାରେ ଭାରସାମ୍ୟ ହରାଇ ଏକ ଟ୍ରକ ରବିବାର ରାତିରେ ପୋଲ ତଳକୁ ଖସି ପଡ଼ିଛି। ଦୁର୍ଘଟଣାରେ ଚାଳକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଛତିଶଗଡ଼ ରାଜ୍ୟ ରାଜନାନ୍ଦଗାଁରୁ ଟ୍ରକ ନଂ. ସିଜି ୦୪ ଜେସି ୭୧୧୨ରେ କୁକୁଡ଼ା ଖାଦ୍ୟ ବୋଝେଇ ହୋଇ ବଲାଙ୍ଗୀର ଆସୁଥିଲା। ରବିବାର ରାତି ଚାଳକ ରାଜୁ ସା ଟ୍ରକ ନେଇ ଚାଉଲଡିଆ ଗ୍ରାମ ଅତିକ୍ରମ କରି କିଛି ଦୂର ଆଗକୁ ଆସିବା ପରେ ରାସ୍ତା ମୁଡ଼ାଣିଠାରେ ଭାରସାମ୍ୟ ହରାଇବା ଫଳରେ ଟ୍ରକ ପୋଲ ତଳକୁ ଖସି ପଡ଼ିଥିଲା। ଟ୍ରକରେ ଚାଳକ ଏକାକି ଥିବାରୁ ଦୁର୍ଘଟଣା ଘଟିବ ଜାଣିପାରି ସେ ଦୁର୍ଘଟଣା ପୂର୍ବରୁ ଡେଇଁ ପଡ଼ିଥିଲେ। ମାତ୍ର ସେ ଖଣ୍ଡିଆ ଖାବରା ହୋଇଛନ୍ତି। ଖବରପାଇ ଲାଠୋର ପୋଲିସ ଦୁର୍ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ସଂକ୍ଷେପରେ

### ବଜ୍ରପାତରେ ଜଣଙ୍କର ମୃତ୍ୟୁ

ଗୋଲାମୁଣ୍ଡା, ୧୬।୩ (ବଟକୃଷ୍ଣ ପଣ୍ଡା)

ଗୋଲାମୁଣ୍ଡା ଥାନା ଅନ୍ତର୍ଗତ ସିନାମାଳ ଗ୍ରାମରେ ସୋମବାର ବଜ୍ରପାତରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗୌରାଙ୍ଗ ବାଗ (୬୧)। ସୂଚନାକ୍ରମେ ଅପରାହ୍ନରେ ଗୌରାଙ୍ଗ ନିଜ ବିଲରେ କାମ କରୁଥିବା ସମୟରେ ହଠାତ୍ ବଜ୍ରପାତ ଘଟିଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ପ୍ରାଣବାୟୁ ଉଡିଯାଇଥିଲା। ଖବର ପାଇ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି।

### ନାରୀ ସଚେତନତା କାର୍ଯ୍ୟକ୍ରମ

ଗୋଲାମୁଣ୍ଡା, ୧୬।୩(ବଟକୃଷ୍ଣ ପଣ୍ଡା)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଫୁଣ୍ଡା ଗ୍ରାମଠାରେ ସୋମବାର ଭାରତୀୟ ଆଦିମ ଜାତି ସେବାସଂଘ ଓ ଧର୍ମଗଡ଼ ଶକ୍ତି ସଦନ କାର୍ଯ୍ୟାଳୟ ତରଫରୁ ନାରୀ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶକ୍ତି ସଦନ ପରିଚାଳିକା ସସ୍ମିତା ପାତ୍ରଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲା ସମାଜ କଲ୍ୟାଣ ଅଧିକାରୀ ସୁମିତ୍ରା ଦେବୀ ତ୍ରିପାଠୀ ମୁଖ୍ୟ ଅତିଥି ଓ ଗୋଲାମୁଣ୍ଡା ଆଇସିଡ଼ିଏସ୍ ସୁପରଭାଇଜର ଶାନ୍ତି ମଙ୍ଗରାଜ, ବ୍ଲକ ସଂଯୋଜକ ବିନୀତା ରାଉତ, ଫୁଣ୍ଡା ହାଇସ୍କୁଲ ପ୍ରଧାନ ଶିକ୍ଷକ ସତ୍ୟ ନାରାୟଣ ଚଲାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ମହିଳାମାନେ କିଭଳି ଶିକ୍ଷା କ୍ଷେତ୍ରରେ ଆଗକୁ ଯିବେ, ଆତ୍ମନିର୍ଭରଶୀଳ ହେବେ, ନିର୍ଯାତନାରୁ କିଭଳି ଦୂରେଇ ରହିବେ, ସରକାରଙ୍କ ତରଫରୁ ମହିଳାମାନଙ୍କ ପାଇଁ ଥିବା ସୁବିଧା ସୁଯୋଗ ବିଷୟରେ ବୁଝାଇଥିଲେ। ଜିଲା ଜେଣ୍ଡର ସ୍ପେଶିଆଲିଷ୍ଟ ରାମଚନ୍ଦ୍ର ବାଗ ବାଲ୍ୟ ବିବାହ ରୋକିବା, ଯୌତୁକ ପ୍ରଥା, ଘରୋଇ ହିଂସା, ଯୌନ ଓ ମାନସିକ ନିର୍ଯାତନା ଭଳି ପ୍ରସଙ୍ଗରେ ଆଲୋଚନା କରିଥିଲେ। କାର୍ଯ୍ୟାଳୟ ସହଯୋଗୀ ଦେବରାଜ ମହାନନ୍ଦ କାର୍ଯକ୍ରମ ପରିଚାଳନା କରିଥିଲେ।

# ରନ୍ଧନ ଗ୍ୟାସ ସିଲିଣ୍ଡର ଅଭାବ, ଦରବୃଦ୍ଧି ପ୍ରତିବାଦରେ ବିକ୍ଷୋଭ



ଗ୍ୟାସ ସିଲିଣ୍ଡର ଅଭାବ ପ୍ରତିବାଦରେ ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଆମ୍ ଆଦମୀ ପାର୍ଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ବଲାଙ୍ଗୀର, ୧୬।୩ (ବୀରେନ୍ଦ୍ର କୁମାର ଖାଙ୍କର)

ବଲାଙ୍ଗୀର ଆମ୍ ଆଦମୀ ପାର୍ଟି ଜିଲା ସଭାପତି ତଥା ରାଷ୍ଟ୍ରୀୟ ପରିଷଦ ସଦସ୍ୟ ଆଶିଷ ପାଣ୍ଡେଙ୍କ ନେତୃତ୍ୱରେ ରନ୍ଧନ ଗ୍ୟାସ ସିଲିଣ୍ଡରର ଅହେତୁକ ଅଭାବ ଏବଂ ଦରବୃଦ୍ଧି ପ୍ରତିବାଦରେ ସୋମବାର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପାର୍ଟି କର୍ମୀମାନେ ରନ୍ଧନ ଗ୍ୟାସ ସିଲିଣ୍ଡର ଏକ ପ୍ରତୀକକୁ ବୋହି ଅଭିନବ ଢ଼ଙ୍ଗରେ ପ୍ରତିବାଦ କରି କେନ୍ଦ୍ର ସରକାର ଏବଂ ପ୍ରଧାନମନ୍ତ୍ରୀଙ୍କ ନୀତିକୁ କଡା ସମାଲୋଚନା କରିଥିଲେ। ବର୍ତ୍ତମାନ ସାରା ଦେଶ ଏବଂ ଆମ ରାଜ୍ୟରେ ରନ୍ଧନ (ଏଲପିଜି) ଗ୍ୟାସ ସିଲିଣ୍ଡର ଅହେତୁକ ଅଭାବ ଦେଖାଦେଇଛି। ଲୋକେ ଖାଦ୍ୟ ପ୍ରସ୍ତୁତି କଲାବେଳେ ଅଡୁଆରେ ପଡିଲେଣି। ଜିଲାର ହୋଟେଲ ଶିଳ୍ପ ବନ୍ଦ ହେବାକୁ ବସିଲାଣି। ଏଭଳି ସମୟରେ ଠୋସ୍ ନୀତି ପ୍ରଣୟନ ଏବଂ ଲୋକଙ୍କ ଆବଶ୍ୟକତାକୁ ପୂରଣ କରିବା ପରିବର୍ତ୍ତେ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରର ମନ୍ତ୍ରୀ ଏବଂ ନେତାମାନେ ଘୋର ମିଛ କହିବାରେ ଲାଗିଛନ୍ତି ବୋଲି ସମାଲୋଚନା କରିଥିଲେ। ଭାଜପା ସରକାର ସମୟରେ ଲଗାତାର ଦରବୃଦ୍ଧି ସମସ୍ୟା ଯୋଗୁ ଲୋକେ ଅଡୁଆରେ ପଡୁଛନ୍ତି ବୋଲି କହିଥିଲେ। ଗରିବ, ଶ୍ରମିକ ଓ ମଧ୍ୟବର୍ଗୀୟ ପରିବାର ଆଜି ଗ୍ୟାସ ସିଲିଣ୍ଡର କିଣିବାକୁ ଅସମର୍ଥ ହୋଇପଡ଼ିଛନ୍ତି ବୋଲି କହିବା ସହ ତୁରନ୍ତ ଏଦିଗରେ ପଦକ୍ଷେପ ନିଅନ୍ତୁ ନଚେତ୍ ଗାଦି ଛାଡନ୍ତୁ ବୋଲି ଦାବି କରିଥିଲେ। ଏହି ଅବସରରେ ୪ ଦଫା ଦାବି ପୂରଣ କରିବାକୁ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଜିଲାପାଳଙ୍କ ଜରିଆରେ ପ୍ରେରଣ କରିଥିଲେ। ରନ୍ଧନ ଗ୍ୟାସର ଦରବୃଦ୍ଧି ରୋକିବା, ରାଜ୍ୟରେ ଚାଲିଥିବା ଗ୍ୟାସ ସିଲିଣ୍ଡର ଅଭାବକୁ ତୁରନ୍ତ ଦୂର କରିବା ଓ ଲୋକଙ୍କୁ ସୁଲଭ ମୂଲ୍ୟରେ ଯୋଗାଇବା, ଗରିବ ଓ ମଧ୍ୟବର୍ଗ ପରିବାର ମାନଙ୍କୁ ଅଧିକ ସବସିଡି ଦେବା ଏବଂ ଗ୍ୟାସ ସିଲିଣ୍ଡର ବଣ୍ଟନରେ ଚାଲିଥିବା ଅନିୟମିତତା ଓ କଳାବଜାରୀ ବିରୋଧରେ କଠୋର ପଦକ୍ଷେପ ଗ୍ରହଣ କରିବାକୁ ଦାବି କରାଯାଇଛି। ଏହି କାର୍ଯ୍ୟକ୍ରମରେ ପାର୍ଟିର ରମାକାନ୍ତ ବେହେରା, କାହ୍ନୁ ଚରଣ, ଗଜପତି କଲସେଇ, ପଙ୍କଜ ସାହୁ, ବାଳକୃଷ୍ଣ ନାଏକ, ନିଲୀପ ପଧାନ, ଡୋଳମଣି ମହତ, ଉପେନ୍ଦ୍ର ମାଝି ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ଜିଲା ଓକିଲ ସଂଘ ନିର୍ବାଚନ କ୍ଷୀତିଶ ସଭାପତି, ପ୍ରକାଶ ଉପସଭାପତି

ନୂଆପଡ଼ା, ୧୬।୩ (ମକାରୁ ବେମାଲ)

ନୂଆପଡ଼ା ଜିଲା ଓକିଲ ସଂଘ ନିର୍ବାଚନ ପ୍ରକ୍ରିୟା ସମାପ୍ତ ହୋଇଥିବା ନେଇ ସୋମବାର ନିର୍ବାଚନ ଅଧିକାରୀ ଘୋଷଣା କରିଛନ୍ତି। ଚଳିତ ଥର ସମସ୍ତ ପଦବୀ ପାଇଁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି ।

ପୂର୍ବ ସଭାପତି କ୍ଷୀତିଶ ଅଶୋକ ବୋଧନକର ସଭାପତି ପଦ ବଜାୟ ରଖିଥିବା ବେଳେ ଉପସଭାପତି ପ୍ରକାଶ ଚନ୍ଦ୍ର ସ୍ୱାଇଁ ମଧ୍ୟ ବଜାୟ ରଖିଛନ୍ତି। ସେହିପରି ସମ୍ପାଦକ ଭାବରେ ପ୍ୟାରିଲାଲ ଦେବାଙ୍ଗନ, ସହ ସମ୍ପାଦକ ନୀତା ବାଗ ଓ କୋଷାଧ୍ୟକ୍ଷ ଭାବରେ ଯୋଗେଶ କୁମାର ସାହୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି । ଚଳିତ ବର୍ଷ ଓକିଲ ସଂଘ ନିର୍ବାଚନ ନ କରି ପୂର୍ବରୁ ଯେଉଁମାନେ ଥିଲେ ସେମାନଙ୍କୁ ପୁନଃ ଚୟନ କରାଯାଇଛି। ଏହି କ୍ରମରେ ସଭାପତି ଭାବରେ ବୋଧନକର ଲଗାତାର ୩ଥର ଉପ ସଭାପତି ଭାବରେ ସ୍ୱାଇଁ ନବମ ଥର ପଦବୀ ମଣ୍ଡନ କରିଛନ୍ତି । ଏହି ନିର୍ବାଚନ ପରେ ବରିଷ୍ଠ ଅଧିବକ୍ତା ପ୍ରସନ୍ନ କୁମାର ପାଢୀ ସମସ୍ତ ପଦାଧିକାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ଶ୍ରମିକଙ୍କ ସମସ୍ୟା ଦୂର ପାଇଁ ସଙ୍ଗଠିତ ହେବାକୁ ଆହ୍ୱାନ




ବ୍ଲକସ୍ତରୀୟ ଶ୍ରମିକ ସମାବେଶରେ କର୍ମକର୍ତ୍ତା।

ଖପ୍ରାଖୋଲ/ବେଲପଡ଼ା, ୧୬।୩ (ଅଭୟ ତ୍ରିପାଠୀ/ମନୋଜ କୁମାର ମିଶ୍ର)

### ଗମ୍ଭାରୀରେ ବ୍ଲକସ୍ତରୀୟ ଶ୍ରମିକ ସମ୍ମିଳନୀ

ବଲାଙ୍ଗୀର ଜିଲା ବେଲପଡା ବ୍ଲକ ଗମ୍ଭାରୀଠାରେ ଏଆଇୟୁଟିୟୁସି ବେଲପଡ଼ା ବ୍ଲକ ଶାଖା ତରଫରୁ ବ୍ଲକସ୍ତରୀୟ ଶ୍ରମିକ ସମାବେଶ ମଧୁସୁଦନ ବାଗଙ୍କ ଅଧକ୍ଷତାରେ ରବିବାର ଅନୁଷ୍ଠିତ ହୋଇଥିଲା। ସମାବେଶରେ ମୁଖ୍ୟ ଅତିଥି ଭାବେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ)ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ କମ୍ରେଡ ଅଶୋକ ମିଶ୍ର, ମୁଖ୍ୟବକ୍ତା ଭାବେ ଏଆଇୟୁଟିୟୁସି ରାଜ୍ୟ ସମ୍ପାଦକ ତଥା ଶ୍ରମିକ ନେତା କମ୍ରେଡ ଜୟସେନ ମେହେର, ସମ୍ମାନିତ ଅତିଥି ଭାବେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଜି ସମ୍ପାଦକ କମ୍ରେଡ ସୁନିଲ କୁମାର ଭୋଇ, ଅନ୍ୟତମ ଅତିଥି ଏଆଇଡିୱାଇଓ ଜିଲା ସମ୍ପାଦକ ତାମସ କୁମାର ବେହେରା ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିମାନେ ଶ୍ରମିକମାନେ ସଙ୍ଗଠିତ ସଚେତନ ହୋଇ ନ୍ୟାର୍ଯ୍ୟ ଦାବି ହାସଲ ପର୍ଯ୍ୟନ୍ତ ଆନ୍ଦୋଳନ ଗଢ଼ିତୋଳିବାକୁ ଆହ୍ୱାନ ଦେଇଥିଲେ। ସେହିପରି ଶ୍ରମିକମାନେ ନିଜର ଦାବି ନେଇ ଲଢ଼ିବା ସହିତ ଚାଷୀ ମୂଲିଆ ଓ ଅନ୍ୟାନ୍ୟ ବର୍ଗର ଶ୍ରମଜିବୀ ଜନସାଧାରଣ ଙ୍କ ନ୍ୟାର୍ଯ୍ୟ ଦାବୀରେ ଗଢ଼ିଉଠୁଥିବା ଆନ୍ଦୋଳନରେ ମଧ୍ୟ ସାମିଲ ହେବାକୁ କହିଥିଲେ। ଏହି ଅବସରରେ ବ୍ଲକସ୍ତରୀୟ ଭିବି ଜୀ ରାମ ଜି ଶ୍ରମିକ କମିଟି ଗଠନ କରାଯାଇଥିଲା । ସଭାପତି ରୁପେ ଫକୀର ଲୁହା, ଉପସଭାପତି ଡିଗଲେଶ୍ୱର ଛତ୍ରିଆ, ସମ୍ପାଦକ ଭୀମ କୁଅଁର, କୋଷାଧକ୍ଷ ସୁଦାମ ମାଝୀଙ୍କ ସହିତ ୪୨ ଜଣିଆ କମିଟି ଗଠିତ ହୋଇଛି।

# ଜିଲାସ୍ତରୀୟ ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ

## ଉଲ୍ଲାସ ପରୀକ୍ଷା ଦେଲେ ଜିଲାର ୧୬, ୫୮୧ ପରୀକ୍ଷାର୍ଥୀ

ବଲାଙ୍ଗୀର, ୧୬।୩ (ବୀରେନ୍ଦ୍ର କୁମାର ଖାଙ୍କର)




ବଲାଙ୍ଗୀର ଜିଲାର ଏକ ପରୀକ୍ଷା କେନ୍ଦ୍ରରେ 'ଉଲ୍ଲାସ' ପରୀକ୍ଷାର୍ଥୀମାନେ ପରୀକ୍ଷା ଦେଉଛନ୍ତି।

କେନ୍ଦ୍ର ସରକାରଙ୍କ ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମ 'ଉଲ୍ଲାସ' ୨୦୨୫-୨୬ ଶିକ୍ଷାବର୍ଷର ଦ୍ୱିତୀୟ ପର୍ଯ୍ୟାୟ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ମୂଲ୍ୟାୟନ ପରୀକ୍ଷା ସୋମବାର ଅନୁଷ୍ଠିତ ହୋଇଥିଲା। ଜିଲା ଶିକ୍ଷା ଅଧିକାରୀ ପ୍ରଦୀପ ନାଗଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପରୀକ୍ଷା ଜିଲାର ୧୪ଟି ବ୍ଲକରେ ଅନୁଷ୍ଠିତ ହୋଇଛି। ଜିଲାର ବିଭିନ୍ନ ବ୍ଲକର ପରୀକ୍ଷା କେନ୍ଦ୍ରରେ ୧୫ବର୍ଷରୁ ଉର୍ଦ୍ଧ୍ୱ ବୟସର ମୋଟ୍ ୧୬ ହଜାର ୫୮୧ ଜଣ ପରୀକ୍ଷାର୍ଥୀ ଏହି ପରୀକ୍ଷା ଦେଇଥିବା ଜଣାପଡିଛି। ଜିଲା ଓ ବ୍ଲକ ସ୍ତରରେ ଏହି ପରୀକ୍ଷାକୁ ତଦାରଖ କରିବା ନିମନ୍ତେ ସ୍ୱତନ୍ତ୍ର ମନିଟରିଂ ଦଳ ନିୟୋଜିତ କରାଯାଇଛି। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପ୍ରବୀର କୁମାର ପଣ୍ଡା, ରୀନା କୁମାରୀ ବେହେରା ଓ ସେବାଶ୍ରୀ ଭୋଇଙ୍କ ସମେତ ୧୪ଟି ବ୍ଲକର ବିଇଓ, ଏବିଇଓ ଏବଂ ସିଆରସିସି ବିଭିନ୍ନ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ।

# କ୍ରୀଡ଼ା ଛାତ୍ରାବାସରେ ଭର୍ତ୍ତି ପାଇଁ ୧୮ରେ ଚୟନ

ନୂଆପଡ଼ା, ୧୬।୩ (ମକାରୁ ବେମାଲ)

ରାଜ୍ୟ ସରକାର ଓ ଜିଲା ପ୍ରଶାସନର ମିଳିତ ସହଯୋଗରେ ବିଭିନ୍ନ ଜିଲାରେ ଥିବା କ୍ରୀଡା ଛାତ୍ରାବାସରେ ଦାଖଲ ପାଇଁ ମାର୍ଚ୍ଚ ୧୮ରେ ବ୍ଲକ ସ୍ତରୀୟ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହେବ। ଏଥିରେ ଅଭିଜ୍ଞ ଓ ତାଲିମପ୍ରାପ୍ତ କ୍ରୀଡା ଶିକ୍ଷକ ସାମିଲ ହୋଇ ଯୋଗ୍ୟ କ୍ରୀଡାବିତ୍‌ଙ୍କୁ ଚୟନ କରିବେ। ଯୋଗ୍ୟ ବିବେଚିତ କ୍ରୀଡାବିତ୍ ପରବର୍ତ୍ତୀ ସମୟରେ ଜିଲାସ୍ତରୀୟ ଚୟନ ପ୍ରକ୍ରିୟାରେ ସାମିଲ ହେବେ । ନୂଆପଡା ଜିଲାରେ ଖୋ-ଖୋ, ଦୌଡକୁଦ ଓ ଭଲିବଲ ଖେଳର ଚୟନ ପ୍ରକ୍ରିୟା ଆୟୋଜିତ ହେବ। ଆସନ୍ତା ୧୮ରେ ନୂଆପଡାରେ ଦୌଡକୁଦ ପାଇଁ ବ୍ଲକ ସ୍ତରୀୟ ଚୟନ ପ୍ରକ୍ରିୟା ସକାଳ ୭ଟାରୁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଓ ପୋଲିସ ପଡିଆ ନୂଆପଡାଠାରେ ଅନୁଷ୍ଠିତ ହେବ । ସେହିପରି ୨୨ରେ ଖୋ-ଖୋ ଖେଳ ପାଇଁ ନୂଆପଡା ଓ ଖଡିଆଳ ରାଜା ଏଟି ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ ଏବଂ ୨୫ରେ ଭଲିବଲ ଖେଳ ପାଇଁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଓ ପୋଲିସ ପଡିଆ ନୂଆପଡାଠାରେ ଚୟନ ଶିବିର ଆୟୋଜନ ହେବ। ଅନ୍‌ଲାଇନରେ ପଞ୍ଜୀକରଣ କରିଥିବା ଛାତ୍ରୀଛାତ୍ର ଉକ୍ତ ତାରିଖ ଓ ସମୟରେ ଶିବିର ସ୍ଥଳରେ ଉପସ୍ଥିତ ହୋଇ ନିଜର ବୟସ ପ୍ରମାଣ ପତ୍ର, ଆଧାର କାର୍ଡ ଓ ଫଟୋ ସହିତ ଚୟନ ପ୍ରକ୍ରିୟାରେ ଭାଗ ନେବାକୁ ଅନୁରୋଧ କରାଯାଇଛି । ନିର୍ଦ୍ଧାରିତ ପ୍ରମାଣ ପତ୍ର ନ ହେଲେ ଚୟନ ପ୍ରକ୍ରିୟାରେ ଭାଗ ନେଇ ପାରିବେ ନାହିଁ । ଛାତ୍ରୀଛାତ୍ର ପ୍ରସ୍ତୁତ ହୋଇ ଆସିବା ସହ କ୍ରୀଡା ପୋଷାକରେ ଭାଗ ନେବା ପାଇଁ ଜିଲା କ୍ରୀଡା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଡେଇ ସୂଚନା ଦେଇଛନ୍ତି ।

# ଟିଟିଲାଗଡ଼ରେ ସୈନିକ ସ୍କୁଲ ସ୍ଥାପନ ଦାବି ଉଠାଇଲେ ନିରଞ୍ଜନ

ବଲାଙ୍ଗୀର, ୧୬।୩ (ବୀରେନ୍ଦ୍ର କୁମାର ଖାଙ୍କର)

ବଲାଙ୍ଗୀର ଜିଲାର ଟିଟିଲାଗଡ଼ ଠାରେ ଏକ ସୈନିକ ସ୍କୁଲ ସ୍ଥାପନ କରିବାକୁ ରାଜ୍ୟସଭା ସଦସ୍ୟ ନିରଞ୍ଜନ ବିଶି ପାର୍ଲାମେଣ୍ଟରେ ଦାବି କରିଥିବା ଜଣାଇଛନ୍ତି। ସାଂସଦ ବିଶି କହିଥିଲେ, ବଲାଙ୍ଗୀର ଜିଲାରେ ଏକ ନୂତନ ସୈନିକ ସ୍କୁଲ ସ୍ଥାପନ କରିବାର ଆବଶ୍ୟକତା ରହିଛି। ବର୍ତ୍ତମାନ ଭାରତରେ କେବଳ ୩୩ଟି ସୈନିକ ସ୍କୁଲ, ଓଡ଼ିଶାର କେବଳ ଭୁବନେଶ୍ୱର ଓ ସମ୍ବଲପୁରରେ ଦୁଇଟି ସୈନିକ ସ୍କୁଲ ଚାଲିଛି। କେନ୍ଦ୍ର ସରକାର ଦେଶରେ ଅତିରିକ୍ତ ୧୦୦ଟି ସୈନିକ ସ୍କୁଲ ସ୍ଥାପନ ପାଇଁ ପଦକ୍ଷେପ ଗ୍ରହଣ କରିଛନ୍ତି। ସୈନିକ ସ୍କୁଲ ଗୁଡ଼ିକର ମୁଖ୍ୟ ଲକ୍ଷ୍ୟ ହେଉଛି ଛାତ୍ରୀଛାତ୍ରଙ୍କୁ ଶିକ୍ଷାଗତ, ଶାରୀରିକ ଓ ମାନସିକ ଭାବେ ପ୍ରସ୍ତୁତ କରି ନ୍ୟାସନାଲ ଡିଫେନ୍ସ ଏକାଡେମୀ, ଇଣ୍ଡିଆନ ନାଭାଲ ଏକାଡେମୀ ସହିତ ଅନ୍ୟ ସୁରକ୍ଷା ପ୍ରଶିକ୍ଷଣ ସଂସ୍ଥାନରେ ପ୍ରବେଶ ପାଇଁ ସକ୍ଷମ କରିବା। ସାଂସଦ ବିଶି ସରକାରଙ୍କୁ ଅବଗତ କରାଇଥିଲେ ଯେ, ଗୃହ ମନ୍ତ୍ରଣାଳୟ ୧୧ ଡିସେମ୍ବର ୨୦୧୫ରେ ଓଡ଼ିଶାର ମୁଖ୍ୟ ସଚିବଙ୍କୁ ପତ୍ର ଲେଖି ବଲାଙ୍ଗୀର ଜିଲା ସହିତ ୧୮ଟି ମାଓବାଦୀ ପ୍ରଭାବିତ ଜିଲାରେ ନୂତନ ସୈନିକ ସ୍କୁଲ ଖୋଲିବାକୁ ପଦକ୍ଷେପ ନେବାକୁ ପ୍ରସ୍ତାବ ଦେଇଥିଲେ। ପରବର୍ତ୍ତୀ କାଳରେ ଓଡ଼ିଶା ସରକାରଙ୍କ ଶିକ୍ଷା ଏବଂ ଗଣଶିକ୍ଷା ବିଭାଗ ୫ ଜାନୁଆରୀ ୨୦୧୬ରେ ବଲାଙ୍ଗୀର ସହିତ କଳାହାଣ୍ଡି, ନୂଆପଡ଼ା, କୋରାପୁଟ, ଗଞ୍ଜାମ, ଗଜପତି, ମୟୁରଭଞ୍ଜ, ନବରଙ୍ଗପୁର, ରାୟଗଡା, କେନ୍ଦୁଝର, ସୁନ୍ଦରଗଡ଼, ବରଗଡ, ଦେବଗଡ଼, ଫୁଲବାଣୀ ଜିଲାପାଳମାନଙ୍କୁ ଜମି ଚିହ୍ନଟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ନିର୍ଦ୍ଦେଶ ଅନୁସାରେ ୧୮ଅଗଷ୍ଟ ୨୦୨୦ରେ ବଲାଙ୍ଗୀର ତତ୍କାଳୀନ ଜିଲାପାଳ ଟିଟିଲାଗଡ଼ ନିକଟସ୍ଥ ମନିଗାଁ ମୌଜାରେ ୪୯ ଏକର ସରକାରୀ ଜମି ଚିହ୍ନଟ କରି ସୈନିକ ସ୍କୁଲ ପ୍ରତିଷ୍ଠା କରିବା ପାଇଁ ଫିଜିବିଲିଟି ରିପୋର୍ଟ ଓଡିଶା ସରକାରଙ୍କ ଶିକ୍ଷା ବିଭାଗକୁ ପଠାଇଥିଲେ ବୋଲି ସାଂସଦ ବିଶି ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି। ଶେଷରେ ସାଂସଦ ନିରଞ୍ଜନ ବିଶି କେନ୍ଦ୍ର ସରକାରଙ୍କୁ ଅତିଶୀଘ୍ର ଟିଟିଲାଗଡ଼ରେ ନୂତନ ସୈନିକ ସ୍କୁଲ ସ୍ଥାପନ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି କରିଥିଲେ।



# ଅଂଶୁଘାତଜନିତ ଶୂନ୍ୟ ମୃତ୍ୟୁହାର ଲକ୍ଷ୍ୟ

## ଜିଲାସ୍ତରୀୟ ଗ୍ରୀଷ୍ମ ମୁକାବିଲା ପ୍ରସ୍ତୁତି ବୈଠକ

ଝାରସୁଗୁଡ଼ା, ୧୬।୩(ଆଶିଷ ରଞ୍ଜନ ଦାଶ)



ବୈଠକରେ ଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀ।

ଚଳିତବର୍ଷ ଗ୍ରୀଷ୍ମ ପ୍ରବାହ ମୁକାବିଲା ପାଇଁ ଝାରସୁଗୁଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଡିଏମ୍ଏଫ୍ ହଲ୍‌ରେ ସୋମବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ, ଉପଜିଲାପାଳ ସବ୍ୟସାଚୀ ପଣ୍ଡା, ଜିଲା ଜରୁରୀକାଳିନ ଅଧିକାରୀ ମୃତ୍ୟୁଞ୍ଜୟ ଶବରଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ।

ବୈଠକରେ ଜିଲାପାଳ ସ୍ପଷ୍ଟ କରିଛନ୍ତି ଯେ, ଜିଲାରେ ଅଂଶୁଘାତଜନିତ ମୃତ୍ୟୁସଂଖ୍ୟାକୁ ଶୂନ୍ୟ ରଖିବା ପ୍ରଶାସନର ପ୍ରାଥମିକତା। ଏଥିପାଇଁ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଶ୍ରମିକମାନେ କାର୍ଯ୍ୟ ନ କରିବାକୁ କୁହାଯାଇଛି। ଛାତ୍ରୀଛାତ୍ରଙ୍କ ସୁରକ୍ଷା ପାଇଁ ସ୍କୁଲଗୁଡ଼ିକରେ ସ୍ୱତନ୍ତ୍ର ଭାବେ ସତର୍କତା ଅବଲମ୍ବନ ଏବଂ ସକାଳୁଆ ସ୍କୁଲ ନିୟମ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କୌଣସି ସରକାରୀ କାର୍ଯ୍ୟାଳୟ ପରିସରରେ ଜଳ ଅପଚୟକୁ ନେଇ ଜିଲାପାଳ କଠୋର ଆଭିମୁଖ୍ୟ ପ୍ରକାଶ କରି କହିଛନ୍ତି, ଟ୍ୟାପ୍ ଖୋଲା ଥିଲେ କିମ୍ବା ପାଣି ଭାସୁଥିଲେ ତାହାକୁ ବରଦାସ୍ତ କରାଯିବ ନାହିଁ। ପାନୀୟ ଜଳ ସମ୍ପର୍କିତ ସମସ୍ତ ପେଣ୍ଡିଂ ଫାଇଲ କାମ ତୁରନ୍ତ ସାରିବା ସହ ଅଚଳ ନଳକୂପ ଓ ପାଇପ ଲାଇନ୍ ଲିକେଜ୍‌କୁ ୨୪ ଘଣ୍ଟା ମଧ୍ୟରେ ମରାମତି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଭୋର ସମୟରେ ବିଦ୍ୟୁତ୍ ମରାମତି କାର୍ଯ୍ୟ କରିବା ଏବଂ ମଧ୍ୟାହ୍ନରେ ଅବିରତ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବା ପାଇଁ ବିଦ୍ୟୁତ୍ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ବିଭିନ୍ନ ହସ୍ପିଟାଲରେ ପର୍ଯ୍ୟାପ୍ତ ପରିମାଣର ଔଷଧ, ଓଆରଏସ୍ ପ୍ୟାକେଟ୍ ମହଜୁଦ ସହ ସ୍ୱତନ୍ତ୍ର କକ୍ଷ ପ୍ରସ୍ତୁତ ରଖିବାକୁ ସ୍ୱାସ୍ଥ୍ୟ ବିଭାଗକୁ କୁହାଯାଇଛି। ଜଙ୍ଗଲରେ ନିଆଁ ରୋକିବା ପାଇଁ ବନ ବିଭାଗକୁ ସତର୍କ କରାଯାଇଥିବାବେଳେ ବନ୍ୟଜନ୍ତୁଙ୍କ ନିମନ୍ତେ ପାଣି ବ୍ୟବସ୍ଥା କରିବାକୁ କୁହାଯାଇଛି।

ଚଳିତବର୍ଷ ପ୍ରଥମାର୍ଦ୍ଧରୁ ଜିଲାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହୋଇଥିବାବେଳେ ଆଗକୁ ଏହା ଆହୁରି ତୀବ୍ର ରୂପ ନେବାର ଆଶଙ୍କା ରହିଛି। ତେଣୁ ବିଭିନ୍ନ ସମୟରେ ଅଂଶୁଘାତ ହୋଇ ଜୀବନ ପ୍ରତି ବିପଦ ସୃଷ୍ଟି ହେବା ସମ୍ଭାବନା ରହିଛି। ଏଥିପ୍ରତି ସ୍ୱାସ୍ଥ୍ୟ ବିଭାଗ ସଜାଗ ରହିବାକୁ କୁହାଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟ ମଧ୍ୟରେ ଏକ ସ୍ୱତନ୍ତ୍ର ଅଂଶୁଘାତ କକ୍ଷ କରାଯିବା ସହ ଅଂଶୁଘାତ ରୋଗୀଙ୍କ ପାଇଁ ସମସ୍ତ ପ୍ରକାର ଆଶୁ ଚିକିତ୍ସା ବ୍ୟବସ୍ଥା ତ୍ୱରାନ୍ୱିତ କରିବାକୁ କୁହାଯାଇଥିଲା। ସେହିପରି ଜିଲାର ସମସ୍ତ ଗ୍ରାମରେ ପାନୀୟଜଳ ବ୍ୟବସ୍ଥା, ଅଚଳ ନଳକୂପ ମରାମତି, ସୌରଚାଳିତ ନଳକୂପଗୁଡ଼ିକ କାର୍ଯ୍ୟକ୍ଷମ କରିବା ନିମନ୍ତେ ଜିଲା ଗ୍ରାମୀଣ ଜଳଯୋଗାଣ ସଂସ୍ଥାର ନିର୍ବାହୀଯନ୍ତ୍ରୀଙ୍କୁ କୁହାଯାଇଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ, ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧିଙ୍କୁ ଏ ସମ୍ପର୍କରେ ସଚେତନ କରିବା ପାଇଁ କୁହାଯାଇଛି। ସେହିପରି ଅଂଶୁଘାତରେ କାହାର ମୃତ୍ୟୁ ଘଟିଲେ ସେ ସମ୍ପର୍କରେ ତୁରନ୍ତ ରିପୋର୍ଟ ପ୍ରଦାନ କରିବା ପାଇଁ ତହସିଲଦାର, ବିଡିଓମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ଅଂଶୁଘାତରୁ ରକ୍ଷା ପାଇବାକୁ ସତର୍କ ରୁହନ୍ତୁ

## ଅଂଶୁଘାତ ମୁକାବିଲା ପାଇଁ ବ୍ଲକ୍‌ସ୍ତରୀୟ ସଚେତନତା, ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଦେବଗଡ଼, ୧୬।୩(ଶଶାଙ୍କ ଶେଖର ଝାଙ୍କର)

ଅଂଶୁଘାତ ପରିସ୍ଥିତିରେ ମୁକାବିଲା ପାଇଁ ଦେବଗଡ଼ ଜିଲା ରିଆମାଳ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବ୍ଲକସ୍ତରୀୟ ସଚେତନତା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରିଆମାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଦିତ୍ୟ କୁମାର ପଣ୍ଡା, ଜିଲା ପଞ୍ଚାୟତ ଅଧିକାରୀ ହେମନ୍ତ ସିଂ, ଏଡିପିଏଚ୍‌ଓ ଡାକ୍ତର ବଂଶୀଧର ପାତ୍ର, ଜିଲା ଜରୁରିକାଳୀନ ଅଧିକାରୀ ମୁକେଶ ଭୋଇ ଯୋଗଦେଇଥିଲେ। ଗ୍ରୀଷ୍ମ ପ୍ରବାହ ସମୟରେ ଅଂଶୁଘାତରୁ ରକ୍ଷା ପାଇବା ପାଇଁ ସତର୍କତା ଅବଲମ୍ବନ କରିବା ସହିତ ପ୍ରତିରୋଧମୂଳକ ପଦକ୍ଷେପ ଉପରେ ସଚେତନ କରାଯାଇଥିଲା। ଜଣେ ହେଲେ ବ୍ୟକ୍ତିଙ୍କ ଅଂଶୁଘାତଜନିତ ମୃତ୍ୟୁ ଯେଭଳି ନ ହେବ ସେଥିପାଇଁ ପ୍ରଶିକ୍ଷଣ ଦିଆଯାଇଥିଲା। ଖରାଦିନରେ ପ୍ରଚୁର ପାଣି ପିଇବା, ଅସୁସ୍ଥ ଲକ୍ଷଣ ଦେଖାଦେଲେ ତୁରନ୍ତ ଚିକିତ୍ସିତ ହେବାକୁ ପରାମର୍ଶ ଦିଆଯାଇଥିଲା। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ରିଆମାଳ ବ୍ଲକ୍ ଅଞ୍ଚଳର ଏମ୍‌ବିକେ, ସିଆର୍‌ପି, ଏସ୍‌ଏଚ୍‌ଜି ମହିଳା ଉପସ୍ଥିତ ଥିଲେ। ଅଂଶୁଘାତ ପରିସ୍ଥିତିର ମୁକାବିଲା ପାଇଁ ସେମାନଙ୍କୁ ସଚେତନ ସହ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା।


ଅଂଶୁଘାତ ମୁକାବିଲା ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

## ସଂକ୍ଷେପରେ

### ଇଲେକ୍ଟ୍ରି ସ୍କୁଟି ଜଳିଗଲା



ଝାରସୁଗୁଡ଼ା, ୧୬।୩(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ବଡ଼ମାଳ ଥାନା ନିକଟ ବିଜୁ ଏକ୍ସପ୍ରେସ୍ ୱେ ଉପରେ ସୋମବାର ଏକ ଇଲେକ୍ଟ୍ରି ସ୍କୁଟି ଜଳିଯାଇଛି। ସୂଚନା ଅନୁସାରେ, ସୁନ୍ଦରଗଡ଼ର ବିଶ୍ୱ ରଞ୍ଜନ ନାୟକ ନାମକ ଯୁବକ ଇଲେକ୍ଟ୍ରି ସ୍କୁଟି (ନଂ.ଓଡି ୧୬ଏଲ–୬୪୮୬)ରେ ସୁନ୍ଦରଗଡ଼ରୁ ସମ୍ବଲପୁର ଆଡକୁ ଯାଉଥିବାବେଳେ ବାଟରେ ହଠାତ୍ ଧୂଆଁ ବାହାରିଥିଲା। ଫଳରେ ସେ ଗାଡ଼ିରୁ ଓହ୍ଲାଇ ପଡିବାରୁ ହଠାତ୍ ତାହା ଜଳିଯାଇଥିଲା। ଶର୍ଟସର୍କିଟ୍‌ରୁ ନିଆଁ ଲାଗିଥିବା ଜଣାପଡିଛି। ଖବରପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

### ୫୭ ଅଭିଯୋଗ ଶୁଣିଲେ ଜିଲାପାଳ

ଦେବଗଡ଼, ୧୬।୩(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ବ୍ଲକ ଅଧୀନ ଦନ୍ତରିବାହାଲ ଗ୍ରାମପଞ୍ଚାୟତ ସମ୍ମିଳନୀ କକ୍ଷଠାରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ କବୀନ୍ଦ୍ର କୁମାର ସାହୁ ଯୋଗଦେଇ ୨୬ଟି ବ୍ୟକ୍ତିଗତ ଏବଂ ୩୧ଟି ସାମୂହିକ ଅଭିଯୋଗର ଶୁଣାଣି କରିଥିଲେ। ବିଶେଷକରି ହାଇଟେକ୍ ପଟ୍ଟା ସଂଶୋଧନ, ପାନୀୟଜଳ, ଷ୍ଟ୍ରିଟ୍‌ଲାଇଟ୍ ଓ ରାସ୍ତା ମରାମତି ସମ୍ପର୍କିତ ଅଭିଯୋଗ ଉପସ୍ଥାପନ ହୋଇଥିଲା। ଜିଲାପାଳ ଅଭିଯୋଗଗୁଡିକ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ଆରକ୍ଷୀ ଅଧୀକ୍ଷକ ଅନିଲ କୁମାର ମିଶ୍ର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ମିଞ୍ଜ, ଉପଜିଲାପାଳ ପରକ୍ଷିତ ସାହୁଙ୍କ ସମେତ ସମସ୍ତ ବିଭାଗର ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

### ପରିବେଶ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ବେଲପାହାଡ଼, ୧୬।୩(ସୁବାସ ପ୍ରଧାନ)

ବେଲପାହାଡ଼ ବନାଞ୍ଚଳ ଦ୍ୱାରା ସ୍ଥାନୀୟ ରତନ ଟାଟା ଷ୍ଟାଡିୟମଠାରେ ପରିବେଶ ସୁରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଝାରସୁଗୁଡ଼ା ଜିଲା ବନଖଣ୍ଡ ଅଧିକାରୀ ଅଶୋକ ମନୁଭଜ, ଟିଆର୍‌ଏଲ୍ କ୍ରୋସାକି କମ୍ପାନୀର ବରିଷ୍ଠ ଅଧିକାରୀ ସୁଶାନ୍ତ ଦାଶ, ଲଖନପୁର ଏମ୍‌ସିଏଲ୍‌ର ଜିଏମ୍ ଅବଧ କିଶୋର ପାଣ୍ଡେ, ଡ. ସୁବାସ ଚନ୍ଦ୍ର ପ୍ରଧାନ ଓ ବେଲପାହାଡ଼ ବନାଞ୍ଚଳର ରେଞ୍ଜ୍ ଅଫିସର ପ୍ରଦୀପ ନାୟକ ଯୋଗଦେଇଥିଲେ। ଏହି ଅବସରରେ ବେଲପାହାଡ଼ ଇଂଲିଶ ମିଡିୟମ ସ୍କୁଲର ଇକୋ କ୍ଲବ୍ ଇନ୍‌ଚାର୍ଜ ଶିକ୍ଷକ ତଥା ମାଷ୍ଟର ଟ୍ରେନର ହମିଦ୍ କୁମାର ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ସରକାରୀ ଅବହେଳାକୁ ଦାୟୀ କଲା ଏସ୍‌ୟୁସିଆଇ

#### କଟକ ଏସ୍‌ସିବି ମେଡିକାଲ ଅଗ୍ନିକାଣ୍ଡ ଘଟଣା

ରାଉରକେଲା, ୧୬।୩(ସଙ୍ଗୀତା ଜେନା)

କଟକ ଏସ୍‌ସିବି ମେଡିକାଲ କଲେଜର ଟ୍ରମା କେୟାର ଆଇସିୟୁରେ ଘଟିଥିବା ଭୟାବହ ଅଗ୍ନିକାଣ୍ଡ ଘଟଣାରେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଛି। ଏ କ୍ଷେତ୍ରରେ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ସାଙ୍ଗକୁ କ୍ରମାଗତ ସରକାରୀ ଅବହେଳା, ପ୍ରାୟ ୬୦ ଭାଗ ପଦବୀ ଖାଲି ପଡିବା, ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଠିକା ଏବଂ ଆଉଟ୍ ସୋର୍ସିଂ ନିଯୁକ୍ତି ପାଇଁ ସରକାର ହିଁ ମୁଖ୍ୟତଃ ଦାୟୀ। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀମାନଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ ଦଣ୍ଡ ବିଧାନ କରିବା, ମୃତକଙ୍କ ପରିବାରକୁ ଏକ କୋଟି କ୍ଷତିପୂରଣ ଦେବା, ଆହତମାନଙ୍କୁ ଉପଯୁକ୍ତ ଚିକିତ୍ସା ସହ ୫୦ ଲକ୍ଷ କ୍ଷତିପୂରଣ ପ୍ରଦାନ କରିବାକୁ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ରାଜ୍ୟ ସମ୍ପାଦକ ଶଙ୍କର ଦାଶଗୁପ୍ତ ସୋମବାର ଏକ ପ୍ରେସ ବିବୃତିରେ ଦାବି ଜଣାଇଛନ୍ତି।

# ବିଶ୍ୱ ଉପଭୋକ୍ତା ଅଧିକାର ଦିବସ ପାଳିତ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ବକ୍ତା।

ଝାରସୁଗୁଡ଼ା, ୧୬।୩(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ାସ୍ଥିତ ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟଠାରେ ବିଶ୍ୱ ଉପଭୋକ୍ତା ଅଧିକାର ଦିବସ ସୋମବାର ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ପ୍ରାଧ୍ୟାପକ ତପନ କୁମାର ବାରିକ ଯୋଗଦେଇଥିଲେ। ଡା. ସ୍ୱର୍ଣ୍ଣମୟୀ ପୁରୋହିତ ମୁଖ୍ୟବକ୍ତା ଭାବେ ଯୋଗଦେଇ ଉପଭୋକ୍ତାମାନେ ବ୍ୟାଙ୍କ୍ ଠକେଇର ଶିକାର ନ ହେବା ଉପରେ ଆଲୋଚନା କରିଥିଲେ। ଅଖିଳ ଚନ୍ଦ୍ର ପ୍ରଧାନ ସମସ୍ତ ଉପଭୋକ୍ତା ଆଇନ ତଥା ଅଧିକାର ବିଷୟରେ ବୁଝାଇଥିଲେ। ଇଜେଭି ଫାଉଣ୍ଡେଶନ ସହାୟତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଉପସ୍ଥିତ ରହିଥିଲେ। ଇଜେଭି ଫାଉଣ୍ଡେଶନର ମାନସୀ ପଣ୍ଡା ସ୍ୱାଗତ ଭାଷଣ ଓ ମିନତି ମେହେର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଇଜେଭି ଫାଉଣ୍ଡେଶନର ପ୍ରିୟା ରାୟ ଓ ଦୀପ୍ତି ବେହେରା ଅତିଥିଙ୍କୁ ଉପଢୌକନ ଦେଇ ସମ୍ମାନିତ କରିଥିବାବେଳେ ଇଜେଭିର ସମ୍ପାଦିକା ପୁନମ ପଟେଲ ଧନ୍ୟବାଦ ଦେଇଥିଲେ।

# ଶିବିରରୁ ୨୨ ୟୁନିଟ୍ ରକ୍ତ ସଂଗ୍ରହ

ଦେବଗଡ଼, ୧୬।୩(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା କୁଣ୍ଢେଇଗୋଲା ଥାନା ଅନ୍ତର୍ଗତ ଖଇରପାଲି ଆଉଟ୍‌ପୋଷ୍ଟରେ ସୋମବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ମୁଖ୍ୟ ଅତିଥି ଦେବଗଡ଼ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ରମେଶ କୁମାର ମାହାନା ଶୁଭାରମ୍ଭ କରିଥିଲେ। ଖଇରପାଲି ଆଉଟ୍‌ପୋଷ୍ଟ ଅଧିକାରୀ ବିଷ୍ଣୁପ୍ରିୟା ରଣାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରୁ ୨୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏଥିରେ ସମ୍ମାନିତ ଅତିଥି ଭାବେ କୁଣ୍ଢେଇଗୋଲା ଥାନା ଅଧିକାରୀ ଜୋହନ୍ କୁଜୁର ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ପୋଲିସ ଏବଂ ଜନସାଧାରଣ ମଧ୍ୟରେ ସୁସମ୍ପର୍କ ସ୍ଥାପନ ସହିତ ସମାଜସେବା ପାଇଁ ଉଦାହରଣ ସୃଷ୍ଟି କରିବା ଲକ୍ଷ୍ୟରେ ପୋଲିସ ପକ୍ଷରୁ ଏହି ଶିବିରର ଆୟୋଜନ କରାଯାଇଥିଲା। ଗ୍ରୀଷ୍ମଋତୁରେ ରକ୍ତଭଣ୍ଡାରରେ ରକ୍ତର ଅଭାବକୁ ପୂରଣ କରିବା ଲକ୍ଷ୍ୟରେ ଏଭଳି ପଦକ୍ଷେପ ନିଆଯାଇଥିବା ପୋଲିସ ପକ୍ଷରୁ କୁହାଯାଇଛି। ଏହି ଶିବିରରେ ପୋଲିସ କର୍ମଚାରୀ, ଜନସାଧାରଣ ପ୍ରମୁଖ ସାମିଲ ହୋଇ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଖଇରପାଲି ଆଉଟ୍‌ପୋଷ୍ଟ କର୍ମଚାରୀମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ନୃତ୍ୟ, ସଙ୍ଗୀତ ପ୍ରତିଯୋଗିତା

ଦେବଗଡ଼, ୧୬।୩(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ମହିଳା ଏକତା ମଞ୍ଚ ପକ୍ଷରୁ ଜିଲା ଯୁବ ଏକତା ମଞ୍ଚ ସହଯୋଗରେ ରବିବାର ସ୍ଥାନୀୟ ଗୋପବନ୍ଧୁ ଛକଠାରେ ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଏଥିରେ ପୌରାଞ୍ଚଳର ବିଭିନ୍ନ ୱାର୍ଡରୁ ଆସିଥିବା କଳାକାର ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଆଇନଜୀବୀ ମନୋଜ କୁମାର ପାଢ଼ୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର, ବରିଷ୍ଠ ନାଗରିକ ମଞ୍ଚ ସଭାପତି ରାମଚନ୍ଦ୍ର ମହାପାତ୍ର, ଗୌରହରି ଷଡ଼ଙ୍ଗୀ, ମାର୍କଣ୍ଡେଶ୍ୱର ଶତପଥୀ, ଜିଲା ନାଗରିକ କମିଟି ସଭାପତି ସୁଶୀଲ କୁମାର କପର୍ଦ୍ଦାର, ଆମ୍ବେଦକର ସାମାଜିକ ପରିବର୍ତ୍ତନ ମଞ୍ଚ ସଭାପତି ଚୌଧୁରୀ ବେହେରା, ଜିଲା ଭାଜପାର ସତ୍ୟନାରାୟଣ ପାଣି ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ମଞ୍ଚର ସଦସ୍ୟା ରାଜଶ୍ରୀ ପାତ୍ର, ପ୍ରେମଶିଳା ଝାଙ୍କର ଓ ସୁଜାତା ପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଯୁବ ଏକତା ମଞ୍ଚର ଆବାହକ ସୁରଞ୍ଜିତ ମହାପାତ୍ର, ସନ୍ତୋଷ କୁମାର ଦେବତା ଓ ମାନସ ରଞ୍ଜନ ଦ୍ୱିବେଦୀଙ୍କ ସମେତ ଅନ୍ୟ ସଦସ୍ୟ ସହଯୋଗ କରିଥିଲେ। ଏହି ଅବସରରେ ଶୁକ୍ରବାର ମହିଳା ଏକତା ମଞ୍ଚ ପକ୍ଷରୁ ପ୍ରଧାନପାଟ ବଡ଼ବଗିଚାଠାରେ ଆୟୋଜିତ କ୍ରୀଡ଼ା ଓ ରଙ୍ଗୋଲି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମଧ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ଆୟୋଜନରେ ମିନାକ୍ଷୀ ମିଶ୍ର, ଲିପାଲିପ୍ସା ଝାଙ୍କର, ବବିତା ନାୟକ, ପୁଷ୍ପ ମଞ୍ଜରୀ ସାହୁ, ଲିଲି ମହାପାତ୍ର, ମାନସୀ ଭୋଇ, ତପସ୍ୱିନୀ ପାତ୍ର, ଅର୍ଚ୍ଚନା ନାୟକ ଓ ରଞ୍ଜିତା ସାହୁ ସହଯୋଗ କରିଥିଲେ।


ଅତିଥିଙ୍କ ଗହଣରେ ମଞ୍ଚର ସଦସ୍ୟା,ସଦସ୍ୟ।

# ତଦନ୍ତ କଲେ ତହସିଲଦାର, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀ

## ବେଆଇନ ପାଉଁଶ ଡମ୍ପିଂ ଘଟଣା

ବେଲପାହାଡ଼, ୧୬।୩(ସୁବାସ ପ୍ରଧାନ)

ଝାରସୁଗୁଡ଼ା ଜିଲା ବେଲପାହାଡ଼ ଥାନା ଅନ୍ତର୍ଗତ ପିପିଲିମାଲ ଅଞ୍ଚଳରେ ବେଆଇନ ପାଉଁଶ ଡମ୍ପିଂ ଘଟଣାର ଯୁଗ୍ମ ତଦନ୍ତ ସୋମବାର ଆରମ୍ଭ ହୋଇଛି। ଲଖନପୁର ତହସିଲଦାର ପ୍ରସନ୍ନ କୁମାର ପଟେଲ, ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀ ହିରଣ୍ୟକ ନାୟକଙ୍କ ସମେତ ଅନୁଷ୍କା ଏକ୍କା ସୋମବାର ପିପିଲିମାଲର ପାଉଁଶ ଡମ୍ପିଂ ହୋଇଥିବା ସ୍ଥାନରେ ପହଞ୍ଚି ତଦାରଖ କରିଥିଲେ। କେତେ ପରିମାଣର ପାଉଁଶ ପଡିଛି, କେଉଁ ରାସ୍ତାରେ ପାଉଁଶ ଆସିଛି ସେ ସମ୍ପର୍କରେ ଦେଖିଥିଲେ। ଖାତା ନମ୍ବର ୨୦୩, ପ୍ଲଟ୍ ନମ୍ବର ୮୨୩ ରେ ପ୍ରାୟ ୪୦ ଟ୍ରିପ୍ ପାଉଁଶ ଡମ୍ପିଂ ହୋଇଥିବା ତଦନ୍ତରୁ ଜଣାପଡିଛି। ହେଲେ ବିନା ଅନୁମତିରେ କିଏ ଏହି ପାଉଁଶ ଡମ୍ପିଂ କରିଛନ୍ତି ତାହା ଜଣାପଡି ନ ଥିବାବେଳେ ପ୍ରଦୂଷଣ ବିଭାଗ ଅଧିକାରୀମାନେ ବେଲପାହାଡ଼ ଥାନାର ଦ୍ୱାରସ୍ଥ ହୋଇଥିବା ଜଣାପଡିଛି। ଲଖନପୁର ତହସିଲଦାର ପଟେଲ କହିଛନ୍ତି, ଏନେଇ ରାଜସ୍ୱ ବିଭାଗ ଓ ବେଲପାହାଡ଼ ପୋଲିସ ତଦନ୍ତ ଚଳାଇଛି। ଏହି ପାଉଁଶ କିଏ ପକାଇଛି, ସେ ସମ୍ପର୍କରେ ଜଣାପଡିବା ପରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପଟେଲ କହିଛନ୍ତି। ଅପରପକ୍ଷେ ଝାରସୁଗୁଡ଼ା ଜିଲା ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀ ହିରଣ୍ୟକ ନାୟକଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।


କାର୍ଯ୍ୟକ୍ରମରେ ହମିଦ୍ କୁମାର ମହାପାତ୍ରଙ୍କୁ ପୁରସ୍କୃତ କରାଯାଉଛି।

# ଯୁବତୀଙ୍କ ଝୁଲନ୍ତା ମୃତଦେହ ଜବତ

ଭବାନୀପାଟଣା, ୧୬।୩(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସହର ଇରିଗେଶନ କଲୋନୀ ୭ନଂ. ଲେନର ଏକ ଭଡାଘରୁ ସୋମବାର ସନ୍ଧ୍ୟାରେ ଜଣେ ଯୁବତୀଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ସେ ହେଲେ ଏମ୍ ରାମପୁର ଥାନା ବେଲଗାଁର ଖୁସବୁ ସାହୁ (୨୫)। ଖବର ପାଇ ଘଟଣାସ୍ଥଳରେ ଟାଉନ ଥାନା ପୋଲିସ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ଯୁବତୀ ଜଣକ ପିଜି ଶେଷ କରିବା ପରେ ଏହି ଭଡ଼ାଘରେ ରହି ସ୍ଥାନୀୟ ଏକ ବ୍ୟାଙ୍କରେ କାମ କରୁଥିଲେ। ତେବେ ସେ କେଉଁଥିପାଇଁ ଆତ୍ମହତ୍ୟା କଲେ ନାଁ ଆଉ କିଛି ରହସ୍ୟ ଅଛି ତାହା ତଦନ୍ତ ପରେ ଜଣାପଡିବ ବୋଲି ପୋଲିସଠାରୁ ଜଣାପଡିଛି।

# ମାସିକ ଜିଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ



ବୈଠକରେ ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀ।

ଦେବଗଡ଼, ୧୬।୩(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ କବୀନ୍ଦ୍ର କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ଜିଲାରେ ଫେବୃଆରୀରେ ଧାର୍ଯ୍ୟଥିବା ଭୂ–ରାଜସ୍ୱ, ରୟାଲ୍‌ଟି ଆଦାୟ, ଜଳକର, ବସୁନ୍ଧରା, ସ୍କୁଲ ଓ କଲେଜ ପଟ୍ଟା ଏବଂ ଅନ୍ୟାନ୍ୟ କର ଆଦାୟ ପାଇଁ ଜିଲାର ତହସିଲଦାର, ଅତିରିକ୍ତ ତହସିଲଦାର, ଜିଲାସ୍ତରୀୟ ଅଧିକାରୀଙ୍କ ସହ ଆଲୋଚନା ହୋଇଥିଲା। ଏହି ବୈଠକରେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ଉପଜିଲାପାଳ ପରକ୍ଷିତ ସାହୁ, ଡେପୁଟି କଲେକ୍ଟର (ରାଜସ୍ୱ) ଲକ୍ଷ୍ମଣ ଅମାତ, ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାୟକ, ଦେବଗଡ଼ ତହସିଲଦାର କର୍ଣ୍ଣ ମଲ୍ଲିକ, ରିଆମାଳ ତହସିଲଦାର ବିଜୟଲକ୍ଷ୍ମୀ ନାୟକ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାରଙ୍କ ସମେତ ଅତିରିକ୍ତ ତହସିଲଦାର ଓ ବିଭିନ୍ନ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ସମସ୍ୟା ସମାଧାନ ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ

## ଯୁଗ୍ମ ଜନଶୁଣାଣି ଶିବିରରେ ୩୬ ଅଭିଯୋଗ

ଲଇକେରା, ୧୬।୩(ରଞ୍ଜନ କୁମାର ମେହେର)

ଝାରସୁଗୁଡ଼ା ଜିଲା ଲଇକେରା ବ୍ଲକ୍ କାର୍ଯ୍ୟାଳୟସ୍ଥିତ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଯୁଗ୍ମ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣ ଅଧ୍ୟକ୍ଷତା କରି ଲୋକଙ୍କ ସମସ୍ୟାର ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଶିବିରରେ ମୋଟ ୩୬ଟି ଅଭିଯୋଗପତ୍ର ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୨୪ଟି ବ୍ୟକ୍ତିଗତ ଓ ୧୨ଟି ଗୋଷ୍ଠୀଗତ ସମସ୍ୟା ରହିଥିଲା। ମୁଖ୍ୟତଃ ଜମି ବିବାଦ, ଦିବ୍ୟାଙ୍ଗଙ୍କ ସହାୟତା, ଗ୍ରୀଷ୍ମ ପ୍ରବାହ ସମୟରେ ବିଦ୍ୟୁତ୍ ସେବାରେ ସୃଷ୍ଟି ହେଉଥିବା ବ୍ୟାଘାତ ସମ୍ପର୍କରେ ଲୋକମାନେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବର୍ତ୍ତମାନ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପଞ୍ଚାୟତସ୍ତରରେ ଲୋକଙ୍କ ସୁବିଧା ପାଇଁ ଅଧିକ ଯତ୍ନବାନ ହେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ପାନୀୟ ଜଳ ଏବଂ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଯେପରି କୌଣସି ଅବହେଳା ନ ହୁଏ, ସେଥିପ୍ରତି ସତର୍କ ରହିବାକୁ ଜିଲାପାଳ ଅଧିକାରୀମାନଙ୍କୁ କହିଛନ୍ତି। ଏହି ଅବସରରେ ୨ ଜଣ ହିତାଧିକାରୀଙ୍କୁ ରେଡ୍‌କ୍ରସ୍ ପାଣ୍ଠିରୁ ୧୦,୦୦୦ ଟଙ୍କା ଲେଖାଏ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଏହି ଶିବିରରେ ଝାରସୁଗୁଡ଼ା ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର, ଉପଜିଲାପାଳ ସବ୍ୟସାଚୀ ପଣ୍ଡା, ଲଇକେରା ବିଡିଓ ଜର୍ଜ ଡୁଙ୍ଗଡୁଙ୍ଗଙ୍କ ସମେତ ଜିଲାସ୍ତରୀୟ ଅନ୍ୟ ଅଧିକାରୀ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରିଥିଲେ।



## ସଂକ୍ଷେପରେ

### ବୌଦ୍ଧ ଜିଲା ଓକିଲ ସଂଘ ନିର୍ବାଚନ
## ସୁରେଶ ସଭାପତି, ଧବଳେଶ୍ୱର ସମ୍ପାଦକ




ସୁରେଶ ଚନ୍ଦ୍ର ମେହେର ଧବଳେଶ୍ୱର ମନହିରା

ବୌଦ୍ଧ,୧୬।୩ (ଅଜିତ କୁମାର ବାରିକ)

ସାରା ରାଜ୍ୟରେ ଓକିଲ ସଂଘଗୁଡିକର ନିର୍ବାଚନ ପ୍ରକ୍ରିୟା ଗତ ୭ ତାରିଖଠାରୁ ଆରମ୍ଭ ହୋଇଛି। ଏହି କ୍ରମରେ ବୌଦ୍ଧ ଜିଲା ଓକିଲ ସଂଘ ନିର୍ବାଚନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଆସନ୍ତା ୨୮ ତାରିଖରେ ରାଜ୍ୟରେ ଓକିଲ ସଂଘଗୁଡିକର ମତଦାନ ତାରିଖ ଥିବାବେଳେ ଗତ ଶନିବାର ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶନର ଦିନ ଥିଲା। ତେବେ ବୌଦ୍ଧ ଜିଲାରେ ଜଣେ ଲେଖାଏଁ ପ୍ରାର୍ଥୀ ନାମାଙ୍କନ ଭରିଥିବା ବେଳେ ସଂଘର ସମସ୍ତ କର୍ମକର୍ତ୍ତା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଚଳିତ ବର୍ଷ ପାଇଁ ଜିଲା ଓକିଲ ସଂଘ ସଭାପତି ଭାବେ ବରିଷ୍ଠ ଆଇନଜୀବୀ ସୁରେଶ ଚନ୍ଦ୍ର ମେହେର ଓ ସମ୍ପାଦକ ଭାବେ ଧବଳେଶ୍ୱର ମନହିରା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସେହିପରି ଉପସଭାପତି ଅଙ୍କିତା ଶତପଥି, ସହ ସମ୍ପାଦକ ଚିତ୍ତରଞ୍ଜନ ଖଟୁଆ, କୋଷାଧ୍ୟକ୍ଷ ତାରେଣୀ କୁମାର ଜେନା ଓ ଲାଇବ୍ରେରିଆନ ଭାବେ କୁନାଲ କ୍ରିଷ୍ଣା ପାଣିଗ୍ରାହୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। କାର୍ଯ୍ୟକାରୀ ସଦସ୍ୟ ଭାବେ ନାରାୟଣ ପ୍ରସାଦ ପରିଜା, ଓମ ପ୍ରକାଶ ମିଶ୍ର, ତାରେଣୀ ମହାପାତ୍ର, ନବ କୁମାର ମିଶ୍ର, ଧୂରୀଣ କୁମାର ଦେହୁରୀ, ଅଶୋକ ସାହୁ, ଅଶୋକ କୁମାର ମିଶ୍ର, ଶୁଭସ୍ମିତା ପଣ୍ଡା, ଶାଳିନୀ ଷଡ଼ଙ୍ଗୀ, ଯଶମିତା ମହାକୁଡ, ଚିନ୍ମୟୀ ପ୍ରଧାନ ନିର୍ବାଚିତ ହୋଇଛନ୍ତି। ଜିଲା ଓକିଲ ସଂଘ ନିର୍ବାଚନ ଅଧିକାରୀ ଭାବେ ବରିଷ୍ଠ ଆଇନଜୀବୀ ସୁଧିର କୁମାର କର୍ଣ୍ଣ ଦାୟିତ୍ୱ ତୁଲାଇଥିଲେ।

### ରାଜିଙ୍ଗରେ ଅଷ୍ଟପ୍ରହର ନାମଯଜ୍ଞ

ହରଭଙ୍ଗା,୧୬।୩(ନରେନ୍ଦ୍ର କୁମାର ସାହୁ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ପୁରୁଣାକଟକ ଗ୍ରାମପଞ୍ଚାୟତର ରାଜିଙ୍ଗ ଗ୍ରାମରେ ସୋମବାର ନାମଯଜ୍ଞ ଶୁଭାରମ୍ଭ ହୋଇଛି। ଏହି ଉପଲକ୍ଷେ ଗ୍ରାମ୍ୟ ପୁଷ୍କରଣୀରୁ ଜଳପୂର୍ଣ୍ଣ କଳସ ଆଣିବା ପରେ ନାମଯଜ୍ଞ ଆରମ୍ଭ ହୋଇଥିଲା। ସୁରେଶ ପ୍ରଧାନ ଓ ତାଙ୍କ ସ୍ତ୍ରୀ କର୍ତ୍ତା କାର୍ଯ୍ୟ ତୁଲାଇଥିବା ବେଳେ ପୂଜକ ବିଶ୍ୱଭୂଷଣ ଚାନ୍ଦ ପୂଜା କରିଥିଲେ। ମଙ୍ଗଳବାର ନାମଯଜ୍ଞ ଶେଷ ହେବାକୁ ଥିବାବେଳେ ୨୫ଟି ସଂକୀର୍ତ୍ତନ ଦଳ ଭାଗ ନେଇଥିଲେ। ନାମଯଜ୍ଞ ଦେଖିବାକୁ ବହୁ ଭକ୍ତଙ୍କ ସମାଗମ ହୋଇଥିଲା।

### ଶିକ୍ଷାର୍ଥୀର ଶିକ୍ଷଣ ମୂଲ୍ୟାୟନ ଶୀର୍ଷକ ଆଲୋଚନାଚକ୍ର

ହରଭଙ୍ଗା,୧୬।୩(ନରେନ୍ଦ୍ର କୁମାର ସାହୁ)

ପୁରୁଣାକଟକସ୍ଥିତ ଭୈରବୀ ଡିଗ୍ରୀ ମହାବିଦ୍ୟାଳୟ ଶିକ୍ଷା ବିଭାଗର ମୁଖ୍ୟ ସୁଷମାରାଣୀ ବହିଦାର ଓ ଅଧ୍ୟାପକ ପୀତବାସ ମେହେରଙ୍କ ତତ୍ତ୍ୱାବଧାନରେ ସୋମବାର ଶିକ୍ଷା ବିଭାଗରେ ଏକ ବାର୍ଷିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ସୁଷମାରାଣୀ ବହିଦାର ସଭାପତିତ୍ୱ କରିଥିବାବେଳେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ରମେଶ ଚନ୍ଦ୍ର ତାରେଣିଆଁ ମୁଖ୍ୟ ଅତିଥି, ଯୁକ୍ତ ୨ କଲେଜର ପୂର୍ବତନ ଅଧ୍ୟକ୍ଷା ଧରିତ୍ରୀରାଣୀ କାନୁନଗୋ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ମାର୍ଗଦର୍ଶନ କରିଥିଲେ। ମୋଟ ୧୯ ଜଣ ଛାତ୍ରୀଛାତ୍ର ସେମାନଙ୍କ ସନ୍ଦର୍ଭ ଉପସ୍ଥାପନ କରିଥିଲେ। କନିଷ୍ଠ ଅଧ୍ୟାପକ ପୀତବାସ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

# ଥଇଥାନ ନିଯୁକ୍ତିକୁ ରଦ୍ଦ କଲେ ଡିଆର୍‌ସିଏସ୍

## ମରାଡୁଗୋଛା ପାକ୍ସରେ ନିଯୁକ୍ତି ଦୁର୍ନୀତି ଘଟଣା

ସୋନପୁର,୧୬।୩(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ମରାଡୁଗୋଛା ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ)ରେ ନିଯୁକ୍ତି ଦୁର୍ନୀତି ହୋଇଥିଲା। ସମ୍ପାଦକ, ପିଅନ ଓ ରାତ୍ର ଜଗୁଆଳି ଚଞ୍ଚକତା କରି ନିଜ ପୁଅ ଓ ଜ୍ୱାଇଁଙ୍କୁ ସେହି ପଦବୀରେ ନିଯୁକ୍ତି ଦେବାରେ ସଫଳ ହୋଇଥିଲେ। ଉପନିବନ୍ଧକ ସମବାୟ ସମିତି ସମୂହ ସୁବର୍ଣ୍ଣପୁର ବିଭାଜନ(ଡିଆରସିଏସ୍) ଡ. ସଞ୍ଜୟ କୁମାର ତ୍ରିପାଠୀ ଏଥିରେ ସହଯୋଗ କରିଥିଲେ। ଧରିତ୍ରୀରେ ଏହି ଦୁର୍ନୀତି ସମ୍ପର୍କରେ ଲଗାତାର ତଥ୍ୟଭିତ୍ତିକ ଖବର ପ୍ରକାଶ ପାଇବା ପରେ ସମବାୟ ବିଭାଗରେ ନିଯୁକ୍ତି କ୍ଷେତ୍ରରେ ପରିବାରବାଦକୁ ନେଇ ଚର୍ଚ୍ଚା ଜୋର ଧରିଥିଲା। ସୁବର୍ଣ୍ଣପୁର ଜିଲାପାଳ ଡ. ନୃପରାଜ ସାହୁ ଘଟଣାକୁ ନେଇ ଉପନିବନ୍ଧକ ସମବାୟ ସମିତି ସମୂହ ସୁବର୍ଣ୍ଣପୁର ବିଭାଜନ(ଡିଆରସିଏସ୍) ଡ. ସଞ୍ଜୟ କୁମାର ତ୍ରିପାଠୀଙ୍କୁ କୈଫିୟତ ତଲବ କରିବା ସହ ନିଯୁକ୍ତି ସମ୍ପର୍କିତ ଫାଇଲ ମାଗିଥିଲେ। ବେଆଇନ ନିଯୁକ୍ତିକୁ ନେଇ ଖୋଳତାଡ ପରେ ଆଗକୁ ଅଡୁଆ ବଢିବାର ସମ୍ଭାବନା ଥିବାରୁ ଥଇଥାନ ନିଯୁକ୍ତିକୁ ଡିଆରସିଏସ୍ ଡ. ତ୍ରିପାଠୀ ରଦ୍ଦ କରିଛନ୍ତି। ଫଳରେ ପୁଅ, ଜ୍ୱାଇଁଙ୍କ ବଦଳରେ ପୂର୍ବରୁ ବାପାମାନେ ଯେପରି ପାକ୍ସ କାମ କରୁଥିଲେ ସେଭଳି କରିବେ ବୋଲି ସ୍ପଷ୍ଟ ହୋଇଛି। ଏହି ନିର୍ଦ୍ଦେଶକୁ ଅଞ୍ଚଳର ଚାଷୀ ଓ ଗ୍ରାମବାସୀ ବିରୋଧ କରିଛନ୍ତି। ତେବେ ଡିଆରସିଏସ୍‌ଙ୍କ ଏଭଳି ନିର୍ଦ୍ଦେଶ ଗୋଇଠା ମାରି ପରେ ବିଷ୍ଣୁ କହିବା ସହ ସମାନ ବୋଲି ସମବାୟବିତ୍ ତଥା ଭାଜପା ନେତା ସାନନ୍ଦ ମେହେର କହିଛନ୍ତି।




ମରାଡୁଗୋଛା ପାକ୍ସ କାର୍ଯ୍ୟାଳୟ।

ମରାଡୁଗୋଛା ପାକ୍ସ ସମ୍ପାଦକ ତଥା ସିଇଓ ନବୀନ ଦାଶ, ରାତ୍ର ଜଗୁଆଳି ମକୁନ୍ଦ ନାଏକ ଓ ପିଅନ ମନୋଜ ଦାସ ନିଜ ପୁଅଙ୍କୁ ନିଯୁକ୍ତି ପ୍ରଦାନ କରିବାକୁ ଉଦ୍ୟମ କରିଥିଲେ। ଏଥିପାଇଁ ଉପରିସ୍ଥ ଅଧିକାରୀଙ୍କ ସହ ଯୋଗାଯୋଗ ପରେ ଯୋଜନା ଅନୁଯାୟୀ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ନବୀନ, ମକୁନ୍ଦ ଓ ମନୋଜ ସ୍ୱେଚ୍ଛାକୃତ ଅବସର(ଭିଆର୍‌ଏସ୍) ପାଇଁ ଆବେଦନ କରିଥିଲେ। ପାକ୍ସ ପରିଚାଳନା ପରିଷଦରେ ଏହି ପ୍ରସ୍ତାବ ଗୃହୀତ ହୋଇଥିଲା। ଉକ୍ତ ପ୍ରସ୍ତାବକୁ ପର୍ଯ୍ୟାଲୋଚନା ନକରି, ସରକାରଙ୍କ ନିୟମକୁ ଅଣଦେଖା କରି ଡିଆରସିଏସ୍ ନିଯୁକ୍ତି ପ୍ରସ୍ତାବକୁ ପ୍ରଶାସନିକ ଅନୁମୋଦନ ପ୍ରଦାନ କରିଥିଲେ। ଗତ ଫେବୃଆରୀ ୧୯ ରେ ପାକ୍ସ ସମ୍ପାଦକ, ଜଗୁଆଳି ଓ ପିଅନ ଭିଆର୍‌ଏସ୍ ନେଇଥିଲା ବେଳେ ସେହି ଦିନ ହିଁ ସେମାନଙ୍କ ପରିବାର ର ୪ଜଣ ନିଯୁକ୍ତି ପାଇଥିଲେ। ପାକ୍ସ ସମ୍ପାଦକ ନବୀନଙ୍କ ପୁଅ ଅମ୍ବରୀଶଙ୍କୁ ଉକ୍ତ ପାକ୍ସର ଭାରପ୍ରାପ୍ତ ସିଇଓ ତଥା ସମ୍ପାଦକ ଓ ଜ୍ୱାଇଁ ତଥା ବରଗଡ ଜିଲା ବରପାଲି ବ୍ଲକ ରେମେଡ ଗାଁର ଅନିଲ କୁମାର ଦାସଙ୍କୁ ସହସମ୍ପାଦକଭାବେ ନିଯୁକ୍ତି ଦିଆଯାଇଥିଲା। ସେହିପରି ପାକ୍ସର ରାତ୍ର ଜଗୁଆଳି ଥିବା ମକୁନ୍ଦ ନାଏକଙ୍କ ପୁଅ ଅମିତଙ୍କୁ ରାତ୍ର ଜଗୁଆଳି ଓ ପିଅନ ମନୋଜ ଦାସଙ୍କ ପୁଅ ଆଜାଦ୍ ପିଅନ ଭାବେ ନିଯୁକ୍ତି ପାଇଥିଲେ। ପାକ୍ସ ସମ୍ପାଦକଙ୍କ ନିକଟ ସମ୍ପର୍କୀୟଙ୍କୁ ସମ୍ପୃକ୍ତ ପାକ୍ସରେ ନିଯୁକ୍ତି ନ ଦେବା ସରକାରଙ୍କ ସ୍ପଷ୍ଟ ନିର୍ଦ୍ଦେଶ ରହିଛି। ମାତ୍ର ସରକାରଙ୍କ ନିୟମକୁ ଉଲ୍ଲଂଘନ କରି, ନିଯୁକ୍ତି ପାଇଁ କମିଟି ଗଠନ ନ ହୋଇ, ଲୁଚାଛପାରେ ଉତ୍ତରାଧିକାର ସୂତ୍ରରେ ନିଜ ପୁଅ ଓ ଜ୍ୱାଇଁଙ୍କୁ ନିଯୁକ୍ତି ଦିଆଯାଇଥିଲା। ସମ୍ପାଦକଙ୍କ ଜ୍ୱାଇଁ ଅନିଲଙ୍କ ଘର ପାକ୍ସ କାର୍ଯ୍ୟକାରୀ ସୀମା ବାହାରେ ବରଗଡ ଜିଲାରେ। ମାତ୍ର ସମ୍ପାଦକ ନବୀନ ନିଜ କ୍ଷମତାର ଅପବ୍ୟବହାର କରି ତାଙ୍କୁ ସହସମ୍ପାଦକ ଭାବେ ନିଯୁକ୍ତି ଦେବାରେ ସକ୍ଷମ ହୋଇଥିଲେ। ଜିଲାପାଳ ଡ. ସାହୁ ତଦନ୍ତ ପାଇଁ ପାକ୍ସ କାର୍ଯ୍ୟାଳୟ ଯାଇଥିବା ସମୟରେ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଭିଆରଏସ୍ ନେଇଥିବା ନବୀନ ଓ ଅନ୍ୟ କର୍ମଚାରୀମାନେ କାର୍ଯ୍ୟାଳୟରେ ଉପସ୍ଥିତ ରହି ସବୁ କାମ କରୁଥିବା ଦେଖିଥିଲେ। ନିଯୁକ୍ତି ପାଇଥିବା ପୁଅ କି ଜ୍ୱାଇଁ କେହି କାର୍ଯ୍ୟାଳୟରେ ନଥିଲେ। ଏଭଳି ଦୁର୍ନୀତିର ପ୍ରମାଣ ମିଳିବା ପରେ ଡିଆରସିଏସ୍‌ଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳ ଡ. ସାହୁ ରାଜ୍ୟ ସରକାରଙ୍କୁ ସୁପାରିସ କରିଛନ୍ତି। ଅନ୍ୟପକ୍ଷେ ଜିଲାପାଳଙ୍କ କୈଫିୟତ ତଲବ ଓ ପରିଚାଳନା ପରିଷଦ ଦ୍ୱାରା ଗୃହୀତ ପ୍ରସ୍ତାବରେ ତ୍ରୁଟି ଥିବା ଜାଣିବା ପରେ ପ୍ରଶାସନିକ ଅନୁମୋଦନକୁ ରଦ୍ଦ କରିଥିବା ଡିଆରସିଏସ୍ ଡ. ତ୍ରିପାଠୀ ସଫେଇ ଦେଇଛନ୍ତି।

### ଚାଲାଣ ବେଳେ ଟ୍ରାକ୍ଟର ସହ ଶାଳକାଠ ଜବତ

ଅମରପାଲି,୧୬।୩(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ରେଞ୍ଜ କେନଝିରିଆପାଲି ପଞ୍ଚାୟତର ବାଘରତୈଲା ଗ୍ରାମ୍ୟ ଜଙ୍ଗଲରୁ ଶାଳ ଗଛକାଟି ଚାଲାଣ ବେଳେ ବନ ବିଭାଗ ଏକ ଟ୍ରାକ୍ଟରକୁ ଜବତ କରିଛି। ରବିବାର ବିଳମ୍ବିତ ରାତିରେ ବୀରମହାରାଜପୁର ଏସିଏଫ ତଥା ଅତିରିକ୍ତ ରେଞ୍ଜ ଦାୟିତ୍ୱରେ ଥିବା ଅବିନାଶ ବରିହାଙ୍କ ନେତୃତ୍ୱରେ ହାତିଲିମୁଣ୍ଡା ବନପାଳ ଶଙ୍କର ବାଘ, ବନରକ୍ଷୀ ରାମେଶ୍ୱର ମୁର୍ମୁ, ଶିବଶମ୍ଭୁ ସା, ସେରଗେଡ଼ା ବିଟ୍‌ର ବନରକ୍ଷୀ ସଂଗ୍ରାମ କେଶରୀ ପାଣିଗ୍ରାହୀ ଓ ଅନ୍ୟ ବନ କର୍ମଚାରୀ ଓ ଠେଙ୍ଗୋ ଡ୍ୟାମ ପୋଲିସ ବାଘରତୈଲା ଗ୍ରାମ୍ୟ ଜଙ୍ଗଲରେ ଚଢ଼ାଉ କରିଥିଲେ। ଓଡି ୩୧ ଜି ୪୮୨୫ନମ୍ବର ବିଶିଷ୍ଟ ଏକ ଟ୍ରାକ୍ଟରରେ ଶାଳଗଛ ବୋଝେଇ ହୋଇଥିବା ଦେଖିଥିଲେ। ଟ୍ରାକ୍ଟରକୁ ଜବତ କରି ସୁବଳୟାସ୍ଥିତ ବୀରମହାରାଜପୁର ରେଞ୍ଜ କାର୍ଯ୍ୟାଳୟକୁ ଏହାକୁ ଅଣାଯାଇଛି। ଏନେଇ ବୀରମହାରାଜପୁର ରେଞ୍ଜରେ ଏକ ମାମଲା ରୁଜୁ ହୋଇଛି। ଗାଡ଼ି ଚାଳକ ଫେରାର ହୋଇଯାଇଛନ୍ତି। ଗାଡିଟି କାହାର ଜଣା ପଡ଼ି ନାହିଁ। ଏନେଇ ଅଧିକ ତଦନ୍ତ ଚାଲିଥିବା ଏସିଏଫ ବରିହା କହିଛନ୍ତି।

# ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

## ୮୧ ଅଭିଯୋଗରୁ ୩୭ ସାମୂହିକ

ସୋନପୁର,୧୬।୩(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକସ୍ତରୀୟ ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର କୋଟସମଲାଇ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ ଓ ଏସପି ନାରାୟଣ ନାୟକ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଶିବିରରେ ୮୧ଟି ପଞ୍ଜୀକୃତ ଅଭିଯୋଗ ଗ୍ରହଣ କରିବା ସହ ଜନସାଧାରଣଙ୍କ ଆପତ୍ତି ଓ ଅଭିଯୋଗ ଶୁଣିଥିଲେ। ସେଥିମଧ୍ୟରୁ ୪୪ଟି ଅଭିଯୋଗ ବ୍ୟକ୍ତିଗତ ଓ ୩୭ଟି ସାମୂହିକ ଥିଲା। ଗୋଟିଏ ଦରଖାସ୍ତ ଆର୍ଥିକ ସହାୟତା ପାଇଁ ଉଦ୍ଦିଷ୍ଟ ଥିଲା। ଅଭିଯୋଗଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଉଲୁଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲୀପ କୁମାର ବାରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦ ନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର, ବୀରମହାରାଜପୁର ଉପଜିଲାପାଳ ସୁରେନ୍ଦ୍ର କୁମାର ମେହେର, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ସାହୁଙ୍କ ସମେତ ଉଲୁଣ୍ଡା ଅତିରିକ୍ତ ତହସିଲଦାର ନିରଞ୍ଜନ କୁମାର ଧଳ, କୋଟସମଲାଇ ଗ୍ରାମ ପଞ୍ଚାୟତ ସରପଞ୍ଚ ବେଦମତି ମେଣ୍ଡଲି, ପଞ୍ଚାୟତ ନିର୍ବାହୀ ଅଧିକାରୀ ଶ୍ରବଣ କମ୍ପ ତଥା ବିଭିନ୍ନ ଜିଲାସ୍ତରୀୟ, ତହସିଲ, ବ୍ଲକସ୍ତରୀୟ ଅଧିକାରୀଙ୍କ ସମେତ ଜିଲା ପଞ୍ଚାୟତ ଅଧିକାରୀ ତଥା ଡିଆଇପିଆରଓ ଅର୍ଜୁନ ମାଝୀ ଯୋଗଦାନ କରିଥିଲେ।




ଅତିରିକ୍ତ ଜିଲାପାଳ ଓ ଏସ୍‌ପି ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

### ଅଭିଯୁକ୍ତଙ୍କୁ ୭ ବର୍ଷ ସଶ୍ରମ କାରାଦଣ୍ଡ

#### ଦମ୍ପତିଙ୍କୁ ମରଣାନ୍ତକ ଆକ୍ରମଣ ମାମଲା

ସୋନପୁର,୧୬।୩ (ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ରାମପୁରର ଏକ ଦମ୍ପତିଙ୍କୁ ମରଣାନ୍ତକ ଆକ୍ରମଣ ମାମଲାର ଶୁଣାଣି କରି ସୋମବାର ସୁବର୍ଣ୍ଣପୁର ଜିଲା ସେସନ୍ସ ଜଜ ଧନୁର୍ଦ୍ଧର ସେନାପତି ଅଭିଯୁକ୍ତ ଅବିନାଶ ଭୁଏ(୨୨)ଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ତାଙ୍କୁ ୭ବର୍ଷ ସଶ୍ରମ କାରାଦଣ୍ଡ ସହ ୫ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରାଯାଇଛି। ଜରିମାନା ଅନାଦେୟ ଅଧିକ ୩ମାସ କାରାଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି। ରାମପୁର ଥାନା ରାମପୁରର ଟିକୁନ ବରିହା(୩୫)ଙ୍କ ସହିତ ଅଭିଯୁକ୍ତ ଅବିନାଶଙ୍କ ଜମିଜମା ବିବାଦ ଥିଲା। ୨୦୨୩ ଜୁଲାଇ ୧୯ତାରିଖ ସନ୍ଧ୍ୟାରେ ଟିକୁନ ସ୍ତ୍ରୀ ପ୍ରତିମାଙ୍କ ସହିତ ଗାଁ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ଅବିନାଶ ସେଠାରେ ପହଞ୍ଚି ତାଙ୍କୁ ଗାଳି ଗୁଲଜ କରିବା ସହ ଧମକ ଦେଇଥିଲେ। ପ୍ରତିମା ଏହାର ପ୍ରତିବାଦ କରିବାରୁ ଅବିନାଶ ତାଙ୍କୁ ମଧ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ପରେ ଗାଧୁଆ ତୁଠରେ ଅବିନାଶ ଟିକୁନଙ୍କୁ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ଟିକୁନଙ୍କ ବେକରେ ଟାଙ୍ଗିଆ ଚୋଟ ଲାଗିବା ସହ ବାମ କାନ୍ଧରେ ଆଘାତ ହୋଇଥିଲା। ଡାକ୍ତରଖାନାରେ ଚିକିତ୍ସିତ ହୋଇ ସୁସ୍ଥ ହେବା ପରେ ଟିକୁନ ରାମପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନାରେ ଏକ ହତ୍ୟା ଉଦ୍ୟମ ମାମଲା (ନଂ.୮୨/୨୦୨୩) ରୁଜୁ ହୋଇଥିଲା। ତଦନ୍ତକାରୀ ଅଧିକାରୀ ଅବିନାଶ ପ୍ରଧାନ ମାମଲାର ତଦନ୍ତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ ପରି କୋର୍ଟଚାଲାଣ କରିଥିଲେ। ମାମଲା କୋର୍ଟରେ ବିଚାରାଧୀନ ଥିଲା। ଏହି ମାମଲାରେ ଅଭିଯୋଗକାରୀଙ୍କ ବୟାନ ସହ ୭ଜଣ ସାକ୍ଷୀ ଓ ୩ଗୋଟି ଦଲିଲ ଦସ୍ତାବିଜକୁ ଆଧାର କରି ବିଚାରପତି ରାୟ ପ୍ରଦାନ କରିଛନ୍ତି। ସରକାରଙ୍କ ପକ୍ଷରୁ ଡେପୁଟି ଡାଇରେକ୍ଟର ପ୍ରୋସିକ୍ୟୁସନ ମଧୁମିତା ଅମାତ୍ୟ ଏହି ମାମଲା ପରିଚାଳନା କରୁଥିଲେ।

# ନିଶାମୁକ୍ତ ଅଭିଯାନ କର୍ମଶାଳା




ଅତିଥିଙ୍କଠାରୁ ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କାର କରାଯାଉଛି।

ବିନିକା, ୧୬।୩ ( ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ସିଦ୍ଧାର୍ଥ ସ୍ନାତକ ମହାବିଦ୍ୟାଳୟଠାରେ ଅଧକ୍ଷ ଡ଼. ଧୀରେନ୍ଦ୍ର କୁମାର ନାୟକଙ୍କ ଅଧକ୍ଷତାରେ ଏକଦିବସୀୟ ନିଶାମୁକ୍ତ ଅଭିଯାନ କର୍ମଶାଳା ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲା ପ୍ରଶାସନ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରୋଜେକ୍ଟ କୋଅର୍ଡିନେଟର ବିନୋଦ ବେହେରା, କାଉନସିଲର ଶମ୍ଭୁରାଜ କର୍ଣ୍ଣ, ଅଧ୍ୟାପକ ବାଣୀପ୍ରସାଦ ବିଶ୍ୱାଳ, ହରିଶ୍ଚନ୍ଦ୍ର ହୋତା ଯୋଗଦେଇ ନିଶା ନିବାରଣ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ନିଶାଠାରୁ ଦୂରେଇ ରହି ସୁନ୍ଦର ଭବିଷ୍ୟତ ଗଠନ କରିବା ପାଇଁ ପ୍ରତେକ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଏକ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ଏଥିରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ଭଗବାନ ସାହୁ, ସଭା ସଂଯୋଜନା କରିଥିବା ବେଳେ ଅଧ୍ୟାପିକା ପ୍ରମିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପିକ ଓ କର୍ମଚାରୀ ସହଯୋଗ କରିଥିଲେ।

# ବୌଦ୍ଧରେ ଗଣବ୍ରତ



ବ୍ରତୋପନୟନ ହୋଇଥିବା ବ୍ରାହ୍ମଣ ବ୍ରହ୍ମଚାରୀ।

ବୌଦ୍ଧ,୧୬।୩(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ବ୍ରାହ୍ମଣ ସଙ୍ଗଠନ ଶ୍ରୀ ଲକ୍ଷ୍ମୀ ବାସୁଦେବ ବୈଦିକ ଅନୁଷ୍ଠାନ ପକ୍ଷରୁ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ସୋମବାର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଗଣବ୍ରତ ଆୟୋଜିତ ହୋଇଥିଲା। ଜିଲାର ବିଭିନ୍ନ ଅଞ୍ଚଳରୁ ୪ଜଣ ବ୍ରାହ୍ମଣ ବ୍ରହ୍ମଚାରୀଙ୍କ ବ୍ରତୋପନୟନ କରାଯାଇଥିଲା। ପଣ୍ଡିତ ସଙ୍ଗଠନ ସଭାପତି ରଣଜିତ ହୋତା ଓ ସମ୍ପାଦକ ଶଶାଙ୍କ ଶେଖର ମିଶ୍ରଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। କାଳେଶ୍ୱର ଗ୍ରାମର ରାଜେଶ ପୁରୋହିତ, ପଦ୍ମନପୁରର ପ୍ରିତିଶ ରଞ୍ଜନ ହୋତା, ବ୍ରାହ୍ମଣ ଗାଁର ଦିଲ୍ଲୀପ ଯୋଶୀ, ବୁଟୁପାଲିର ରୋହନ ପାଢ଼ୀ ବୈଦିକ ନୀତରେ ଯଜ୍ଞୋପବିତ ଧାରଣ କରିଥିଲେ। କାର୍ଯ୍ୟକ୍ରମରେ ପଣ୍ଡିତ ସଞ୍ଜୀବ କୁମାର ପଣ୍ଡା, ହରିବନ୍ଧୁ ଶତପଥୀ, ମାନସ କୁମାର ମିଶ୍ର, ନୃସିଂହ ଚରଣ ହୋତା, ସରୋଜ କୁମାର ଦାଶ ପ୍ରମୁଖ ସହଯୋଗ କରିଥିଲେ। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦାନ କରି ନବଦୀକ୍ଷିତ ବ୍ରହ୍ମଚାରୀମାନଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ।

# କ୍ରିକେଟ ଟୁର୍ନାମେଣ୍ଟ: କେନଝିରିଆପାଲି ଚାମ୍ପିୟନ



ଚାମ୍ପିୟନ କେନଝିରିଆପାଲି ଦଳର ଖେଳାଳିମାନେ ।

ବୀରମହାରାଜପୁର, ୧୬।୩ (ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ମୁର୍ଷୁଣ୍ଡୀ ପଞ୍ଚାୟତ ଅନ୍ତର୍ଗତ ମାଣିକପୁର ଗ୍ରାମର ଖେଳପଡିଆରେ ଦୁଇଦିନ ଧରି ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ । ସେଥିମଧ୍ୟରୁ ବାରଝୁଲା ଓ କେନରିଆପାଲି ଫାଇନାଲରେ ପ୍ରବେଶ କରିଥିଲେ । ଫାଇନାଲ ମ୍ୟାଚଟି ଦୁଇଟି ଫର୍ମାଟରେ ହୋଇଥିଲା । ଏଥିରେ କେନରିଆପାଲି ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା । ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ମାଣିକେଶ୍ୱରୀ ମିନେରାଲର ମ୍ୟାନେଜର ଯତୀନ ମହାନନ୍ଦ, ସମ୍ମାନିତ ଅତିଥି ସମାଜସେବୀ ରଶ୍ମିକାନ୍ତ ବାଦୀ ଉପସ୍ଥିତ ରହି ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହ ଅର୍ଥରାଶି ପ୍ରଦାନ କରିଥିଲେ । ଏହି ମ୍ୟାଚକୁ ସୁଶାନ୍ତ ଲୁହା ଓ ଶକ୍ତି ନନ୍ଦ ପରିଚାଳନା କରିଥିଲେ । ଏହି ଟୁର୍ନାମେଣ୍ଟକୁ ଆମ୍ବେଦକର କ୍ଲବ ସଦସ୍ୟମାନେ ସହଯୋଗ କରିଥିଲେ। ମ୍ୟାଚକୁ ଶନିବାର ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ ଜିଲା ପରିଷଦ ସଦସ୍ୟ ଲବ କୁମାର ସାହୁ ।

# ନବୋଦୟ ବିଦ୍ୟାଳୟରେ ଯୁବ ସଂସଦ କାର୍ଯ୍ୟକ୍ରମ

ବଘିଆପଡା,୧୬।୩(ଶ୍ରୀକାନ୍ତ ସାହୁ)

ବୌଦ୍ଧ ଜିଲା ପାଲଝରରେ ଥିବା ପିଏମଶ୍ରୀ ଜବାହର ନବୋଦୟ ବିଦ୍ୟାଳୟରେ ରବିବାର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଗଣତାନ୍ତ୍ରିକ ମୂଲ୍ୟବୋଧ, ସଂସଦୀୟ ପ୍ରକ୍ରିୟା ଓ ଦାୟିତ୍ୱଶୀଳ ନାଗରିକତା ସମ୍ପର୍କରେ ସଚେତନତା ବିକାଶ କରିବା ଉଦ୍ଦେଶ୍ୟରେ ଯୁବ ସଂସଦ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବୌଦ୍ଧ ଅତିରିକ୍ତ ତହସିଲଦାର କୁମୁଦ ଚନ୍ଦ୍ର ଦଳବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ଯୁବ ସଂସଦ ଭଳି କାର୍ଯ୍ୟକ୍ରମ ଛାତ୍ରୀଛାତ୍ରଙ୍କୁ ଗଣତନ୍ତ୍ରର ମୂଳ ଆଦର୍ଶ ଓ ସଂସଦୀୟ ପଦ୍ଧତି ସମ୍ପର୍କରେ ପ୍ରାୟୋଗିକ ଅନୁଭବ ଦେଇଥାଏ। ଏହା ଯୁବପିଢ଼ିକୁ ଦାୟିତ୍ୱଶୀଳ ଓ ସଚେତନ ନାଗରିକ ଭାବେ ଗଢ଼ି ତୋଳିବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନେଇପାରିବ ବୋଲି ସେ କହିଥିଲେ। ସହାୟକ ବ୍ଲକ୍ ଶିକ୍ଷାଧିକାରୀ କମଳାକାନ୍ତ ଦଳବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏପରି କାର୍ଯ୍ୟକ୍ରମ ଶିକ୍ଷା ସହିତ ନେତୃତ୍ୱଗୁଣ, ତର୍କଶକ୍ତି ଓ ସମ୍ମିଳିତ ଚିନ୍ତନଧାରାକୁ ଉନ୍ନତ କରେ ବୋଲି ମତ ଦେଇଥିଲେ। ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ବ୍ରହ୍ମଦେଓ ପ୍ରସାଦ ଯୁବ ସଂସଦ କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରୀଛାତ୍ରମାନେ ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥାକୁ ନିକଟରୁ ବୁଝିବାର ସୁଯୋଗ ପାଆନ୍ତି ଏବଂ ଏହା ତାଙ୍କର ନେତୃତ୍ୱ ଓ ଯୋଗାଯୋଗ କୌଶଳକୁ ବିକାଶ କରେ ବୋଲି କହିଥିଲେ। ସାମାଜିକ ବିଜ୍ଞାନ ଶିକ୍ଷକ ଅରୁଣ ମହାନ୍ତଙ୍କ ନିର୍ଦ୍ଦେଶନାରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବାଚସ୍ପତି, ପ୍ରଧାନମନ୍ତ୍ରୀ, ମନ୍ତ୍ରୀମଣ୍ଡଳ ଏବଂ ସଂସଦ ସଦସ୍ୟଙ୍କ ଭୂମିକାରେ ଅଭିନୟ କରି ସଂସଦର କାର୍ଯ୍ୟପ୍ରଣାଳୀକୁ ଜୀବନ୍ତ ଭାବେ ପ୍ରଦର୍ଶନ କରିଥିଲେ। ପ୍ରଶ୍ନୋତ୍ତର ପର୍ଯ୍ୟାୟ, ଶୂନ୍ୟକାଳ, ବିଲ୍ ପ୍ରସ୍ତୁତି ଏବଂ ଆଲୋଚନା ମାଧ୍ୟମରେ ସଂସଦୀୟ ପ୍ରକ୍ରିୟାର ଏକ ସ୍ପଷ୍ଟ ଚିତ୍ର ପ୍ରସ୍ତୁତ ହୋଇଥିଲା। ସାମାଜିକ ବିଜ୍ଞାନ ଶିକ୍ଷକ ଅରୁଣ ମହାନ୍ତ ମଞ୍ଚ ପରିଚାଳନା କରିଥିଲେ।




ଯୁବ ସଂସଦ କାର୍ଯ୍ୟକ୍ରମରେ ଭାଗ ନେଇଥିବା ଛାତ୍ରୀଛାତ୍ର।



# ଭଡ଼ାଘରୁ ମିଳିଲା ଯୁବତୀଙ୍କ ଝୁଲନ୍ତା ମୃତଦେହ

ଭବାନୀପାଟଣା, ୧୬।୩(ଉତ୍ତମ କୁମାର ଦାଶ): କଳାହାଣ୍ଡି ଜିଲା ଭବାନୀପାଟଣା ସହର ଇରିଗେଶନ କଲୋନୀ ୭ନଂ. ଲେନର ଏକ ଭଡାଘରୁ ସୋମବାର ସନ୍ଧ୍ୟାରେ ଜଣେ ଯୁବତୀଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ସେ ହେଲେ ଏମ୍ ରାମପୁର ଥାନା ବେଲଗାଁର ଖୁସବୁ ସାହୁ (୨୫)। ଖବର ପାଇ ଘଟଣାସ୍ଥଳରେ ଟାଉନ ଥାନା ପୋଲିସ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ଯୁବତୀ ଜଣକ ପିଜି ଶେଷ କରିବା ପରେ ଏହି ଭଡ଼ାଘରେ ରହି ସ୍ଥାନୀୟ ଏକ ବ୍ୟାଙ୍କରେ କାମ କରୁଥିଲେ। ତେବେ ସେ କେଉଁଥିପାଇଁ ଆତ୍ମହତ୍ୟା କଲେ ନାଁ ଆଉ କିଛି ରହସ୍ୟ ଅଛି ତାହା ତଦନ୍ତ ପରେ ଜଣାପଡିବ ବୋଲି ପୋଲିସଠାରୁ ଜଣାପଡିଛି। ଅନ୍ୟପକ୍ଷରେ ପରିବାର ଲୋକେ ଯୁବତୀଙ୍କ ଆତ୍ମହତ୍ୟାକୁ ସହଜରେ ଗ୍ରହଣ ନ କରି ଏହା ହତ୍ୟା ବୋଲି ସନ୍ଦେହ କରିଛନ୍ତି।

# ବ୍ୟବସାୟିକ ଏଲ୍‌ପିଜି ସଂକଟର ସମାଧାନ ଦାବି

## କଳାହାଣ୍ଡି ବଣିକ ସଂଘ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର

ଭବାନୀପାଟଣା, ୧୬।୩(ଉତ୍ତମ କୁମାର ଦାଶ)


କଳାହାଣ୍ଡି ବଣିକ ସଂଘ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ମଧ୍ୟପ୍ରାଚ୍ୟରେ ଯୁଦ୍ଧ ପରିସ୍ଥିତି ଯୋଗୁ ବିଭିନ୍ନ ସ୍ଥାନରେ ବ୍ୟବସାୟିକ ଓ ଘରୋଇ ଏଲ୍‌ପିଜି ଗ୍ୟାସ୍ ସଂକଟ ଦେଖାଦେଇଛି। ରେଷ୍ଟୁରାଣ୍ଟ, ଖାଦ୍ୟ ବିକ୍ରେତା ଏଥିରେ ସର୍ବାଧିକ ପ୍ରଭାବିତ ହେଉଛନ୍ତି। ଆଗକୁ ମିଳିବ କି ନାହିଁ ଆଶଙ୍କା କରି ଲୋକେ କଳାବଜାରରେ ଗ୍ୟାସ୍ କିଣୁଛନ୍ତି। ଏହାରି ଭିତରେ କଳାହାଣ୍ଡି ଜିଲାରେ ଗ୍ୟାସ୍ ସିଲିଣ୍ଡର ଅଭାବ ଉତ୍କଟ ସ୍ଥିତିରେ ପହଞ୍ଚିଛି। ଭବାନୀପାଟଣାର ଅନେକ ରେଷ୍ଟୁରାଣ୍ଟ, ଫାଷ୍ଟଫୁଡ ଗ୍ୟାସ୍ ଅଭାବରୁ ବନ୍ଦ ହେବାକୁ ବସିଥିବାବେଳେ ଆଉ କିଛି ଗ୍ୟାସ୍ ପାଇଁ ସଂଘର୍ଷ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ସୋମବାର ସ୍ଥାନୀୟ ଭାଗୀରଥି ଇନ୍‌ଠାରେ କଳାହାଣ୍ଡି ବଣିକ ସଂଘ ପକ୍ଷରୁ ଭବାନୀପାଟଣାର ବିଭିନ୍ନ ହୋଟେଲ, ରେଷ୍ଟୁରାଣ୍ଟ, କାଫେ, ଫାଷ୍ଟଫୁଡ ତଥା ଫୁଡ ଷ୍ଟଲ ମାଲିକଙ୍କୁ ନେଇ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କମର୍ସିଆଲ ଗ୍ୟାସ୍ ଯୋଗାଣକୁ ନେଇ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ପରେ କଳାହାଣ୍ଡି ଜିଲାପାଳ ପାୱାର ସଚିନ ପ୍ରକାଶଙ୍କୁ ସଂଘ ପକ୍ଷରୁ ଏକ ପ୍ରତିନିଧି ଦଳ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ବିଭିନ୍ନ ରେଷ୍ଟୁରାଣ୍ଟ, ହୋଟେଲ, ଫାଷ୍ଟଫୁଡ, ଟିଫିନ ସେଣ୍ଟର ଆଦି ଖାଦ୍ୟ ଷ୍ଟଲକୁ ବ୍ୟବସାୟିକ ଏଲ୍‌ପିଜି ଗ୍ୟାସ୍ ଯୋଗାଣ, କୋଇଲା ଓ କାଠରେ ରନ୍ଧନ ପାଇଁ ଅନୁମତି, ଗ୍ୟାସ୍ ଏଜେନ୍ସିର କଳାବଜାରୀ ରୋକିବା, କୋଇଲା ଭାରକୁ ଫରେଷ୍ଟ ବିଭାଗ ପକ୍ଷରୁ କୋହଳ କରିବା ଏବଂ ଗ୍ୟାସ୍ ସଂକଟ ଦୂର ନ ହେବା ପର୍ଯ୍ୟନ୍ତ ଖାଦ୍ୟ ବ୍ୟବସାୟୀଙ୍କୁ ନିରୀକ୍ଷଣ ନାମରେ ହଇରାଣ ନ କରିବା ଆଦି ଉଲ୍ଲେଖ କରାଯାଇଛି। ଏହି ପ୍ରତିନିଧି ଦଳରେ କଳାହାଣ୍ଡି ବଣିକ ସଂଘ ସଭାପତି ବିଜୟ ସାହୁ, ସାଧାରଣ ସମ୍ପାଦକ ନିରୋଜ ପଟ୍ଟନାୟକ, ବିଶିଷ୍ଟ ବ୍ୟବସାୟୀ ପ୍ରମୋଦ ଖମାରୀ, ସହସମ୍ପାଦକ ସଚ୍ଚିଦାନନ୍ଦ ସାହୁ, ପ୍ରମୋଦ ଜୈନ, ଯୁବ ଉଦ୍ୟୋଗୀ ଅବିନାଶ ଠାକୁର, ମହମ୍ମଦ କରିମ, ଅବିନାଶ ଅଗ୍ରୱାଲ, ରାଜ ମିଶ୍ର, ସାଇ ଅଗସ୍ତି ପ୍ରମୁଖ ସାମିଲ ଥିଲେ। ଅନ୍ୟପକ୍ଷରେ ଏହି ସମାନ ଅଭିଯୋଗକୁ ନେଇ କଳାହାଣ୍ଡି ହୋଟେଲ ଏବଂ ରେଷ୍ଟୁରାଣ୍ଟ ଆସୋସିଏଶନ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲା ସଭାପତି ଅଂଶୁମାନ ଦାସ ଓ ସମ୍ପାଦକ ମହେଶ କୁମାର ଅଗ୍ରୱାଲଙ୍କ ନେତୃତ୍ୱରେ ଏହି ଦାବି ପତ୍ର ପ୍ରଦାନ କରାଯାଇଛି।

# ୧୨୩ କେନ୍ଦ୍ରରେ ୮୨୨ ନବସାକ୍ଷର ପରୀକ୍ଷାର୍ଥୀ


କେନ୍ଦ୍ରରେ ପରୀକ୍ଷା ଦେଉଛନ୍ତି ନବସାକ୍ଷର ପରୀକ୍ଷାର୍ଥୀ।

ଜୟପାଟଣା, ୧୬।୩(ଓମ୍‌ପ୍ରକାଶ ବୈଠାରୁ) ଗ୍ରାମାଞ୍ଚଳରେ ଥିବା ଅଣସାକ୍ଷରଙ୍କୁ ସାକ୍ଷର କରିବା ଲକ୍ଷ୍ୟ ନେଇ ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ କଳାହାଣ୍ଡି ଜିଲା ଜୟପାଟଣା ବ୍ଲକରେ ରବିବାର ୧୨୩ ପରୀକ୍ଷା କେନ୍ଦ୍ରରେ ସମୁଦାୟ ୮୨୨ ମହିଳା ଓ ପୁରୁଷ ନବସାକ୍ଷର ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ସ୍ଥାନୀୟ ଗୋଷ୍ଠୀ ଶିକ୍ଷା ଅଧିକାରୀ ମହେଶ କୁମାର ଭାଟିଙ୍କ ମାର୍ଗଦର୍ଶନ ତଥା ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ସୁରେନ୍ଦ୍ର ମୋହନ ଯୋଶୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପରୀକ୍ଷା ପରିଚାଳିତ ହୋଇଥିଲା। ଅଧିକାରୀମାନେ ବିଭିନ୍ନ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରି ପରୀକ୍ଷାର୍ଥୀମାନଙ୍କୁ ନବଭାରତ ସାକ୍ଷରତା କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରିଥିଲେ। କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତ ୧୨ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ନିଜ କ୍ଲଷ୍ଟରର ଦାୟିତ୍ୱ ବହନକରି ପରୀକ୍ଷା ସୁପରିଚାଳନା କରିଥିଲେ। ସମସ୍ତ ପରୀକ୍ଷା କେନ୍ଦ୍ର ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀ ଏଥିରେ ସହଯୋଗ କରିଥିଲେ।

# ପ୍ରସିଦ୍ଧ ରାମଲୀଳା ଯାତ୍ରା ପାଇଁ ଦେବ ନିମନ୍ତ୍ରଣ କଲେ ଗ୍ରାମବାସୀ

ବଡ଼ଗାଁ, ୧୬।୩(ଅଶୋକ ଷଡଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁର ମୁକ୍ତ ମଞ୍ଚରେ ଶତାଧିକ ବର୍ଷରୁ ହୋଇଆସୁଥିବା ରାତ୍ରିକାଳୀନ ପ୍ରସିଦ୍ଧ ରାମଲୀଳା ଯାତ୍ରା ଆସନ୍ତା ୨୭ ତାରିଖରୁ ଆରମ୍ଭ ହେବ। ସେଥିପାଇଁ ପରମ୍ପରା ଅନୁଯାୟୀ ସୋମବାର ପୂର୍ବାହ୍ନରେ ରାମଲୀଳା ଯାତ୍ରା ସଂସଦ ସଭାପତି ଦିଲୀପ ପୁରୋହିତ, ସମ୍ପାଦକ ଦିବ୍ୟଲୋଚନ ପୃଷେଟ, କୋଷାଧ୍ୟକ୍ଷ ଆଶୁତୋଷ ମହାପାତ୍ର, ଦିଲୀପ ପୃଷେଟ, ରାମ ସେବକ ସୁଧୀର ବିଶି, ବ୍ରହ୍ମାନନ୍ଦ ପାଣିଗ୍ରାହୀ, ଅଚ୍ୟୁତ ପାଣିଗ୍ରାହୀ, କୃଷ୍ଣ ବାରିକ, ପୀତବାସ ପଣ୍ଡା, ଲୁଲୁ ପାଣିଗ୍ରାହୀ, ଟୁନୁ ପାଣିଗ୍ରାହୀ, ପଙ୍କଜ ପଟେଲ, ମନୋରଞ୍ଜନ ପୃଷେଟ, ରାହୁଲ ସା'ଙ୍କ ସହିତ ପୂଜକ ଦିବ୍ୟାଲୋଚନ ମିଶ୍ର ଓ ଗ୍ରାମବାସୀ ଜଗନ୍ନାଥ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କଲାପରେ ଦେବ ନିମନ୍ତ୍ରଣ କରିଥିଲେ। ଏହାପରେ ପ୍ରଭୁ ହନୁମାନ ମନ୍ଦିର, ଗ୍ରାମଶ୍ରୀ ମନ୍ଦିର, ସମଲେଇ ମନ୍ଦିର, ବଡ଼ି ବିଶାଳ ଶିବ ମନ୍ଦିର, ମାଉସୀ ମା' ମନ୍ଦିର, ଜୟ ଶଙ୍କର ବ୍ରହ୍ମଚାରୀ ମନ୍ଦିର, ଗୌଡ଼ ପଡ଼ାରେ ଥିବା ଶିବ ମନ୍ଦିର, କାଳୀ ମନ୍ଦିର, ଥାନା ପରିସରରେ ଥିବା ସମଲେଇ ମନ୍ଦିର, ମହାବୀର ଛକ ପାର୍ଶ୍ୱ ବଜରଙ୍ଗବଲୀ ମନ୍ଦିର, ଭୋଇପାଲି ଗ୍ରାମସ୍ଥିତ ଜଂଘା ବଡଦେଓ ମନ୍ଦିର, ରାମ ମନ୍ଦିର ଯାଇ ଯାତ୍ରା ସଂସଦ କର୍ମକର୍ତ୍ତା ଓ ଗ୍ରାମବାସୀମାନେ ଦେବ ନିମନ୍ତ୍ରଣ କରିଛନ୍ତି। ଏଥିସହିତ ବଡ଼ଗାଁ ବ୍ଲକ କାର୍ଯ୍ୟାଳୟକୁ ଜନ ଶୁଣାଣି ପାଇଁ ଆସିଥିବା ଜିଲାପାଳ ଓ ପୋଲିସ ଆରକ୍ଷୀ ଅଧୀକ୍ଷକଙ୍କୁ ଯାତ୍ରା ସଂସଦ କର୍ମକର୍ତ୍ତାମାନେ ନିମନ୍ତ୍ରଣ ଦେଇ ଆସିବାକୁ ଅନୁରୋଧ କରିଥିଲେ। ଉଲ୍ଲେଖଯୋଗ୍ୟ, ବଡ଼ଗାଁରେ ପ୍ରାୟ ଦୁଇରୁ ଅଢେଇ ଶହ ବର୍ଷ ହେଲା ଗ୍ରାମର କଳାକାରଙ୍କ ଦ୍ୱାରା ମୁକ୍ତ ମଞ୍ଚରେ ରାତ୍ରିକାଳୀନ ରାମଲୀଳା ଯାତ୍ରା ହୋଇଆସୁଛି।


ଦେବ ନିମନ୍ତ୍ରଣ ପାଇଁ ଆସିଥିବା ଗ୍ରାମବାସୀ।


କାଳବୈଶାଖୀ ପ୍ରଭାବରେ ସୁନ୍ଦରଗଡ ଜିଲା କୁଆଁରମୁଣ୍ଡା ବ୍ଲକ ନିକଟରେ ଥିବା ଏକ ବିଶାଳ କୃଷ୍ଣଚୂଡ଼ା ଗଛ ବିଦ୍ୟୁତ୍ ତାର ଉପରେ ଉପୁଡ଼ି ପଡ଼ିଥିବା ବେଳେ ବିଦ୍ୟୁତ ବିଚ୍ଛିନ୍ନ ହୋଇଛି। କୁଆଁରମୁଣ୍ଡା ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଗଛ କାଟି ରାସ୍ତା ସଫା କରୁଛନ୍ତି। (ଫଟୋ: ମହେନ୍ଦ୍ର ସାହୁ)

# ଦିଲୀପ ରାୟଙ୍କ ବିଜୟ ଉତ୍ସବ ପାଳିଲେ କୁସୁମଙ୍କ ସମର୍ଥକ

ସୁନ୍ଦରଗଡ, ୧୬।୩(ଜୟ ନାରାୟଣ ମେଣ୍ଢୁଲି)

ରାଜ୍ୟସଭା ନିର୍ବାଚନରେ ଦିଲୀପ ରାୟଙ୍କ ବିଜୟ ପରେ ସୁନ୍ଦରଗଡରେ ବିଜୟ ଉତ୍ସବ ପାଳନ କରିଛନ୍ତି ପୂର୍ବତନ ବିଧାୟିକା କୁସୁମ ଟେଟେଙ୍କ ସମର୍ଥକ। ସୋମବାର ସନ୍ଧ୍ୟାରେ ସ୍ଥାନୀୟ ହସ୍ପିଟାଲ ଛକ(ଅଟଳ ଛକରେ)କୁସୁମଙ୍କ ସମର୍ଥକମାନେ ଏକତ୍ରିତ ହୋଇ ରଙ୍ଗ ଅବିର ଖେଳି, ବାଜା ବଜାଇ, ବାଣ ଫୁଟାଇ, ଲୋକଙ୍କୁ ମିଠା ବାଣ୍ଟି ଖୁସି ମନେଇ ଥିଲେ। ଏହି ବିଜୟ ଦିଲୀପଙ୍କ ନୁହଁ, ଏହା ଭାଜପା ତଥା ସୁନ୍ଦରଗଡର ବିଜୟ ବୋଲି ଭାଜପା ନେତା ଅଜୟ ପଟେଲ ଏହି ଅବସରରେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

# ମାଦ୍ରୀ କାଲୋଙ୍କ ନାମରେ ସୁନ୍ଦରଗଡ଼ ମେଡିକାଲ କଲେଜ ନାମିତ ପାଇଁ ଦାବି

## କେନ୍ଦ୍ର ସରକାରଙ୍କୁ ଚିଠି ଲେଖିଲେ ରାଜ୍ୟ ସଭା ସଦସ୍ୟ ନିରଞ୍ଜନ

ସୁନ୍ଦରଗଡ, ୧୬।୩(ଜୟ ନାରାୟଣ ମେଣ୍ଢୁଲି)

ଏନଟିପିସି ପକ୍ଷରୁ ସ୍ଥାପିତ ସୁନ୍ଦରଗଡ ସରକାରୀ ମେଡିକାଲ କଲେଜ ଏବଂ ହସ୍ପିଟାଲକୁ ଭିନ୍ନ ଭିନ୍ନ ବ୍ୟକ୍ତିଙ୍କ ନାମରେ ନାମିତ କରିବା ଦାବି ଏବେ ଜୋର୍ ଧରିଛି। ସୁନ୍ଦରଗଡ ତଥା ତତ୍କାଳୀନ ଗଡଜାତ ରାଜ୍ୟ ଗାଙ୍ଗପୁର ଗଡର ରାଜା ଭବାନୀ ଶଙ୍କରଙ୍କ ନାମରେ ନାମିତ ପାଇଁ ବିଜେଡି ପକ୍ଷରୁ ଦାବି କରାଯାଇଥିଲା ବେଳେ ଏବେ ଜିଲାର ସଂଗ୍ରାମୀ ବୀର ମାଦ୍ରୀ କାଲୋଙ୍କୁ ସ୍ୱାଧୀନତା ସଂଗ୍ରାମୀ ମାନ୍ୟତା ପ୍ରଦାନ ଏବଂ ସୁନ୍ଦରଗଡ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲକୁ ମାଦ୍ରୀ କାଲୋଙ୍କ ନାମରେ ନାମିତ କରିବାପାଇଁ ସର୍ବ ଭାରତୀୟ ଅଖଣ୍ଡ ଭୂୟାଁ ସମାଜ ଦାବି କରିଛି। ଦୀର୍ଘ ବର୍ଷ ଧରି ଏ ପ୍ରସଙ୍ଗରେ ଅଖଣ୍ଡ ଭୂୟାଁ ସମାଜ ଆନ୍ଦୋଳନ କରି ଆସୁଛି। ଏନେଇ ମୁଖ୍ୟମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ନେତା, ମନ୍ତ୍ରୀ, ଏମ୍‌ପିଙ୍କୁ ଦାବି ପତ୍ର ପ୍ରଦାନ କରିସାରିଲେଣି। ଏମ୍‌ପି ଜୁଏଲ ଓରାମ ମଧ୍ୟ ସରକାରଙ୍କୁ ମାଦ୍ରୀ କାଲୋ ନାମରେ ମେଡିକାଲ କଲେଜ ଓ ହସ୍ପିଟାଲକୁ ନାମିତ କରିବା ପାଇଁ ସୁପାରିଶ କରିଥିଲେ। ବର୍ତ୍ତମାନ ଏହି ପରିପ୍ରେକ୍ଷୀରେ ବଲାଙ୍ଗୀରର ଆଦିବାସୀ ନେତା ତଥା ରାଜ୍ୟସଭା ଏମ୍‌ପି ନିରଞ୍ଜନ ବିଶି ସ୍ୱାସ୍ଥ୍ୟ ମନ୍ତ୍ରୀ ଜଗତ ପ୍ରସାଦ ନଡ୍ଡାଙ୍କୁ ସୁନ୍ଦରଗଡ ମେଡିକାଲ କଲେଜ ଓ ହସ୍ପିଟାଲକୁ ମାଦ୍ରୀ କାଲୋଙ୍କ ନାମରେ ନାମିତ କରିବା ପାଇଁ ଚିଠି ଲେଖି ଦାବି କରିଛନ୍ତି।

ମାଦ୍ରୀ କାଲୋଙ୍କ ନାମରେ ମେଡିକାଲ କଲେଜ ଓ ହସ୍ପିଟାଲ ନାମିତ ପାଇଁ ଏମ୍‌ପି ବିଶି ଦାବି କରୁଥିବାରୁ ସର୍ବଭାରତୀୟ ଅଖଣ୍ଡ ଭୂୟାଁସମାଜ ପକ୍ଷରୁ କେନ୍ଦ୍ରୀୟ ସଭାପତି ମେଘନାଦ ନାଏକ, ଉପଦେଷ୍ଟା ରବିରତ୍ନ ପଟେଲ, କାର୍ଯ୍ୟକାରୀ ସଭାପତି ଦେବେନ୍ଦ୍ର ଅମାତ, ଜିଲା ସଭାପତି ଉଦିତ ଅମାତ, କେନ୍ଦ୍ରୀୟ ସମ୍ପାଦକ ରାମଚନ୍ଦ୍ର ଅମାତ, ଜିଲା କାର୍ଯ୍ୟକାରୀ ସଭାପତି ନିରଞ୍ଜନ ମାଝୀ, ଜିଲା ସାଧାରଣ ସମ୍ପାଦକ ଗଣେଶ୍ୱର ନାଏକ, ନାଗରା ସଭାପତି ରଘୁନାଥ ବେହେରା, ମଣ୍ଡଳ ସଭାପତି ପ୍ରତାପ ନାରାୟଣ ସିଂହ, ଯୁଗ୍ମ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଗୁରୁ, ଭବାନୀ ମାଝୀ, ପଦ୍ମ ଲୋଚନ ନାଏକ, ବଶିଷ୍ଠ ଭିତ୍ରିଆ, କୁଞ୍ଜ ବିହାରୀ ସାମନ୍ତ, ନବୀନ ସାମନ୍ତ, ବିକ୍ରମ ନାଏକ, ବିପିନ ନାଏକ ପ୍ରମୁଖ ଧନ୍ୟବାଦ ଜଣାଇଛନ୍ତି।

**Classified Everyday**
0674-2580101, 9692975378


REAL ESTATE

**SALE**

**2&3BHK Flats sale at Kalarahanga, Patia, Bhubaneswar. Close to school, college and hospital. Completed project. Near to possession. Contact: 7440045095, 7077771880.** D-101

**PlotsaleAIIMS Hospital, Bhubaneswar, Duplex near Retang Station. 9777433701.** D-24

ଭୁବନେଶ୍ୱର, ଫୁଲନଖରା ଛକ, ପାହାଳ, ଜଟଣୀ ଗେଟ୍, ଅରୁଗୁଳ IIT, ପିପିଲି, ରଙ୍ଗବଜାର, ପାତ୍ରପଡ଼ା ନିକଟରେ ଘରବାରୀ ପ୍ଲଟ୍/ Duplex ମିଳୁଛି। 8327785834. D-3649

**Plots/Apartment for sale, Bhubaneswar KIIT University Boundary, Road with Electricity available. 7978416795, 9937513595.** D-23

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1500sqft. ପ୍ଲଟ୍ 6,75,000/-ରେ ତୁରନ୍ତ ବିକ୍ରି ହେବ। 9776974912. D-22




All types of physiotherapy and massage contact 9556924059 / 7656969134. D-3591

**AFFIDAVIT**

By this affidavit before the Executive Magistrate, Barpali, Dt.16.12.25 I, Kalakati Bhue, W/o- Judhisthira Bhue, At- Retamunda, P.O.- Bhatigaon, P.S.- Barpali, Dist.- Bargarh (Odisha) declare that, I have changed my name from Koushlya Bhue to Kalakati Bhue. Henceforth, I shall be known as Kalakati Bhue for all purposes. D-3658

By virtue of an affidavit sworn before Executive Magistrate, Bhubaneswar affidavit No.- 07, dated 06.01.2026, I, Jagan Behera, age-21, S/o- Jitendra Behera, At/ P.O./P.S.- Baliapanda, Dist.- Puri, PIN- 752001 declare that I have changed my name from Happy Behera to Jagan Behera. Henceforth, I shall be known as Jagan Behera for all purposes.
Jagan Behera D-3656

By virtue of an affidavit sworn before Executive Magistrate, Darpan, Dhanmandal, dtd.- 03.01.2026, I, Kalyanimayee Behera, D/o.- Shyamsundar Behera, At- Rangidaspur, P.O.- Chhatia, P.S.- Byree, Dist.- Jajpur, Odisha, PIN- 754023 declare that I have changed my name from Kalyanmayi Behera to Kalyanimayee Behera. Henceforth, I shall be known as Kalyanimayee Behera for all purposes.
Kalyanimayee Behera D-3657

By virtue of an affidavit sworn before the Executive Magistrate, Bargarh, I, Sumit @ Sujit Bhue, S/o- Santosh Bhue, R.O./Vill- Jada, P.S.- Bhatli, Dist.- Bargarh do hereby declared that in my Aadhaar Card bearing No- xxxx xxxx 7562 my name is mentioned as Sumit Bhue but in my Bank A/C bearing No- 18930100020995 of Bank of Baroda, Bargarh Branch my name is wrongly mentioned as Sujit Bhue. Sujit Bhue and Sumit Bhue is the one and same person for all purposes. D-3655

I Mrs. Medias, W/o.- Joseph Madiath and D/o.- Russel James Goodman, resident of # 4, Green Meadow Homes, Kyalasanahalli Main Road, Kothaur, Bangalore North, Bangalore, Karnataka-560077 declare by affidavit No.37 dated- 16.03.2026 duly executed by the court of Executive Magistrate Bhubaneswar that now onwards I shall be known as **Anthya Madiath** for all future purposes. D-3660

**ନିରୁଦ୍ଦିଷ୍ଟ**



ନାମ: ଝୁମା ଦାସ (୩୬), ସ୍ୱାମୀ: ହେମନ୍ତ ଦାସ, ଖୋର୍ଦ୍ଧା, ଡୁମୁଡୁମା, ଗତ ୧୩।୦୩।୨୦୨୬ ୮.୫୫ ଘଟିକା ସମୟରେ ଘରୁ ବାହାରି ଚାଲିଯାଇଥିଲେ। ସେ ମାନସିକ ରୋଗୀ ଅଟନ୍ତି। ଯଦି କୌଣସି ସହୃଦୟ ବ୍ୟକ୍ତି ତାଙ୍କୁ ପାଆନ୍ତି ୨୦,୦୦୦ ଟଙ୍କା ପୁରସ୍କାର ଦିଆଯିବ। MOB: 7865957875, 9907573102, 8270109081. D-3659

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ସରକାରୀ ଅବହେଳାକୁ ଦାୟୀ କଲା ଏସ୍‌ୟୁସିଆଇ

## କଟକ ଏସ୍‌ସିବି ମେଡିକାଲ ଅଗ୍ନିକାଣ୍ଡ ଘଟଣା

ରାଉରକେଲା, ୧୬।୩(ସଙ୍ଗୀତା ଜେନା)

କଟକ ଏସ୍‌ସିବି ମେଡିକାଲ କଲେଜର ଟ୍ରମା କେୟାର ଆଇସିୟୁରେ ଘଟିଥିବା ଭୟାବହ ଅଗ୍ନିକାଣ୍ଡ ଘଟଣାରେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଛି। ଏ କ୍ଷେତ୍ରରେ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ସାଙ୍ଗକୁ କ୍ରମାଗତ ସରକାରୀ ଅବହେଳା, ପ୍ରାୟ ୬୦ ଭାଗ ପଦବୀ ଖାଲି ପଡିବା, ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଠିକା ଏବଂ ଆଉଟ୍ ସୋର୍ସିଂ ନିଯୁକ୍ତି ପାଇଁ ସରକାର ହିଁ ମୁଖ୍ୟତଃ ଦାୟୀ। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀମାନଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ ଦଣ୍ଡ ବିଧାନ କରିବା, ମୃତକଙ୍କ ପରିବାରକୁ ଏକ କୋଟି କ୍ଷତିପୂରଣ ଦେବା, ଆହତମାନଙ୍କୁ ଉପଯୁକ୍ତ ଚିକିତ୍ସା ସହ ୫୦ ଲକ୍ଷ କ୍ଷତିପୂରଣ ପ୍ରଦାନ କରିବାକୁ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ରାଜ୍ୟ ସମ୍ପାଦକ ଶଙ୍କର ଦାଶଗୁପ୍ତା ସୋମବାର ଏକ ପ୍ରେସ ବିବୃତିରେ ଦାବି ଜଣାଇଛନ୍ତି।

**ମନେ ପଡ଼ନ୍ତି**

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଧରଣୀଧର ବେହେରା**
ପାରାବିଲ୍, କନ୍ଦରପୁର, କଟକ
ଆବିର୍ଭାବ: ୦୩।୦୯।୧୯୩୬
ତିରୋଧାନ: ୦୭।୦୩।୨୦୨୬
ବାପା ଚାହୁଁ ଚାହୁଁ ଆଜିକୁ ୧୦ ଦିନ ବିତିଗଲାଣି, ତୁମର ଅନୁପସ୍ଥିତି ସମସ୍ତଙ୍କୁ ବହୁତ ବ୍ୟଥିତ କରୁଛି। ତୁମେ ଆଉ ସେ ଅଫେରା ରାଇଜରୁ ଫେରିବ କି ନାହିଁ, ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ
ହତଭାଗ୍ୟ ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ।
ଧ-୩୬୬୧

# ରାଜଗାଙ୍ଗପୁରରେ ଉଲ୍ଲାସ ପରୀକ୍ଷା

ରାଜଗାଙ୍ଗପୁର, ୧୬।୩(ଅଶୋକ ପାଣି)

ସରକାରଙ୍କ ସାକ୍ଷରତା କାର୍ଯ୍ୟକ୍ରମ "ଉଲ୍ଲାସ" ୨ୟ ମୂଲ୍ୟାଙ୍କନ ପରୀକ୍ଷା ରାଜଗାଙ୍ଗପୁର ବ୍ଲକର ବିଭିନ୍ନ କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ରାଜଗାଙ୍ଗପୁର ବ୍ଲକରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ସରିତା ସରୋନିଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କେନ୍ଦ୍ରରେ ପରୀକ୍ଷା ସମ୍ପୂର୍ଣ୍ଣ ହୋଇଛି। ସାକ୍ଷରତା ଅଭିଯାନର ବ୍ଲକ ନୋଡାଲ ଅଫିସର ସନ୍ଧ୍ୟାରାଣୀ ମହାପାତ୍ର ତଥା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପଦ୍ମଜା ପଣ୍ଡା ପରୀକ୍ଷା କେନ୍ଦ୍ର ଗୁଡିକୁ ଯାଇ ପରିଦର୍ଶନ କରିଥିଲେ। ରାଜଗାଙ୍ଗପୁର ବ୍ଲକରେ ସମୁଦାୟ ୨୧୨୧ ଜଣ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ପୁରୁଷ ୫୬୩ ଜଣ ଓ ମହିଳା ୧୫୫୮ ଜଣ। ତନ୍ମଧ୍ୟରୁ ଭିନ୍ନକ୍ଷମ ମହିଳା ଜଣେ ଓ ୪ ଜଣ ପୁରୁଷ ଥିଲେ।

# ଅଭିଯୁକ୍ତଙ୍କୁ ୨ବର୍ଷ ସଶ୍ରମ କାରାଦଣ୍ଡ

## ସୋମନାଥ ମନ୍ଦିରରୁ ଅଷ୍ଟଧାତୁ ଗଣେଶ ବିଗ୍ରହ ଚୋରି ମାମଲା

ସମ୍ବଲପୁର,୧୬।୩(ପ୍ରମୋଦ ବହିଦାର)

ବାଲିବନ୍ଧାସ୍ଥିତ ପ୍ରସିଦ୍ଧ ଶୈବପୀଠ ସୋମନାଥ ମନ୍ଦିରରୁ ଏକ ଅଷ୍ଟଧାତୁ ବିଗ୍ରହ ଓ ପିତ୍ତଳ ଘଣ୍ଟି ଚୋରି ଅଭିଯୁକ୍ତଙ୍କୁ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି ସମ୍ବଲପୁର ସବ୍‌ଡିଭିଜନ ତାଲୁକ୍ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶୁଭଙ୍କର ମହାପାତ୍ର। ଅଭିଯୁକ୍ତ ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ଥାନା ଫଟାଭୂଇଁ ଛିନୁପଡ଼ାର ମୁନୁ ଓରଫ ରଜନୀକାନ୍ତ ଭଇଁସାଲ(୨୫)। ଏହି ମାମଲାରେ ମାଜିଷ୍ଟ୍ରେଟ୍ ମହାପାତ୍ର ୭ଜଣଙ୍କ ସାକ୍ଷ୍ୟ ଓ ସିସି କ୍ୟାମେରା ଫୁଟେଜ୍ ଆଦି ବିଭିନ୍ନ ତଥ୍ୟ ପ୍ରମାଣ ଆଧାରରେ ଅଭିଯୁକ୍ତ ରଜନୀକାନ୍ତଙ୍କୁ ୨ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧ ହଜାର ଟଙ୍କା ଜରିମାନାଦେଶ କରିଛନ୍ତି। ଜରିମାନା ଅର୍ଥ ଅନାଦାୟ ଅଭିଯୁକ୍ତଙ୍କୁ ଅତିରିକ୍ତ ୧ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ଦେଇଛନ୍ତି ବିଚାରପତି।

ଗତ ଫେବୃଆରୀ ୧୭ ତାରିଖ ସନ୍ଧ୍ୟାରେ ଅଭିଯୁକ୍ତ ରଜନୀକାନ୍ତ ଭଇଁସାଲ ମନ୍ଦିର ବେଢ଼ା ବୁଲିବା ବାହାନାରେ ଏଠାରେ ଥିବା ଏକ ମୂଲ୍ୟବାନ ଅଷ୍ଟଧାତୁ ଗଣେଶ ବିଗ୍ରହକୁ ଚୋରି କରି ନେଇଥିଲେ। ଏ ନେଇ ମନ୍ଦିର ପରିଚାଳନା କମିଟି ସଭାପତି ଲୋକନାଥ ପାଣ୍ଡେଙ୍କ ଏତଲା ଆଧାରରେ ଟାଉନ ଥାନାରେ ଭାରତୀୟ ନ୍ୟାୟ ସଂହିତା ଦଫା ୩୦୫(ଡି)ରେ ଏକ ମାମଲା(ନଂ.୪୯/୨୬) ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ବେଳେ ପୋଲିସ ମନ୍ଦିର ପରିସର ତଥା ଆଖପାଖ ଅଞ୍ଚଳରେ ଲାଗିଥିବା ସିସି କ୍ୟାମେରା ଯାଞ୍ଚ ପୂର୍ବକ ଅଭିଯୁକ୍ତଙ୍କ ନିକଟରେ ପହଞ୍ଚିଥିଲା। ତାଙ୍କ ନିକଟରୁ ଚୋରି ଅଷ୍ଟଧାତୁ ଗଣେଶ ବିଗ୍ରହ ଓ ଘଣ୍ଟିକୁ ପୋଲିସ ଜବତ କରିଥିଲା। ଏହି ମାମଲାର ବିଚାର କରି ମାତ୍ର ୧ ମାସ ମଧ୍ୟରେ ସୋମବାର ରାୟ ପ୍ରକାଶ କରି ବିଚାରପତି ଏକ ବିରଳ ଉଦାହରଣ ସୃଷ୍ଟି କରି ଅଭିଯୁକ୍ତଙ୍କୁ ଦଣ୍ଡ ବିଧାନ କରିଛନ୍ତି। ଏହି ମାମଲାକୁ ସରକାରୀ ଓକିଲ ଅମରେନ୍ଦ୍ର ନାୟକ ଓ ଶିବ ଦେବାନ ମିଳିତ ଭାବେ ପରିଚାଳନା କରୁଥିଲେ।

## ସଂକ୍ଷେପରେ

### ଜିଏମ୍‌ୟୁ ଛକରେ ସ୍ୱତନ୍ତ୍ର ବସ୍‌ଷ୍ଟପ ଦାବି

ସମ୍ବଲପୁର,୧୬।୩ (ଭବାନୀ ଶଙ୍କର ଭୋଇ)

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ) ଛକରେ ଦୁଇଟି ସ୍ଥାନରେ ବସ୍ ରହୁଛି। ଲକ୍ଷ୍ମୀ ଟକିଜ ଛକ ଏବଂ ମୁଦିପଡା ପଟରୁ ଆସୁଥିବା ବସ୍‌ଗୁଡିକ ଭିନ୍ନ ସ୍ଥାନରେ ଷ୍ଟପେଜ କରୁଥିବା ଯୋଗୁ ଯାତ୍ରୀ ବସ୍ ଧରିବା ପାଇଁ ଧାଁଦୌଡ କରୁଛନ୍ତି। ଯଦ୍ୱାରା ଦୁର୍ଘଟଣା ହେବାର ଆଶଙ୍କା ରହୁଛି। ତେଣୁ ଜିଏମ୍‌ୟୁ ଛକରେ ଗୋଟିଏ ସ୍ୱତନ୍ତ୍ର ବସଷ୍ଟପ କରିବା ପାଇଁ ଅଧିକାର ଅନୁଷ୍ଠାନ ପକ୍ଷରୁ ସୋମବାର ସମ୍ବଲପୁର ଜିଲାପାଳ ଏବଂ ଏସପିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ଆମ ବସ ଚଳାଚଳ କରୁଥିବାବେଳେ ସ୍ୱତନ୍ତ୍ର ବସଷ୍ଟପର ବ୍ୟବସ୍ଥା କରାଯାଉନାହିଁ। ଫଳରେ ବହୁ ସମୟରେ ଆମ ବସ୍ ନିଜ ସୁବିଧା ଏବଂ ଖାଲି ସ୍ଥାନ ଦେଖି ରହଣି କରିଥାଆନ୍ତି। ସେଥିପାଇଁ ବସକୁ ଅପେକ୍ଷା କରିଥିବା ଯାତ୍ରୀମାନେ ହଠାତ ବସ୍ ରହୁଥିବା ସ୍ଥାନରେ ପହଞ୍ଚିବାକୁ ଚେଷ୍ଟା କରିବା ସମୟରେ ଛକରେ ଦୁର୍ଘଟଣା ହେବାର ଆଶଙ୍କା ଦେଖାଦେଇଥାଏ। ସେଥିପାଇଁ ଜିଏମ୍‌ୟୁ ଛକରେ ସ୍ୱତନ୍ତ୍ର ବସ୍‌ଷ୍ଟପ କରାଗଲେ ଏହି ସମସ୍ୟାର ସମାଧାନ ହେବ ବୋଲି ଅଧିକାର ଅନୁଷ୍ଠାନ ସଂଯୋଜକ ଗିରିଧାରୀ ଖୁରା କହିଛନ୍ତି।

### ସପ୍ତାହକ ଭିତରେ କାର୍ଯ୍ୟକ୍ଷମ ଭିଏସଏସ ମାର୍ଗ ଷ୍ଟ୍ରିଟ ଲାଇଟ

ସମ୍ବଲପୁର,୧୬।୩ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲାସ୍କୁଲରୁ ଜେଲଛକ ମଧ୍ୟରେ ଷ୍ଟ୍ରିଟ ଲାଇଟ ପାଇଁ ବିଦ୍ୟୁତ୍ ଖମ୍ବ ଲଗାଇବା କାର୍ଯ୍ୟ ଆରମ୍ଭ ହୋଇଛି। ଧରିତ୍ରୀରେ ଏନେଇ ଖବର ପ୍ରକାଶନ ପରେ ମହାନଗର ନିଗମ ପ୍ରଶାସନ ତତ୍ପର ହୋଇଛି। ମହାନ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ନାମରେ ନାମିତ ଏହି ରାସ୍ତା ବର୍ଷକ ପୂର୍ବରୁ ସମ୍ପ୍ରସାରଣ କାମ ଆରମ୍ଭ ହୋଇଥିଲା। ଏହି ସମୟରେ ରାସ୍ତାରୁ ଷ୍ଟ୍ରିଟ ଲାଇଟ ଖମ୍ବଗୁଡିକ ଉଠାଇ ନିଆଯାଇଥିଲା। ସହରର ଏହି ପ୍ରମୁଖ ବ୍ୟସ୍ତବହୁଳ ରାସ୍ତା ଦୀର୍ଘ ସମୟ ଧରି ଅନ୍ଧକାର ଭିତରେ ରହିଥିଲା। ଏବେ ମହାନଗର ନିଗମ ପକ୍ଷରୁ ଷ୍ଟ୍ରିଟ ଲାଇଟ ଲଗାଇବା ପାଇଁ ପୋଲଗୁଡିକ ଲଗାଇବା କାମ ଆରମ୍ଭ ହୋଇଛି। ଏକ ସପ୍ତାହ ଭିତରେ ଷ୍ଟ୍ରିଟ ଲାଇଟ ଲାଗିବା କାମ ସମ୍ପୂର୍ଣ୍ଣ ହେବ ବୋଲି ମହାନଗର ନିଗମର କମିଶନର ରେହାନ ଖତ୍ରୀ କହିଛନ୍ତି।

# ଜିଏମ୍‌ୟୁ ମ୍ୟାନେଜମେଣ୍ଟ ବିଭାଗରେ ଜାତୀୟ କର୍ମଶାଳା



ଦୁଇଦିନିଆ ଜାତୀୟ କର୍ମଶାଳାରେ ବକ୍ତା ଓ ଅତିଥିମାନେ।

ସମ୍ବଲପୁର,୧୬।୩(ବି.ଶଙ୍କର)

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ) ମ୍ୟାନେଜମେଣ୍ଟ ବିଭାଗ ପକ୍ଷରୁ ପିଏମ୍ ଉଷା ଯୋଜନା ଅଧୀନରେ ଦୁଇଦିନିଆ ଜାତୀୟ କର୍ମଶାଳା ଆୟୋଜିତ ହୋଇଛି। ବୃହତ ଡାଟା ଆନାଲିଟିକ୍ସ: ଏସ୍‌ପିଏସ୍‌ଏସଆର ଏବଂ ସ୍ମାର୍ଟ ପିଏଲ୍‌ଏସ୍ ଶୀର୍ଷକ କର୍ମଶାଳା ହୋଇଥିଲା। ଗବେଷଣା ଓ ଶିଳ୍ପକ୍ଷେତ୍ରରେ ବ୍ୟବହୃତ ଆଧୁନିକ ଡାଟା ଆନାଲିସିସ ଟୁଲ୍ସ ସମ୍ବନ୍ଧରେ ଅଂଶଗ୍ରାହୀମାନଙ୍କୁ ପ୍ରାୟୋଗିକ ଜ୍ଞାନ ଓ ହ୍ୟାଣ୍ଡସ ଅନ ଟ୍ରେନିଂ ପ୍ରଦାନ କରିବା କର୍ମଶାଳାର ଲକ୍ଷ୍ୟ ଥିଲା। କର୍ମଶାଳାର ଉଦ୍‌ଘାଟନ ସଭାରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଭାରପ୍ରାପ୍ତ କୁଳପତି ପ୍ରଫେସର ଡ.ସୁଶାନ୍ତ କୁମାର ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବର୍ତ୍ତମାନର ଡାଟା ନିର୍ଭର ଯୁଗରେ ଗବେଷଣା, ବ୍ୟବସାୟ ନିଷ୍ପତ୍ତି ଓ ନୀତି ନିର୍ମାଣରେ ଡାଟା ଆନାଲିଟିକ୍ସର ଗୁରୁତ୍ୱ ଉଲ୍ଲେଖ ରହିଛି। ଏସ୍‌ପିଏସଏସ ଆର ଏବଂ ସ୍ମାର୍ଟ ପିଏଲଏସ ପରି ସଫ୍ଟୱେୟାର ବ୍ୟବହାରରେ ଦକ୍ଷତା ଆଧୁନିକ ଗବେଷକ ଓ ଛାତ୍ରୀଛାତ୍ରଙ୍କ ପାଇଁ ଆବଶ୍ୟକ ବୋଲି ପ୍ରଫେସର ଦାସ ମତପ୍ରକାଶ କରିଥିଲେ। ଜିଏମ୍‌ୟୁ ମ୍ୟାନେଜମେଣ୍ଟ ବିଭାଗ ମୁଖ୍ୟ ତଥା କର୍ମଶାଳାର ଆବାହକ ଡ.ଶ୍ରୀନିବାଶ ଦାଶ କର୍ମଶାଳାର ଉଦ୍ଦେଶ୍ୟ ବିଷୟରେ ଅଲୋଚନା କରିଥିଲେ। କର୍ମଶାଳାର ଟେକନିକାଲ ସେସନଗୁଡ଼ିକରେ ସମ୍ବଲପୁରସ୍ଥିତ ଭାରତୀୟ ପ୍ରବନ୍ଧନ ସଂସ୍ଥାନର ପ୍ରଫେସର ଡ. ହେମଚନ୍ଦ୍ର ପ୍ରଧାନ, ରାୟପୁରସ୍ଥିତ ରବିଶଙ୍କର ଶୁକ୍ଳ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ରାଜୀବ ଚୌଧୁରୀ ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟ ମ୍ୟାନେଜମେଣ୍ଟ ବିଭାଗର ପ୍ରଫେସର ଡ. ରୋହିତ କୁମାର ମିଶ୍ର ଉପସ୍ଥିତ ଥିଲେ।

କର୍ମଶାଳାର ଦ୍ୱିତୀୟ ଦିନରେ ବିଭିନ୍ନ ପର୍ଯ୍ୟାୟ ମାଧ୍ୟମରେ ଅଧିକ ପ୍ରାୟୋଗିକ ଅଭ୍ୟାସ ଓ ପ୍ରଦର୍ଶନ ଆୟୋଜିତ ହୋଇଥିଲା। ରବିବାର ଉଦ୍‌ଯାପନୀ ସମାରୋହରେ ବାଣିଜ୍ୟ ବିଭାଗ ସହକାରୀ ଅଧ୍ୟାପକ ମ୍ୟାନେଜମେଣ୍ଟ ବିଭାଗୀୟ ମୁଖ୍ୟ ଡ. ଶ୍ରୀନିବାଶ ଦାଶ କର୍ମଶାଳାର ରିପୋର୍ଟ ଉପସ୍ଥାପନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଗବେଷକ, ବୃତ୍ତିଗତ ବିଶେଷଜ୍ଞ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ସହକାରୀ ଅଧ୍ୟାପିକା ଶିବାନୀ ଶର୍ମା ଧନ୍ୟବାଦ ଜ୍ଞାପନ କରିଥିଲେ।

## ପ୍ରସିଦ୍ଧ ରାମଲୀଳା ଯାତ୍ରା ପାଇଁ ଦେବ ନିମନ୍ତ୍ରଣ କଲେ ଗ୍ରାମବାସୀ

ବଡ଼ଗାଁ,୧୬।୩(ଅଶୋକ ଷଡଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁର ମୁକ୍ତ ମଞ୍ଚରେ ଶତାଧିକ ବର୍ଷରୁ ହୋଇଆସୁଥିବା ରାତ୍ରିକାଳୀନ ପ୍ରସିଦ୍ଧ ରାମଲୀଳା ଯାତ୍ରା ଆସନ୍ତା ୨୭ ତାରିଖରୁ ଆରମ୍ଭ ହେବ। ସେଥିପାଇଁ ପରମ୍ପରା ଅନୁଯାୟୀ ସୋମବାର ପୂର୍ବାହ୍ନରେ ରାମଲୀଳା ଯାତ୍ରା ସଂସଦ ସଭାପତି ଦିଲୀପ ପୁରୋହିତ, ସମ୍ପାଦକ ଦିବ୍ୟଲୋଚନ ପୃଷେଟ, କୋଷାଧ୍ୟକ୍ଷ ଆଶୁତୋଷ ମହାପାତ୍ର, ଦିଲୀପ ପୃଷେଟ, ରାମ ସେବକ ସୁଧୀର ବିଶି, ବ୍ରହ୍ମାନନ୍ଦ ପାଣିଗ୍ରାହୀ, ଅଚ୍ୟୁତ ପାଣିଗ୍ରାହୀ, କୃଷ୍ଣ ବାରିକ, ପୀତବାସ ପଣ୍ଡା, ଲୁଲୁ ପାଣିଗ୍ରାହୀ, ଗୁନୁ ପାଣିଗ୍ରାହୀ, ପଙ୍କଜ ପଟେଲ, ମନୋରଞ୍ଜନ ପୃଷେଟ, ରାହୁଲ ସା'ଙ୍କ ସହିତ ପୂଜକ ଦିବ୍ୟାଲୋଚନ ମିଶ୍ର ଓ ଗ୍ରାମବାସୀ ଜଗନ୍ନାଥ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କଲାପରେ ଦେବ ନିମନ୍ତ୍ରଣ କରିଥିଲେ। ଏହାପରେ ପ୍ରଭୁ ହନୁମାନ ମନ୍ଦିର, ଗ୍ରାମଶ୍ରୀ ମନ୍ଦିର, ସମଲେଇ ମନ୍ଦିର, ବଦ୍ରି ବିଶାଳ ଶିବ ମନ୍ଦିର, ମାଉସୀ ମା' ମନ୍ଦିର, ଜୟ ଶଙ୍କର ବ୍ରହ୍ମଚାରୀ ମନ୍ଦିର, ଗୌଡ଼ ପଡ଼ାରେ ଥିବା ଶିବ ମନ୍ଦିର, କାଳୀ ମନ୍ଦିର, ଥାନା ପରିସରରେ ଥିବା ସମଲେଇ ମନ୍ଦିର, ମହାବୀର ଛକ ପାର୍ଶ୍ୱ ବଜରଙ୍ଗବଲୀ ମନ୍ଦିର, ଭୋଇପାଲି ଗ୍ରାମସ୍ଥିତ ଜଂଘା ବଡଦେଓ ମନ୍ଦିର, ରାମ ମନ୍ଦିର ଯାଇ ଯାତ୍ରା ସଂସଦ କର୍ମକର୍ତ୍ତା ଓ ଗ୍ରାମବାସୀମାନେ ଦେବ ନିମନ୍ତ୍ରଣ କରିଛନ୍ତି। ଏଥିସହିତ ବଡ଼ଗାଁ ବ୍ଲକ କାର୍ଯ୍ୟାଳୟକୁ ଜନ ଶୁଣାଣି ପାଇଁ ଆସିଥିବା ଜିଲାପାଳ ଓ ପୋଲିସ ଆରକ୍ଷୀ ଅଧୀକ୍ଷକଙ୍କୁ ଯାତ୍ରା ସଂସଦ କର୍ମକର୍ତ୍ତାମାନେ ନିମନ୍ତ୍ରଣ ଦେଇ ଆସିବାକୁ ଅନୁରୋଧ କରିଥିଲେ।

## ୨୮ରେ ସମ୍ବଲପୁର ଜିଲା ଓକିଲ ସଂଘ ନିର୍ବାଚନ

# ୧୧ ପଦ ପାଇଁ ମଇଦାନରେ ୨୦ ପ୍ରାର୍ଥୀ

ସମ୍ବଲପୁର,୧୬।୩(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ଓକିଲ ସଂଘ(ଡିବିଏ)ର ୨୦୨୬-୨୦୨୭ ବର୍ଷ ପାଇଁ ନିର୍ବାଚନ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ନିର୍ବାଚନରେ ଭାଗ ନେବାକୁ ଦାଖଲ ପ୍ରାର୍ଥୀ ପତ୍ର ପ୍ରତ୍ୟାହାର ପରେ ସୋମବାର ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ଚୂଡ଼ାନ୍ତ ତାଲିକା ଜାରି କରାଯାଇଛି। ଚଳିତ ବର୍ଷ ବିଭିନ୍ନ ପଦବୀ ପାଇଁ ହେବାକୁ ଥିବା ନିର୍ବାଚନରେ ୧୧ଟି ବିଭିନ୍ନ ପଦପଦବୀରେ ୨୦ ଜଣ ପ୍ରାର୍ଥୀ ଅବତୀର୍ଣ୍ଣ ହୋଇଛନ୍ତି। ସଭାପତି ପଦବୀ ପାଇଁ ବନ୍ଦିତା ରାଣୀ ମିଶ୍ର ଓ ଚନ୍ଦ୍ରକୁମାର ପୁରୋହିତ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ଉପସଭାପତି ପଦବୀ ପାଇଁ ମିଳନ କୁମାର ମହାରଣା, ରବିଶଙ୍କର ପୂଜାରୀ ଓ ରାଙ୍ଗେୟନାଥ ଷଡ଼ଙ୍ଗୀ ପ୍ରାର୍ଥୀ ହୋଇଛନ୍ତି। ସାଧାରଣ ସମ୍ପାଦକ ପଦବୀରେ ପ୍ରମୋଦ କୁମାର ସରାଫ ଓ ପ୍ରବୀନ କୁମାର ସଂଦେଓ, ଯୁଗ୍ମ ସମ୍ପାଦକ ପଦବୀରେ ଅନିଲ ଜେନା, ରତନଲାଲ ଶର୍ମା ଏବଂ ତାରିଣୀଲାଲ ପାଣିଗ୍ରାହୀ, ସହକାରୀ ସମ୍ପାଦକ ପଦବୀରେ ଶ୍ୟାମ ସୁନ୍ଦର ଗର୍ଡିଆ, ସୁନୀତା ଦାଶ ଓ ସୁରଞ୍ଜିନୀ ବାରିକ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ୬ଟି କାର୍ଯ୍ୟକାରୀ କମିଟି ପାଇଁ ୭ ଜଣ ପ୍ରାର୍ଥୀଙ୍କ ନାମ ଚୂଡ଼ାନ୍ତ ତାଲିକାରେ ପ୍ରକାଶ ପାଇଛି। ସେମାନେ ହେଲେ ଅଫସାନା ଅଞ୍ଜୁମ, ଅନୁପ କୁମାର ପଟ୍ଟନାୟକ, ଆଶୁତୋଷ ବିଶି, ଦିଲୀପ କୁମାର ସାହୁ, ଦିପ୍ତିମୟୀ ପାଢ଼ୀ, ସବିତା ବନଛୋର ଓ ସୁତାପା ମିତ୍ର। ତେବେ ନିର୍ବାଚନ ସମସ୍ତ ପ୍ରକ୍ରିୟାକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ପାଇଁ ନିର୍ବାଚନ ଅଧିକାରୀ ପ୍ରମୋଦ ଦାଶ ଓ ସୁଧାଂଶୁ ଗୁରୁଙ୍କ ପକ୍ଷରୁ ଆହ୍ୱାନ ଦିଆଯାଇଛି।

## ଜିଲାସ୍ତରୀୟ ଓପନ କ୍ୟାରମ ଚାମ୍ପିୟନଶିପ

# ଭାରତ-ଶୁଭ୍ରାଂଶୁ ଯୋଡି ଚାମ୍ପିୟନ



ଅତିଥିଙ୍କ ସହ ଚାମ୍ପିୟନ ଖେଳାଳିମାନେ।

ସମ୍ବଲପୁର,୧୬।୩(ବି.ଶଙ୍କର)

ଧନୁପାଲି ମହାବୀରପଡାସ୍ଥିତ ପଞ୍ଚମୁଖୀ ଯୁବକ ସଂଘ ପକ୍ଷରୁ ଅଭୟ ପଟ୍ଟନାୟକ ସ୍ମାରକୀ ଜିଲାସ୍ତରୀୟ ଓପନ କ୍ୟାରମ ଚାମ୍ପିୟନଶିପ ରବିବାର ରାତି ୧୦ଟାରେ ସମ୍ବଲପୁର ମହାନଗର ନିଗମ ଆଦିତ୍ୟ କଲ୍ୟାଣ ମଣ୍ଡପରେ ଉଦ୍‌ଯାପିତ ହୋଇଛି। ଏହି ପ୍ରତିଯୋଗିତାରେ ଠେଲକୋପଡା ବୁଢିମା କ୍ଲବର ଭାରତ ବାଗ ଓ ଶୁଭ୍ରାଂଶୁ ନାୟକ ଯୋଡି ବିଜେତା ହୋଇଥିଲେ। ବିଜେତା ଯୋଡିଙ୍କୁ ଟ୍ରଫି ସହ ନଗଦ ୫ହଜାର ଟଙ୍କା ପୁରସ୍କାର ଦିଆଯାଇଥିଲା। ସେହିପରି ରାହୁଲ ଠାକୁର ଓ ବିଜୟ ସାହା ପ୍ରଥମ ରନର ଅପ ଏବଂ ଦିବ୍ୟ ପାଢ଼ୀ ଓ ଘନଶ୍ୟାମ ପଟେଲ ଯୋଡି ଦ୍ୱିତୀୟ ରନର ଅପ ଭାବେ ଟ୍ରଫି ସହ ଅର୍ଥ ରାଶି ପ୍ରଦାନ କରାଯାଇଥିଲା। ଏଥିସହ କମ ବୟସରେ କ୍ୟାରମ ଖେଳରେ ଉତ୍ସାହଜନକ ପ୍ରଦର୍ଶନ ପାଇଁ ଅର୍ପିତ ପଟେଲ ଓ ଯଶରାଜ ଠାକୁରଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଦୀପ ଧ୍ରିମାନ ମୁଖ୍ୟ ଅତିଥି, ଜିଲା କ୍ରୀଡା ସଂଘ ଉପସଭାପତି ଦୁଲାଲ ଚନ୍ଦ୍ର ପ୍ରଧାନ, ଦିଲ୍ଲୀପ ବିଶ୍ୱାଳ, ହରେକୃଷ୍ଣ ହୋତା, ଶୋଭନ ପଟ୍ଟନାୟକ ଓ ସନ୍ଦୀପ ପଟ୍ଟନାୟକ ସମ୍ମାନୀତ ଅତିଥିଭାବେ ଯୋଗଦେଇ କୃତି ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ମ୍ୟାଚ ରେଫେରୀ ଭାବେ ଏସକେ ଅବ୍ଦୁଲ୍ଲା ଓ ଲୋକେଶ୍ୱର ରାଓ ଦାୟିତ୍ୱ ନିର୍ବାହ କରିଥିଲେ। ଏହି ପ୍ରତିଯୋଗିତାରେ ୩୨ଟି ଦଳ ଅଂଶଗ୍ରହଣ କରିଥିଲେ। ପ୍ରଦୀପ ପାଢ଼ୀ, ଅର୍ପଣ ପ୍ରଧାନ, ବିକାଶ ମିଶ୍ର, ଶରତ ଚନ୍ଦ୍ର ପାଢ଼ୀ, ରାହୁଲ ଠାକୁର, ବିବେକାନନ୍ଦ ନାୟକ, କାହ୍ନରାମ ଶର୍ମା ଓ ବଂଶୀଧର ବେହେରା ସହ ପଞ୍ଚମୁଖୀ ଯୁବକ ସଂଘର ସଦସ୍ୟ ସହଯୋଗ କରିଛନ୍ତି।


# Classified Everyday
0674-2580101, 9692975378



REAL ESTATE

SALE

2&3BHK Flats sale at Kalarahanga, Patia, Bhubaneswar. Close to school, college and hospital. Completed project. Near to possession. Contact: 7440045095, 7077771880. D-101

PlotsaleAIIMS Hospital, Bhubaneswar, Duplex near Retang Station. 9777433701. D-24

ଭୁବନେଶ୍ୱର, ଫୁଲନଖରା ଛକ, ପାହାଳ, ଜଟଣୀ ଗେଟ୍, ଅରୁଗୁଳ IIT, ପିପିଲି, ରଙ୍ଗବଜାର, ପାତ୍ରପଡ଼ା ନିକଟରେ ଘରବାରୀ ପ୍ଲଟ୍/Duplex ମିଳୁଛି। 8327785834. D-3649

Plots/Apartment for sale, Bhubaneswar KIIT University Boundary, Road with Electricity available. 7978416795, 9937513595. D-23

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1500sqft. ପ୍ଲଟ୍ 6,75,000/-ରେ ତୁରନ୍ତ ବିକ୍ରି ହେବ। 9776974912. D-22




All types of physiotherapy and massage contact 9556924059 / 7656969134. D-3591

AFFIDAVIT

By this affidavit before the Executive Magistrate, Barpali, Dt.16.12.25 I, Kalakati Bhue, W/o- Judhisthira Bhue, At- Retamunda, P.O.- Bhatigaon, P.S.- Barpali, Dist.- Bargarh (Odisha) declare that, I have changed my name from Koushlya Bhue to Kalakati Bhue. Henceforth, I shall be known as Kalakati Bhue for all purposes. D-3658

By virtue of an affidavit sworn before Executive Magistrate, Bhubaneswar affidavit No.- 07, dated 06.01.2026, I, Jagan Behera, age-21, S/o- Jitendra Behera, At/P.O./P.S.- Baliapanda, Dist.- Puri, PIN- 752001 declare that I have changed my name from Happy Behera to Jagan Behera. Henceforth, I shall be known as Jagan Behera for all purposes.
Jagan Behera D-3656

By virtue of an affidavit sworn before Executive Magistrate, Darpan, Dhanmandal, dtd.- 03.01.2026, I, Kalyanimayee Behera, D/o.- Shyamsundar Behera, At-Rangidaspur, P.O.- Chhatia, P.S.- Byree, Dist.- Jajpur, Odisha, PIN- 754023 declare that I have changed my name from Kalyanmayi Behera to Kalyanimayee Behera. Henceforth, I shall be known as Kalyanimayee Behera for all purposes.
Kalyanimayee Behera D-3657

By virtue of an affidavit sworn before the Executive Magistrate, Bargarh, I, Sumit @ Sujit Bhue, S/o- Santosh Bhue, R.O./Vill- Jada, P.S.- Bhatli, Dist.- Bargarh do hereby declared that in my Aadhaar Card bearing No- xxxx xxxx 7562 my name is mentioned as Sumit Bhue but in my Bank A/C bearing No- 18930100020995 of Bank of Baroda, Bargarh Branch my name is wrongly mentioned as Sujit Bhue. Sujit Bhue and Sumit Bhue is the one and same person for all purposes. D-3655

I Mrs. Medias, W/o.- Joseph Madiath and D/o.- Russel James Goodman, resident of # 4, Green Meadow Homes, Kyalasanahalli Main Road, Kothaur, Bangalore North, Bangalore, Karnataka-560077 declare by affidavit No.37 dated- 16.03.2026 duly executed by the court of Executive Magistrate Bhubaneswar that now onwards I shall be known as Anthya Madiath for all future purposes. D-3660

ନିରୁଦ୍ଦିଷ୍ଟ



ନାମ: ଝୁମା ଦାସ (୩୬), ସ୍ୱାମୀ: ହେମନ୍ତ ଦାସ, ଖୋର୍ଦ୍ଧା, ଡୁମୁଡୁମା, ଗତ ୧୩।୦୩।୨୦୨୬ ୮.୫୫ ଘଟିକା ସମୟରେ ଘରୁ ବାହାରି ଚାଲିଯାଇଥିଲେ। ସେ ମାନସିକ ରୋଗୀ ଅଟନ୍ତି। ଯଦି କୌଣସି ସହୃଦୟ ବ୍ୟକ୍ତି ତାଙ୍କୁ ପାଆନ୍ତି ୨୦,୦୦୦ ଟଙ୍କା ପୁରସ୍କାର ଦିଆଯିବ। MOB: 7865957875, 9907573102, 8270109081. D-3659

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ୭ ମାସ ବିତିଲା, ମିଳୁନି ବୀମା ଟଙ୍କା

## ଗାଈ ମୃତ୍ୟୁ ଘଟଣା

ଝାରସୁଗୁଡ଼ା, ୧୬।୩ (ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ ଅନ୍ତର୍ଗତ ସୁନାରୀ ଗ୍ରାମର ଗୋପାଳକ ଉଗ୍ରସେନ କଁନରାଙ୍କ ଗାଈର ମୃତ୍ୟୁ ଘଟିଛି। ହେଲେ ଏହି ଗାଈ ପାଇଁ ସେ ବୀମା କରିଥିଲେ ମଧ୍ୟ ୭ ମାସ ହେବ ବୀମା ଟଙ୍କା ପାଇ ନ ଥିବା ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ଉଗ୍ରସେନ ରଖିଥିବା ଏକ ଗାଈ ପାଇଁ ନ୍ୟାଶନାଲ ବୀମା କମ୍ପାନୀ ଦ୍ୱାରା ୨୦୨୫ ଜୁନ୍ ୨୪ରେ ମୃତ୍ୟୁକାଳୀନ ବୀମା କରିଥିଲେ। ପରେ ଗାଈ କାନରେ ବୀମା କମ୍ପାନୀ ଓ ତତ୍କାଳୀନ ଲଖନପୁର ସେଣ୍ଟରର ଭେଟେରିନାରି ସର୍ଜନ (ଭିଏସ୍) ସନ୍ଦିପ୍ତା ମୁଣ୍ଡାଙ୍କ ଦ୍ୱାରା ବୀମା ଟ୍ୟାଗ୍ ମୁଦ୍ରା ଲଗାଯାଇଥିଲା। କୌଣସି କାରଣରୁ ୨୦୨୫ ଜୁଲାଇ ୨୫ରେ ଗାଈର ମୃତ୍ୟୁ ଘଟିଥିଲା। ସନ୍ଦିପ୍ତା ମୁଣ୍ଡା ଗାଈର ପୋଷ୍ଟମର୍ଟମ କରି ମୃତ୍ୟୁକାଳୀନ ବୀମା ଟଙ୍କା ପ୍ରଦାନ କରିବାକୁ କମ୍ପାନୀକୁ ଚିଠି କରିଥିଲେ। ପରବର୍ତ୍ତୀ ସମୟରେ ମୁଣ୍ଡା ଚାକିରିରୁ ଭିଆରଏସ୍ ନେବାପରେ ଶୁଭାଶିଷ ପାଢ଼ୀ ନାମକ ଜଣେ ନୂତନ ଭିଏସ୍ ଲଖନପୁର ସେଣ୍ଟରରେ ଯୋଗଦେଇଥିଲେ। ଅପରପକ୍ଷେ ବୀମା କମ୍ପାନୀ ଉଗ୍ରସେନଙ୍କୁ ତାଙ୍କ ଗାଈର କାନରେ ଥିବା ଟ୍ୟାଗ୍‌ର ଫଟୋ ଭଲ ଭାବରେ ଦେଖାଯାଉ ନ ଥିବାରୁ ବୀମା ଟଙ୍କା ଦିଆଯାଇପାରିନି ବୋଲି ୨୦୨୬ ମାର୍ଚ୍ଚ ୧୬ରେ ଚିଠି କରିଥିଲେ। ଏନେଇ ଉଗ୍ରସେନ ଲଖନପୁର ଭିଏସ୍ ପାଢ଼ୀଙ୍କୁ ଠିକ୍ ବୀମା ଟ୍ୟାଗ୍ ନମ୍ବରକୁ ଚିହ୍ନିତ କରି ବୀମା କମ୍ପାନୀକୁ ପଠାଇବା ପାଇଁ କହିଥିଲେ। ହେଲେ ଏଥିରେ ପାଢ଼ୀ ସହଯୋଗ କରୁ ନ ଥିବା ସେ କହିଛନ୍ତି। ଏନେଇ ଭିଏସ୍ ଶୁଭାଶିଷ ପାଢ଼ୀ କହିଛନ୍ତି, ଗାଈର ବୀମା ହେବା ଦିନଠାରୁ ମୃତ୍ୟୁ ପର୍ଯ୍ୟନ୍ତ ମୁଁ ଲଖନପୁର ଭିଏସ୍ ସେଣ୍ଟରରେ ନ ଥିଲି। ଏ ନେଇ କୌଣସି କାଗଜପତ୍ର ମଧ୍ୟ କାର୍ଯ୍ୟାଳୟରେ ନାହିଁ। ମୁଁ ଯେତେଥର ଉଗ୍ରସେନଙ୍କୁ ଅଫିସକୁ ଡାକିଛି ସେ ଆସି ନ ଥିବାବେଳେ ଏହି କାର୍ଯ୍ୟରେ ସହଯୋଗ କରିନାହାନ୍ତି। ଅପରପକ୍ଷେ ସିଡିଭିଓ ଦୟାସାଗର ଧୂରିଆ କହିଛନ୍ତି, ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ।


ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଧରଣୀଧର ବେହେରା
ପାରାବିଲ୍, କନ୍ଦରପୁର, କଟକ
ଆବିର୍ଭାବ: ୦୩।୦୯।୧୯୩୬
ତିରୋଧାନ: ୦୭।୦୩।୨୦୨୬
ବାପା ଚାହୁଁ ଚାହୁଁ ଆଜିକୁ ୧୦ ଦିନ ବିତିଗଲାଣି, ତୁମର ଅନୁପସ୍ଥିତି ସମସ୍ତଙ୍କୁ ବହୁତ ବ୍ୟଥିତ କରୁଛି। ତୁମେ ଆଉ ସେ ଅଫେରା ରାଇଜରୁ ଫେରିବ କି ନାହିଁ, ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ
ହତଭାଗ୍ୟ ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ।
ଧ-୩୬୬୧

# ବାଣିଜ୍ୟ ନିଅଣ୍ଟ: ୨୦୨୫ ତୁଳନାରେ ୨ଗୁଣ ବୃଦ୍ଧି

■୨୦୨୬ ଫେବୃଆରୀରେ କମିଲା
■ସୁନା, ରୁପା ଆମଦାନୀରେ ବଡ଼ ବୃଦ୍ଧି

ନୂଆଦିଲ୍ଲୀ, ୧୬।୩ (ପି.ଟି.)



ବିଶ୍ୱସ୍ତରୀୟ ଭୂ-ରାଜନୈତିକ ଉତ୍ତେଜନା ଏବଂ ପଶ୍ଚିମ ଏସିଆରେ ଯୁଦ୍ଧ ପରିସ୍ଥିତି ମଧ୍ୟରେ ଭାରତର ବୈଦେଶିକ ବାଣିଜ୍ୟ କ୍ଷେତ୍ରରୁ ଏକ ମିଶ୍ରିତ ଖବର ସାମ୍ନାକୁ ଆସିଛି। ଚଳିତ ବର୍ଷ ଫେବୃଆରୀରେ ଦେଶର ବାଣିଜ୍ୟ ନିଅଣ୍ଟ ହ୍ରାସ ପାଇ ୨୭.୧ ବିଲିୟନ ଆମେରିକୀୟ ଡଲାରରେ ପହଞ୍ଚିଛି, ଯାହା ଜାନୁଆରୀରେ ୩୪.୬୮ ବିଲିୟନ ଡଲାର ଥିଲା। ଯଦି ଗତବର୍ଷର (ଫେବୃଆରୀ ୨୦୨୫) ତଥ୍ୟ ସହ ତୁଳନା କରାଯାଏ, ତେବେ ସ୍ଥିତି କିଛିଟା ଭିନ୍ନ। ଫେବୃଆରୀ ୨୦୨୫ରେ ବାଣିଜ୍ୟିକ ନିଅଣ୍ଟ ମାତ୍ର ୧୪.୦୫ ବିଲିୟନ ଡଲାର ଥିଲା। ୨୦୨୬ରେ ଏହା ୨୭.୧ ବିଲିୟନ ଡଲାର ହେବା ସୂଚାଉଛି ଯେ, ଗୋଟିଏ ବର୍ଷ ମଧ୍ୟରେ ବାଣିଜ୍ୟିକ ବ୍ୟବଧାନ ପ୍ରାୟ ଦୁଇଗୁଣ ବଢ଼ିଯାଇଛି। ଏହି ବ୍ୟବଧାନ ବଢ଼ିବାର ମୁଖ୍ୟ କାରଣ ହେଉଛି, ଗତ ବର୍ଷ ତୁଳନାରେ ସୁନା, ରୁପା ଏବଂ ଅଶୋଧିତ ତୈଳ ଆମଦାନୀ ପାଇଁ ଭାରତକୁ ଅଧିକ ବୈଦେଶିକ ମୁଦ୍ରା ଖର୍ଚ୍ଚ କରିବାକୁ ପଡ଼ିଛି। ଅନ୍ତର୍ଜାତୀୟ ବଜାରରେ ସାମଗ୍ରୀର ମୂଲ୍ୟ ବୃଦ୍ଧି ଏବଂ ପଶ୍ଚିମ ଏସିଆରେ ଚାଲିଥିବା ସଙ୍କଟ ଯୋଗୁ ଆମଦାନୀ ଖର୍ଚ୍ଚ ଅଧିକ ରହୁଛି। ଏହି କ୍ରମରେ ଯୁଦ୍ଧ ସ୍ଥିତି ଯୋଗୁ ଆଗାମୀ ଦିନରେ ରପ୍ତାନି ପାଇଁ ମଧ୍ୟ ଚିନ୍ତା ବଢ଼ାଇଛି।

ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ଅଧୀନ ବାଣିଜ୍ୟ ବିଭାଗର ତଥ୍ୟ ଅନୁଯାୟୀ, ଫେବୃଆରୀରେ ଭାରତର ସାମଗ୍ରୀ ଆମଦାନୀ ୨୪.୧୧% ବୃଦ୍ଧି ପାଇ ୬୩.୭୧ ବିଲିୟନ ଆମେରିକୀୟ ଡଲାରରେ ପହଞ୍ଚିଛି। ଏହାର ମୁଖ୍ୟ କାରଣ ହେଉଛି ସୁନା ଏବଂ ରୁପା ଆମଦାନୀରେ ଅପ୍ରତ୍ୟାଶିତ ବୃଦ୍ଧି। ସୁନା ଆମଦାନୀ ୨୧୮.୫୫% ବୃଦ୍ଧି ପାଇ ୭.୪୪ ବିଲିୟନ ଡଲାର ହୋଇଛି। କେବଳ ସୁଇଜରଲାଣ୍ଡରୁ ଆମଦାନୀ ୭୧୯% ବଢ଼ିଛି। ସେହିପରି ରୁପା ଆମଦାନୀ ୨୮୫.୨୩% ବୃଦ୍ଧି ପାଇ ୧.୬୬ ବିଲିୟନ ଡଲାର ହୋଇଛି। ପେଟ୍ରୋଲିୟମ ଆମଦାନୀ ୯% ବୃଦ୍ଧି ପାଇ ୧୨.୯୭ ବିଲିୟନ ଡଲାର ହୋଇଛି। ରୁଷିଆରୁ ତୈଳ ଆମଦାନୀ ଜାରି ରହିଛି। ତଥ୍ୟ ଅନୁଯାୟୀ ଫେବୃଆରୀରେ ଚାଉଳ, ସାମୁଦ୍ରିକ ଖାଦ୍ୟ, ଫାର୍ମା (ଔଷଧ), ଇଞ୍ଜିନିୟରିଂ ସାମଗ୍ରୀ ଏବଂ ଇଲେକ୍ଟ୍ରୋନିକ୍ସ ରପ୍ତାନିରେ ଉନ୍ନତି ପରିଲକ୍ଷିତ ହୋଇଛି। ହେଲେ ପେଟ୍ରୋଲିୟମ, ପ୍ଲାଷ୍ଟିକ, ବସ୍ତ୍ରଶିଳ୍ପ, ଚମଡ଼ା ଏବଂ ଚା' ରପ୍ତାନିରେ ହ୍ରାସ ଘଟିଛି।

ବାଣିଜ୍ୟ ସଚିବ ରାଜେଶ ଅଗ୍ରୱାଲ କହିଛନ୍ତି ଯେ, ଫେବୃଆରୀ ୨୮ରୁ ଇରାନ୍ ସହ ଆମେରିକା ଓ ଇସ୍ରାଏଲର ଯୁଦ୍ଧ ଆରମ୍ଭ ହୋଇଥିବାବେଳେ ପ୍ରଭାବ ମାର୍ଚ୍ଚ ମାସର ତଥ୍ୟରେ ସ୍ପଷ୍ଟ ଜଣାପଡ଼ିବ। ଅନ୍ତର୍ଜାତୀୟ ଜଳପଥରେ ଜାହାଜ ଚଳାଚଳ ବାଧାପ୍ରାପ୍ତ ହେବା ଯୋଗୁ ରପ୍ତାନି ହ୍ରାସ ପାଇବାର ଆଶଙ୍କା ରହିଛି। ଏହାସହିତ ବିମାନ ଓ ସାମୁଦ୍ରିକ ପରିବହନ ଖର୍ଚ୍ଚ ମଧ୍ୟ ବୃଦ୍ଧି ପାଇଛି। ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ଚୁକ୍ତି ପାଇଁ ଆଲୋଚନା ଶେଷ ପର୍ଯ୍ୟାୟରେ ଅଛି। ଆମେରିକା ତା'ର ନୂତନ ଟାରିଫ ନୀତି ଚୂଡ଼ାନ୍ତ କରିବା ମାତ୍ରେ ଏହି ଐତିହାସିକ ଚୁକ୍ତି ସ୍ୱାକ୍ଷରିତ ହେବ ବୋଲି ବାଣିଜ୍ୟ ସଚିବ ଅଗ୍ରୱାଲ କହିଛନ୍ତି।

## ଆମେରିକାକୁ ରପ୍ତାନି ୧୩% ହ୍ରାସ

ବାଣିଜ୍ୟ ମନ୍ତ୍ରଣାଳୟର ସଦ୍ୟତମ ତଥ୍ୟ ଅନୁସାରେ, ଆମେରିକା ଦ୍ୱାରା ଲାଗୁ କରାଯାଇଥିବା ଉଚ୍ଚ ଶୁଳ୍କ (ଟାରିଫ୍) ଏବଂ ଚାଇନା ସହ ବଢୁଥିବା ଆମଦାନୀ ଭାରତ ପାଇଁ ଚିନ୍ତାର ବିଷୟ ପାଲଟିଛି। ଆମେରିକାରେ ଭାରତୀୟ ସାମଗ୍ରୀ ଉପରେ ଅତ୍ୟଧିକ ଶୁଳ୍କ ଲାଗୁ ହେବା ଯୋଗୁ ଫେବୃଆରୀରେ ରପ୍ତାନି ୧୨.୮୮% ହ୍ରାସ ପାଇ ୬.୮୮ ବିଲିୟନ ଆମେରିକୀୟ ଡଲାରରେ ପହଞ୍ଚିଛି। ପୂର୍ବରୁ ଆମେରିକାରେ ଭାରତୀୟ ସାମଗ୍ରୀ ଉପରେ ୫୦% ପର୍ଯ୍ୟନ୍ତ ଶୁଳ୍କ ଲାଗୁ ହେଉଥିଲା। ତେବେ ଆମେରିକା ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ପରେ, ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଫେବୃଆରୀ ୨୪ରୁ ୧୫୦ ଦିନ ପାଇଁ ସମସ୍ତ ଦେଶ ଉପରେ ୧୦% ଶୁଳ୍କ ଧାର୍ଯ୍ୟ କରିଛନ୍ତି। ଏହି କମ୍ ଶୁଳ୍କର ପ୍ରଭାବ ମାର୍ଚ୍ଚ ମାସର ରିପୋର୍ଟରେ ଦେଖିବାକୁ ମିଳିବ। ଅନ୍ୟପକ୍ଷରେ ଆମେରିକାରୁ ଭାରତକୁ ଆମଦାନୀ ୩୬.୫୩% ବୃଦ୍ଧି ପାଇ ୪.୪୮ ବିଲିୟନ ଡଲାର ହୋଇଛି। ସେହିପରି ଚାଇନା ସହ ବଢୁଛି ବାଣିଜ୍ୟିକ ବ୍ୟବଧାନ।

### ଚାଇନା ସହ ବାଣିଜ୍ୟ ନିଅଣ୍ଟ ୧୦୦ ବିଲିୟନ ଡଲାର ପାର୍

ଚାଇନା ସହିତ ଭାରତର ବାଣିଜ୍ୟ ନିଅଣ୍ଟ ଏହି ଆର୍ଥିକ ବର୍ଷର ପ୍ରଥମ ୧୧ ମାସରେ (ଏପ୍ରେଲ-ଫେବୃଆରୀ) ୧୦୦ ବିଲିୟନ ଡଲାରରୁ ଅଧିକ ହୋଇଛି। ଚାଇନା ସହ କାରବାର (୧୧ ମାସ)କୁ ଦେଖିଲେ, ୧୭.୫୪ ବିଲିୟନ ଡଲାର ରପ୍ତାନି (୩୭.୬୬% ବୃଦ୍ଧି) ହୋଇଥିବାବେଳେ ୧୧୯.୫୫ ବିଲିୟନ ଡଲାର ଆମଦାନୀ (୧୫.୨୧% ବୃଦ୍ଧି) ହୋଇଛି।

# ୮୦ ପ୍ରଶିକ୍ଷାର୍ଥୀଙ୍କୁ ସିଏମ୍‌ପିଡିଆଇର ପ୍ରମାଣପତ୍ର ପ୍ରଦାନ



ରାଞ୍ଚି, ୧୬।୩

ସେଣ୍ଟ୍ରାଲ ମାଇନ୍ସ ପ୍ଲାନିଂ ଆଣ୍ଡ ଡିଜାଇନ ଇନଷ୍ଟିଚ୍ୟୁଟ (ସିଏମ୍‌ପିଡିଆଇ) ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ ଅଫ ପେଟ୍ରୋକେମିକାଲ ଇଞ୍ଜିନିୟରିଂ ଏଣ୍ଡ ଟେକ୍ନୋଲୋଜି (ସିପେଟ)ରେ ନିଜର ସିଏସଆର୍ ଉଦ୍ୟମ ଅଧୀନରେ ୪ ମାସର ଦକ୍ଷତା ବିକାଶ ପ୍ରଶିକ୍ଷଣ ନେଇଥିବା ୮୦ ପ୍ରଶିକ୍ଷଣାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିଛି। ଏହି ଉଦ୍ୟମ ପ୍ଲାଷ୍ଟିକ ପ୍ରୋସେସିଂ ଇଣ୍ଡଷ୍ଟ୍ରି ସହ ଜଡ଼ିତ ଆଧୁନିକ ଟେକ୍ନିକାଲ କୌଶଳ ପ୍ରଦାନ କରି ଯୁବକ-ଯୁବତୀଙ୍କର ରୋଜଗାର ଯୋଗ୍ୟତା ବୃଦ୍ଧି କରିବା ଏବଂ ସେମାନଙ୍କୁ ଆତ୍ମନିର୍ଭର କରାଇବାର ଉଦ୍ଦେଶ୍ୟରେ ଗ୍ରହଣ କରାଯାଇଛି। ପ୍ରଶିକ୍ଷାର୍ଥୀମାନେ 'ମେଶିନ ଅପରେଟର-ପ୍ଲାଷ୍ଟିକ ପ୍ରୋସେସିଂ (ଏମଓ-ପିପି)' ଏବଂ 'ମେଶିନ ଅପରେଟର-ଇଞ୍ଜେକ୍ସନ ମୋଲ୍ଡିଂ (ଏମଓ-ଆଇଏମ)' ଭଳି ଆଧୁନିକ ଔଦ୍ୟୋଗିକ ପ୍ରକ୍ରିୟାରେ ବ୍ୟବହାରିକ ଓ ସୈଦ୍ଧାନ୍ତିକ ପ୍ରଶିକ୍ଷଣ ଗ୍ରହଣ କରିଛନ୍ତି। ସିଏମପିଡିଆଇର ମହାପ୍ରବନ୍ଧକ (ଏଚଆରଡି/ସିଏସଆର୍) ଡ. ଶିଶିର ଦତ୍ତ ପ୍ରଶିକ୍ଷଣାର୍ଥୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ସିପେଟ, ରାଞ୍ଚିର ନିର୍ଦ୍ଦେଶକ ତଥା ପ୍ରଧାନ ଅବନୀତ କୁମାର ଯୋଶୀ ପ୍ରମୁଖ ଉପସ୍ଥିତ ଥିଲେ।

# ମେମୋରି ଚିପ୍ ଅଭାବ: ସ୍ମାର୍ଟଫୋନ୍ ବଜାରରେ ସଙ୍କଟ

ଭୁବନେଶ୍ୱର, ୧୬।୩ (ଅନୁରାଧା ମହାରଣା)

ଭାରତୀୟ ସ୍ମାର୍ଟଫୋନ ବଜାରରେ ବଡ଼ ସଙ୍କଟ ଦେଖାଦେଇଛି। ଗ୍ଲୋବାଲ ବ୍ରୋକରେଜ ଫାର୍ମ ସିଏଲଏସ୍ଏ ପକ୍ଷରୁ ସଦ୍ୟ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ଜାନୁଆରୀ ମାସରେ ସ୍ମାର୍ଟଫୋନ ବିକ୍ରିରେ ବାର୍ଷିକ ଓ ତ୍ରୈମାସିକ ଆଧାରରେ ପ୍ରାୟ ୨୫% ହ୍ରାସ ହୋଇଛି। ଏହା ଭାରତୀୟ ବଜାର ପାଇଁ ଏକ ବଡ଼ ଝଟକା, କାରଣ ଭାରତ ବିଶ୍ୱର ସବୁଠାରୁ ବଡ଼ ମୋବାଇଲ ବଜାରଗୁଡ଼ିକ ମଧ୍ୟରେ ଅନ୍ୟତମ। ଏହି ହ୍ରାସର ମୁଖ୍ୟ କାରଣ ହେଉଛି ସ୍ମାର୍ଟଫୋନରେ ବ୍ୟବହୃତ ମେମୋରି ଚିପ୍‌ର ଅଭାବ ଓ ମୂଲ୍ୟ ବୃଦ୍ଧି। ରିପୋର୍ଟରେ କୁହାଯାଇଛି ଯେ, ସେପ୍ଟେମ୍ବର ପରଠାରୁ ସ୍ମାର୍ଟଫୋନର ଏଏସ୍‌ପିରେ ପ୍ରାୟ ୮% ବୃଦ୍ଧି ହୋଇଛି। ଏହା ଯୋଗୁ ଗ୍ରାହକମାନେ ନୂଆ ଫୋନ କିଣିବାକୁ ପଛଘୁଞ୍ଚା ଦେଉଛନ୍ତି। ବିଶେଷକରି ବଜେଟ ଓ ଏଣ୍ଟ୍ରି-ଲେଭଲ ଫୋନ ବିକ୍ରିରେ ସବୁଠାରୁ ଅଧିକ ପ୍ରଭାବ ପଡ଼ିଛି। ମେମୋରି ଚିପ ସପ୍ଲାଇରେ ସମସ୍ୟା ଏକ ବଡ଼ କାରଣ ହୋଇଛି। ଏଆଇ ଓ କ୍ଲାଉଡ ସର୍ଭିସ ପ୍ରୋଭାଇଡର୍ସମାନଙ୍କୁ ଚିପ ସପ୍ଲାଏରେ ପ୍ରାଥମିକତା ମିଳୁଥିବାରୁ ସ୍ମାର୍ଟଫୋନ ଓ ପିସି ନିର୍ମାତାମାନଙ୍କୁ ପର୍ଯ୍ୟାପ୍ତ ଚିପ ମିଳୁନାହିଁ। ଫଳରେ କମ୍ପାନୀଗୁଡ଼ିକୁ ଫୋନର ଦାମ ବଢ଼ାଇବାକୁ ପଡୁଛି। ରିପୋର୍ଟ ଅନୁଯାୟୀ, ମୋଟୋରୋଲା, ଓପ୍ପୋ, ରିଏଲମି ଓ ଟ୍ରାନ୍ସନ ଭଳି ବ୍ରାଣ୍ଡଗୁଡ଼ିକର ବିକ୍ରିରେ ୨୦%ରୁ ୬୮% ପର୍ଯ୍ୟନ୍ତ ବାର୍ଷିକ ହ୍ରାସ ହୋଇଛି। ଏହି ବ୍ରାଣ୍ଡଗୁଡ଼ିକ ଡିକ୍ସନ ଟେକ୍ନୋଲୋଜିର ମୁଖ୍ୟ ଗ୍ରାହକ ଅଟନ୍ତି। ଏହି ହ୍ରାସ ଯୋଗୁ ଡିକ୍ସନର ମ୍ୟାନୁଫ୍ୟାକ୍ଚରିଂ ଭଲ୍ୟୁମ ଓ ଭବିଷ୍ୟତ ଗ୍ରୋଥ ଟାର୍ଗେଟ ଆର୍ଥିକ ବର୍ଷ୨୬-୨୭ ପୂରଣ କରିବା ଚ୍ୟାଲେଞ୍ଜିଂ ହୋଇପଡ଼ିଛି। ନିବେଶକମାନଙ୍କ ପାଇଁ ଏହା ଏକ ବଡ଼ ଚିନ୍ତାର ବିଷୟ ହୋଇପଡ଼ିଛି। ନିବେଶକ ଓ ଗ୍ରାହକମାନଙ୍କୁ ଆଗାମୀ କିଛି ମାସ ପର୍ଯ୍ୟନ୍ତ ବଜାରର ଗତିବିଧି ଉପରେ ନଜର ରଖିବାକୁ ପଡ଼ିବ, କାରଣ ଚିପ ସପ୍ଲାଏ ଚେନ ସ୍ଥିର ନହେବା ପର୍ଯ୍ୟନ୍ତ ଏହି ଚ୍ୟାଲେଞ୍ଜ ବଜାରରେ ରହିବ।

# ନିତା ଅମ୍ବାନୀଙ୍କୁ କିସ ହ୍ୟୁମାନିଟାରିଆନ ସମ୍ମାନ




ଭୁବନେଶ୍ୱର, ୧୬।୩ (ଅନୁରାଧା ମହାରଣା)

ରିଲାଏନ୍ସ ଫାଉଣ୍ଡେଶନର ପ୍ରତିଷ୍ଠାତା ଓ ଚେୟାରପର୍ସନ ନୀତା ଏମ. ଅମ୍ବାନୀଙ୍କୁ ସମ୍ମାନଜନକ କିସ୍ ହ୍ୟୁମାନିଟାରିଆନ ସମ୍ମାନ-୨୦୨୫ ପ୍ରଦାନ କରାଯାଇଛି। ସୋମବାର କିସ୍ ଦୁତୀ ଚାନ୍ଦ ଆଥ୍ଲେଟିକ ଷ୍ଟାଡିୟମରେ ଅନୁଷ୍ଠିତ ଏକ ଉତ୍ସବରେ କିସର ୪୦ ହଜାର ଛାତ୍ରୀଛାତ୍ରଙ୍କ ଉପସ୍ଥିତିରେ ନୀତା ଅମ୍ବାନୀଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ଶ୍ରୀଲଙ୍କାର ନୋବେଲ ବିଜେତା ପ୍ରଫେସର ମୋହନ ମୁନାସିଂହେ କିଟ ଓ କିସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଓ କିଟ୍ ଓ କିସ୍ ସଭାପତି ଶାଶ୍ୱତୀ ବଳଙ୍କ ଉପସ୍ଥିତିରେ ଏହି ସମ୍ମାନ ପ୍ରଦାନ କରିଥିଲେ। ରିଲାଏନ୍ସ ଫାଉଣ୍ଡେଶନ ମାଧ୍ୟମରେ ଶିକ୍ଷା, ସ୍ୱାସ୍ଥ୍ୟସେବା, ଗ୍ରାମୀଣ ପରିବର୍ତ୍ତନ, ମହିଳା ସଶକ୍ତୀକରଣ ଏବଂ କ୍ରୀଡା ପ୍ରୋତ୍ସାହନ ମାଧ୍ୟମରେ ସାମାଜିକ ବିକାଶରେ ଉଲ୍ଲେଖନୀୟ ଅବଦାନ ସକାଶେ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ସମ୍ମାନ ଗ୍ରହଣ କରି ନୀତା ଅମ୍ବାନୀ କହିଛନ୍ତି, ଓଡ଼ିଶାରେ ଅନେକ ଭବ୍ୟ ମନ୍ଦିର ରହିଛି। ଅଚ୍ୟୁତ ସାମନ୍ତ ଦୁଇଟି ମନ୍ଦିର ନିର୍ମାଣ କରିଛନ୍ତି। ତାହା ହେଉଛି ଦୁଇଟି ଆଧୁନିକ ଶିକ୍ଷା ମନ୍ଦିର - କିଟ ଓ କିସ୍। ଏହି ଦୁଇଟି ଅନୁଷ୍ଠାନ ଆମ ଦେଶ ପାଇଁ ଗର୍ବ। ଏହି ଅବସରରେ ସେ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ କହିଲେ, ପୁଅ ଓ ଝିଅଙ୍କ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ। ପୁଅମାନେ ଯାହା କରିପାରିବେ, ଝିଅମାନେ ମଧ୍ୟ ତାହା କରିପାରିବେ। ଛାତ୍ରମାନଙ୍କୁ ପରାମର୍ଶ ଦେଇ ସେ କହିଲେ, ଏହା କେବଳ ଆରମ୍ଭ, ତୁମର ଅନ୍ତିମ ଲକ୍ଷ୍ୟ ନୁହେଁ। ତୁମେମାନେ ବଡ଼ ବଡ଼ ସ୍ୱପ୍ନ ଦେଖିବା ଉଚିତ ଏବଂ ସେହି ସ୍ୱପ୍ନଗୁଡିକ ହାସଲ କରିବା ପାଇଁ ନିଷ୍ଠା ସହିତ କଠିନ ପରିଶ୍ରମ କରିବା ଉଚିତ୍ ବୋଲି ସେ କହିଥିଲେ। ନୀତା ଅମ୍ବାନୀ ତାଙ୍କର ଉତ୍ତମ ସାମାଜିକ ତଥା ମାନବିକ କାର୍ଯ୍ୟ ପାଇଁ ସମସ୍ତଙ୍କଠାରୁ ଭଲପାଇବା ଓ ସମ୍ମାନ ଅର୍ଜନ କରିଛନ୍ତି ବୋଲି ଅଚ୍ୟୁତ ସାମନ୍ତ କହିଥିଲେ।

# ପାଇକାରୀ ମୁଦ୍ରାସ୍ଫୀତି ୧୧ ମାସରେ ସର୍ବାଧିକ

ନୂଆଦିଲ୍ଲୀ, ୧୬।୩ (ପି.ଟି.)

ଫେବୃଆରୀ ମାସରେ ପାଇକାରୀ ମୁଦ୍ରାସ୍ଫୀତି ୨.୧୩ ପ୍ରତିଶତକୁ ବୃଦ୍ଧି ପାଇଛି, ଯାହାକି ୧୧ ମାସ ମଧ୍ୟରେ ସର୍ବାଧିକ। ଖାଦ୍ୟପଦାର୍ଥ ଓ ଅନ୍ୟାନ୍ୟ ସାମଗ୍ରୀର ଦର ବୃଦ୍ଧି ଯୋଗୁ ପାଇକାରୀ ମୁଦ୍ରାସ୍ଫୀତି ବଢ଼ିଥିବା ସୋମବାର ପ୍ରକାଶିତ ସରକାରୀ ତଥ୍ୟରୁ ଜଣାପଡ଼ିଛି। କ୍ରମାଗତ ୪ ମାସ ହେଲା ପାଇକାରୀ ମୂଲ୍ୟ ସୂଚକାଙ୍କ ଆଧାରିତ ମୁଦ୍ରାସ୍ଫୀତି ବଢ଼ିଚାଲିଛି। ଗତ ଜାନୁଆରୀରେ ମୁଦ୍ରାସ୍ଫୀତି ୧.୮୧ ପ୍ରତିଶତ ଥିବାବେଳେ ଗତବର୍ଷ ଫେବୃଆରୀରେ ୨.୪୫ ପ୍ରତିଶତ ଥିଲା। ଅନ୍ତର୍ଜାତୀୟ ବଜାରରେ ତୈଳ ଦର ବୃଦ୍ଧି ଯଦି ଜାରି ରହେ ଏବଂ ସାର, ଆଲୁମିନିୟମ ଆଦି ଅନ୍ୟାନ୍ୟ ସାମଗ୍ରୀ ଉପରେ ପ୍ରଭାବ ପକାଏ, ତେବେ ଆଗାମୀ ଦିନରେ ପାଇକାରୀ ମୁଦ୍ରାସ୍ଫୀତି ଅଧିକ ବଢ଼ିବ ବୋଲି ବିଶେଷଜ୍ଞମାନେ କହିଛନ୍ତି। ଡବ୍ଲ୍ୟୁପିଆଇ ତଥ୍ୟ ଅନୁଯାୟୀ ଖାଦ୍ୟ ସାମଗ୍ରୀ ମୁଦ୍ରାସ୍ଫୀତି ଫେବୃଆରୀରେ ୨.୧୯% ରହିଛି, ଯାହାକି ପୂର୍ବ ମାସରେ ୧.୫୫% ଥିଲା। ତେବେ ଜାନୁଆରୀରେ ପନିପରିବା ମୁଦ୍ରାସ୍ଫୀତି ୬.୭୮% ଥିବାବେଳେ ଫେବୃଆରୀରେ ଏହା ୪.୭୩%କୁ ହ୍ରାସ ପାଇଛି। ଅନ୍ୟପକ୍ଷରେ ଡାଲି, ଆଳୁ, ଅଣ୍ଡା, ମାଂସ ଓ ମାଛ ମୁଦ୍ରାସ୍ଫୀତି ଫେବୃଆରୀରେ ଅଧିକ ରହିଛି। ଫେବୃଆରୀରେ ଇନ୍ଧନ ଓ ଶକ୍ତି ଅବସ୍ଫୀତି ୩.୭୮%କୁ ହ୍ରାସ ପାଇଛି, ଯାହାକି ଜାନୁଆରୀରେ ୪.୦୧% ଥିଲା।

# ୮ରୁ ୧୦% ପର୍ଯ୍ୟନ୍ତ ବଢ଼ିପାରେ ଏସି ଦର

ଭୁବନେଶ୍ୱର, ୧୬।୩ (ଅନୁରାଧା ମହାରଣା)

ଗ୍ରୀଷ୍ମ ଋତୁ ଆରମ୍ଭ ହୋଇଥିବାବେଳେ ମଧ୍ୟପ୍ରାଚ୍ୟରେ ଇରାନ ଯୁଦ୍ଧ ଯୋଗୁ ଭାରତରେ ଲିକ୍ୱିଡ ପେଟ୍ରୋଲିୟମ ଗ୍ୟାସ (ଏଲ୍‌ପିଜି)ର ସଙ୍କଟ ଦେଖାଦେଇଛି। ଏହାର ପ୍ରଭାବ ଏସି ନିର୍ମାଣ କ୍ଷେତ୍ରରେ ମଧ୍ୟ ଦେଖିବାକୁ ମିଳୁଛି। ବିଶେଷଜ୍ଞମାନଙ୍କ କହିବାନୁସାରେ, ନୂଆ ଉର୍ଜା ନୀତି ଓ କଞ୍ଚା ମାଲ ମୂଲ୍ୟ ବୃଦ୍ଧି ଯୋଗୁ ପୂର୍ବରୁ ଏସିର ମୂଲ୍ୟରେ ୫% ବୃଦ୍ଧି ହୋଇସାରିଛି ଏବଂ ଆଗାମୀ ଦିନରେ ଏହା ୮ରୁ ୧୦% ପର୍ଯ୍ୟନ୍ତ ବଢ଼ିପାରେ। ଇରାନ ଯୁଦ୍ଧ ଯୋଗୁ ଭାରତର ଏଲପିଜି ଆମଦାନୀରେ ବଡ଼ ଅସୁବିଧା ହୋଇଛି, କାରଣ ଦେଶର ୮୫ରୁ ୯୦% ଏଲପିଜି ମଧ୍ୟପ୍ରାଚ୍ୟରୁ ଆସିଥାଏ। ଏହି ସଙ୍କଟ ଘରୋଇ ବ୍ୟବହାର ପରେ ଶିଳ୍ପ ଓ ନିର୍ମାଣ କ୍ଷେତ୍ରକୁ ପ୍ରଭାବିତ କରୁଛି, ଫଳରେ ଏସି ଭଳି ଉତ୍ପାଦର ଉତ୍ପାଦନ ଓ ମୂଲ୍ୟ ଉଭୟରେ ପ୍ରଭାବ ପଡୁଛି। ଶିଳ୍ପ ବିଶେଷଜ୍ଞମାନଙ୍କ ମତରେ, ଏସି ଉତ୍ପାଦନ ପ୍ରକ୍ରିୟାରେ ଏଲପିଜିର ବ୍ୟବହାର ଅତ୍ୟନ୍ତ ଜରୁରୀ ହୋଇଥାଏ ଯେମିତି ତମ୍ବାକୁ ବ୍ରେଜିଂ କରିବା ଓ ପାଉଡର କୋଟିଂ ପାଇଁ ଏବଂ ପଲିମର ତିଆରି ପାଇଁ ପେଟ୍ରୋକେମିକାଲ୍ସ ମଧ୍ୟ ଅପରିହାର୍ଯ୍ୟ। ଏହି ସାମଗ୍ରୀଗୁଡ଼ିକ ଏସି ୟୁନିଟର ପ୍ଲାଷ୍ଟିକ ଭାଗ ଓ ମେକାନିକାଲ ପାର୍ଟ୍ସ ନିର୍ମାଣରେ ବ୍ୟବହୃତ ହୁଏ। ଯୁଦ୍ଧ ଯୋଗୁ ଏଲପିଜି ଓ ପେଟ୍ରୋକେମିକାଲ୍ସର ସପ୍ଲାଇ କମିବାରେ କଞ୍ଚା ମାଲର ଅଭାବ ସୃଷ୍ଟି ହୋଇଛି, ଯାହା ସିଧାସଳଖ ଏସିର ଉତ୍ପାଦନକୁ ପ୍ରଭାବିତ କରୁଛି। ଯଦିଓ ଏବେ ବଜାରରେ ଏହାର ବଡ଼ ପ୍ରଭାବ ଦେଖାଯାଇନାହିଁ, କିନ୍ତୁ ମଧ୍ୟପ୍ରାଚ୍ୟରେ ପରିସ୍ଥିତି ଶୀଘ୍ର ସୁଧାର ନ ଆସେ ତେବେ ଗ୍ରୀଷ୍ମରେ ଏହା ବଡ଼ ଚ୍ୟାଲେଞ୍ଜ ହୋଇପଡ଼ିବ। ପୂର୍ବରୁ ଏସି କ୍ରୟ କରୁଥିବା ଗ୍ରାହକମାନଙ୍କୁ ଅଧିକ ମୂଲ୍ୟ ଦେବାକୁ ପଡୁଛି ଏବଂ ଏପ୍ରିଲ ଓ ମେ ମାସ ମଧ୍ୟରେ ମୂଲ୍ୟରେ ଆହୁରି ବୃଦ୍ଧି ହେବାର ଆଶଙ୍କା ରହିଛି।

# ଓଏମ୍‌ସିଏଲ୍ କର୍ମଚାରୀଙ୍କ ଇନ୍‌ସ୍ୟୁରାନ୍ସ ଦାବୀ ସମାଧାନ




ଭୁବନେଶ୍ୱର, ୧୬।୩ (ଅନୁରାଧା ମହାରଣା)

ଓଡିଶା ମାଇନିଂ କର୍ପୋରେଶନ ଲିମିଟେଡ୍(ଓଏମ୍‌ସିଏଲ୍) ସହିତ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ(ୟୁବିଆଇ)ର କଷ୍ଟମାଇଜ୍ ସାଲାରୀ ପ୍ୟାକେଜ ଅନୁସାରେ ଓଏମ୍‌ସି କର୍ମଚାରୀ ସ୍ୱର୍ଗତ ସତ୍ୟବ୍ରତ ପାଢୀଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କାର ଟର୍ମ ଇନ୍‌ସ୍ୟୁରାନ୍ସ ଦାବି ସମାଧାନ ରାଶି ବ୍ୟାଙ୍କ ପକ୍ଷରୁ ପ୍ରଦାନ କରାଯାଇଛି। ଏହି କଷ୍ଟମାଇଜ୍ ସାଲାରି ପ୍ୟାକେଜ୍‌ର ନିୟମ ଓ ସର୍ତ୍ତାବଳୀ ଅନୁସାରେ ଯୋଗ୍ୟ କର୍ମଚାରୀଙ୍କୁ ଦୁର୍ଘଟଣାଜନିତ ମୃତ୍ୟୁ ଘଟିଲେ ୧କୋଟି୨୦ ଲକ୍ଷ ଟଙ୍କା ଏବଂ ସାଧାରଣ ମୃତ୍ୟୁ ଘଟିଲେ ୨୦ ଲକ୍ଷ ଟଙ୍କାର ଇନ୍‌ସ୍ୟୁରାନ୍ସ ସୁବିଧା ପ୍ରଦାନ କରାଯାଇଥାଏ। ଏଥି ସହିତ ୭୫ହଜାର ଟଙ୍କାର ଲାଇଫ୍ ଷ୍ଟାଇଲ ସୁବିଧା ମଧ୍ୟ ଉପଲବ୍ଧ ରହିଛି। ଭୁବନେଶ୍ୱରର ଓଏମ୍‌ସି କାର୍ଯ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ୱର୍ଗତ ସତ୍ୟବ୍ରତ ପାଢୀଙ୍କ ଆଇନଗତ ଉତ୍ତରାଧିକାରୀ ପୁଷ୍ପାଞ୍ଜଳି ରଥଙ୍କୁ ୨୦ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ଏହି ଅବସରରେ ୟୁବିଆଇ ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର କ୍ଷେତ୍ରୀୟ ମୁଖ୍ୟ ନିରଞ୍ଜନ ବାରିକ, ମୃତ୍ୟୁଞ୍ଜୟ କୁମାର, ସହାୟକ ମହାପ୍ରବନ୍ଧକ, ଦୀନେଶ କୁମାର, ମୁଖ୍ୟ ପ୍ରବନ୍ଧକ, ପଟିଆ ଶାଖାର ଶାଖା ପ୍ରବନ୍ଧକ ଦୀନେଶ ଭୁଜବଳ ଏବଂ ଓଏମ୍‌ସି କ୍ୟାମ୍ପସ ଶାଖାର ଶାଖା ପ୍ରବନ୍ଧକ ପଞ୍ଚାନନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଓଏମ୍‌ସି ପକ୍ଷରୁ ଅଲୋକ ପାଲ, ନିର୍ଦ୍ଦେଶକ (ମାନବ ସମ୍ବଳ), ନୃସିଂହ ବେହେରା, ମୁଖ୍ୟ ମହାପ୍ରବନ୍ଧକ (ଅର୍ଥ), ଦେବେନ୍ଦୁ ମହାପାତ୍ର, ମହାପ୍ରବନ୍ଧକ (ଅର୍ଥ), ଶ୍ରୀକାନ୍ତ ମହାପାତ୍ର, ସହାୟକ ମହାପ୍ରବନ୍ଧକ, ସନ୍ତୋଷ କୁମାର ନାଏକ, ସହାୟକ ମହାପ୍ରବନ୍ଧକ, ରଶ୍ମିକାନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ୧୬ ପୁରସ୍କାର ଜିତିଲା ଜିନ୍ଦଲ ଷ୍ଟିଲର ଆଇରନ ଓର୍ ମାଇନ୍

ଭୁବନେଶ୍ୱର, ୧୬।୩ (ଅନୁରାଧା ମହାରଣା)




୪୩ତମ ବାର୍ଷିକ ମାଇନ୍ସ ସେଫଟି ଫର୍ଟନାଇଟ, ୨୦୨୫ରେ ଜିନ୍ଦାଲ ଷ୍ଟିଲର ଆଇରନ ଓର୍ ମାଇନଗୁଡ଼ିକ ମୋଟ ୧୬ଟି ପୁରସ୍କାର ଲାଭ କରିଛନ୍ତି। କାସିଆ, ରୋଇଡା-୧ ଓ ଟେନସା (ଟିଆରବି) ମାଇନଗୁଡ଼ିକ ସେଫଟି, ଟ୍ରେନିଂ, ଅପରେସନାଲ ପରଫରମାନ୍ସ ଓ ଇନ୍ଫ୍ରାଷ୍ଟ୍ରକ୍ଚର ବିଭାଗରେ ପ୍ରଶଂସିତ ହୋଇଛନ୍ତି। କାସିଆ ମାଇନ୍ସ ଓଭରଅଲ ପରଫରମାନ୍ସ (ଓପନ କାଷ୍ଟ), ମେକାନିକାଲ ମେଣ୍ଟେନାନ୍ସ, ଟ୍ରେନିଂ ହେଲ୍‌ଥ ଓ ଇମର୍ଜେନ୍ସି ପ୍ରିପେୟାର୍ଡନେଶରେ ପ୍ରଥମ ପୁରସ୍କାର ସମେତ ଅନେକ ଶ୍ରେଷ୍ଠ ପୁରସ୍କାର ଜିତିଛି। ରୋଇଡା-୧ ଟ୍ରେନିଂ ଓ ହେଲଥ୍‌ରେ ପ୍ରଥମ ପୁରସ୍କାର ପାଇଛି। ଟେନସା ମାଇନ୍ସ ଡ୍ରିଲିଂ, ବ୍ଲାଷ୍ଟିଂ ଓ ପବ୍ଲିସିଟିରେ ଦ୍ୱିତୀୟ ଓ ଅନ୍ୟାନ୍ୟ ବିଭାଗରେ ତୃତୀୟ ପୁରସ୍କାର ଲାଭ କରିଛି। ଏହା ବ୍ୟତୀତ କମ୍ପାନୀ ଜିଭିଟିସି (ସୋୟାବାଲି)ରେ ଓଭରଅଲ ପରଫରମାନ୍ସ, ବେଷ୍ଟ ସେଫଟି ଷ୍ଟଲ୍ ଓ ଗ୍ରୁପ ଟ୍ରେନିଂ ସେଣ୍ଟରରେ ପୁରସ୍କାର ଜିତିଛି।

# ୨୦ କୁମ୍ଭକାରଙ୍କୁ ଗ୍ରାମୀଣ ବ୍ୟାଙ୍କର ସହାୟତା



ଭୁବନେଶ୍ୱର, ୧୬।୩ (ଅନୁରାଧା ମହାରଣା)

ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ, ସେଲକୋ ଫାଉଣ୍ଡେଶନ ଏବଂ ସ୍ପନ୍ଦନର ମିଳିତ ସହଯୋଗରେ ପୁରୀ ଜିଲାର ପିପିଲିଠାରେ ବିକେନ୍ଦ୍ରୀକୃତ ଅକ୍ଷୟ ଶକ୍ତି ଭିତ୍ତିକ ସମାଧାନ ପାଇଁ ଏକ ଋଣ ମେଳା ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଅବସରରେ, ଶିଳ୍ପୀ ଉନ୍ନତି ଯୋଜନା ଏବଂ ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା ଅଧୀନରେ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ପକ୍ଷରୁ ୨୦ ଜଣ କୁମ୍ଭକାର ଉଦ୍ୟୋଗୀମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏହି ଋଣ କାରିଗରମାନଙ୍କୁ ମାଟିପାତ୍ର ତିଆରି ପାଇଁ ସୌରଚାଳିତ ଯନ୍ତ୍ରପାତି ଗ୍ରହଣ କରିବାରେ ସକ୍ଷମ କରିବ, ଯାହା ଉତ୍ପାଦନ ବୃଦ୍ଧି କରିବାରେ ଏବଂ ସ୍ଥାୟୀ ଆୟର ସୁଯୋଗ ବଢ଼ାଇବାରେ ସାହାଯ୍ୟ କରିବ। କାର୍ଯ୍ୟକ୍ରମରେ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର ପିପିଲି ଆଞ୍ଚଳିକ ପ୍ରବନ୍ଧକ ସୌମ୍ୟଦର୍ଶନ କର, ସେଲକୋ ଫାଉଣ୍ଡେଶନର ବରିଷ୍ଠ ପରାମର୍ଶଦାତା (ଆର୍ଥିକ ଅନ୍ତର୍ଭୁକ୍ତୀକରଣ) ପ୍ରଭୁ ପ୍ରସାଦ ମିଶ୍ର, ସ୍ପନ୍ଦନର ନିର୍ଦ୍ଦେଶକ ଶାଶ୍ୱତ ମହାପାତ୍ରଙ୍କ ସମେତ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର ଶାଖା ପରିଚାଳକ ଏବଂ ହିତାଧିକାରୀ କୁମ୍ଭକାରମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ପରିଚାଳନା ସେଲ୍କୋ ଫାଉଣ୍ଡେସନର ସଞ୍ଜୟ କୁମାର ତ୍ରିପାଠୀ, ସ୍ୱାଗତିକା ନାୟକ ଏବଂ ସ୍ପନ୍ଦନର ପ୍ରତିନିଧିମାନଙ୍କ ଦ୍ୱାରା କରାଯାଇଥିଲା।

# ବ୍ୟାଙ୍କ ଅଫ୍ ଇଣ୍ଡିଆ ସରବାହାଲ ଶାଖା ଉଦ୍‌ଘାଟିତ



ବ୍ୟାଙ୍କ ଅଫ୍ ଇଣ୍ଡିଆ ସରବାହାଲ ଶାଖା ଉଦ୍‌ଘାଟନ କରାଯାଉଛି।

ଝାରସୁଗୁଡା, ୧୬/୩(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ାସ୍ଥିତ ସରବାହାଲଠାରେ ବ୍ୟାଙ୍କ ଅଫ୍ ଇଣ୍ଡିଆର ଏକ ନୂତନ ଶାଖା ସୋମବାର ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟରେ ଏହା ହେଉଛି ବ୍ୟାଙ୍କ ଅଫ୍ ଇଣ୍ଡିଆର ୨୮୯ ତମ ଶାଖା। ଏହି କାର୍ଯ୍ୟକ୍ରମକୁ ବ୍ୟାଙ୍କର କ୍ଷେତ୍ର ମହାପ୍ରବନ୍ଧକ ବିକାଶ କ୍ରିଷ୍ଣା ଉଦ୍‌ଘାଟନ କରିଥିଲେ। ଏଥିରେ ସମ୍ବଲପୁର ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ଶ୍ରୀଜିତ୍ ଶଙ୍କର ବେହେରା, ଉପ ଆଞ୍ଚଳିକ ପ୍ରବନ୍ଧକ ନିବେଦିତା ମିଶ୍ର ଏବଂ ସରବାହାଲ ଶାଖାର ଶାଖା ପ୍ରବନ୍ଧକ ପ୍ରାଞ୍ଜଳ ପଧାନ ଉପସ୍ଥିତ ଥିଲେ। ସରବାହାଲ ଅଞ୍ଚଳରେ ଏହି ନୂତନ ଶାଖା ସ୍ଥାନୀୟ ଲୋକଙ୍କ ଆର୍ଥିକ ଏବଂ ବ୍ୟବସାୟିକ କାରବାରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି କ୍ରିଷ୍ଣା କହିଛନ୍ତି। ବ୍ୟାଙ୍କ୍‌ର ବିଭିନ୍ନ ଯୋଜନା କିପରି ଲୋକଙ୍କ ପାଖରେ ସୁଚାରୁରୂପେ ପହଞ୍ଚିପାରିବ, ସେ ସମ୍ପର୍କରେ ଆଞ୍ଚଳିକ ପ୍ରବନ୍ଧକ ବେହେରା ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଗ୍ରାହକମାନଙ୍କ ସହିତ ଆଲୋଚନା କରିଥିଲେ।

# ପୁରୀ ଷ୍ଟେଶନ: ଟ୍ରେନ ଚଳାଚଳରେ ପରିବର୍ତ୍ତନ

ଭୁବନେଶ୍ୱର, ୧୬।୩ (ଅନୁରାଧା ମହାରଣା)

ପୂର୍ବତଟ ରେଳପଥ ପୁରୀ ରେଳ ଷ୍ଟେଶନରେ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଉନ୍ନତୀକରଣ କାର୍ଯ୍ୟ ଘୋଷଣା କରିଛି। ଷ୍ଟେଶନ ୟାର୍ଡରେ ବାଲାଷ୍ଟଲେଶ୍ ଟ୍ରାକ ନିର୍ମାଣ ଏବଂ ପ୍ଲାଟଫର୍ମ ନମ୍ବର ୭ ଏବଂ ୮ର ବିକାଶ ମୂଳକ କାର୍ଯ୍ୟ କରାଯିବ। ପୂର୍ବରୁ କିଛି ଟ୍ରେନକୁ ସାକ୍ଷୀଗୋପାଳ ଷ୍ଟେଶନରେ ସଂକ୍ଷିପ୍ତ-ଅବଧି କିମ୍ବା ସଂକ୍ଷିପ୍ତ-ଉତ୍ପତ୍ତି କରାଯିବାର ଯୋଜନା କରାଯାଇଥିଲା। ସଂଶୋଧିତ ପରିଚାଳନା ବ୍ୟବସ୍ଥା ଅନୁଯାୟୀ, ପୂର୍ବରୁ ଘୋଷିତ ଦିନରେ କିଛି ଟ୍ରେନ ଏବେ ସାକ୍ଷୀଗୋପାଳ ପରିବର୍ତ୍ତେ ମାଳତୀପାଟପୁର ଷ୍ଟେଶନରେ ଟ୍ରେନ ଗୁଡ଼ିକୁ ସଂକ୍ଷିପ୍ତ-ଅବଧି କିମ୍ବା ସଂକ୍ଷିପ୍ତ-ଉତ୍ପତ୍ତି କରାଯିବ। ଯାତ୍ରୀମାନଙ୍କୁ ସେମାନଙ୍କର ଯାତ୍ରା ଆରମ୍ଭ କରିବା ପୂର୍ବରୁ ଟ୍ରେନଗୁଡ଼ିକର ସ୍ଥିତି ଯାଞ୍ଚ କରିବାକୁ ପରାମର୍ଶ ଦିଆଯାଇଛି।



ବିହାର ବିଧାନସଭାରେ ସୋମବାର ରାଜ୍ୟ ସଭା ନିର୍ବାଚନ ମତଦାନ ଚାଲିଥିବାବେଳେ ରାଜ୍ୟ ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧରୀ (ଡାହାଣ)ଙ୍କ ସହ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା ଏନ୍‌ଡିଏ ପ୍ରାର୍ଥୀ ନିତିନ ନବୀନ ବିଜୟ ସଙ୍କେତ ଦେଖାଉଛନ୍ତି।

# ଟ୍ରମ୍ପ୍ ବାଟବଣା, ମୁହଁ ମୋଡୁଛନ୍ତି ନାଟୋ ସହଯୋଗୀ

ୱାଶିଂଟନ୍, ୧୬।୩

ଇରାନ୍ ବିରୋଧରେ ଯୁଦ୍ଧ ଆରମ୍ଭ କରିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏବେ ବାଟବଣା ହୋଇପଡ଼ିଛନ୍ତି। ସ୍ଥିତି ଏଭଳି ହୋଇଛି , ଟ୍ରମ୍ପ୍ ଯୁଦ୍ଧ ବନ୍ଦ କରିବାକୁ ନିଷ୍ପତ୍ତି ନେଇପାରୁନାହାନ୍ତି କି ଇରାନକୁ ମଧ୍ୟ ରୋକିବାକୁ ବୁଦ୍ଧି ପାଉନାହାନ୍ତି। ଯୁଦ୍ଧ ବୁଝାମଣା କରିବାକୁ ଆଦୌ ପ୍ରସ୍ତୁତ ନ ଥିବା ଇରାନ୍ ଉପସାଗରୀୟ ଦେଶଗୁଡ଼ିକ ଉପରେ ଆକ୍ରମଣ ଜାରି ରଖିଥିଲାବେଳେ ହର୍ମୁଜ୍ ଷ୍ଟ୍ରେଟ୍‌କୁ ବନ୍ଦ କରି ପରୋକ୍ଷରେ ଟ୍ରମ୍ପଙ୍କ ପାଇଁ ଚିନ୍ତା ବଢାଇଛି। ଇରାନ୍ ହର୍ମୁଜ୍ ଷ୍ଟ୍ରେଟ୍ ଦେଇ ଜାହାଜ ଚଳାଚଳ ବନ୍ଦ କରିଦେଇଥିବାରୁ ଅନ୍ତର୍ଜାତୀୟ ବଜାରରେ ତୈଳ ମୂଲ୍ୟ ଯେଭଳି ବଢ଼ିଚାଲିଛି ତାହା କେବଳ ଆମେରିକା ନୁହେଁ, ସବୁ ଦେଶଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଏଥିପାଇଁ ଟ୍ରମ୍ପ୍ ନାଟୋ ଦେଶଙ୍କ ସହାୟତା ଲୋଡ଼ିଛନ୍ତି। କିନ୍ତୁ ଟ୍ରମ୍ପଙ୍କ ତାଗିଦ୍ ସତ୍ତ୍ୱେ ବହୁ ନାଟୋ ସଦସ୍ୟ ରାଷ୍ଟ୍ର ମୁହଁମୋଡ଼ିବା ଘଟଣା ଟ୍ରମ୍ପଙ୍କ ଚିନ୍ତା ଆହୁରି ବଢାଇଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ବ୍ୟାରେଲ ପିଛା ମୂଲ୍ୟ ୧୦୫ ଡଲାର ଟପିଛି। ଆଗକୁ ବ୍ୟାରେଲ ପିଛା ମୂଲ୍ୟ



ଡୋନାଲ୍ଡ ଟ୍ରମ୍ପ୍ | କେର୍ ଷ୍ଟାର୍ମର

୨୦୦ ଡଲାରରେ ପହଞ୍ଚାଇବାକୁ ଇରାନ୍ ଧମକ ଦେବା ସହିତ ହର୍ମୁଜ୍ ଷ୍ଟ୍ରେଟ୍ ବନ୍ଦ କରିବା ରଣନୀତିକୁ ଆପଣାଇଛି। ଟ୍ରମ୍ପ୍ ହର୍ମୁଜ୍ ଷ୍ଟ୍ରେଟ୍‌ରେ ତୈଳ ପରିବହନକାରୀ ଜାହାଜଗୁଡ଼ିକୁ ସୁରକ୍ଷା ଦେବା ନେଇ ଚାଇନା ସମେତ ନାଟୋ ରାଷ୍ଟ୍ରମାନଙ୍କୁ ଧମକ ଦେଇଛନ୍ତି। ଏହିସବୁ ରାଷ୍ଟ୍ର ହର୍ମୁଜ୍ ସୁରକ୍ଷା ପାଇଁ ସେମାନଙ୍କ ଯୁଦ୍ଧପୋତ ମୁତୟନ କରନ୍ତୁ ବୋଲି ଟ୍ରମ୍ପ୍ ଧମକ ଦେଇଛନ୍ତି। କିନ୍ତୁ କୌଣସି ରାଷ୍ଟ୍ର ଟ୍ରମ୍ପଙ୍କ ଧମକକୁ ଖାତିର କରି ନାହାନ୍ତି। ଅଷ୍ଟ୍ରେଲିଆ ଯୁଦ୍ଧଜାହାଜ ପଠାଇବାକୁ ରୋକ୍‌ଠୋକ୍ ମନା କରି ଦେଇଥିଲାବେଳେ ଜାପାନ ମଧ୍ୟ ସମାନ କଥା କହିଛି। ସେପଟେ କାନାଡା, ଯୁକ୍ତରାଜ୍ୟ, ଫ୍ରାନ୍ସ, ଜର୍ମାନୀ ଆଦି ପ୍ରମୁଖ ନାଟୋ ରାଷ୍ଟ୍ର ଏଥିପାଇଁ ସହଯୋଗ କରିବାକୁ ଅନିଚ୍ଛା ପ୍ରକାଶ କରିଛନ୍ତି।

# ରାଜ୍ୟ ସଭାରେ ଏନ୍‌ଡିଏର ବଳ ବୃଦ୍ଧି

ନୂଆଦିଲ୍ଲୀ, ୧୬।୩

୨୦୨୬ ଏପ୍ରିଲରେ ଖାଲି ହେଉଥିବା ରାଜ୍ୟ ସଭାର ୩୭ ଆସନ ମଧ୍ୟରୁ ୨୬ଟିରେ ପ୍ରାର୍ଥୀମାନେ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଥିବାବେଳେ ଅବଶିଷ୍ଟ ୧୧ ଆସନ ପାଇଁ ସୋମବାର ନିର୍ବାଚନ ଅନୁଷ୍ଠିତ ହୋଇଛି। ଏହି ଦ୍ୱିବାର୍ଷିକ ନିର୍ବାଚନରେ ଓଡ଼ିଶାର ୪, ବିହାର ୫ ଓ ହରିୟାଣାର ୨ ଆସନ ପାଇଁ ଭୋଟ ଗ୍ରହଣ କରାଯାଇଛି। ନିର୍ବାଚନ କମିଶନଙ୍କ ପୂର୍ବ ନିର୍ଦ୍ଧାରିତ ନିର୍ଘଣ୍ଟ ଅନୁସାରେ ରାଜ୍ୟ ବିଧାନସଭାଗୁଡ଼ିକରେ ପୂର୍ବାହ୍ନ ୯ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମତଦାନ ହୋଇଥିବାବେଳେ ୫ଟାରେ ଭୋଟ ଗଣତି ଆରମ୍ଭ ହୋଇଥିଲା। ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ୨୬ ଜଣଙ୍କ ମଧ୍ୟରୁ ଭାଜପାର ୭, କଂଗ୍ରେସର ୫, ତୃଣମୂଳ କଂଗ୍ରେସ (ଟିଏମ୍‌ସି) ୪ ଏବଂ ଦ୍ରାବିଡ ମୁନେତ୍ରା କାଝାଗାମ୍ (ଡିଏମ୍‌କେ)ର ୩ ଜଣ ରହିଛନ୍ତି। ସେହିପରି ଶିବସେନା, ଆର୍‌ପିଆଇ(ଏ), ଏନ୍‌ସିପି, ଏନ୍‌ସିପି(ଏସ୍‌ପି), ଏଆଇଏଡିଏମ୍‌କେ, ପିଏମ୍‌କେ ଏବଂ ୟୁପିପିଏଲ୍‌ର ଜଣେ ଲେଖାଏ ପ୍ରାର୍ଥୀ ମଧ୍ୟ ବିନା ପ୍ରତିଦ୍ୱନ୍ଦ୍ୱିତାରେ ରାଜ୍ୟ ସଭାକୁ ଯାଇଛନ୍ତି। ସେମାନଙ୍କ ମଧ୍ୟରେ ଶରଦ ପାୱାର, ଅଭିଷେକ ମନୁ ସିଂଘଭି, ତିରୁଚି ଶିବା ଓ ବିନୋଦ ତାୱଡ଼େ ପ୍ରମୁଖ ରହିଛନ୍ତି। ନିର୍ବାଚନ ଅନୁଷ୍ଠିତ ହୋଇଥିବା ୧୦ ରାଜ୍ୟ ମଧ୍ୟରୁ ୬ଟିରେ ଏନ୍‌ଡିଏ ସରକାର କ୍ଷମତାସୀନ ରହିଛି। ୨୪୩ ଆସନ ବିଶିଷ୍ଟ ଉଚ୍ଚ ସଦନରେ ପୂର୍ବରୁ ଏନ୍‌ଡିଏ ୧୩୪ ସଦସ୍ୟ ଥିବାବେଳେ ଏହି ଫଳାଫଳ ଆସିବା ପରେ ରାଜ୍ୟ ସଭାରେ ଶାସକ ମେଣ୍ଟ ସଦସ୍ୟଙ୍କ ସଂଖ୍ୟା ୧୪୧କୁ ବୃଦ୍ଧି ପାଇଛି। ସେହିପରି ୪ ରାଜ୍ୟରେ କ୍ଷମତାସୀନ ବିରୋଧୀ ଇଣ୍ଡିଆ ବ୍ଲକ୍‌ର ୮୦ ସଦସ୍ୟ ପୂର୍ବରୁ ରାଜ୍ୟ ସଭାରେ ରହିଥିବାବେଳେ ସଦ୍ୟ ପରିଣାମ ସହ ସେମାନଙ୍କ ସଂଖ୍ୟା ୭୪କୁ ହ୍ରାସ ପାଇଛି। ଖାଲି ହେଉଥିବା ରାଜ୍ୟ ସଭାର ୩୭ ଆସନ ମଧ୍ୟରୁ ଓଡ଼ିଶାର ୪ ଆସନ ରହିଛି। ସେହିପରି ଆସାମର ୩, ବିହାର ୫, ଛତିଶଗଡ଼ ୨, ହରିୟାଣା ୨, ହିମାଚଳ ପ୍ରଦେଶର ଗୋଟିଏ, ମହାରାଷ୍ଟ୍ର ୭, ତାମିଲନାଡୁ ୬, ତେଲଙ୍ଗାନା ୨ ଓ ପଶ୍ଚିମବଙ୍ଗର ୫ ଆସନ ଖାଲି ପଡ଼ିବାକୁ ଥିଲା।



ନୀତୀଶ କୁମାର



ଅଭିଷେକ ମନୁ ସିଂଘଭି



ଶରଦ ପାୱାର



ପାର୍ଥ ପାୱାର

- ହରିବଂଶ ସିଂଙ୍କ ସ୍ଥାନରେ ନୀତୀଶ କୁମାର
- ପଶ୍ଚିମବଙ୍ଗର ୪ ଆସନରେ ଟିଏମ୍‌ସିର ସ୍ଥିତାବସ୍ଥା
- ପାର୍ଥ ପାୱାର, ବାବୁଲ ସୁପ୍ରିୟୋ ଜିତିଲେ

### ଆସାମ: ୩

ଆସାମରେ ଭାଜପାର ଭୁବନେଶ୍ୱର କଲିତାଙ୍କ ସ୍ଥାନରେ ଦଳର ଯୋଗେନ୍ ମୋହନ ରାଜ୍ୟ ସଭାକୁ ଯାଇଛନ୍ତି। ରାମେଶ୍ୱର ତେଲି (ଭାଜପା)ଙ୍କ ଆସନରେ ଶାସକ ଦଳର ତେରାଶ ଗୋୱାଲା ଉଚ୍ଚ ସଦନକୁ ଯାଇଥିବାବେଳେ ଏଜିପିର ଅଜିତ କୁମାର ଭୂୟାଁଙ୍କ ସ୍ଥାନରେ ୟୁପିପିଏଲ୍‌ର ପ୍ରମୋଦ ବୋରେଙ୍କୁ ପ୍ରତିନିଧିତ୍ୱର ସୁଯୋଗ ମିଳିଛି।

### ବିହାର: ୫

ବିହାରରୁ ଖାଲିପଡୁଥିବା ସମସ୍ତ ୫ ଆସନରେ ଏନ୍‌ଡିଏ ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ରାଜ୍ୟ ସଭା ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂ (ଜେଡିୟୁ)ଙ୍କ ସ୍ଥାନରେ ଦଳର ଅଧ୍ୟକ୍ଷ ନୀତୀଶ କୁମାର ଜିତିଛନ୍ତି। କେନ୍ଦ୍ରମନ୍ତ୍ରୀ ରାମନାଥ ଠାକୁର (ଭାଜପା) ନିଜ ସ୍ଥିତାବସ୍ଥା ବଜାୟ ରଖିଛନ୍ତି। ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି)ର ପ୍ରେମଚନ୍ଦ ଗୁପ୍ତାଙ୍କ ସ୍ଥାନରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ ଏବଂ ଆର୍‌ଜେଡିର ଅମରେନ୍ଦ୍ର ଧାରୀ ସିଂଙ୍କ ଆସନରେ ଶିବେଶ କୁମାର (ଭାଜପା) ରାଜ୍ୟ ସଭାକୁ ଯାଇଛନ୍ତି। ସେହିପରି ରାଷ୍ଟ୍ରୀୟ ଲୋକ ମୋର୍ଚ୍ଚା (ଆର୍‌ଏଲ୍‌ଏମ୍) ଅଧ୍ୟକ୍ଷ ପୁନର୍ବାର ବିଜୟ ହାସଲ କରି ରାଜ୍ୟ ସଭାରେ ନିଜ ଆସନ ସୁରକ୍ଷିତ କରିପାରିଛନ୍ତି।

### ଛତିଶଗଡ଼: ୨

ଛତିଶଗଡ଼ର ୨ ଆସନ ମଧ୍ୟରୁ ଗୋଟିଏରେ ଭାଜପା ଓ ଅନ୍ୟଟିରେ କଂଗ୍ରେସ ବିଜୟୀ ହୋଇଛି। କଂଗ୍ରେସର କେ.ଟି.ଏସ୍. ତୁଲସୀ ପ୍ରତିନିଧିତ୍ୱ କରୁଥିବା ଆସନରୁ ଭାଜପାର ଲକ୍ଷ୍ମୀ ବର୍ମା ବିଜୟୀ ହୋଇଥିବାବେଳେ ଫୁଲୋଦେବୀ ନେତମ୍ (କଂଗ୍ରେସ) ନିଜ ସିଟ୍ ବଜାୟ ରଖିଛନ୍ତି।

### ହରିୟାଣା: ୨

ଏହି ଉତ୍ତର ଭାରତୀୟ ହିନ୍ଦୀଭାଷୀ ରାଜ୍ୟର ୨ ଆସନରେ ଭାଜପା ଜିତିବା ସହ ସ୍ଥିତାବସ୍ଥା ବଜାୟ ରଖିଛି। କିରଣ କୁମାର ଚୌଧରୀଙ୍କ ସ୍ଥାନରେ ସଞ୍ଜୟ ଭାଟିଆ ରାଜ୍ୟ ସଭାକୁ ଯାଇଥିବାବେଳେ ରାମଚନ୍ଦ୍ର ଜଙ୍ଗରା ପୁନର୍ବାର ପ୍ରତିନିଧିତ୍ୱର ସୁଯୋଗ ପାଇଛନ୍ତି।

### ହିମାଚଳ: ୧

ହିମାଚଳ ପ୍ରଦେଶର ଖାଲିପଡ଼ିବାକୁ ଥିବା ଆସନରେ ଭାଜପାର ଇନ୍ଦୁ ଗୋସ୍ୱାମୀ ପୂର୍ବରୁ ପ୍ରତିନିଧିତ୍ୱ କରୁଥିବାବେଳେ ସଦ୍ୟ ନିର୍ବାଚନରେ କଂଗ୍ରେସର ଅନୁରାଗ ଶର୍ମା ବିଜୟୀ ହୋଇଛନ୍ତି।

### ମହାରାଷ୍ଟ୍ର: ୭

ମହାଯୁତି ସରକାର ଶାସନାଧୀନ ମହାରାଷ୍ଟ୍ରରେ ମଧ୍ୟ ଏନ୍‌ଡିଏ ଅଧିକ ବଳିୟାନ୍ ହୋଇଛି। ଭାଜପାର ଧୈର୍ଯ୍ୟଶୀଳ ପାଟିଲଙ୍କ ସ୍ଥାନରେ ବିନୋଦ ତାୱଡ଼େ ଏବଂ ଭାଗବତ କରାଡ଼ଙ୍କ ଆସନରେ ରାମରାଓ ୱାଡ୍‌କୁଟେ ବିଜୟୀ ହୋଇଛନ୍ତି। ଅନ୍ୟପକ୍ଷେ କଂଗ୍ରେସର ରଜନୀ ପାଟିଲ ପ୍ରତିନିଧିତ୍ୱ କରୁଥିବା ଆସନରେ ଭାଜପାର ମାୟା ଇଭ୍‌ନାତେ ଜିତିଛନ୍ତି। ଶିବସେନା ୟୁବିଟିର ପ୍ରିୟଙ୍କା ଚତୁର୍ବେଦୀଙ୍କ ଆସନରେ ଉପମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନାର ଜ୍ୟୋତି ୱାଘମରେଙ୍କୁ ରାଜ୍ୟ ସଭାରେ ପ୍ରତିନିଧିତ୍ୱର ସୁଯୋଗ ମିଳିଛି। କେନ୍ଦ୍ରମନ୍ତ୍ରୀ ରାମଦାସ ଆଠୱଲେ (ଆର୍‌ପିଆଇ-ଏ) ଏବଂ ରାଜ୍ୟ ରାଜନୀତିର ଚାଣକ୍ୟ ଭାବେ ପରିଚିତ ଶରଦ ପାୱାର (ଏନ୍‌ସିପି-ଏସ୍‌ପି) ନିଜ ନିଜ ଆସନରୁ ପୁଣି ପ୍ରତିନିଧିତ୍ୱ କରିବେ। ଅନ୍ୟପକ୍ଷେ ଏନ୍‌ସିପି-ଏସ୍‌ପିର ଫୌଜିଆ ଖାନ୍‌ଙ୍କ ଆସନରେ ଦିବଂଗତ ନେତା ଅଜିତ୍ ପାୱାରଙ୍କ ପୁଅ ପାର୍ଥ ପାୱାରଙ୍କୁ ଏଥର ସୁଯୋଗ ମିଳିଛି।

### ତାମିଲନାଡୁ: ୬

ତାମିଲନାଡୁର ଡିଏମ୍‌କେ ନେତା ତିରୁଚି ଶିବା ଏବଂ ଏଆଇଏଡିଏମ୍‌କେର ଏମ୍. ଥମ୍ବିଦୁରାଇ ନିଜ ନିଜ ଆସନରେ ପୁନର୍ବାର ପ୍ରତିନିଧିତ୍ୱର ସୁଯୋଗ ଲାଭ କରିଛନ୍ତି। ଡିଏମ୍‌କେର ପି. ସେଲଭାରାସୁଙ୍କ ଆସନରେ କଂଗ୍ରେସର ଏମ୍. ଖ୍ରିଷ୍ଟୋଫର ତିଲକ ବିଜୟୀ ହୋଇଛନ୍ତି। ଏନ୍.ଆର୍. ଏଲାଙ୍ଗୋ (ଡିଏମ୍‌କେ)ଙ୍କ ଆସନରେ ତାଙ୍କ ଦଳର ଜେ.ସି. ରବୀନ୍ଦ୍ରନ୍ ବିଜୟୀ ହୋଇଛନ୍ତି। କାନିମୋଝୀ ଏନ୍‌ଭିଏନ୍ ସୋମୁ (ଡିଏମ୍‌କେ)ଙ୍କ ଆସନରେ ଏଲ୍.କେ. ସୁଦୀଶ (ଡିଏମ୍‌ଡିକେ) ଜିତିଛନ୍ତି। ସେହିପରି ଜି.କେ. ଭାସନ (ଟିଏମ୍‌ସି-ଏମ୍)ଙ୍କ ଆସନରେ ପିଏମ୍‌କେର ଅମ୍ବୁମଣି ରାମଦୋସ୍ ବିଜୟୀ ହୋଇଛନ୍ତି।

### ତେଲଙ୍ଗାନା: ୨

କଂଗ୍ରେସ ନେତା ଅଭିଷେକ ମନୁ ସିଂଘଭି ନିଜ ରାଜ୍ୟ ସଭା ଆସନ ସୁରକ୍ଷିତ ରଖିବାରେ ସଫଳ ହୋଇଥିବାବେଳେ ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍)ର କେ.ଆର୍. ସୁଦେଶ ରେଡ୍ଡୀଙ୍କ ଆସନକୁ ଶାସକ କଂଗ୍ରେସର ଭେମ୍ ନରେନ୍ଦ୍ର ରେଡ୍ଡୀ ଛଡ଼ାଇ ନେଇଛନ୍ତି।

### ପଶ୍ଚିମବଙ୍ଗ: ୫



ରାଜୀବ କୁମାର | ବାବୁଲ ସୁପ୍ରିୟୋ

ମାସକ ପରେ ବିଧାନସଭା ନିର୍ବାଚନ ହେବାକୁ ଥିବା ପଶ୍ଚିମବଙ୍ଗର ୫ ରାଜ୍ୟ ସଭା ଆସନ ମଧ୍ୟରୁ ୪ଟିରେ ଶାସକ ଟିଏମ୍‌ସି ସ୍ଥିତାବସ୍ଥା ବଜାୟ ରଖିବାରେ ସକ୍ଷମ ହୋଇଛି। ସୁବ୍ରତ ବକ୍ସିଙ୍କ ସ୍ଥାନରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବାବୁଲ ସୁପ୍ରିୟୋ, ରୀତାବ୍ରତ ବାନାର୍ଜୀଙ୍କ ଆସନରେ କୋଏଲ ବାନାର୍ଜୀ, ମୌସମ ନୂରଙ୍କ ଆସନରେ ମେନକା ଗୁରୁସ୍ୱାମୀ ଏବଂ ସାକେତ୍ ଗୋଖଲେଙ୍କ ଆସନରେ ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ରାଜୀବ କୁମାର ବିଜୟୀ ହୋଇଛନ୍ତି। ଅନ୍ୟପକ୍ଷେ ସିପିଆଇଏମ୍‌ର ବିକାଶ ରଞ୍ଜନ ଭଟ୍ଟାଚାର୍ଯ୍ୟଙ୍କ ଆସନକୁ ଭାଜପାର ରାହୁଲ ସିହ୍ନା ଛଡ଼ାଇ ନେଇଛନ୍ତି।

# ରାଜ୍ୟ ସଭାରେ ଟିଏମ୍‌ସି ଏମ୍‌ପିଙ୍କ କକ୍ଷତ୍ୟାଗ

## ପଶ୍ଚିମବଙ୍ଗ ମୁଖ୍ୟ ସଚିବ, ଡିଜିପିଙ୍କ ବଦଳି ପ୍ରତିବାଦ

ନୂଆଦିଲ୍ଲୀ, ୧୬।୩

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପୂର୍ବରୁ ନିର୍ବାଚନ କମିଶନ ରାଜ୍ୟର ମୁଖ୍ୟ ଶାସନ ସଚିବ ଏବଂ ପୋଲିସ ମହାନିର୍ଦ୍ଦେଶକ (ଡିଜିପି)ଙ୍କୁ ବଦଳି କରିଥିବାରୁ ଏହାର ପ୍ରତିବାଦରେ ଶାସକ ଦଳ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୋମବାର ସାରାଦିନ ରାଜ୍ୟ ସଭାରୁ କକ୍ଷତ୍ୟାଗ କରିଥିଲେ। ନିର୍ବାଚନ ତାରିଖ ଘୋଷଣାର ଅଳ୍ପ କେଇଘଣ୍ଟା ପୂର୍ବରୁ ମୁଖ୍ୟ ସଚିବ ନନ୍ଦିନୀ ଚକ୍ରବର୍ତ୍ତୀଙ୍କ ସମେତ ଡିଜିପି ପୀୟୂଷ ପାଣ୍ଡେଙ୍କ ବଦଳି ପାଇଁ ନିଷ୍ପତ୍ତି ନେଇଥିଲେ। ଏଥିସହିତ ପ୍ରମୁଖ ସଚିବ ଏବଂ ଗୃହ ସଚିବଙ୍କୁ ମଧ୍ୟ ବଦଳି କରାଯାଇଛି। ନନ୍ଦିନୀଙ୍କ ସ୍ଥାନରେ ବରିଷ୍ଠ ଆଇଏଏସ୍ ଅଫିସର ଦୁଷ୍ୟନ୍ତ ନାରିଆଲାଙ୍କୁ ମୁଖ୍ୟ ସଚିବ ଏବଂ ପୀୟୂଷଙ୍କ ସ୍ଥାନରେ ସିଦ୍ଧନାଥ ଗୁପ୍ତାଙ୍କୁ ଡିଜିପି ଭାବେ ନିଯୁକ୍ତି ଦିଆଯାଇଛି। ରାଜ୍ୟ ସଭାରେ ଶୂନ୍ୟକାଳ ପୂର୍ବରୁ ଟିଏମ୍‌ସି ସଦସ୍ୟ ଡେରେକ୍ ଓ'ବ୍ରାଏନ୍ ଏହି ପ୍ରସଙ୍ଗ ଉଠାଇ ନିର୍ବାଚନ କମିଶନଙ୍କ ରାତିଅଧିଆ ପଦକ୍ଷେପକୁ ନିନ୍ଦା କରିବା ସହ ଆମେ କକ୍ଷତ୍ୟାଗ କରୁଛୁ ବୋଲି କହିଥିଲେ।

# ଭାରତରେ ପହଞ୍ଚିଲା ଶିବାଲିକ୍

ମୁନ୍ଦ୍ରା(ଗୁଜରାଟ), ୧୬।୩

ଉପସାଗରୀୟ ଦେଶରୁ ଏଲ୍‌ପିଜି ନେଇ ଆସୁଥିବା ୨ ଜାହାଜ ମଧ୍ୟରୁ ଶିବାଲିକ୍ ସୋମବାର ଗୁଜରାଟର ମୁନ୍ଦ୍ରା ବନ୍ଦରରେ ପହଞ୍ଚିଛି। ମଙ୍ଗଳବାର ନନ୍ଦାଦେବୀ ମଧ୍ୟ ଗୁଜରାଟର କାଣ୍ଡଲା ବନ୍ଦରରେ ପହଞ୍ଚିବ ବୋଲି ସୂଚନା ମିଳିଛି। ଏହି ଦୁଇ ଜାହାଜରେ ୯୨,୭୦୦ ମେଟ୍ରିକ୍ ଟନ୍ ଏଲ୍‌ପିଜି ଆସିଥିଲାବେଳେ ଭାରତରେ ଏଲ୍‌ପିଜି ଯୋଗାଣକୁ ନେଇ ସୃଷ୍ଟି ହୋଇଥିବା ସଙ୍କଟ କିଛି ପରିମାଣରେ ଦୂର ହେବ ବୋଲି ଆଶା କରାଯାଉଛି। ଇରାନ୍ ଏହି ଦୁଇ ଜାହାଜକୁ ହର୍ମୁଜ୍ ଷ୍ଟ୍ରେଟ୍ ଦେଇ ଯିବାକୁ ଅନୁମତି ଦେଇଥିଲା। ଆଉ ଏକ ଜାହାଜ ମଧ୍ୟ ଏଲ୍‌ପିଜି ବୋଝେଇ କରି ହର୍ମୁଜ୍ ନିକଟବର୍ତ୍ତୀ ହୋଇଥିବା ସୂଚନା ମିଳିଛି।

# ଡଲାର ଉପରେ ପ୍ରହାର ଇରାନ୍‌ର ରଣନୀତି

ତେହରାନ୍, ୧୬।୩

ଆମେରିକାକୁ ହାତରେ ନ ମାରି ଭାତରେ ମାରିବାକୁ ଇରାନ୍ ଆପଣାଇଥିବା ରଣନୀତି ଏବେ ଆମେରିକା ପାଇଁ ବଡ଼ ସମସ୍ୟା ସୃଷ୍ଟି କରିଛି। ଉପସାଗରୀୟ ଦେଶଗୁଡ଼ିକ ଉପରେ ଆକ୍ରମଣ ଏବଂ ହର୍ମୁଜ୍ ଷ୍ଟ୍ରେଟ୍‌କୁ ବନ୍ଦ କରି ଇରାନ୍ ନିଜ ଅଭିସନ୍ଧି ଜାରି ରଖିଛି। ବର୍ତ୍ତମାନ ଚାଇନା ଏବଂ ଭାରତକୁ ହର୍ମୁଜ୍ ଦେଇ ତୈଳ ପରିବହନ କରିବାକୁ ଇରାନ୍ ଏକପ୍ରକାର ସମ୍ମତି ଦେଇଛି। ଅନ୍ୟ ରାଷ୍ଟ୍ର ମଧ୍ୟ ଇରାନ ପାଇଁ କୌଣସି ପ୍ରତିକୂଳ ସ୍ଥିତି ସୃଷ୍ଟି ନ କରି କୂଟନୈତିକ ସମ୍ପର୍କ ମାଧ୍ୟମରେ ତେଲ ନେବାକୁ କଥାବାର୍ତ୍ତା କରୁଛନ୍ତି। ହେଲେ ଇରାନ୍ ଏଥିପାଇଁ ଏକ ସର୍ତ୍ତ ରଖିଥିବା



କୁହାଯାଇଛି। ଯେଉଁ ଦେଶ ଇରାନରୁ ତେଲ କିଣିବ ଏବଂ ଡଲାର ବଦଳରେ ଚାଇନା ୟୁଆନ୍ ଦେବ ତାହାକୁ ଇରାନ୍ ହର୍ମୁଜ୍ ଦେଇ ତେଲ ବିକିବାକୁ ପ୍ରସ୍ତୁତ ଅଛି ବୋଲି କହିଛି। ଏହାଦ୍ୱାରା ଅନ୍ତର୍ଜାତୀୟ ବଜାରରେ ଡଲାରର ସ୍ଥିତିକୁ କମ୍‌ଜୋର କରିବାକୁ ଇରାନ୍ ଯୋଜନା କରିଥିବା କୁହାଯାଉଛି। ଇରାନ୍‌ର ଏହି ରଣନୀତି ମଧ୍ୟ ଆମେରିକା ପାଇଁ ଚିନ୍ତାର କାରଣ ପାଲଟିଛି।

## ସ୍ଥଳସେନା ମୁତୟନ କରିବ ଆମେରିକା

ଇରାନ୍‌ର ମୁକୁଟମଣି କୁହାଯାଉଥିବା ଖର୍ଗ ଦ୍ୱୀପକୁ ଅକ୍ତିଆର କରିବାକୁ ଆମେରିକା ସ୍ଥଳସେନା ମୁତୟନ କରିପାରେ। ଏନେଇ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସୂଚନା ଦେଇଛନ୍ତି। ସାମରିକ ଏବଂ ତୈଳ ଯୋଗାଣ କ୍ଷେତ୍ରରୁ ଏହି ଦ୍ୱୀପ ଇରାନ୍ ପାଇଁ ବହୁ ଗୁରୁତ୍ୱ ବହନ କରୁଥିଲାବେଳେ ଏଠାକାର ସାମରିକ ଭିତ୍ତିଭୂମି ଉପରେ ଆମେରିକା ଆକ୍ରମଣ କରି ବ୍ୟାପକ କ୍ଷତି ପହଞ୍ଚାଇଛି। ଏହାପରେ ତୈଳ ଡିପୋଗୁଡ଼ିକୁ ଅକ୍ତିଆର କରିବା ଲାଗି ଟ୍ରମ୍ପ୍ ସ୍ଥଳସେନା ମୁତୟନ କରିପାରନ୍ତି ବୋଲି କୁହାଯାଉଛି। ଖର୍ଗ ଦ୍ୱୀପ ଦେଇ ଇରାନ୍‌ର ୯୦ ଭାଗ ତୈଳ କାରବାର ହେଉଥିବାରୁ ଏହା ଉପରେ ଆମେରିକା ନିଜର ଆଧିପତ୍ୟ ବିସ୍ତାର କରିବାକୁ ଚିନ୍ତା କରୁଛି।

# ପିସିଙ୍କ ଜଲୱା



ପ୍ରିୟଙ୍କା ଚୋପ୍ରା

ମୁମ୍ବାଇ

ଲସ୍ ଏଞ୍ଜେଲସ୍‌ରେ ରବିବାର ଅନୁଷ୍ଠିତ ୯୮ତମ ଓସ୍କାର ପୁରସ୍କାର ଉତ୍ସବରେ ଜଲୱା ଦେଖାଇଛନ୍ତି ବଲିଉଡର 'ଦେଶୀ ଗାର୍ଲ' ପ୍ରିୟଙ୍କା ଚୋପ୍ରା। ଯଦିଓ ତାଙ୍କର କୌଣସି ଚଳଚ୍ଚିତ୍ର ପୁରସ୍କାର ଜିତି ନ ଥିଲା କିନ୍ତୁ ତାଙ୍କ ଷ୍ଟାଇଲ୍ ସମସ୍ତଙ୍କ ହୃଦୟ ଜିତିଥିଲା। ସେ ପ୍ରଥମ ଭାରତୀୟ ଅଭିନେତ୍ରୀ ଭାବେ ଓସ୍କାର ଭଳି ଏକ ବିଶ୍ୱସ୍ତରୀୟ ସମାରୋହରେ ପୁରସ୍କାର ପ୍ରଦାନ କରିବାର ଗୌରବ ପାଇଥିଲେ। ଅଭିନେତା ଜାଭିୟର ବାର୍ଡେମଙ୍କ ସହିତ ମିଶି ପିସି 'ସେଣ୍ଟିମେଣ୍ଟାଲ ଭାଲ୍ୟୁ' ପାଇଁ ଶ୍ରେଷ୍ଠ ଅନ୍ତର୍ଜାତୀୟ ଫିଚର ଫିଲ୍ମ ନିମନ୍ତେ ପୁରସ୍କାର ପ୍ରଦାନ କରିଥିଲେ। ଡାୟୋରଙ୍କ ଦ୍ୱାରା ଡିଜାଇନ କରାଯାଇଥିବା ଏକ ଚମତ୍କାର ହ୍ୱାଇଟ୍ ଅଫ-ଶୋଲ୍ଡର୍ ଗାଉନ ପିସି ପିନ୍ଧିଥିବା ଦେଖାଯାଇଥିଲା। ଏଥିସହିତ କ୍ଲାସିକ୍ ହଲିଉଡ ଗ୍ଲାମରକୁ ମିଶ୍ରଣ କରିବା ପାଇଁ ପ୍ରସ୍ତୁତ କରାଯାଇଥିଲା। ପ୍ରିୟଙ୍କାଙ୍କ ସାମଗ୍ରିକ ଲୁକ୍ ଚମତ୍କାର ଥିଲା। ପିସିଙ୍କ ସ୍ୱାମୀ ନିକ୍ ଜୋନାସ ଏକ କଳା ଏବଂ ଧଳା ସୁଟ୍‌ରେ ହ୍ୟାଣ୍ଡସମ୍ ଦେଖାଯାଉଥିଲେ। ୯୮ତମ ଓସ୍କାର ପୁରସ୍କାର ସମାରୋହ ହଲିଉଡ୍‌ର ଲସ୍ ଏଞ୍ଜେଲସ୍‌ର ଡଲ୍ବି ଥିଏଟରରେ ଅନୁଷ୍ଠିତ ହୋଇଥିଲା।

## ସୌନ୍ଦର୍ଯ୍ୟ



ତ୍ୱଚାକୁ ସୁନ୍ଦର ଏବଂ ଆକର୍ଷଣୀୟ କରିବା ଲାଗି ବିଟ୍ ରୁଟ୍ ବେଶ୍ ଉପକାରୀ। ତେଣୁ ମହିଳାମାନେ ବ୍ୟୁଟିପାର୍ଲର ଯାଇ ଅଧିକ ଟଙ୍କା ଖର୍ଚ୍ଚକରିବା ପରିବର୍ତ୍ତେ ଘରେ ରହି ଅଳ୍ପଖର୍ଚ୍ଚରେ ବିଟ୍‌ରୁଟ୍ ପ୍ୟାକ୍ ପ୍ରସ୍ତୁତକରି ତ୍ୱଚାର ସୌନ୍ଦର୍ଯ୍ୟ ବୃଦ୍ଧି କରିପାରିବେ...



# ଆକର୍ଷଣୀୟ ତ୍ୱଚା ପାଇଁ ବିଟ୍‌ରୁଟ୍

**ବିଟ୍‌ରୁଟ୍- ଆଲୋଭେରା ପ୍ୟାକ୍:** ୨ ଚାମଚ ବିଟ୍‌ରୁଟ୍ ପାଉଡର ସହ ୨ ଚାମଚ ଆଲୋଭେରା ଜେଲ୍ ଏବଂ ୪-୫ ବୁନ୍ଦା ଗୋଲାପ ଜଳ ନେଇ ଭଲ ଭାବେ ମିଶାଇ ଦିଅନ୍ତୁ। ପ୍ରତିଦିନ ରାତିରେ ଶୋଇବା ପୂର୍ବରୁ ଏହି ପ୍ୟାକ୍‌କୁ ମୁହଁରେ ଲଗାଇଲେ ତ୍ୱଚା ସଫ୍ଟ ଏବଂ ଗ୍ଲୋଇଂ ଦେଖାଯିବ। ଏହା ମଧ୍ୟ ଟ୍ୟାନିଂ ସମସ୍ୟା ଦୂରକରିବାରେ ସାହାଯ୍ୟ କରିବ।

**ବିଟ୍‌ରୁଟ୍-ଲେମନ୍ ପ୍ୟାକ୍:** ଏକ ବିଟ୍‌କୁ ଭଲ ଭାବେ ଚୋପା ଛଡ଼ାଇ ଗ୍ରାଇଣ୍ଡ କରିଦିଅନ୍ତୁ। ଏହାକୁ ଛାଣି ଜୁସ୍ ବାହାର କରିଦିଅନ୍ତୁ। ଏକ ଗିନାରେ ଏହି ଜୁସ୍‌ରୁ ୧ ଚାମଚ ନିଅନ୍ତୁ ଏବଂ ସେଥିରେ ୧ ଚାମଚ ଲେମନ୍ ଜୁସ୍ ବା ଲେମ୍ବୁରସ ନେଇ ଭଲ ଭାବେ ମିଶାଇ ଦିଅନ୍ତୁ। ମୁହଁକୁ ଧୋଇ ଟାୱାଲରେ ଧୀରେ ଧୀରେ ପୋଛିବା ପରେ ଏକ କଟନ୍ ସାହାଯ୍ୟରେ ଏହି ମିଶ୍ରଣକୁ ମୁହଁରେ ଲଗାନ୍ତୁ। ୧୦ ମିନିଟ୍ ପର୍ଯ୍ୟନ୍ତ ରଖିବା ପରେ ନଖ ଉଷୁମ ପାଣିରେ ମୁହଁ ଧୋଇଦିଅନ୍ତୁ। ସପ୍ତାହରେ ଥରେ କିମ୍ବା ଦୁଇଥର ଏହି ପ୍ୟାକ୍ ଲଗାଇଲେ ମୁହଁର ଗ୍ଲୋ ବଢ଼ିବା ସହ ନ୍ୟାଚୁରାଲ୍ ବ୍ଲଶ୍ ମଧ୍ୟ ଆସିବ।

**ବିଟ୍‌ରୁଟ୍- କର୍ଡ ପ୍ୟାକ୍:** ଛୋଟ ଆକାରର ବିଟ୍‌ରୁଟ୍ ନେଇ ଚୋପା ଛଡାଇ ଛୋଟ ଛୋଟ କାଟି ଦିଅନ୍ତୁ। ସେଥିରେ ଏକ ଟେବୁଲ୍‌ସ୍ପୁନ୍ ଗୋଲାପ ଜଳ ନେଇ ଗ୍ରାଇଣ୍ଡ କରିଦିଅନ୍ତୁ। ଏକ କନା କିମ୍ବା ଛଣାରେ ଛାଣି ଜୁସ୍ ଅଲଗା କରିଦିଅନ୍ତୁ। ଉକ୍ତ ଜୁସ୍‌ରେ ଏକ ଟେବୁଲ୍ ସ୍ପୁନ୍ ଦହି ମିଶାନ୍ତୁ। ଏହି ପ୍ୟାକ୍‌କୁ ମୁହଁରେ ୧୫-୨୦ ମିନିଟ୍ ରଖିବା ପରେ ପାଣିରେ ଧୋଇଦିଅନ୍ତୁ। ଏହା ତ୍ୱଚାକୁ ଦାଗ, ସନ୍‌ଟ୍ୟାନ୍ ଭଳି ବିଭିନ୍ନ ସମସ୍ୟାରୁ ଦୂରେଇ ରଖିବାରେ ସାହାଯ୍ୟ କରେ।

## ଖାଦ୍ୟରୁଚି

# ଅଁଳା ଆଚାର



**ଆବଶ୍ୟକ ସାମଗ୍ରୀ:** ୫୦୦ଗ୍ରାମ୍ ଅଁଳା, ୧/୨ କପ୍ ସୋରିଷ ତେଲ, ୧ ଛୋଟ ଚାମଚ ଲେଖାଏ ଲଙ୍କାଗୁଣ୍ଡ, କଶ୍ମୀର ଲଙ୍କାଗୁଣ୍ଡ ୧ ଚାମଚ, ପାନ ମଧୁରୀ ୩ ଚାମଚ, ମେଥି ୧ ଚାମଚ, ଜୁଆଣି ଅଧା ଚାମଚ, ସୋରିଷ ୨ ଚାମଚ, ହଳଦୀଗୁଣ୍ଡ ୧ ଚାମଚ, ଅଳ୍ପ ହେଙ୍ଗୁ, ଲୁଣ ସ୍ୱାଦନାନୁସାରେ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଅଁଳାକୁ ଧୋଇ ଭଲ ଭାବେ ପାଣି ନିଗାଡ଼ି ରଖନ୍ତୁ। ଏହାକୁ ୫-୭ ମିନିଟ୍ ପର୍ଯ୍ୟନ୍ତ ଷ୍ଟିମ୍ କରନ୍ତୁ। କିଛି ସମୟ ଥଣ୍ଡା ହେବାକୁ ଛାଡ଼ିଦିଅନ୍ତୁ। ପେରେ ସେଥିରୁ ମଞ୍ଜି ଅଲଗା କରିଦିଅନ୍ତୁ। ଏକ ପ୍ୟାନ୍ ଗରମକରି ସେଥିରେ ମେଥି, ପାନମଧୁରୀ, ସୋରିଷକୁ ଅଲଗା ଅଲଗା ଭାଜି ଥଣ୍ଡା ହେବାକୁ ଛାଡ଼ି ଦିଅନ୍ତୁ। ଏହାକୁ ଏକାଠି ଦରଦରା କରି ଗ୍ରାଇଣ୍ଡ କରିଦିଅନ୍ତୁ। ସେଥିରେ ହଳଦୀ ଏବଂ ଲଙ୍କାଗୁଣ୍ଡକୁ ଭଲ ଭାବେ ମିଶାଇ ଦିଅନ୍ତୁ। ଏହାପରେ ସୋରିଷ ତେଲକୁ ଫୁଟାଇ ଥଣ୍ଡା ହେବାକୁ ଛାଡ଼ି ଦିଅନ୍ତୁ। ଏକ ସଫା କାଚ ଜାର୍‌ରେ ଅଁଳାକୁ ରଖନ୍ତୁ। ସେଥିରେ ତେଲ, ମସଲାଗୁଣ୍ଡ ଏବଂ ସ୍ୱାଦାନୁସାରେ ଲୁଣ ମିଶାଇ ଭଲ ଭାବେ ଗୋଳଇ ଦିଅନ୍ତୁ। ଜାର୍‌ର କ୍ୟାପ୍‌କୁ ଭଲ ଭାବେ ବନ୍ଦକରି ୨-୩ ଦିନ ଖରାରେ ରଖନ୍ତୁ। ପୁଣି ଥରେ ଅଧା କପ୍ ସୋରିଷ ତେଲକୁ ଫୁଟାଇ ଥଣ୍ଡା ହେବା ପରେ ଜାର୍‌ରେ ଢାଳି ଭଲ ଭାବେ ଗୋଳାଇ ଦିଅନ୍ତୁ ଏବଂ ୪-୫ ଦିନ ଖରାରେ ରଖନ୍ତୁ। ଏହିଭଳି ସହଜ ଉପାୟରେ ଘରେ ପ୍ରସ୍ତୁତ କରିପାରିବେ ଅଁଳା ଆଚାର।

# ମହିଳାଙ୍କ ପାଇଁ ଉପକାରୀ ଡ୍ରାଏଫ୍ରୁଟ୍ସ



**ଆଲମଣ୍ଡ:** ଏଥିରେ ଆଣ୍ଟିଅକ୍ସିଡାଣ୍ଟ, ପ୍ରୋଟିନ୍, ଫାଇବର, ଭିଟାମିନ୍ ଇ ଅଧିକ ମାତ୍ରାରେ ରହିଛି, ଯାହା ମହିଳାଙ୍କ ଶରୀରରେ ଇମ୍ୟୁନିଟି ପାୱାର ବୃଦ୍ଧି କରିଥାଏ। ପ୍ରତିଦିନ ୫-୬ଟି ଆଲମଣ୍ଡକୁ ପାଣିରେ ଭିଜାଇ ଖାଇଲେ ଓଜନ ନିୟନ୍ତ୍ରଣରେ ରହିଥାଏ, ଆଣ୍ଠୁଗଣ୍ଠି ବିନ୍ଧା ଆଦି କମିଥାଏ, ତ୍ୱଚାକୁ ବି ସୁନ୍ଦର ରଖିଥାଏ ଏବଂ ମସ୍ତିଷ୍କକୁ ସକ୍ରିୟ ରଖିବାରେ ସାହାଯ୍ୟ କରେ।

**ଅଖରୋଟ୍:** ଏଥିରେ ଥିବା ଓମେଗା ୩ ଫ୍ୟାଟି ଏସିଡ୍, ପ୍ରୋଟିନ୍, ଆଇରନ୍ ଏବଂ ଫାଇବର୍ ଶରୀରକୁ ଆବଶ୍ୟକ ପୋଷକତତ୍ତ୍ୱ ଯୋଗାଇଥାଏ। ପ୍ରତିଦିନ ଏହାକୁ ଭିଜାଇ ଖାଇଲେ ବ୍ଲଡ୍ ପ୍ରେସର ନିୟନ୍ତ୍ରଣରେ ରହିଥାଏ, ହୃତ୍‌ପିଣ୍ଡ ମଜଭୁତ ହୋଇଥାଏ, ଓଜନ ନିୟନ୍ତଣରେ ରହିଥାଏ।

**ଅଞ୍ଜିର:** ଏହା କ୍ୟାଲ୍‌ସିୟମ୍ ଓ ପୋଟାସିୟମ୍ ଭଳି ପୋଷକ ତତ୍ତ୍ୱରେ ପରିପୂର୍ଣ୍ଣ, ଯାହା ହାଡ଼କୁ ମଜଭୁତକରେ ଏବଂ ମହିଳାଙ୍କଠାରେ ଅଷ୍ଟିଓପୋରୋସିସ୍ ଭଳି ସମସ୍ୟା ହେବାକୁ ଦିଏ ନାହିଁ।



**କିସ୍‌ମିସ୍:** ଏଥିରେ ପ୍ରଚୁର ପରିମାଣରେ ଆଣ୍ଟିଅକ୍ସିଡାଣ୍ଟ, ଆଇରନ୍, ମ୍ୟାଗ୍ନେସିୟମ ଭରି ରହିଛି। ଏହାକୁ ମଧ୍ୟ ଖାଲି ଖାଇବା ଅପେକ୍ଷା ଭିଜାଇ ଖାଇଲେ ବେଶ୍ ଲାଭ ମିଳିଥାଏ। ଏହା ରୋଗ ସହ ଲଢ଼ିବାକୁ ଶରୀରକୁ ପ୍ରାକୃତିକ ଉର୍ଜା ଯୋଗାଇଥାଏ। ତା'ଛଡ଼ା ବୋନ୍ ଡେନ୍‌ସିଟି ବଢ଼ାଇଥାଏ।

**କାଜୁ:** ଏଥିରେ ଫାଇବର ମାତ୍ରା ଅଧିକ ଏବଂ ଏଥିରେ ମ୍ୟାଗ୍ନେସିୟମ ବି ଭରି ରହିଛି। ତେଣୁ ମହିଳାମାନେ ପ୍ରତିଦିନ ୪-୫ଟି କାଜୁ ଖାଇଲେ ଏହା ଶରୀରର ଇମ୍ୟୁନିଟି ପାୱାର ବଢ଼ାଇଥାଏ, ହାଡ଼କୁ ମଜଭୁତ ରଖିଥାଏ ଏବଂ ହର୍‌ମୋନାଲ୍ ବାଲାନ୍ସ ରକ୍ଷା କରିଥାଏ।

**ପିସ୍ତା:** ପ୍ରୋଟିନ୍, କାର୍ବୋହାଇଡ୍ରେଟ୍ସ, ଭିଟାମିନ୍ ବି-୬, ଆଇରନ୍, କ୍ୟାଲ୍‌ସିୟମ, ମ୍ୟାଗ୍ନେସିୟମ ତତ୍ତ୍ୱରେ ଭରପୂର ପିସ୍ତା ଶରୀର ପାଇଁ ଖୁବ୍ ଉପକାରୀ। ମହିଳାମାନେ ପ୍ରତିଦିନ ଏହାକୁ ଖାଇଲେ ତ୍ୱଚା ସୁନ୍ଦର ହେବା ସହ ମେଦହ୍ରାସ ହୋଇଥାଏ, ହୃତ୍‌ପିଣ୍ଡ ସୁସ୍ଥ ହୁଏ ଓ ହାଡ ମଜଭୁତ ହୋଇଥାଏ।

# ଗୃହିଣୀଙ୍କୁ ରୋଷେଇ ଚିନ୍ତା

**ମଧ୍ୟପ୍ରାଚ୍ୟ ଯୁଦ୍ଧର ପ୍ରଭାବରେ ସୃଷ୍ଟି ହୋଇଥିବା ରନ୍ଧନ ଗ୍ୟାସ୍ ସଙ୍କଟର ପ୍ରଭାବ ଆମ ରାଜ୍ୟରେ ବି ଦେଖାଦେଇଛି; ଯେଉଁଥିପାଇଁ ଗୃହିଣୀମାନଙ୍କୁ ଘାରିଛି ରୋଷେଇ ଚିନ୍ତା। ଯଦି ଆଗକୁ ଗ୍ୟାସ୍ ନ ମିଳେ, ରୋଷେଇ କରିବାରେ ଯେପରି ଅସୁବିଧା ନ ହୁଏ ସେଥିପାଇଁ ସେମାନେ ଆପଣେଇ ନେଉଛନ୍ତି ବିକଳ୍ପ ବ୍ୟବସ୍ଥା...**



କେବଳ କମର୍ସିଆଲ ନୁହେଁ ଘରୋଇ ଗ୍ୟାସ୍ ସିଲିଣ୍ଡରର ଅଭାବ ଏବେ ବଡ଼ ଚିନ୍ତାର କାରଣ ସାଜିଛି। କେଉଁଠି ଗ୍ୟାସ୍ ପାଇଁ କାଉଣ୍ଟର ଆଗରେ ଲମ୍ବା ଲାଇନ ଲାଗୁଛି ତ ଆଉ କେଉଁଠି ଏହି ସାମ୍ପ୍ରତିକ ପରିସ୍ଥିତିର ସୁଯୋଗ ନେଇ ବ୍ଲାକ୍‌ରେ ଦୁଇରୁ ତିନି ଗୁଣା ଅଧିକ ଚଢ଼ା ଦାମ୍‌ରେ ବିକ୍ରି ହେଉଛି ଗ୍ୟାସ୍। ଯୁଦ୍ଧର ସ୍ଥିତିକୁ ଆଖିଆଗରେ ରଖି ଆଗକୁ ଏହି ସମସ୍ୟା ଆହୁରି ମଧ୍ୟ ବଢ଼ିପାରେ। ତେଣୁ ଏହି ସଙ୍କଟପୂର୍ଣ୍ଣ ପରିସ୍ଥିତି କେତେଦିନ ଲାଗି ରହିବ ତାହା ଅନିର୍ଦ୍ଦିଷ୍ଟ ହୋଇଥିବାରୁ ନିଜ ଘରେ ଯେପରି ରୋଷେଇ ବନ୍ଦ ନ ହୋଇଯାଏ ସେଥିପାଇଁ ବିଭିନ୍ନ ବିକଳ୍ପ ବ୍ୟବସ୍ଥା ନିହାତି ରହିବା ଆବଶ୍ୟକ...



**ଇଣ୍ଡକ୍ସନ ଚୁଲା:** ଗ୍ୟାସ୍ ସିଲିଣ୍ଡରର ସବୁଠୁ ଭଲ ବିକଳ୍ପ ହେଉଛି ଇଣ୍ଡକ୍ସନ ଚୁଲା। ଏହି ଇଲେକ୍ଟ୍ରିକ୍‌ଚାଳିତ ଚୁଲାରେ ଖୁବ୍ କମ୍ ଇଲେକ୍ଟ୍ରିକ୍ ଖର୍ଚ୍ଚ ହେବା ସହ ଏହା ଗ୍ୟାସ୍ ତୁଳନାରେ ୫୦ ପ୍ରତିଶତ ଶୀଘ୍ର ରୋଷେଇ କରିବାରେ ସାହାଯ୍ୟ କରିଥାଏ। ତା'ଛଡ଼ା ଏଥିରେ ଥିବା ବିଲ୍ଟ-ଇନ୍ ଟାଇମର ଖାଦ୍ୟକୁ ଜଳିବାକୁ ଦେଇ ନ ଥାଏ। ମାର୍କେଟ୍‌ରେ ବିଭିନ୍ନ ବ୍ରାଣ୍ଡର ଇଣ୍ଡକ୍ସନ ଚୁଲା ମିଳୁଛି। ସବୁଠୁ ବଡ କଥା ହେଉଛି ଏହା ପ୍ରତ୍ୟେକ ବର୍ଗଙ୍କ ପାଇଁ ବଜେଟ୍ ଫ୍ରେଣ୍ଡ୍‌ଲି।



**ସୋଲାର ଚୁଲା:** ଗ୍ୟାସ୍ ନ ମିଳିଲା ବେଳେ ଯଦି କୌଣସି କାରଣରୁ କରେଣ୍ଟ ନ ରହେ ତେବେ ରୋଷେଇ କିପରି ହେବ, ଏକଥା ମଧ୍ୟ ଅନେକ ଗୃହିଣୀଙ୍କୁ ଚିନ୍ତାରେ ପକାଇଥାଏ। ଏମିତିରେ ସେମାନଙ୍କ ସମସ୍ୟାର ସମାଧାନର ସବୁଠୁ ବେଷ୍ଟ ବିକଳ୍ପ ହେଉଛି ସୋଲାର ଷ୍ଟୋଭ୍। ଏହା ସୂର୍ଯ୍ୟକିରଣରେ ଚାର୍ଜ ହେଉଥିବାରୁ ଇକୋ-ଫ୍ରେଣ୍ଡ୍‌ଲି ହୋଇଥାଏ।

**ଷ୍ଟୋଭ୍:** ରନ୍ଧନ ଗ୍ୟାସ୍ ସଙ୍କଟ ଦେଖା ଦେବାପରେ ଘରେ ଦୀର୍ଘଦିନରୁ ଅବ୍ୟବହୃତ ହୋଇ ପଡି ରହିଥିବା ଷ୍ଟୋଭ୍‌ର ଚାହିଦା ପୁଣି ବଢ଼ିବାରେ ଲାଗିଛି। ଏଥିରେ ଇନ୍ଧନ ଭାବେ କିରୋସିନ ବ୍ୟବହାର ହୋଇଥାଏ।

**ମାଟି ଚୁଲି ଏବଂ ଉଠାଚୁଲି:** ଗ୍ୟାସ୍ ଚୁଲା ବ୍ୟବହାର କରିବା ପରଠାରୁ କେବଳ ଗାଁ ଗହଳିରେ କେତେକ ଘର ଛାଡ଼ିଦେଲେ କାଠ, ଘଷି ଓ କୋଇଲା ଆଦି ଇନ୍ଧନର ବ୍ୟବହାର ବହୁମାତ୍ରାରେ କମିଯାଇଥିଲା। ହେଲେ ବର୍ତ୍ତମାନ ଗ୍ୟାସ୍ ନ ମିଳିବା କାରଣରୁ ପୁନର୍ବାର ସମସ୍ତେ ଏସବୁ ଉପରେ ନିର୍ଭର କରିବା ଆରମ୍ଭ କରିଲେଣି। ତେଣୁ କେହି କେହି ଘରେ ମାଟି ଚୁଲି ବି କଲେଣି। ଗ୍ରାହକଙ୍କ ବଢୁଥିବା ଡିମାଣ୍ଡକୁ ଦେଖି ମାର୍କେଟ୍‌ରେ ମଧ୍ୟ ଉଠାଚୁଲି ବିକ୍ରି ଆରମ୍ଭ ହେଲାଣି। ତେଣୁ ଏହାକୁ ମଧ୍ୟ ଜରୁରିକାଳୀନ ପରିସ୍ଥିତିରେ ଗ୍ୟାସ୍‌ର ବିକଳ୍ପ ଭାବେ ବ୍ୟବହାର କରିପାରିବେ।

**ବାୟୋଗ୍ୟାସ୍:** ଗୋବର କିମ୍ବା କିଚେନ୍ ୱେଷ୍ଟକୁ ବ୍ୟବହାରକରି ଘରେ ବାୟୋଗ୍ୟାସ୍ ପ୍ଲାଣ୍ଟ ବ୍ୟବସ୍ଥା କରିବା ବି ଏହି ସମସ୍ୟାର ଏକ ଭଲ ବିକଳ୍ପ। ଏଥିରେ ଥରେ ଇନ୍‌ଭେଷ୍ଟ କଲେ ଦୀର୍ଘଦିନ ପର୍ଯ୍ୟନ୍ତ ଇନ୍ଧନ ମିଳିବା ସହ ୱେଷ୍ଟ ମ୍ୟାନେଜମେଣ୍ଟ ବି କରିହେବ, ଯାହାଦ୍ୱାରା ଇନ୍ଧନ ପାଇଁ ହେଉଥିବା ଖର୍ଚ୍ଚ ବି କମିଯିବ।

**ଅନ୍ୟ ଇଲେକ୍ଟ୍ରିକ୍ ସାମଗ୍ରୀ:** ଇଲେକ୍‌ଟ୍ରିକ୍ ପ୍ରେସର କୁକର ରୋଷେଇ ପାଇଁ ଏକ ଅଲ୍ ଇନ୍ ୱାନ୍ ସଲ୍ୟୁଶନ। ଏଥିରେ ଖାଦ୍ୟ ଖୁବ୍ ଶୀଘ୍ର ବି ହୋଇଥାଏ। ଏହାବ୍ୟତୀତ ମାଇକ୍ରୋୱେଭ୍ ଓଭନ୍ ବି କିଛି ମାତ୍ରାରେ କାମରେ ଆସିପାରେ।

### ଏମାନେ କ'ଣ କରନ୍ତି



**ତେଜସ୍ୱିନୀ ପାତ୍ର**(ଗୃହିଣୀ, ପାରିଜଅଁର, ପିପିଲି, ପୁରୀ)- ଗ୍ୟାସ୍ ଚୁଲାରେ ରାନ୍ଧିବା ସହଜ ଏବଂ ଏଥିରେ ଧୂଆଁ ହେବା ଏବଂ ଘର କଳା ପଡ଼ିବାର ଟେନ୍‌ସନ ନାହିଁ। ତେଣୁ ଧୀରେ ଧୀରେ ପାରମ୍ପରିକ କାଠ, କୋଇଲା ବ୍ୟବହାର ହେଉଥିବା ମାଟି ଚୁଲିର ଚାହିଦା କମିଯାଇଥିଲା। ହେଲେ ଏବେ ଗ୍ୟାସ୍ ଅଭାବ ଦେଖାଦେବାରୁ ପୁଣି ଏହି ଚୁଲିର ଡିମାଣ୍ଡ ବଢ଼ିଯାଇଛି। ଏହି କିଛିଦିନ ହେବ ଉଠା ମାଟିଚୁଲିରେ କାଠ ଜାଳି ରାନ୍ଧୁଛି। ସତ କହିବାକୁ ଗଲେ ଏଥିରେ ରନ୍ଧାଯାଉଥିବା ଖାଦ୍ୟରେ ଏକ ଭିନ୍ନ ସ୍ୱାଦ ଆସୁଥିବାରୁ ଘର ଲୋକ ବି ଏହାକୁ ବହୁ ପସନ୍ଦ କରୁଛନ୍ତି।



**ସୁଚିସ୍ମିତା ଦାସ**(ଗୃହିଣୀ, ଏୟାରପୋର୍ଟ ଏରିଆ, ଭୁବନେଶ୍ୱର)- ଗ୍ୟାସ୍ ନ ମିଳିବା କଥା ଶୁଣିଲେ ନିଶ୍ଚିତ ଭାବେ ଘରେ ରୋଷେଇ କିପରି ହେବ ତାକୁ ନେଇ ଚିନ୍ତା ବଢ଼ିଯାଏ। ଟିଭିରେ ମଧ୍ୟପ୍ରାଚ୍ୟ ଯୁଦ୍ଧ ଖବର ଦେଖିବା ବେଳକୁ ପରିସ୍ଥିତି ଯେ ଖୁବ୍ ଶୀଘ୍ର ନିୟନ୍ତ୍ରଣକୁ ଆସିଯିବ ଏବଂ ଏହା ପ୍ରଭାବରେ ଦେଖାଦେଇଥିବା ଗ୍ୟାସ୍ ସଙ୍କଟ ବି ସଙ୍ଗେ ସଙ୍ଗେ ସମାଧାନ ହୋଇଯିବ ସେକଥା ବି ଆକଳନ କରି ହେଉନାହିଁ। ତେଣୁ ଇଣ୍ଡକ୍ସନ ଚୁଲାକୁ ଏହାର ବିକଳ୍ପ ଭାବେ ବାଛିନେଇଛି ଏବଂ ଏଥିରେ ହିଁ ରୋଷେଇ କରୁଛି। ଏହାବ୍ୟତୀତ ମାଇକ୍ରୋୱେଭ୍ ଓଭନ ବି ରଖିଛି। ଘରେ ଖୁବ୍ ଶୀଘ୍ର ସୋଲାର ସେଲ୍ ବ୍ୟବସ୍ଥା କରିବାକୁ ବି ପ୍ଲାନିଂ କରିସାରିଛୁ।

# ଇନ୍‌ଡୋର ପ୍ଲାଣ୍ଟରେ ସଜାନ୍ତୁ ଘର

**ଗଛ ଲଗାଇବା ଅନେକଙ୍କୁ ପସନ୍ଦ। ହେଲେ ଘର ବାହାରେ ଜାଗା ନ ଥିବାରୁ ହେଉ କିମ୍ବା ଭଡ଼ାଘରେ ଗଛ ଲଗାଇବାରେ ଅସୁବିଧା ହେଉଥିବାରୁ ଅନେକଙ୍କୁ ନିଜ ରୁଚିକୁ ଦବାଇବାକୁ ପଡ଼ିଥାଏ। ହେଲେ ଏମିତିରେ ଆପଣ କେତେକ ଇନ୍‌ଡୋର ପ୍ଲାଣ୍ଟ ଲଗାଇ ପାରିବେ, ଯାହା ଆପଣଙ୍କ ଘରକୁ ସୁନ୍ଦର କରିବା ସହ ଅକ୍ସିଜେନ୍ ଯୋଗାଇଦେବ...**

➔ଘରର କାନ୍ଥ ରଙ୍ଗ ଅନୁଯାୟୀ ବଜାରରୁ ହ୍ୟାଙ୍ଗିଙ୍ଗ୍ ପଟ୍ ଆଣି ସେଥିରେ ମନି ପ୍ଲାଣ୍ଟ, ଜେଡ୍ ପ୍ଲାଣ୍ଟ ଆଦିକୁ ରଖି ଛାତ ହୁକ୍ କିମ୍ବା ୱିଣ୍ଡୋରେ ଟଙ୍ଗାଇଲେ ଖୁବ୍ ସୁନ୍ଦର ଦିଶିବ।

➔ଯଦି ବାଲ୍‌କୋନି ଅଛି ତେବେ ସେଠାରେ ଷ୍ଟାଣ୍ଡ ରଖି ସୁନ୍ଦର ସୁନ୍ଦର ସେରାମିକ୍ ପଟ୍‌ରେ ଏରିକା ପାମ୍, ଫିଲୋଡେଣ୍ଡ୍ରନ୍, ଆଗ୍ଲୋନିମା, ପିସ୍ ଲିଲି, ମନି ପ୍ଲାଣ୍ଟ, ଜେଡ୍ ଜେଡ୍ ପ୍ଲାଣ୍ଟ, ସ୍ନେକ୍ ପ୍ଲାଣ୍ଟ, ରବର ପ୍ଲାଣ୍ଟ ଭଳି ବିଭିନ୍ନ ଇନ୍‌ଡୋର ପ୍ଲାଣ୍ଟ ଆଦି ଲଗାଇ ଘରକୁ ଅଧିକ ଆକର୍ଷଣୀୟ କରିପାରିବେ।

➔ଆପଣ ଚାହିଁଲେ ଘରେ ପଡ଼ିଥିବା ଅଦରକାରୀ ଜିନିଷକୁ କାଟି ମଧ୍ୟ ପଟ୍ ତିଆରି କରି ସେଥିରେ ବିଭିନ୍ନ ଇନ୍‌ଡୋର୍ ପ୍ଲାଣ୍ଟ ଲଗାଇ ଘରକୁ ଗ୍ରୀନ୍ ଲୁକ୍ ଦେଇପାରିବେ। ଘରେ ଥିବା ପୁରୁଣା ପ୍ଲାଷ୍ଟିକ୍ ବୋତଲଗୁଡ଼ିକୁ କଣାକରି ସେଥିରେ ମନି ପ୍ଲାଣ୍ଟ ଲଗାଇପାରିବେ। ଏହାକୁ ବିଭିନ୍ନ କଲର ଦେଇ ମଧ୍ୟ ଆକର୍ଷଣୀୟ ଡିଜାଇନ କରିପାରିବେ।

➔ବଜାରରୁ କ୍ରିଷ୍ଟାଲ ବଲ୍ ଷ୍ଟାଇଲ୍ ହ୍ୟାଙ୍ଗିଙ୍ଗ୍ ପଟ୍ ଆଣି ସେଥିରେ ମନି ପ୍ଲାଣ୍ଟ, ଲଗାଇ ଘରକୁ ଡେକୋରେଟ୍ କରିପାରିବେ ।

➔ଡ୍ରଇଂରୁମ୍ ଡେକୋରେଶନ ପାଇଁ ମଧ୍ୟ ଇନ୍‌ଡୋର ପ୍ଲାଣ୍ଟ ଏକ ଭଲ ଅପ୍ସନ। ତେଣୁ ସୁନ୍ଦର ପଟ୍‌ରେ ଏରିକା ପାମ୍, ଆଲୋକାସିଆ, ମନ୍‌ଷ୍ଟେରା, ଟ୍ରାଡେସ୍କାନ୍ସିଆ, ଲକି ବାମ୍ବୁ, ଆଗ୍ଲୋନିମା, ବାର୍ଡ ନେଷ୍ଟ ଫର୍ନ ଭଳି ପ୍ଲାଣ୍ଟ ଲଗାନ୍ତୁ। ହେଲେ ଏସବୁକୁ ମଝିରେ ମଝିରେ କିଛି ସମୟ ହଲ୍‌କା ସୂର୍ଯ୍ୟକିରଣ ପଡୁଥିବା ସ୍ଥାନରେ ରଖିବାକୁ ଭୁଲନ୍ତୁ ନାହିଁ।



ଧରିତ୍ରୀ DHARITRI
ଧରିତ୍ରୀ 52 Years
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୧୭/୨୦୨୬ Bhubaneswar, Tuesday, March 17/ 2026

# ଓଡ଼ିଶା ପୁରୁଷ ଦଳର ରୋମାଞ୍ଚକ ବିଜୟ

ଭୁବନେଶ୍ୱର, ୧୬।୩ (ତପନ ସ୍ୱାଇଁ)



ଓଡ଼ିଶା ଓ ହରିୟାଣା ମଧ୍ୟରେ ସୋମବାର ଅନୁଷ୍ଠିତ ମ୍ୟାଚ।

କିଟ୍ ବିଶ୍ୱବିଦ୍ୟାଳୟର ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ୨୬ତମ ଜାତୀୟ ୟୁଥ୍ ଭଲିବଲ ଚାମ୍ପିୟନଶିପ୍‌ର ଦ୍ୱିତୀୟ ଦିବସରେ ଓଡ଼ିଶା ପୁରୁଷ ଦଳ ରୋମାଞ୍ଚକ ବିଜୟ ହାସଲ କରିଛି। ସୋମବାର ୫ ସେଟ୍‌ରେ ଶେଷ ହୋଇଥିବା ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଓଡ଼ିଶା ଦଳ ୩-୨ରେ ହରିୟାଣାକୁ

**ଜାତୀୟ ୟୁଥ୍ ଭଲିବଲ**

ପରାସ୍ତ କରିଛି। ସମକକ୍ଷ ଦୁଇ ଦଳ ମଧ୍ୟରେ କଡ଼ା ଟକ୍କର ହୋଇଥିବାବେଳେ ଶେଷରେ ଓଡ଼ିଶା ୨୫-୧୮, ୨୮-୨୬, ୨୨-୨୫, ୧୭-୨୫, ୧୬-୧୪ରେ ବିଜୟ ହାସଲ କରିଥିଲା। ଏହା ପୂର୍ବରୁ ଅନ୍ୟଏକ ମ୍ୟାଚରେ ଓଡ଼ିଶା ଦଳ ଉତ୍ତର ପ୍ରଦେଶ ବିପକ୍ଷରେ ୩-୦ରେ ସହଜ ବିଜୟ ହାସଲ କରିଥିଲା। ମହିଳା ବର୍ଗରେ ମଧ୍ୟ ଓଡ଼ିଶା ଦଳ ପ୍ରଭାବୀ ପ୍ରଦର୍ଶନ ସହ ଅଭିଯାନ ଆରମ୍ଭ କରିଛି। ଏକପାଖିଆଭାବେ ଶେଷ ହୋଇଥିବା ମ୍ୟାଚରେ ଓଡ଼ିଶା ୩-୦ ସେଟ୍‌ରେ ଛତିଶଗଡ଼କୁ ପରାସ୍ତ କରିଛି। ଭଲିବଲ ଫେଡେରେଶନ ଅଫ୍ ଇଣ୍ଡିଆ (ଭିଏଫ୍ଆଇ) ମୁଖ୍ୟ ପୃଷ୍ଠପୋଷକ ତଥା ଓଡ଼ିଶା ଭଲିବଲ ଆସୋସିଏଶନ ସଭାପତି ଅଚ୍ୟୁତ ସାମନ୍ତ ଓଡ଼ିଶା ଦଳକୁ ଅଭିନନ୍ଦନ ଜଣାଇବା ସହ ଆଗାମୀ ମ୍ୟାଚଲାଗି ଶୁଭେଚ୍ଛା ଜ୍ଞାପନ କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ଭଲିବଲ ଫେଡେରେଶନ ଅଫ୍ ଇଣ୍ଡିଆ ଅନୁମୋଦନକ୍ରମେ ଓଡ଼ିଶା ଭଲିବଲ ଆସୋସିଏଶନ (ଓଭିଏ) ଓ କିଟ୍ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା (ମହିଳା ଓ ପୁରୁଷ) ଅନୁଷ୍ଠିତ ହେଉଛି। ଭାରତୀୟ ଭଲିବଲ ଇତିହାସରେ ପ୍ରଥମଥରପାଇଁ କୌଣସି ଏକ ଜାତୀୟ ପ୍ରତିଯୋଗିତା ଗୋଟିଏ ଉନ୍‌ଡୋର ଷ୍ଟାଡିୟମର ୬ଟି କୋର୍ଟରେ ଖେଳାଯାଉଛି।

# ଜେଏମ୍ ରୀତିକାଙ୍କୁ ସ୍ୱର୍ଣ୍ଣ, ରୌପ୍ୟ

ଭୁବନେଶ୍ୱର, ୧୬।୩ (ତପନ ସ୍ୱାଇଁ)




ଜେଏମ୍ ରିତିକା ଦାସ

ଚଳିତ ମାସ ୧୪ରୁ ୧୬ ପର୍ଯ୍ୟନ୍ତ ଚଣ୍ଡିଗଡର ପଞ୍ଜାବ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆର୍ଟିଷ୍ଟିକ ଜିମ୍ନାଷ୍ଟିକ ଚାମ୍ପିୟନଶିପ୍‌ରେ ଓଡ଼ିଶାର ଜେଏମ୍ ରିତିକା ଦାସ ସଫଳତା ଅର୍ଜନ କରିଛନ୍ତି। ପଞ୍ଜାବ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ରିତିକା ବ୍ୟକ୍ତିଗତ ବାଲାନ୍ସିଂ ବିମ୍‌ରେ ୧୦.୨୦୦ ପଏଣ୍ଟ ପାଇ ରୌପ୍ୟ ପଦକ ହାସଲ କରିଛନ୍ତି। ସେହିପରି ସେ ୧୯୬.୬୦୦ ପଏଣ୍ଟରେ ଦଳଗତ ଭାବେ ସ୍ୱର୍ଣ୍ଣ ପଦକ ଅର୍ଜନ

**ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆର୍ଟିଷ୍ଟିକ ଜିମ୍ନାଷ୍ଟିକ**

କରିଛନ୍ତି। ମାତ୍ର ୬ ବର୍ଷ ବୟସରୁ ଜେଏମ୍ ସ୍ପୋର୍ଟ୍ସ ଏକାଡେମୀରେ ଜିମ୍ନାଷ୍ଟିକ ପ୍ରଶିକ୍ଷଣ ଆରମ୍ଭ କରିଥିବା ରିତିକା ଏବେ କଳିଙ୍ଗ ଷ୍ଟାଡିୟମ ହାଇପରଫର୍ମାନ୍ସ ସେଣ୍ଟରରେ ଅଭ୍ୟାସରତ। ତାଙ୍କର ଏହି ସଫଳତା ପାଇଁ ଓଡ଼ିଶା ଜିମ୍ନାଷ୍ଟିକ ଆସୋସିଏଶନର ସାଧାରଣ ସମ୍ପାଦକ ଅଶୋକ କୁମାର ସାହୁ, ଭୁବନେଶ୍ୱର ଜିମ୍ନାଷ୍ଟିକ ଆସୋସିଏଶନ ସଭାପତି ସୁରେଶ କୁମାର ରାଉତରାୟ, ସମ୍ପାଦକ ନରେନ୍ଦ୍ର କୁମାର ସେଠୀ, ସହ ସମ୍ପାଦକ ଗୁରୁପ୍ରସାଦ ପଟ୍ଟନାୟକ, ଉପସଭାପତି ତଥା ଜେଏମ୍ ସ୍ପୋର୍ଟ୍ସ ଏକାଡେମୀର ଅଧ୍ୟକ୍ଷା ମୀରାରାଣୀ ଦାସ, କାର୍ଯ୍ୟନିର୍ବାହୀ ସଦସ୍ୟ ତଥା ଜେଏମ୍ ସ୍ପୋର୍ଟ୍ସ ଏକାଡେମୀର ସମ୍ପାଦକ ଯଶୋବନ୍ତ ଦାସ, ମୁଖ୍ୟ ପୃଷ୍ଠପୋଷକ ଅତିଶ କୁମାର ରାଉତ, ଆଇନ ପରାମର୍ଶଦାତା ସୁବ୍ରତ କୁମାର ମହାପାତ୍ର ଓ ଏକାଡେମୀର ସମସ୍ତ କର୍ମକର୍ତ୍ତା ଏଂ ଅଭିଭାବକବୃନ୍ଦ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

## ମହିଳା ହକି ନେଶନ୍ସ କପ୍‌ରେ ଖେଳିବ ଭାରତ

ଲୌସାନେ , ୧୬।୩ (ପି.ଟି.)

ଆସନ୍ତା ଜୁନ୍ ୧୫ରୁ ୨୧ ତାରିଖ ପର୍ଯ୍ୟନ୍ତ ନ୍ୟୁଜିଲାଣ୍ଡର ରାଜଧାନୀ ଅକ୍‌ଲାଣ୍ଡରେ ହେବାକୁ ଥିବା ଏଫ୍ଆଇଏଚ୍ ହକି ନେଶନ୍ସ କପ୍‌ରେ ଭାରତୀୟ ମହିଳା ଦଳ ଖେଳିବ। ୨୦୨୧ରେ ଆରମ୍ଭ ହୋଇଥିବା ହକି ନେଶନ୍ସ କପ୍ ଟୁର୍ନାମେଣ୍ଟରେ ହକି ପ୍ରୋ ଲିଗ୍‌ରେ ଖେଳୁ ନ ଥିବା ଶୀର୍ଷ ର୍ୟାଙ୍କଧାରୀ ଦଳମାନେ ଖେଳନ୍ତି। ଚାମ୍ପିୟନ ଦଳକୁ ପରବର୍ତ୍ତୀ ସିଜନରେ ପ୍ରୋ ଲିଗ୍‌କୁ ପ୍ରମୋଟ କରାଯାଏ। ପ୍ରୋ ଲିଗ୍‌ର ୨୦୨୪-୨୫ ସିଜନରେ ପଏଣ୍ଟ ଟେବୁଲର ନବମ ସ୍ଥାନରେ ରହିବାରୁ ଭାରତୀୟ ଦଳକୁ ରିଲିଗେଟ କରାଯାଇଥିଲା। ଭାରତ ବ୍ୟତୀତ ନ୍ୟୁଜିଲାଣ୍ଡ, ଆମେରିକା, ଜାପାନ, କୋରିଆ, ଚିଲି, ସ୍କଟଲାଣ୍ଡ ଓ ଫ୍ରାନ୍ସ ଭାଗ ନେବେ।

## ସିନରଙ୍କୁ ଇଣ୍ଡିଆନ ୱେଲ୍ସ ଓପନ ଟାଇଟଲ



ଟ୍ରଫି ସହ ଜାନିକ ସିନର।

ଇଣ୍ଡିଆନ ୱେଲ୍ସ, ୧୬।୩(ପି.ଟି.)

ୱାର୍ଲ୍ଡ ନଂ-୨ ଜାନିକ ସିନର ଚଳିତ ଇଣ୍ଡିଆନ ୱେଲ୍ସ ଓପନ ଟାଇଟଲ ହାସଲ କରିଛନ୍ତି। ସୋମବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ସିନର ୭-୬(୮-୬), ୭-୬ (୭-୪) ସେଟ୍‌ରେ ୧୧ତମ ସିଡ୍ ଡାନିଲ ମେଡଭେଡେଭଙ୍କୁ ହରାଇଛନ୍ତି। ଏହା ଚଳିତବର୍ଷ ସିନରଙ୍କ ପ୍ରଥମ ଓ କ୍ୟାରିୟରର ୨୫ତମ ଟାଇଟଲ। ଏଥିସହିତ ସେ ରୋଜର ଫେଡେରର ଓ ନୋଭାକ ଜୋକୋଭିଚ୍‌ଙ୍କ ପରେ ତୃତୀୟ ଖେଳାଳି ଭାବେ ହାର୍ଡ କୋର୍ଟରେ ସମସ୍ତ ୬ଟି ଏଟିପି ମାଷ୍ଟର୍ସ ୧୦୦୦ ଟାଇଟଲ ହାସଲ କରିଛନ୍ତି।

### ସାବାଲେଙ୍କା ଚାମ୍ପିୟନ

ୱାର୍ଲ୍ଡ ନଂ-୧ ଆରିନା ସାବାଲେଙ୍କା ମହିଳା ସିଙ୍ଗଲ୍ସ ବର୍ଗରେ ଚାମ୍ପିୟନ ହୋଇଛନ୍ତି। ସେ ଫାଇନାଲରେ ୩-୬, ୬-୩, ୭-୬(୮-୬) ଏଲିନା ରିବାକିନାଙ୍କୁ ହରାଇଛନ୍ତି। ଏଥିପୂର୍ବରୁ ୨୭ ବର୍ଷୀୟା ସାବାଲେଙ୍କା ୨୦୨୩ ଓ ୨୦୨୫ ସଂସ୍କରଣରେ ରନରଅପ୍ ଭାବେ ଅଭିଯାନ ଶେଷ କରିଥିଲେ। ରିବାକିନାଙ୍କ ବିପକ୍ଷ ୧୬ ମ୍ୟାଚ୍‌ରେ ଏହା ସାବାଲେଙ୍କାଙ୍କ ନବମ ବିଜୟ। କାଜଖସ୍ତାନର ରିବାକିନା ୨୦୨୫ ଡବ୍ଲ୍ୟୁଟିଏ ଫାଇନାଲ୍ସ ଚାମ୍ପିୟନଶିପ୍ ଓ ଅଷ୍ଟ୍ରେଲିଆନ ଓପନରେ ସାବାଲେଙ୍କାଙ୍କୁ ହରାଇଥିଲେ।

## ଆସାଇଲମ ନିଷ୍ପତ୍ତିରୁ ଓହରିଲେ ଇରାନ ମହିଳା ଫୁଟବଲ ଖେଳାଳି

କୁଆଲାଲମ୍ପୁର, ୧୬।୩ (ଏପି)

ଇରାନ ମହିଳା ଫୁଟବଲ ଦଳ ଖୁବ୍‌ଶୀଘ୍ର ମାଲେସିଆ ଛାଡ଼ି ଓମାନ ଅଭିମୁଖେ ଯାତ୍ରା କରିବ। ଅଷ୍ଟ୍ରେଲିଆରେ ଆସାଇଲମ ଲାଗି ଆବେଦନ କରିଥିବା ଦଳର କିଛି ଖେଳାଳି ସେମାନଙ୍କ ନିଷ୍ପତ୍ତି ବଦଳାଇବା ପରେ କୁଆଲାଲମ୍ପୁରରେ ଦଳ ସହ ଯୋଗ ଦେଇଛନ୍ତି। ଏ ସମ୍ପର୍କରେ ଏଏଫ୍‌ସିସମ୍ପାଦକ ୱିଣ୍ଡସର ଜନ କହିଛନ୍ତି, ଇରାନ ଦଳ ଲାଗି ଇରାନର ଦୂତାବାସ ପକ୍ଷରୁ ଯାତ୍ରା ବ୍ୟବସ୍ଥା କରାଯାଇଛି। ଏଏଫ୍‌ସି ସେମାନଙ୍କୁ ସହଯୋଗ କରୁଛି। ସେମାନେ ଓମାନ ଯାତ୍ରା କରିବେ। କିନ୍ତୁ ତାହା ତାଙ୍କର ଅନ୍ତିମ ଗନ୍ତବ୍ୟ ସ୍ଥଳ ନୁହେଁ। ତେବେ ଦଳର ସମ୍ପୂର୍ଣ୍ଣ ଟ୍ରାଭେଲ ଯୋଜନା ସମ୍ପର୍କରେ ମୋତେ ଜଣାନାହିଁ।

ଅଷ୍ଟ୍ରେଲିଆରେ ଖେଳାଯାଉଥିବା ମହିଳା ଏସିଆନ କପ୍‌ରୁ ବିଦାୟ ନେବା ପରେ ଇରାନ ଦଳ ଗତ ୧୦ ତାରିଖରେ ସିଡ୍‌ନୀରୁ କୁଆଲାଲମ୍ପୁରରେ ପହଞ୍ଚିଥିଲା। ପ୍ରାରମ୍ଭିକ ଭାବେ ଦଳର ୬ ଖେଳାଳି ଓ ଜଣେ ସପୋର୍ଟ ଷ୍ଟାଫ ସଦସ୍ୟ ପ୍ରୋଟେକ୍ସନ ଭିଜା ପାଇବା ପରେ ଦଳ ସହ କୁଆଲାଲମ୍ପୁର ଆସି ନ ଥିଲେ। ହେଲେ ୪ ଖେଳାଳି ଓ ସପୋର୍ଟ ଷ୍ଟାଫ ସୋମବାର ଦଳ ସହ ଯୋଗଦେଇଛନ୍ତି। ନିଷ୍ପତ୍ତିରେ ପରିବର୍ତ୍ତନ ପଛରେ ସେମାନଙ୍କ ପକ୍ଷରୁ କୌଣସି କାରଣ ଦିଆଯାଇ ନାହିଁ। ହେଲେ ସେମାନଙ୍କ ନିଷ୍ପତ୍ତିକୁ ଇରାନ ଫେଡେରେଶନ ଅଧିକାରୀ ସ୍ୱାଗତ କରିବା ସହ ଅଷ୍ଟ୍ରେଲିଆ ଓ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବିପକ୍ଷରେ ଏହାକୁ ଏକ ବିଜୟ ବୋଲି କହିଛନ୍ତି।

**ଦୁଇ ଖେଳାଳି ଅଷ୍ଟ୍ରେଲିଆରେ ରହିଲେ**

ଆସାଇଲମ ଲାଗି ଅନୁରୋଧ କରିଥିବା ଦୁଇ ଖେଳାଳି ଅଷ୍ଟ୍ରେଲିଆରେ ରହିଯାଇଛନ୍ତି। ସେମାନଙ୍କୁ ଅଜ୍ଞାତ ସୁରକ୍ଷିତ ସ୍ଥାନକୁ ନିଆଯାଇଛି। ସେମାନଙ୍କୁ ଅଷ୍ଟ୍ରେଲିଆ ସରକାର ଓ ଇରାନର ପ୍ରବାସୀ ସମୁଦାୟର ସହାୟତା ମିଳୁଛି।

## ଗେଲ୍‌ଙ୍କ ରେକର୍ଡ ଉପରେ ସୂର୍ଯ୍ୟବଂଶୀଙ୍କ ନଜର

ଜୟପୁର, ୧୬।୩

ଆସନ୍ତା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ରେ ରାଜସ୍ଥାନ ରୟାଲ୍ସକୁ ଚାମ୍ପିୟନ କରାଇବା ଲକ୍ଷ୍ୟରେ ରହିଛନ୍ତି ଯୁବ ବିସ୍ଫୋରକ ବ୍ୟାଟର ବୈଭବ ସୂର୍ଯ୍ୟବଂଶୀ। ଏଥିସହିତ କ୍ରିସ୍ ଗେଲ୍‌ଙ୍କ ବ୍ୟକ୍ତିଗତ ସର୍ବାଧିକ ସ୍କୋର ୧୭୫ ରନର ରେକର୍ଡ ଭାଙ୍ଗିବା ମଧ୍ୟ ତାଙ୍କର ଅଭିଳାଷ ଥିବା ପ୍ରକାଶ କରିଛନ୍ତି। ଗେଲ୍ ୨୦୧୩ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ପକ୍ଷରୁ ପୁଣେ ୱାରିୟର୍ସ ଇଣ୍ଡିଆ ବିପକ୍ଷରେ ୬୬ ବଲ୍‌ରୁ ୧୭୫ ରନକରି ଅପରାଜିତ ରହିଥିଲେ। ପୁରୁଷ ଟି୨୦ରେ ଏହା ଏପର୍ଯ୍ୟନ୍ତ ସର୍ବାଧିକ ବ୍ୟକ୍ତିଗତ ସ୍କୋର ହୋଇ ରହିଛି।

## ଚିନ୍ନାସ୍ୱାମୀ ଷ୍ଟାଡିୟମରେ ହେବ ଆଇପିଏଲ୍ ଫାଇନାଲ

ବେଙ୍ଗାଲୁରୁ, ୧୬।୩(ପି.ଟି.)

ଆଗାମୀ ଆଇପିଏଲ୍‌ର ଫାଇନାଲ ମ୍ୟାଚ୍ ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳାଯିବ। କର୍ଣ୍ଣାଟକ ସରକାର ସୋମବାର କର୍ଣ୍ଣାଟକ ରାଜ୍ୟ କ୍ରିକେଟ ଆସୋସିଏଶନ (କେଏସ୍‌ସିଏ) ଓ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)କୁ ଆନୁଷ୍ଠାନିକ ଭାବେ ଅନୁମତି ପ୍ରଦାନ କରିବା ପରେ ଏହା ସ୍ପଷ୍ଟ ହୋଇଛି। ଏଥିସହିତ ଆର୍‌ସିବିର ଆଇପିଏଲ୍ ବିଜୟ ଉତ୍ସବରେ ଘଟିଥିବା ଦଳାଚକଟା ପରେ ଦେଖାଦେଇଥିବା ଅନିଶ୍ଚିତତାର ଅନ୍ତ ଘଟିଛି।

ଆସନ୍ତା ୨୮ ତାରିଖରେ ଆଇପିଏଲ୍‌ର ୧୯ତମ ସଂସ୍କରଣର ଉଦ୍‌ଘାଟନୀ ମ୍ୟାଚ୍‌ରେ ସନରାଇଜର୍ସ ହାଇଦ୍ରାବାଦକୁ ଡିଫେଣ୍ଡିଂ ଚାମ୍ପିୟନ ଆର୍‌ସିବି ଭେଟିବ। କାର୍ଯ୍ୟସୂଚୀ ମୁତାବକ ଏହି ମ୍ୟାଚ୍ ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳାଯିବ। ବିଶେଷଜ୍ଞ କମିଟି ସହ କର୍ଣ୍ଣାଟକ ଗୃହ ମନ୍ତ୍ରୀ ପରମେଶ୍ୱରଙ୍କ ବୈଠକ ପରେ ଆନୁଷ୍ଠାନିକ ଭାବେ ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଆଇପିଏଲ୍ ମ୍ୟାଚ୍ ଆୟୋଜନ କରିବାକୁ ଅନୁମତି ଦିଆଯାଇଛି। ଏହି ବୈଠକରେ କେଏସ୍‌ସିଏ, ଆର୍‌ସିବି ଓ ସେମାନଙ୍କ ମ୍ୟାନେଜମେଣ୍ଟ ଫାର୍ମ ଡିଏନ୍‌ଏର ସଦସ୍ୟଙ୍କୁ ନେଇ ଗଠିତ ବିଶେଷଜ୍ଞ କମିଟି ମ୍ୟାଚ୍ ଆୟୋଜନ ଲାଗି କରାଯାଇଥିବା ବ୍ୟବସ୍ଥାର ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିଥିଲେ। ତେବେ ଆର୍‌ସିବି ବେଙ୍ଗାଲୁରୁରେ ୫ଟି ଘରୋଇ ମ୍ୟାଚ୍ ଖେଳିବ ଏବଂ ବଳକା ୨ଟି ମ୍ୟାଚ୍ ରାୟପୁରର ଶହୀଦ ବୀର ନାରାୟଣ ସିଂ ଷ୍ଟାଡିୟମରେ ଖେଳିବ।

## କଲିନ ବାଚ୍ ପାକିସ୍ତାନ ପୁରୁଷ ହକି ଦଳର କୋଚ୍

**କରାଚୀ, ୧୬।୩ (ପି.ଟି.):** ପାକିସ୍ତାନ ହକି ଫେଡେରେଶନ (ପିଏଚ୍ଏଫ୍) ସୋମବାର ଅଷ୍ଟ୍ରେଲିଆର କଲିନ ବାଚ୍‌ଙ୍କୁ ଜାତୀୟ ପୁରୁଷ ହକି ଦଳର ନୂଆ ମୁଖ୍ୟ କୋଚ୍ ଭାବେ ନିଯୁକ୍ତ କରିଛି। ବାଚ୍ ଅନ୍ତରୀଣ କୋଚ୍ ଖ୍ୱାଜା ଜୁନେଦଙ୍କ ସ୍ଥାନ ନେବେ। ନିକଟରେ ଇଜିପ୍ଟରେ ଖେଳାଯାଇଥିବା ଏଫ୍ଆଇଏଚ୍ ବିଶ୍ୱକପ୍ କ୍ୱାଲିଫାଇଙ୍ଗ ଟୁର୍ନାମେଣ୍ଟରେ ଜୁନେଦଙ୍କ ମାର୍ଗଦର୍ଶନରେ ପାକିସ୍ତାନ ଦଳ ଖେଳିଥିଲା। ଏହି ଟୁର୍ନାମେଣ୍ଟ ଫାଇନାଲରେ ଇଂଲଣ୍ଡଠାରୁ ପରାସ୍ତ ହେବା ସତ୍ତ୍ୱେ ପାକିସ୍ତାନ ଚଳିତବର୍ଷ ହେବାକୁ ଥିବା ଏଫ୍ଆଇଏଚ୍ ପୁରୁଷ ବିଶ୍ୱକପ୍ ଲାଗି ଯୋଗ୍ୟତା ହାସଲ କରିଛି। ତେବେ ପାକିସ୍ତାନ ଦୀର୍ଘ ୮ ବର୍ଷର ବ୍ୟବଧାନ ପରେ ବିଶ୍ୱକପ୍ ଖେଳିବାକୁ ଯାଉଛି। ଅନ୍ୟପକ୍ଷରେ ବାଚ୍ ଅଷ୍ଟ୍ରେଲିଆର ଜଣେ ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି। ସେ ୧୯୭୯ରୁ ୧୯୯୦ ମଧ୍ୟରେ ୧୭୫ ମ୍ୟାଚ୍ ଖେଳି ୧୦୦ ଗୋଲ କରିଥିଲେ। ତାଙ୍କ ପାଖରେ ବେଲଜିୟମ, ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆ ଭଳି ଦଳର କୋଚ୍ ଭାର ତୁଲାଇବାର ଅଭିଜ୍ଞତା ରହିଛି। ବାଚ୍‌ଙ୍କ ପୂର୍ବରୁ ହାନ୍ସ ଜୋରିଟ୍ସମା, ରୋଏଲାଣ୍ଟ ଓଲ୍ଟମାନ୍ସ, ସିଗଫ୍ରେଡ ଏକମାନ ଓ ମାଇକେଲ ଭାନ ଡେନ ହେଉଭେଲ ଆଦି ବିଦେଶୀ କୋଚ୍ ପାକିସ୍ତାନ ଦଳର ଦାୟିତ୍ୱ ସମ୍ଭାଳି ଥିଲେ। ହେଲେ ପାଉଣାକୁ ନେଇ ବିବାଦ କାରଣରୁ ୨୦୧୨ ଲଣ୍ଡନ ଅଲିମ୍ପିକ୍ସ ମାସକ ପୂର୍ବରୁ ଭାନ ଡେନ ହେଉଭେଲଙ୍କୁ ପଦରୁ ହଟାଯାଇଥିବା ବେଳେ ଦରମା ନ ପାଇବାରୁ ଏକମାନ ଏକ ଟୁର୍ନାମେଣ୍ଟ ମଝିରୁ ପଦ ଛାଡ଼ିଥିଲେ।

## ଇରାନ ଫିଫା ବିଶ୍ୱକପ୍‌ରେ ଖେଳିବ

କୁଆଲାଲମ୍ପୁର, ୧୬।୩(ଏପି)

ଆସନ୍ତା ଜୁନରେ ଆମେରିକା, କାନାଡା ଓ ମେକ୍ସିକୋରେ ହେବାକୁ ଯାଉଥିବା ଫିଫା ବିଶ୍ୱକପ୍‌ରେ ଇରାନ ଖେଳିବ। ଏ ନେଇ ଏସିଆନ ଫୁଟବଲ କନ୍‌ଫେଡେରେଶନ ପକ୍ଷରୁ ସୋମବାର କୁହାଯାଇଛି। ବର୍ତ୍ତମାନ ଆମେରିକା ଓ ଇରାନ ମଧ୍ୟରେ ଯୁଦ୍ଧ ଜାରି ରହିଥିବାରୁ ଇରାନ ଦଳ ବିଶ୍ୱକପ୍‌ରେ ଖେଳିବ କି ନାହିଁ, ସେ ନେଇ ଅନିଶ୍ଚିତତା ଦେଖାଦେଇଛି। ଏ ସମ୍ପର୍କରେ ଏଏଫ୍‌ସି ସମ୍ପାଦକ ୱିଣ୍ଡସର ଜନ କହିଛନ୍ତି, ଇରାନ ଆମ ସଦସ୍ୟ। ଆମେ ଚାହୁଁ ସେମାନେ ଖେଳନ୍ତୁ। ଯେଉଁ ପର୍ଯ୍ୟନ୍ତ ଆମକୁ ଜଣାଅଛି, ଇରାନ ଖେଳୁଛି। ଅନେକ ଲୋକ ଅନେକ କଥା କହୁଛନ୍ତି। ଇରାନ ଦଳ ବିଶ୍ୱକପ୍‌ରେ ଖେଳିବ କି ନାହିଁ, ସେ ସମ୍ପର୍କରେ ଇରାନ ଫୁଟବଲ ଫେଡେରେଶନ ଅନ୍ତିମ ନିଷ୍ପତ୍ତି ନେବ। ଗତ ସପ୍ତାହରେ ଏକ ସୋସିଆଲ ମିଡିଆ ପୋଷ୍ଟ ଜରିଆରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଧମକପୂର୍ଣ୍ଣ ମନ୍ତବ୍ୟ ଉପରେ ପ୍ରତିକ୍ରିୟା ରଖି ଇରାନ ଫୁଟବଲ ଦଳ ପକ୍ଷରୁ କୁହାଯାଇଥିଲା ଯେ, ଆମକୁ କେହି ବିଶ୍ୱକପ୍‌ରେ ଖେଳିବାରୁ ରୋକିପାରିବେ ନାହିଁ।

# ସେମିଫାଇନାଲରେ ପ୍ରଗତି ସ୍ପୋର୍ଟିଂ

ଭୁବନେଶ୍ୱର, ୧୬।୩ (ତପନ ସ୍ୱାଇଁ)




ମିଳନ ସାମଲ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ଗ୍ରହଣ କରୁଛନ୍ତି।

ମୁକ୍ତେଶ୍ୱର କ୍ରିକେଟ କ୍ଲବ ଆନୁକୂଲ୍ୟରେ ବିଜେବି କଲେଜ ଗ୍ରାଉଣ୍ଡରେ ଚାଲିଥିବା ପ୍ରଶାନ୍ତ-ଶୁଭାଶିଷ ସ୍ମାରକୀ 'ଖିମ୍‌ଜୀ କପ୍' ଅଲ୍ ଓଡ଼ିଶା ସିନିୟର କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ସୋମବାର ଅନୁଷ୍ଠିତ ହୋଇଛି। ଏଥିରେ ପୁରୀର ପାୟୋନିୟରକୁ ୩ ଉଇକେଟରେ ହରାଇ ଭୁବନେଶ୍ୱରର ପ୍ରଗତି ସ୍ପୋର୍ଟିଂ ସେମିଫାଇନାଲରେ ପ୍ରବେଶ କରିଛି।

**ମୁକ୍ତେଶ୍ୱର କ୍ଲବ ସିନିୟର କ୍ରିକେଟ**

ଟସ୍ ଜିତି ବ୍ୟାଟିଂ କରିଥିବା ପାୟୋନିୟର ୩୮.୫ ଓଭରରେ ୧୯୪ ରନକରି ଅଲ୍‌ଆଉଟ ହୋଇଥିଲା। ଦଳ ପକ୍ଷରୁ କୁମାର ଅଶ୍ୱିନ ସର୍ବାଧିକ ୭୨ ରନ କରିଥିଲେ। ପ୍ରଗତି ବୋଲର ମିଳନ ସାମଲ ଚମତ୍କାର ବୋଲିଂ କରି ୮ ଓଭରରେ ୨୩ ରନ ଦେଇ ୫ ଉଇକେଟ ନେଇ ପାୟୋନିୟରର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ୧୯୫ ରନର ବିଜୟ ଲକ୍ଷ୍ୟକୁ ପ୍ରଗତି ୩୮.୨ ଓଭରରେ ୭ ଉଇକେଟ ହରାଇ ହାସଲ କରି ନେଇଥିଲା। କୁଲଦୀପ ଯାଦବ ୭୯ ରନରେ ଅପରାଜିତ ରହି ଦଳର ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଶାନ୍ତନୁ ମିଶ୍ର ୪୭ ରନ କରିଥିଲେ। ପୁରୀ ଦଳର ବୋଲରଙ୍କ ମଧ୍ୟରେ ଅବଦୁଲ ଖାଁ ଓ ଲାଲୁ ମହାନ୍ତି ଯଥାକ୍ରମେ ୩ ଓ ୨ଟି ଉଇକେଟ ନେଇଥିଲେ। ୮-୨-୨୩-୫ ସ୍ପେଲ୍ ବୋଲିଂ କରିଥିବା ମିଳନ ସାମଲ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଆୟୋଜକ କ୍ଲବ ସଦସ୍ୟ ଆଶିଷ ପ୍ରତିହାରୀ ପୁରସ୍କାର ପ୍ରଦାନ କରିଥିଲେ। ମଙ୍ଗଳବାର ସହିଦ ସ୍ପୋର୍ଟିଂ ଓ ମୁକ୍ତେଶ୍ୱର କ୍ରିକେଟ କ୍ଲବ ମଧ୍ୟରେ ତୃତୀୟ କ୍ୱାର୍ଟର ଫାଇନାଲ ଅନୁଷ୍ଠିତ ହେବ। ବିସିସିଆଇ ମ୍ୟାଚ ରେଫରି ତଥା ପୂର୍ବତନ ରଣଜୀ ଟ୍ରଫି ଅଧିନାୟକ ପ୍ରଶାନ୍ତ ମହାପାତ୍ର ଏବଂ ପୂର୍ବତନ ରଣ୍‌ଜୀ ଖେଳାଳି ଏବଂ ଓସିଏର ସିନିୟର ଚୟନ କମିଟି ସଦସ୍ୟ ଶୁଭାଶିଷ ଭୂୟାଁଙ୍କ ସ୍ମୃତିରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେଉଛି।

# ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ଟାଏକୋଣ୍ଡୋ ଆରମ୍ଭ

ବାଲେଶ୍ୱର, ୧୬।୩(ବାଞ୍ଛାନିଧି ଦେ)




ଉଦ୍‌ଘାଟନୀ ସମାରୋହରେ ଅଂଶଗ୍ରହଣ କରିଥିବା ଆଥ୍‌ଲେଟ।

ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ (ଏଆଇୟୁ), ନୂଆଦିଲ୍ଲୀ ସହଯୋଗ ଓ ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ସହଭାଗିତାରେ ସୋମବାର ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ଟାଏକୋଣ୍ଡୋ ଚାମ୍ପିୟନଶିପ୍ ୨୦୨୫-୨୬ ଉଦ୍‌ଘାଟିତ ହୋଇଛି। ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରଥମଥର ପାଇଁ ଏହି ମର୍ଯ୍ୟାଦାପୂର୍ଣ୍ଣ ଜାତୀୟ ସ୍ତରର କ୍ରୀଡ଼ା ଆୟୋଜିତ ହେଉଛି। ଉଦ୍‌ଘାଟନୀ ସମାରୋହରେ ଦେଶର ୨୫ ରାଜ୍ୟର ୧୭୯ ବିଶ୍ୱବିଦ୍ୟାଳୟରୁ ୧ ହଜାରରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ ଅଂଶଗ୍ରହଣ କରିଛନ୍ତି। ମୁଖ୍ୟଅତିଥି ଭାବେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଏଆଇୟୁର ଧ୍ୱଜାରୋହଣ ଏବଂ ସମ୍ମାନନୀୟ ଅତିଥି ତଥା ଏଆଇୟୁ ପର୍ଯ୍ୟବେକ୍ଷକ ଡ. ଦୀପକ ସିଏସ୍ ଫକୀରମୋହନ ବିଶ୍ୱବିଦ୍ୟାଳୟର ଧ୍ୱଜାରୋହଣ କରିଥିଲେ। ଦେଶର ବିଭିନ୍ନ ସ୍ଥାନରୁ ଆସିଥିବା ଦଳମାନଙ୍କର ମାର୍ଚ୍ଚପାଷ୍ଟ କାର୍ଯ୍ୟକ୍ରମକୁ ଉତ୍ସବ ମୁଖରିତ କରିଥିଲା। କ୍ରୀଡ଼ା ପରିଷଦ ନିର୍ଦ୍ଦେଶକ ପ୍ରଫେସର ପବିତ୍ର ମୋହନ ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟଅତିଥି ଭାବେ କୁଳପତି ପ୍ରଫେସର ତ୍ରିପାଠୀ ଔପଚାରିକ ଭାବେ ଏହି ଚାମ୍ପିୟନଶିପ୍ ଶୁଭାରମ୍ଭ ଘୋଷଣା କରି କ୍ରୀଡ଼ା ଯୁବସମାଜ ମଧ୍ୟରେ ଶୃଙ୍ଖଳା, ନେତୃତ୍ୱ, ଦଳୀୟ ସମନ୍ୱୟ ଏବଂ ଜାତୀୟ

**ଭାଗନେଲେ ୧୭୯ ବିଶ୍ୱବିଦ୍ୟାଳୟରୁ ୧ ହଜାର କ୍ରୀଡ଼ାବିତ୍**

ଏକତାର ମୂଲ୍ୟବୋଧକୁ ସୁଦୃଢ଼ କରେ ବୋଲି ବକ୍ତବ୍ୟରେ କହିଥିଲେ। ଛାତ୍ର କଲ୍ୟାଣ ନିର୍ଦ୍ଦେଶକ ପ୍ରଫେସର ନୀହାର ରଞ୍ଜନ ରାଉତ ଏବଂ ବିତ୍ତ ନିୟନ୍ତ୍ରକ କରଣ ସୋରେନ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଶେଷରେ କ୍ରୀଡ଼ା ପରିଷଦର ସହକାରୀ ନିର୍ଦ୍ଦେଶକ ଡ. ଅମିତ ଶର୍ମା ଧନ୍ୟବାଦ ଦେଇଥିଲେ। ଏହି ପ୍ରତିଯୋଗିତା ବିଶ୍ୱବିଦ୍ୟାଳୟର ନୂଆପାଢ଼ୀ କ୍ୟାମ୍ପସ୍ ଇନ୍‌ଡୋର ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଦୁଇଟି ଭିନ୍ନ ଭେନ୍ୟୁରେ ଆୟୋଜିତ ହେଉଛି ଏବଂ ଏହା ପିଇଓ ସଂଗ୍ରାମ ବିଶୋୟୀଙ୍କ ପ୍ରତ୍ୟକ୍ଷ ପର୍ଯ୍ୟବେକ୍ଷଣରେ ପରିଚାଳିତ ହେଉଛି। ଏହି ସର୍ବଭାରତୀୟ ଚାମ୍ପିୟନଶିପ ଆସନ୍ତା ୨୦ ତାରିଖରେ ଶେଷ ହେବ।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ